ପୃଷ୍ଠା–୮+୮

DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୧୦/୨୦୨୨ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, September 10/2022 Page 16 ₹ 7.00 ★★★★

୪୮ଶ ଭାଗ ୨୮୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 48 ISSUE 286 ମୂଲ୍ୟ₹୭/-



**ଜାବେର ମହିଳା ସିଙ୍ଗଲ୍ସ ଫାଇନାଲରେ**

ଟ୍ୟୁନିସିଆର ଓନ୍ସ ଜାବେର ୟୁଏସ୍ ଓପନ ଟେନିସ ଟୁର୍ନାମେଣ୍ଟ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।

୦୮

୦୫

**ରାହୁଲଙ୍କ ଶର୍ଟ ୪୧ ହଜାର ଟଙ୍କା**

ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହୋଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ୪୧,୨୫୭ ଟଙ୍କାର ମୂଲ୍ୟର ବର୍ବେରୀ ଟି-ଶର୍ଟକୁ ନେଇ ଭାଜପା ସମାଲୋଚନା କରିଛି।



# କମିବ ଖରିଫ ଉତ୍ପାଦନ

**ନୂଆଦିଲ୍ଲୀ,୯।୯(ପି.ଟି.)**

ଚଳିତ ଖରିଫ୍ ଋତୁରେ କମ୍ ଅଞ୍ଚଳରେ ଧାନ ବୁଣାଯାଇଥିବାରୁ ଚାଉଳ ଉତ୍ପାଦନ ୧୦ରୁ ୧୨ ନିୟୁତ ଟନ୍ କମିପାରେ ବୋଲି କେନ୍ଦ୍ର ସରକାର ପୂର୍ବାନୁମାନ କରିଛନ୍ତି। ଘରୋଇ ଯୋଗାଣ ବଢ଼ାଇବା ଏବଂ ଦରବୃଦ୍ଧି ରୋକିବା ଲାଗି ଭଙ୍ଗା ଚାଉଳ ରପ୍ତାନି ଉପରେ ସରକାର ନିଷେଧାଦେଶ ଲଗାଇଛନ୍ତି। ସେହିପରି ଉଷୁନା ଚାଉଳ ବ୍ୟତୀତ ଅଣବାସ୍ମତି ଚାଉଳ ଉପରେ ୨୦ ପ୍ରତିଶତ ରପ୍ତାନି ଶୁଳ୍କ ଲଗାଯାଇଛି। ଖରିଫରେ ଚାଉଳ ଉତ୍ପାଦନ କମିବା ଆଶଙ୍କା କରାଯାଉଥିବାବେଳେ ଇତିମଧ୍ୟରେ ପାଇକାରୀ ବଜାରରେ ଚାଉଳ ଦର ୮ ପ୍ରତିଶତ ଏବଂ ଖୁଚୁରା ବଜାରେ ୬ ପ୍ରତିଶତ ବୃଦ୍ଧି ପାଇଛି।

ଭଙ୍ଗା ଚାଉଳ ରପ୍ତାନି ଉପରେ ନିଷେଧାଦେଶ ଲଗାଇବାର ଯଥାର୍ଥତା ସମ୍ପର୍କରେ କେନ୍ଦ୍ର ଖାଦ୍ୟ ସଚିବ ସୁଧାଂଶୁ ପାଣ୍ଡେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଅନେକ ରାଜ୍ୟରେ କମ୍ ବୃଷ୍ଟିପାତ ହେବା କାରଣରୁ ଚଳିତ ଖରିଫ ଋତୁରେ ୩୮ ଲକ୍ଷ ହେକ୍ଟର ଜମିରେ ଧାନ ବୁଣାଯାଇ ନାହିଁ। ଭାରତର ମୋଟ ଚାଉଳ ଉତ୍ପାଦନର ୮୦ ପ୍ରତିଶତ ଖରିଫ ଋତୁରୁ ମିଳିଥାଏ। ଧାନ ବୁଣା କମିଥିବାରୁ ଚଳିତ ବର୍ଷ ଚାଉଳ ଉତ୍ପାଦନ ୧୦ରୁ ୧୨ ନିୟୁତ ଟନ୍ କମିବା ଅନୁମାନ କରାଯାଉଥିବା ଖାଦ୍ୟ ସଚିବ କହିଛନ୍ତି।

୨୦୨୧–୨୨ ଫସଲ ଋତୁରେ ଭାରତର ମୋଟ ଚାଉଳ ଉତ୍ପାଦନ ୧୩୦.୨୯ ନିୟୁତ ଟନ୍ ଆକଳନ କରାଯାଇଥିଲା, ଯାହାକି ପୂର୍ବବର୍ଷ ୧୨୪.୩୭ ନିୟୁତ ଟନ୍ ଥିଲା। ମୋଟ ଉତ୍ପାଦନରୁ ୧୧୧.୭୬ ନିୟୁତ ଟନ୍ ଖରିଫ୍‌ରୁ ଏବଂ ୧୮.୫୩ ନିୟୁତ ଟନ୍ ରବି ଋତୁରେ ମିଳିଥିଲା। ୨୦୨୧–୨୨ ଆର୍ଥିକ ବର୍ଷରେ ଭାରତ ୨.୯୪ ନିୟୁତ ଟନ୍ ବାସ୍ମତି ଚାଉଳ ସମେତ ମୋଟ ୨୧.୨ ନିୟୁତ ଟନ୍ ଚାଉଳ ରପ୍ତାନି କରିଥିଲା। ତେବେ ଚଳିତ ଖରିଫ ଋତୁରେ ବିଭିନ୍ନ ରାଜ୍ୟରେ ଭଲ ବର୍ଷା ହୋଇ ନ ଥିବାରୁ ଉତ୍ପାଦନ କମିବାକୁ ଯାଉଛି। ସରକାରଙ୍କ ଆକଳନ ଅନୁଯାୟୀ ୪ ରାଜ୍ୟରେ ସ୍ୱଳ୍ପ



- **୧୨ ନିୟୁତ ଟନ୍ ହ୍ରାସ ପାଇପାରେ**
- **ଭଙ୍ଗା ଚାଉଳ ରପ୍ତାନି ବନ୍ଦକଲା ଭାରତ**
- **ଅଣବାସ୍ମତି ଚାଉଳ ଉପରେ ଲାଗିଲା ୨୦% ରପ୍ତାନି ଶୁଳ୍କ**

ବୃଷ୍ଟିପାତ ଯୋଗୁ ୨୫ ଲକ୍ଷ ହେକ୍ଟର ଜମିରେ ଧାନ ବୁଣାଯାଇପାରି ନାହିଁ। ଏହି ରାଜ୍ୟଗୁଡ଼ିକରେ ଉତ୍ପାଦନ ୭–୮ ନିୟୁତ ଟନ୍ କମିପାରେ। ସେହିପରି ଅନ୍ୟ ରାଜ୍ୟରେ ଫସଲର ବିବିଧୀକରଣ କାରଣରୁ ଧାନବୁଣା କମ୍ ହୋଇଛି। କୃଷି ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ଗତବର୍ଷ ୪୦୬.୮୯ ଲକ୍ଷ ହେକ୍ଟର ଜମିରେ ଧାନ ବୁଣାଯାଇଥିଲା। ଚଳିତ ବର୍ଷ ସେପ୍ଟେମ୍ବର ୨ ସୁଦ୍ଧା ତାହା ୫.୬୨ ପ୍ରତିଶତ ହ୍ରାସ ପାଇ ୩୮୩.୯୯ ଲକ୍ଷ ହେକ୍ଟର ଜମିରେ ଧାନଚାଷ ହୋଇଛି। ଝାଡ଼ଖଣ୍ଡରେ ୯.୮୦ ଲକ୍ଷ ହେକ୍ଟର, ମଧ୍ୟପ୍ରଦେଶରେ ୬.୩୨ ଲକ୍ଷ ହେକ୍ଟର, ପଶ୍ଚିମବଙ୍ଗରେ ୪.୪୫ ଲକ୍ଷ ହେକ୍ଟର, ଛତିଶଗଡ଼ରେ ୩.୯୧ ଲକ୍ଷ ହେକ୍ଟର, ଉତ୍ତରପ୍ରଦେଶରେ ୨.୬୧ ଲକ୍ଷ ହେକ୍ଟର ଓ ବିହାରରେ ୨.୧୮ ଲକ୍ଷ ହେକ୍ଟର ଜମିରେ ଧାନ ବୁଣା ହୋଇପାରି ନାହିଁ।

ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ☞ପୃଷ୍ଠା–୪

# ଚାର୍ଲ୍ସଙ୍କ ରାଜାଭିଷେକ ଆଜି

**ବ୍ରିଟେନ/ନୂଆଦିଲ୍ଲୀ,୯।୯**

ବ୍ରିଟେନର ଦିବଂଗତ ମହାରାଣୀ ଏଲିଜାବେଥ ୨ୟଙ୍କ ପରେ ତାଙ୍କ ବଡ଼ପୁଅ ପ୍ରିନ୍ସ ଚାର୍ଲ୍ସଙ୍କୁ ଦେଶର ନୂଆ ରାଜା ଘୋଷଣା କରାଯାଇଛି। ଏଥିସହ ସେ କିଙ୍ଗ୍ ଚାର୍ଲ୍ସ



କିଙ୍ଗ୍ ଚାର୍ଲ୍ସ ତୃତୀୟ

ତୃତୀୟ ନାମରେ ପରିଚୟ ଲାଭ କରିଛନ୍ତି। ୭୩ ବର୍ଷୀୟ ଚାର୍ଲ୍ସଙ୍କ ରାଜାଭିଷେକ ଶନିବାର ରାଜପରିବାରର ଆନୁଷ୍ଠାନିକ ରୀତିନୀତି ଅନୁସାରେ ସମ୍ପନ୍ନ ହେବ ବୋଲି ବକିଂହାମ୍ ପ୍ୟାଲେସ ପକ୍ଷରୁ ସୂଚନା ଦିଆଯାଇଛି।

- **ମହାରାଣୀଙ୍କ ଉଦ୍ଦେଶ୍ୟରେ ଭାରତରେ ରବିବାର ରାଷ୍ଟ୍ରୀୟ ଶୋକ**
- **ସ୍ୱତନ୍ତ୍ର ଅଧିବେଶନରେ ଶ୍ରଦ୍ଧାଞ୍ଜଳି ଦେଲା ବ୍ରିଟେନ ପାର୍ଲାମେଣ୍ଟ**

ବ୍ରିଟେନକୁ ସର୍ବାଧିକ ସମୟ ଶାସନ କରିଥିବା ମହାରାଣୀ ଏଲିଜାବେଥ ୨ୟଙ୍କ ବିୟୋଗ ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କଠାରୁ ନେଇ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପର୍ଯ୍ୟନ୍ତ ରାଷ୍ଟ୍ରମୁଖ୍ୟମାନେ ମହାରାଣୀଙ୍କୁ ସ୍ମରଣ କରି ଶୋକବ୍ୟକ୍ତ କରିବାରେ ଲାଗିଛନ୍ତି। ଏହି କ୍ରମରେ ଭାରତ ସରକାର ମଧ୍ୟ ଦେଶରେ ରବିବାର ଦିନିକିଆ ରାଷ୍ଟ୍ରୀୟ ଶୋକ ପାଳନ କରିବାକୁ ଘୋଷଣା କରିଛନ୍ତି। ମହାରାଣୀଙ୍କ ସ୍ମୃତିରେ ସେପ୍ଟେମ୍ବର ୧୧ରେ ସମସ୍ତ ସରକାରୀ ଅଫିସରେ ଭାରତର ଜାତୀୟ ପତାକାକୁ ଅର୍ଦ୍ଧନମିତ କରାଯିବ। ଏହିଦିନ କୌଣସି ଆନୁଷ୍ଠାନିକ ମନୋରଞ୍ଜନ କାର୍ଯ୍ୟକ୍ରମର ଆୟୋଜନ କରାଯିବ ନାହିଁ ବୋଲି ଶୁକ୍ରବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ ସ୍ପଷ୍ଟ କରାଯାଇଛି। ଦିବଂଗତ ସମ୍ରାଜ୍ଞୀଙ୍କୁ ବ୍ରିଟେନବାସୀ ଝୁରୁଛନ୍ତି। ତାଙ୍କୁ ସମ୍ମାନ ଜଣାଇବା ପାଇଁ ଶୁକ୍ରବାର ବ୍ରିଟେନର ଆଇନପ୍ରଣେତାମାନେ ଦୈନନ୍ଦିନ ରାଜନୈତିକ କାର୍ଯ୍ୟକଳାପକୁ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ବିବାଦର ସଙ୍କେତ**

୨୦୨୨ ଜାନୁୟାରୀ ପହିଲାରୁ ସ୍କୁଲ, କଲେଜ ଶିକ୍ଷକ, କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ଦରମା ....... ୪ .......

ଯୁକ୍ତ୨ ନାମଲେଖା ପାଇଁ ଆଉ ଥରେ ସୁଯୋଗ ....... ୩ .......









# ଅପରେଶନ ଲଣ୍ଡନ ବ୍ରିଜ୍

ଲଣ୍ଡନ,୯।୯

ବ୍ରିଟେନକୁ ସର୍ବାଧିକ ୭୦ ବର୍ଷ ଧରି ଶାସନ କରିଥିବା ମହାରାଣୀ ଏଲିଜାବେଥ ୨ୟ ଗୁରୁବାର ୯୬ ବର୍ଷ ବୟସରେ ତାଙ୍କ ସ୍କଟିଶ ଏଷ୍ଟେଟ୍ ବାଲ୍‌ମୋରାଲ କ୍ୟାସେଲରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ମୃତ୍ୟୁ ପରେ କ'ଣ ସବୁ କରାଯିବ ତାହା ବହୁ ପୂର୍ବରୁ ସ୍ଥିର କରାଯାଇଥିଲା। ତେବେ ପ୍ରଥମେ ୨୦୧୭ରେ ଗାର୍ଡିଆନ୍‌ରେ ଏବଂ ପରେ ୨୦୨୧ରେ ପଲିଟିକୋରେ ଏନେଇ ରିପୋର୍ଟ ପ୍ରକାଶ ପାଇଥିଲା। ପ୍ରୋଟୋକଲ ଅନୁଯାୟୀ ଏହି ରାଜକୀୟ ଉତ୍ତରାଧିକାର ସୂତ୍ର ଓ ରାଜନୈତିକ

## ମହାରାଣୀଙ୍କ ଅବର୍ତ୍ତମାନରେ ରାଜକାର୍ଯ୍ୟ ପୂର୍ବ ନିର୍ଦ୍ଧାରିତ

କାର୍ଯ୍ୟକ୍ରମ 'ଅପରେଶନ ଲଣ୍ଡନ ବ୍ରିଜ୍' ନାମରେ ପରିଚିତ। ଏପରି କି ମହାରାଣୀଙ୍କ ସମ୍ଭାବ୍ୟ ମୃତ୍ୟୁ ତାଙ୍କ ପ୍ରିୟ ସ୍ଥାନ ସ୍କଟ୍‌ଲାଣ୍ଡର ବାଲ୍‌ମୋରାଲରେ ହେବ ବୋଲି ମଧ୍ୟ ଏଥିରେ ଉଲ୍ଲେଖ କରାଯାଇଥିଲା। ଏହି ଯୋଜନା 'ଅପରେଶନ ୟୁନିକର୍ନ' ରୂପେ ମଧ୍ୟ ଜଣାଶୁଣା। ପୂର୍ବ ଯୋଜନା ଅନୁସାରେ ସମସ୍ତ କାର୍ଯ୍ୟପଦ୍ଧତି ଆପଣାଯାଉଛି। ସେପ୍ଟେମ୍ବର ୮ରେ ପ୍ରଧାନମନ୍ତ୍ରୀ ଲିଜ୍ ଟ୍ରସ୍‌ଙ୍କୁ ତାଙ୍କ ପ୍ରାଇଭେଟ୍ ସେକ୍ରେଟାରି ମହାରାଣୀଙ୍କ ମହାପ୍ରୟାଣ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଏହି ଖବର ୧୪ କମନୱେଲ୍‌ଥ (ରାଜ୍ୟଗୋଷ୍ଠୀ) ଓ ଅନ୍ୟ ୩୮ ରାଷ୍ଟ୍ରକୁ ଜଣାଇ ଦିଆଯାଇଥିଲା। ମହାରାଣୀ କମନୱେଲ୍‌ଥ ରାଷ୍ଟ୍ରମୁଖ୍ୟ ଥିଲେ। ମହାରାଣୀଙ୍କ ପରଲୋକ ଦିନକୁ ଡି-ଡେ କୁହାଯାଉଥିବାବେଳେ ଏହାର ପରବର୍ତ୍ତୀ ଦିବସଗୁଡ଼ିକୁ ଯଥାକ୍ରମେ ଡି+୧, ଡି+୨, ଡି+୩, ........ଡି+୧୦ ରୂପେ ପାଳନ କରାଯାଉଛି। ଏହି ୧୦ ଦିନ ପାଇଁ ମହାରାଣୀଙ୍କ ସ୍ମୃତିରେ ହାଉସ୍ ଅଫ୍ କମନ୍ସର ସମସ୍ତ ସଂସଦୀୟ କାର୍ଯ୍ୟକୁ ସ୍ଥଗିତ ରଖାଯାଇଛି। କିଙ୍ଗ୍ ଚାର୍ଲ୍ସଙ୍କ ଧର୍ମପତ୍ନୀ ତଥା ଡଚେସ୍ ଅଫ୍ କର୍ନୱାଲ ଏଣିକି କୁଇନ୍ କନ୍‌ସର୍ଟ ନାମରେ ପରିଚିତ ହେବେ। ମହାରାଣୀଙ୍କ କଫିନକୁ ଏଡିନ୍‌ବର୍ଗକୁ ନିଆଯିବ। ସେଠାରେ ରାଜପରିବାର ତାଙ୍କ ଶେଷ ଦର୍ଶନ କରିବା ପରେ ସେଣ୍ଟ ଗିଲେସ୍ କ୍ୟାଥେଡ୍ରାଲରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ମରଶରୀରକୁ ରଖାଯିବ। ପରେ କଫିନକୁ ଲଣ୍ଡନ ନିଆଯିବ, ଯେଉଁଠି ପ୍ରଧାନମନ୍ତ୍ରୀ ଓ ତାଙ୍କ କ୍ୟାବିନେଟର ଅନ୍ୟ ମନ୍ତ୍ରୀମାନେ ଉପସ୍ଥିତ ରହିବେ। ପରେ ବକିଂହାମ୍ ପ୍ୟାଲେସରେ ମରଶରୀରକୁ ରଖାଯିବ। ଦଶମ ଦିନରେ ଏକ ବିଶାଳ ସ୍ମୃତିସଭା ପରେ ୱେଷ୍ଟମିନିଷ୍ଟରରେ ଶେଷକୃତ୍ୟ ସମ୍ପନ୍ନ ହେବ।



## ଚାର୍ଲ୍ସଙ୍କୁ ଚୁମ୍ବନ ଦେଇଥିଲେ ପଦ୍ମିନୀ କୋହ୍ଲାପୁରୀ

୧୯୮୧ରେ ମୁମ୍ବାଇରେ ହିନ୍ଦୀ ଫିଲ୍ମ 'ଆହିସ୍ତା ଆହିସ୍ତା'ର ଶୁଟିଂ ଚାଲିଥିବାବେଳେ ପ୍ରିନ୍ସ ଚାର୍ଲ୍ସ ଶୁଟିଂ ସେଟ୍‌କୁ ଯାଇଥିଲେ। ଅଭିନେତ୍ରୀ ପଦ୍ମିନୀ କୋହ୍ଲାପୁରୀ ତାଙ୍କୁ ସ୍ୱାଗତ କରିବାକୁ ଯାଇ ବେକରେ ଫୁଲମାଳ ପିନ୍ଧାଇଥିଲେ। ଏହାସହ ତାଙ୍କ ଗାଲରେ ଚୁମ୍ବନ ଦେଇଥିଲେ। କେହି କିଛି ବୁଝିବା ପୂର୍ବରୁ ପଦ୍ମିନୀ ହସିହସି ସେଠାରୁ ଚାଲିଯାଇଥିଲେ। ଏହା ଦେଖି ଉପସ୍ଥିତ ଲୋକେ ବିସ୍ମିତ ହୋଇଯାଇଥିଲେ।

## କମନ୍‌ୱେଲ୍‌ଥ ମୁଖ୍ୟ କିଙ୍ଗ୍ ଚାର୍ଲ୍ସ

➡ମହାରାଣୀ ଏଲିଜାବେଥ ୨ୟ ଗୁରୁବାର ମୃତ୍ୟୁ ପର୍ଯ୍ୟନ୍ତ କମନ୍‌ୱେଲ୍‌ଥ (ରାଜ୍ୟଗୋଷ୍ଠୀ) ମୁଖ୍ୟ ଥିଲେ। ପୂର୍ବରୁ ଏହାକୁ ବ୍ରିଟିଶ୍ କମନ୍‌ୱେଲ୍‌ଥ କୁହାଯାଉଥିଲା।

➡୧୯୨୬ରେ ବାଲ୍‌ଫୋର ଘୋଷଣାନାମା ଅନୁସାରେ ପ୍ରତିଷ୍ଠିତ କମନ୍‌ୱେଲ୍‌ଥ ହେଉଛି ବିଶ୍ୱର ଅନ୍ୟତମ ବୃହତ୍ ସଙ୍ଗଠନ। ଜାତିସଂଘ ପ୍ରତିଷ୍ଠା ହେବା ପୂର୍ବରୁ ଏହା ରହିଛି।

➡୬ ମହାଦେଶର ୫୬ ଦେଶ ଏହି ସଙ୍ଗଠନର ସଦସ୍ୟ। ଏହି ରାଷ୍ଟ୍ରଗୁଡ଼ିକ ଏକଦା ବ୍ରିଟିଶ ଶାସନାଧୀନ ଥିଲା।

➡ଏଥିରେ ୨୧ ଆଫ୍ରିକୀୟ, ୧୩ କେରିବିଆନ୍ ଓ ଆମେରିକୀୟ ରାଷ୍ଟ୍ର, ୧୧ ପାସିଫିକ୍ ଆଇଲାଣ୍ଡ, ୮ ଏସୀୟ ଓ ୩ ୟୁରୋପୀୟ ଦେଶ ଅନ୍ତର୍ଭୁକ୍ତ।

➡ମହାରାଣୀଙ୍କ ମୃତ୍ୟୁ ପରେ କିଙ୍ଗ୍ ଚାର୍ଲ୍ସ ୩ୟ ସ୍ୱତଃ କମନ୍‌ୱେଲ୍‌ଥର ମୁଖ୍ୟ ନୁହନ୍ତି। କାରଣ ରାଜପରିବାର ଏହା ଉପରେ ନିଷ୍ପତ୍ତି ନେଇ ନ ଥାଏ।

➡୨୦୧୮ରେ ମହାରାଣୀଙ୍କ ଅନୁରୋଧକ୍ରମେ ତାଙ୍କ ଉତ୍ତରାଧିକାରୀ କିଙ୍ଗ୍ ଚାର୍ଲ୍ସଙ୍କୁ କମନ୍‌ୱେଲ୍‌ଥ ମୁଖ୍ୟ କରିବା ପାଇଁ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହମତି ପ୍ରକାଶ କରିଥିଲେ। ତଦନୁଯାୟୀ ଚାର୍ଲ୍ସ ଏବେ ରାଜ୍ୟଗୋଷ୍ଠୀ ମୁଖ୍ୟ ଦାୟିତ୍ୱ ଗ୍ରହଣ କରିବେ।



ମହାରାଣୀ ଏଲିଜାବେଥ ୨ୟଙ୍କ ମୃତ୍ୟୁ ଖବର ଘୋଷଣା କରାଯିବା ପୂର୍ବରୁ ବକିଂହାମ ପ୍ୟାଲେସ ଆକାଶରେ ଏକ ବିରଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ସ୍ଥାନୀୟ ସମୟ ୬ଟା ୩୦ରେ ଦୁଇଟି ଇନ୍ଦ୍ରଧନୁର ଛଟା ଦେଖି ଲଣ୍ଡନବାସୀ ଆଶ୍ଚର୍ଯ୍ୟଚକିତ ହୋଇଯାଇଥିଲେ। ଉପସ୍ଥିତ ଜନତା ପ୍ରାର୍ଥନା କରିଥିଲେ, ଭଗବାନ ମହାରାଣୀଙ୍କୁ ରକ୍ଷା କରନ୍ତୁ। କେହି କେହି କହିଥିଲେ, ଏହା ହେଉଛି ସ୍ୱର୍ଗରେ କୁଇନ୍ ଓ ପ୍ରିନ୍ସ ଫିଲିପ୍‌ଙ୍କ ମହାମିଳନ।




ମହାରାଣୀ ଏଲିଜାବେଥ ୧୯୯୮ରେ ବ୍ୟବହାର କରିଥିବା ଏହି ଟି-ବ୍ୟାଗ୍ ଏବେ ଚର୍ଚ୍ଚାରେ। ଆଇସିଏ ଦ୍ୱାରା ପ୍ରମାଣୀକୃତ ଏହି ବ୍ୟାଗ୍‌କୁ ଇବେ'ରେ ନିଲାମି ପାଇଁ ରଖାଯାଇଛି। ଇ-କମର୍ସ ପ୍ଲାଟଫର୍ମରେ ଏହାର ବର୍ତ୍ତମାନ ମୂଲ୍ୟ ହେଉଛି ୧୨,୦୦୦ ଡଲାର। ମହାରାଣୀଙ୍କୁ ସାହାଯ୍ୟ କରିବା ପାଇଁ ଡକାଯାଇଥିବା ଜଣେ ବ୍ୟକ୍ତି ଏହାକୁ ଚୋରି କରି ନେଇଯାଇଥିଲେ।



କୁଇନ୍ କନ୍‌ସର୍ଟ କାମିଲାଙ୍କ ସହ କିଙ୍ଗ୍ ଚାର୍ଲ୍ସ ୩ୟ।

## କୁଇନ୍ କନ୍‌ସର୍ଟ କାମିଲା

ଯେତେବେଳେ ମହାରାଣୀ ଏଲିଜାବେଥ ୨ୟ ୭୦ ବର୍ଷ ଧରି ବ୍ରିଟେନକୁ ଶାସନ କରୁଥିଲେ, ସେତେବେଳେ ତାଙ୍କ ସ୍ୱାମୀ କିଙ୍ଗ୍ ଫିଲିପ୍ ନ ଥିଲେ, ବରଂ ଏଚ୍‌ଆର୍‌ଏଚ୍ ପ୍ରିନ୍ସ ଫିଲିପ୍, ଡ୍ୟୁକ୍ ଅଫ୍ ଏଡିନ୍‌ବର୍ଗ ରୂପେ ପରିଚିତ ଥିଲେ। ଠିକ୍ ସେହିପରି ମହାରାଣୀ ତାଙ୍କ ଅନ୍ତେ ପ୍ରିନ୍ସ ଚାର୍ଲ୍ସଙ୍କ ସ୍ତ୍ରୀ କାମିଲା ବ୍ରିଟେନର ପରବର୍ତ୍ତୀ କୁଇନ୍ କନ୍‌ସର୍ଟ ହେବେ ବୋଲି ଗତ ଫେବୃୟାରୀରେ ସ୍ଥିର କରିଥିଲେ। ଅର୍ଥାତ୍ ରାଜାଙ୍କ ସ୍ତ୍ରୀ ହିସାବରେ ସେ ରାଣୀ ରୂପେ ପରିଚିତ ହେବେ। କିନ୍ତୁ ତାଙ୍କ ହାତରେ ସାର୍ବଭୌମତ୍ୱ କ୍ଷମତା ରହିବ ନାହିଁ। ଏହି କ୍ଷମତା କେବଳ ରାଜାଙ୍କର ରହିବ।




## ଯୋଗ, ଆୟୁର୍ବେଦରେ ରାଜ ଦମ୍ପତିଙ୍କ ବିଶ୍ୱାସ

ବ୍ରିଟେନ ମହାରାଣୀ ଏଲିଜାବେଥ ଦ୍ୱିତୀୟଙ୍କ ପରଲୋକ ପରେ ଉତ୍ତରାଧିକାରୀ ସୂତ୍ରରେ ରାଜା ହୋଇଥିବା କିଙ୍ଗ୍ ଚାର୍ଲ୍ସ ତୃତୀୟଙ୍କ ଭାରତ ସହ ପୁରୁଣା ସମ୍ପର୍କ। ୭୩ ବର୍ଷୀୟ ଚାର୍ଲ୍ସ ଭାରତର ପାରମ୍ପରିକ ଯୋଗ ଓ ଆୟୁର୍ବେଦ ଚିକିତ୍ସା ଉପରେ ବିଶ୍ୱାସ କରନ୍ତି। ୨୦୦୭ରେ ତାଙ୍କ ଉଦ୍ୟମରେ ପ୍ରତିଷ୍ଠିତ ବ୍ରିଟିଶନ ଏସିଆନ୍ ଟ୍ରଷ୍ଟ ଦକ୍ଷିଣ ଏସିଆରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛି। ଗତବର୍ଷ ମେ'ରେ ଚାର୍ଲ୍ସ କୋଭିଡ୍ ମହାମାରୀର ମୁକାବିଲା ପାଇଁ ଭାରତକୁ ସମର୍ଥନ ଜଣାଇଥିଲେ। ମହାମାରୀ ପରିପ୍ରେକ୍ଷୀରେ ଚାପଗ୍ରସ୍ତ ମଣିଷଙ୍କୁ ଆଶ୍ୱସ୍ତି ଦେବା ପାଇଁ ଯୋଗ ଓ ଆୟୁର୍ବେଦ ଏକ ଉତ୍ତମ ଚିକିତ୍ସା ବୋଲି ଚାର୍ଲ୍ସ କହିଥିଲେ। ଏହା ପୂର୍ବରୁ ୨୦୧୮ ଏପ୍ରିଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲଣ୍ଡନ ଗସ୍ତବେଳେ ସାଇନ୍ସ ମ୍ୟୁଜିୟମ୍ ପରିଦର୍ଶନ କରି ସେଠାରେ ଆୟୁର୍ବେଦିକ୍ ସେଣ୍ଟର ଅଫ୍ ଏକ୍ସଲେନ୍ସକୁ ଉଦ୍‌ଘାଟନ କରିଥିଲେ। ଚାର୍ଲ୍ସଙ୍କ ସ୍ତ୍ରୀ କାମିଲା (ବର୍ତ୍ତମାନର କୁଇନ୍ କନ୍‌ସର୍ଟ) ମଧ୍ୟ ଯୋଗାଭ୍ୟାସ କରିଥାଆନ୍ତି।




**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୧,୨୮,୦୮,୪୧୩ | ୬୫,୧୩,୦୫୧ | ୫୯,୦୭,୬୦,୩୩୩ |
| ଭାରତ | ୪,୪୪,୮୪,୭୨୯ | ୫,୨୮,୧୨୧ | ୪,୩୯,୦୬,୯୭୨ |
| ଓଡ଼ିଶା | ୧୩,୨୯,୭୭୬ | ୯୧୮୪(+୫୩) | ୧୩,୧୮,୭୯୮ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



# ଟେଷ୍ଟ ହାଉସ ମାଲିକ କାନ ଧରି ଭୁଲ୍ ମାଗିଲେ



ଟେଷ୍ଟ ହାଉସ୍ କର୍ମଚାରୀମାନେ ମନ୍ଦିରରେ କାନ ଧରି କ୍ଷମା ପ୍ରାର୍ଥନା କରୁଛନ୍ତି।

## ପିକ୍‌ଅପ ପଛରେ ଜଗନ୍ନାଥଙ୍କ ପ୍ରତିମା ବାନ୍ଧି ନିଆଯାଉଥିବା ଭିଡିଓ ଭାଇରାଲ

ରୂପ୍‌ସା,୯।୯(ଡି.ଏନ୍.ଏ.)

କୋଟି କୋଟି ଓଡ଼ିଆଙ୍କ ଆରାଧ୍ୟଦେବତା ଶ୍ରୀଜଗନ୍ନାଥଙ୍କ ପ୍ରତିମାଙ୍କୁ ଏକ ପିକ୍‌ଅପ ଭ୍ୟାନ ପଛପଟେ ବାନ୍ଧି ନିଆଯିବା ଭିଡିଓ ଭାଇରାଲ ହେବା ପରେ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବାଲେଶ୍ୱର ଜିଲା ୬୦ ନଂ. ଜାତୀୟ ରାଜପଥର ସଦର ବ୍ଲକ ହଳଦୀପଦାଠାରେ ଗୁରୁବାର ଜଣେ କାର୍ ଡ୍ରାଇଭର ଏଭଳି ଦୃଶ୍ୟକୁ ମୋବାଇଲରେ ଭିଡିଓ କରିବା ପରେ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଏହାର ପ୍ରତିବାଦରେ ଶୁକ୍ରବାର ଛାତ୍ର କଂଗ୍ରେସ ପକ୍ଷରୁ ବସ୍ତା ଥାନାରେ ଏକ ଏତଲା ଦିଆଯାଇଛି। ଅନ୍ୟପକ୍ଷରେ ଟେଷ୍ଟ ହାଉସ ମାଲିକ ଜଳେଶ୍ୱର ଗୋବରଘାଟ ପଞ୍ଚାୟତର ଗୌତମ ପ୍ରଧାନ, ତାଙ୍କ ସ୍ତ୍ରୀ ଓ କର୍ମଚାରୀଙ୍କୁ ସାଙ୍ଗରେ ନେଇ କୃଷ୍ଣନଗରସ୍ଥିତ ଇସ୍କନ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରି ଦୀପ ଜାଳିଛନ୍ତି। ତାଙ୍କ ଅଜାଣତରେ କର୍ମଚାରୀମାନେ ପ୍ରଭୁ ଜଗନ୍ନାଥଙ୍କୁ ଏଭଳି ଆଣିବା ଘଟଣାରେ ସେ କ୍ଷମାପ୍ରାର୍ଥନା କରିଛନ୍ତି। ସମସ୍ତେ ମନ୍ଦିରରେ କାନ ଧରି ଠାକୁରଙ୍କଠାରେ ଭୁଲ ମାଗି ଭବିଷ୍ୟତରେ ଏଭଳି ହେବ ନାହିଁ ବୋଲି ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି।

ଜାତୀୟ ରାଜପଥ ଦେଇ ଶିବଶକ୍ତି ନାମରେ ଏକ ଟେଷ୍ଟ ହାଉସ ସଂସ୍ଥା ପିକ୍‌ଅପ୍ ଭ୍ୟାନରେ ବାଉଁଶ ବୋଝେଇ ସହିତ ଜଗନ୍ନାଥ ମହାପ୍ରଭୁଙ୍କ ପ୍ରତିମାଙ୍କୁ ପଛରେ ଓହଳାଇ ଦଉଡିରେ ବାନ୍ଧି ନେଉଥିଲା। ଏହି ଘଟଣା ସମସ୍ତ ଦେଖଣାହାରିଙ୍କୁ ବ୍ୟଥିତ କରିଥିଲା। ଏହି ଦୃଶ୍ୟ ଭାଇରାଲ ହେଲା ପରେ ବସ୍ତା ଛାତ୍ର କଂଗ୍ରେସ ପକ୍ଷରୁ ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଯେନାଙ୍କ ନେତୃତ୍ୱରେ ବସ୍ତା ନିର୍ବାଚନମଣ୍ଡଳୀ ଛାତ୍ର କଂଗ୍ରେସ ସଭାପତି ଅବିନାଶ ନାୟକ, ଜଳେଶ୍ୱର ନିର୍ବାଚନମଣ୍ଡଳୀ ଛାତ୍ର କଂଗ୍ରେସ ସଭାପତି ଜଗନ୍ନାଥ ମହାପାତ୍ର, ପୂର୍ବତନ ସମିତିସଭ୍ୟ ଜୟନ୍ତ କୁମାର ମହାପାତ୍ର, କମଳଲୋଚନ ଜେନା, ଯୁବନେତା ଜଗଦୀଶ ସାହୁ, ଛାତ୍ରନେତା ରମେଶ ରାଉଳ, ବାହାର୍ଦ୍ଦା ପଞ୍ଚାୟତ କଂଗ୍ରେସ ସଭାପତି ମଦନ ଭକ୍ତା ପ୍ରମୁଖ ସଂସ୍ଥା ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତ ପୂର୍ବକ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ବାରିଣୀ ଦାସ କହିଥିଲେ।

# ସୂର୍ଯ୍ୟମନ୍ଦିରରୁ ବାଲିକଢ଼ାକୁ ନେଇ ସଂଶୟ

■ ଅଂଶୀଦାରଙ୍କ ବିନା ସମନ୍ୱୟରେ କାମ କରୁଛି ଏଏସ୍‌ଆଇ
■ ମନ୍ଦିର ପାଇଁ ବିପଦ ସୃଷ୍ଟି କରିବ ବଡ଼ ଯନ୍ତ୍ରାଂଶ ବ୍ୟବହାର



ପୁରୀ ଅଫିସ,୯।୯

କୋଣାର୍କ ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କଢ଼ାଗଲେ ମନ୍ଦିର ସୁରକ୍ଷିତ ରହିବ କି ନାହିଁ ସେ ନେଇ ଆଶଙ୍କା ଦେଖାଦେଇଛି। ବାଲି କଢାଯିବା ପ୍ରକ୍ରିୟା ଠିକ୍ ଅଛି କି ନାହିଁ, ଏହାଦ୍ୱାରା ମନ୍ଦିର ଉପରେ କ'ଣ ପ୍ରଭାବ ପଡ଼ିବ ଏବଂ ଏହି କାର୍ଯ୍ୟରେ ରାଜ୍ୟ ସରକାରଙ୍କ ସମେତ ଅଂଶୀଦାରମାନଙ୍କ ସହଯୋଗ ରହିଛି କି ନାହିଁ ତାହାକୁ ନେଇ ପ୍ରଶ୍ନ ଉଠିଛି। ଶୁକ୍ରବାରଠାରୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍‌ଆଇ) ପକ୍ଷରୁ ଖନନ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଚୂଡ଼ାନ୍ତ ପରିଣାମ ନେଇ ସଂଶୟ ସୃଷ୍ଟି ହୋଇଛି।

ଏଏସ୍‌ଆଇ ଅଧିକାରୀ ଧିଲୋନ ମିଶ୍ରଙ୍କ ସୂଚନା ଅନୁଯାୟୀ, ସୂର୍ଯ୍ୟମନ୍ଦିରରୁ ବାଲି କାଢ଼ିବା ପାଇଁ ଦକ୍ଷିଣ ଓ ପଶ୍ଚିମ ପଟେ ୪୫ ଫୁଟ୍ ଉଚ୍ଚତାର ୱାକିଂ ପ୍ଲାଟଫର୍ମ ତିଆରି କରାଯିବ। ତାହାରି ଉପରେ ଚଢ଼ି ମନ୍ଦିର ଗର୍ଭଗୃହରେ ପ୍ରବେଶ ପାଇଁ ୪ଫୁଟ୍ ଚଉଡ଼ା ଓ ୫ଫୁଟ୍ ଲମ୍ବର ଗର୍ତ୍ତ ଖୋଳାଯାଇ ବାଲି କଢ଼ାଯିବ। ସମ୍ପ୍ରତି ଏଏସ୍‌ଆଇ ସମ୍ପୃକ୍ତ ୱାକିଂ ପ୍ଲାଟଫର୍ମର ଲେ-ଆଉଟ ତିଆରି କରିବାରେ ଲାଗିପଡ଼ିଛି। ଏହାପରେ ପଥର ବାହାର କରାଯାଇ ଭିତରକୁ ଯାଇ ବାଲି କାଢିବାକୁ ପ୍ରୟାସ ହେବ। ଏହି କାର୍ଯ୍ୟ ପ୍ରାୟ ୩ବର୍ଷ ଚାଲିବ ବୋଲି ମିଶ୍ର କହିଛନ୍ତି। ତେବେ ଦୀର୍ଘ ବର୍ଷ ଧରି ପଡ଼ି ରହିଥିବା ବାଲିକୁ ସୂର୍ଯ୍ୟମନ୍ଦିରରୁ ବାହାର କରିବା ଭଳି ନିଷ୍ପତ୍ତି ନେବା ପୂର୍ବରୁ ଏଏସ୍‌ଆଇ ରାଜ୍ୟ ସରକାରଙ୍କ ସମେତ ଅନ୍ୟ ଅଂଶୀଦାରମାନଙ୍କ ସହ ଆଲୋଚନା କରିଛି କି ନାହିଁ ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି। ରାଜ୍ୟ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଛନ୍ତି, କୋଣାର୍କ ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଏଏସ୍‌ଆଇ ଅଧୀନରେ ରହିଥିବାରୁ ରାଜ୍ୟ ସଂସ୍କୃତି ବିଭାଗର କୌଣସି ସଂପୃକ୍ତି ନାହିଁ। ଏଏସ୍‌ଆଇ ନିଜ ଦାୟିତ୍ୱରେ କାର୍ଯ୍ୟ ପରିଚାଳିତ କରୁଛି। ଅନ୍ୟପକ୍ଷରେ ଗର୍ଭଗୃହରୁ ବାଲି କଢ଼ାଯିବା ନେଇ ୨୦୨୦ ଜୁନ୍ ୧୧ରେ ଏକ ବୈଷୟିକ କମିଟି ଗଠନ ହୋଇଥିଲା। ସମ୍ପ୍ରତି ଏଏସ୍‌ଆଇ ଉକ୍ତ କାର୍ଯ୍ୟ କରୁଥିଲେ ମଧ୍ୟ ବୈଷୟିକ ଟିମ୍‌ର ପରାମର୍ଶ ନିଆଯାଇନାହିଁ। କୋଣାର୍କ ବୈଷୟିକ କମିଟି ସଦସ୍ୟ ଏ.କେ. ପଟେଲ କହିଛନ୍ତି, ବାଲିକଢ଼ା ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବା ଗଣମାଧ୍ୟମରୁ ଜାଣିବାକୁ ପାଇଲୁ। ଏନେଇ ବୈଷୟିକ୍ ଟିମ୍ ନିକଟରେ କୌଣସି ବିଧିବଦ୍ଧ ସୂଚନା ନାହିଁ। ଏଏସ୍‌ଆଇ ପକ୍ଷରୁ କେହି ଆମ ସହ ଆଲୋଚନା କରିନାହାନ୍ତି। ସେହିପରି ପୂର୍ବତନ ଏଏସ୍‌ଆଇ ଅଧିକାରୀ ଜୀବନ ପଟ୍ଟନାୟକ କହିଛନ୍ତି, ୧୧୯ ବର୍ଷ ପୂର୍ବେ ଯେଉଁ ବାଲି ଭର୍ତ୍ତି କରାଯାଇଥିଲା ତାହା ବାହାର କରାଯାଉ, ଏଥିରେ କୌଣସି ଅସୁବିଧା ନାହିଁ। ମାତ୍ର ଏନେଇ ପ୍ରଥମେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବା ଉଚିତ। ଭାରତ ସରକାର ସବୁ ଦିଗରୁ ସଚେତନ ହୋଇ ଆଲୋଚନା କରି କାର୍ଯ୍ୟ କରନ୍ତୁ। ଖଡ଼ଗପୁର ଆଇଆଇଟିର ପୂର୍ବତନ ପ୍ରଫେସର ଓମ୍‌କାର ନାଥ ମହାନ୍ତି କହିଛନ୍ତି, ଯେକୌଣସି ବିଶ୍ୱ ଐତିହ୍ୟରୁ ବାଲି କଢ଼ାଯିବାର ଏହା ପ୍ରଥମ ଉଦାହରଣ। ଏଣୁ ଏନେଇ କୌଣସି ଅଭିଜ୍ଞତା ବିନା ପରିଣାମକୁ ନେଇ ଦ୍ୱନ୍ଦ୍ୱ ରହିଛି। ଗୋଟିଏ ଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଧରି ବାଲି ରହିବା ଫଳରେ ମନ୍ଦିରର ଭିତର ସ୍ଥିତି କିଭଳି ଥିବ ଓ ବାଲି ବାହାର କରିବା ପରେ ସ୍ଥିତି କିଭଳି ହେବ ସେନେଇ ଆଶଙ୍କା ଦେଖାଦେଇଛି। ବାଲି କାଢ଼ିବା ପାଇଁ ପ୍ରଥମେ ବଡ଼ ବଡ଼ ପଥରକୁ କାଢ଼ିବାକୁ ପଡ଼ିବ। ଅନେକ ସ୍ଥାନରେ ବାଲି ଶକ୍ତ ହୋଇଯାଇଥିବ, ଯାହାକୁ କାଢିବାରେ ବଡ଼ ଯନ୍ତ୍ରାଂଶ ବ୍ୟବହାର କରିବାକୁ ପଡ଼ିପାରେ। ଏହା ମନ୍ଦିର ପାଇଁ ବିପଦ ବଢ଼ାଇବ ବୋଲି ମହାନ୍ତି ମତ ଦେଇଛନ୍ତି। କୋଣାର୍କ ସୁରକ୍ଷା ସମିତିର ସମ୍ପାଦକ ରାମକୃଷ୍ଣ ମହାନ୍ତି, ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗକୁ ନେଇ ଏକ କମିଟି କରାଯାଇଥିଲା। ସେହି କମିଟିକୁ ମଧ୍ୟ ଏଏସ୍‌ଆଇ ଅବଗତ କରିନାହିଁ। ସର୍ବସମ୍ମତ କ୍ରମେ ସମସ୍ତଙ୍କ ସହଯୋଗରେ କାର୍ଯ୍ୟ କରାଯାଉ। ବାଲି କଢ଼ା ପାଇଁ କି କି ପ୍ରକ୍ରିୟା ସବୁ ଗ୍ରହଣ କରାଯିବ ସେନେଇ ନିର୍ଦ୍ଦିଷ୍ଟ ଭାବେ ଏଏସ୍‌ଆଇ ସ୍ପଷ୍ଟୀକରଣ ଦେଉ ଓ ସମ୍ପୃକ୍ତ ତଥ୍ୟକୁ ସାର୍ବଜନୀନ କରାଯିବାକୁ ମହାନ୍ତି ଦାବି କରିଛନ୍ତି।

# ଜି. ରାଜେଶ ଖଣି ନିର୍ଦ୍ଦେଶକ

## ଆଇଏଫ୍‌ଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର୯,।୯(ବ୍ୟୁରୋ)

ରାଜ୍ୟ ସରକାର ଆଇଏଫଏସ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଏ ନେଇ ଶୁକ୍ରବାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସିସିଏଫ୍(ନୋଡାଲ) ଜି. ରାଜେଶଙ୍କୁ ଖଣି ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିବା ବେଳେ ରାଜନଗର ଡିଏଫଓ ଯଜ୍ଞଦତ୍ତ ପତିଙ୍କୁ ଆଠଗଡ ବନଖଣ୍ଡ ଡିଏଫ୍‌ଓ ଏବଂ ଡେରାଡୁନ ବନ୍ୟପ୍ରାଣୀ ପ୍ରତିଷ୍ଠାନରୁ ଟ୍ରେନିଂ ଶେଷ କରି ଫେରିଥିବା ପ୍ରଶାନ୍ତ ପଟେଲଙ୍କୁ ଫୁଲବାଣୀ ବନଖଣ୍ଡ ଡିଏଫ୍‌ଓ ଭାବେ ନିଯୁକ୍ତି ଦିଆଯାଇଛି।

# ଯୁକ୍ତ୨ ନାମଲେଖା ପାଇଁ ଆଉ ଥରେ ସୁଯୋଗ

■ ୧୦ ରୁ ୨୭ ମଧ୍ୟରେ ଆବେଦନ
■ ଅକ୍ଟୋବର ୧ରେ ମେଧା ତାଲିକା ପ୍ରକାଶ

ଭୁବନେଶ୍ୱର, ୯।୯(ବ୍ୟୁରୋ)

ରାଜ୍ୟର ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକରେ ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଶନିବାର ଶେଷ ହେଉଛି। ଏପରି ସ୍ଥିତିରେ ପ୍ରଥମ ପର୍ଯ୍ୟାୟରୁ ବଞ୍ଚିତ ଛାତ୍ରୀଛାତ୍ରଙ୍କ ପାଇଁ ରାଜ୍ୟ ସରକାର ଆଉ ଥରେ ସୁଯୋଗ ଦେଇଛନ୍ତି। ଦଶମ ବା ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା କେତେଜଣ ଛାତ୍ରୀଛାତ୍ର ଯୁକ୍ତ୨ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ଇ-ଆଡ୍‌ମିଶନରେ ଭାଗନେଇପାରି ନ ଥିଲେ। ଏହା ସରକାରଙ୍କ ଦୃଷ୍ଟିକୁ ଆସିବା ପରେ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ସୁଯୋଗ ଦେବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଏନେଇ ଶୁକ୍ରବାର ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଛାତ୍ରୀଛାତ୍ରମାନେ ଆସନ୍ତା ୧୦ରୁ ୨୭ ତାରିଖ ମଧ୍ୟରେ ଆବେଦନ କରିପାରିବେ। ଇଚ୍ଛୁକ ଛାତ୍ରୀଛାତ୍ର ତଥା ଅଭିଭାବକମାନେ samsodisha.gov.inରେ ଲଗ୍‌ଇନ୍ କରି ସମ୍ପୂର୍ଣ୍ଣ ବିବରଣୀ ଜାଣିପାରିବେ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ବିଜ୍ଞପ୍ତି ଅନୁସାରେ, ଛାତ୍ରୀଛାତ୍ର ୨୭ ତାରିଖ ରାତି ୧୧ଟା ୫୫ ସୁଦ୍ଧା ସାମ୍ସ ୱେବ୍‌ସାଇଟ୍‌ରେ କମନ ଆପ୍ଲିକେଶନ ଫର୍ମ ପକାଇପାରିବେ। ଅକ୍ଟୋବର ୧ ଅପରାହ୍ନ ୨ଟାରେ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ର ଅକ୍ଟୋବର ୧୧ ସକାଳ ୯ଟାରୁ ୧୩ ତାରିଖ ଅପରାହ୍ନ ୫ଟା ଭିତରେ ନାମ ଲେଖାଇପାରିବେ। ଏହାପରେ ବଳକା ସିଟ୍‌ରେ ନାମଲେଖା ନିମନ୍ତେ ଅକ୍ଟୋବର ୧୮ରେ ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ଏହା ବଳକା ସିଟ୍‌ର ୫ଗୁଣ ରହିବ। ୧୮ ରୁ ୧୯ ତାରିଖ ଭିତରେ ନାମଲେଖା ପଞ୍ଜୀକରଣ ଓ ୨୦ ତାରିଖ ପୂର୍ବାହ୍ନ ୧୧ଟା ୫୦ରେ ସ୍ପଟ୍ ନାମଲେଖା ପାଇଁ ଚୂଡ଼ାନ୍ତ ତାଲିକା ବାହାରିବ। ମନୋନୀତ ଛାତ୍ରୀଛାତ୍ର ୨୦ ତାରିଖ ଅପରାହ୍ନ ୨ଟାରୁ ୨୧ ତାରିଖ ଅପରାହ୍ନ ୪ଟା ଭିତରେ ନାମ ଲେଖାଇ ପାରିବେ। ଉଲ୍ଲେଖଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ୩,୪୪,୩୪୩ ଛାତ୍ରୀଛାତ୍ର ନାମ ଲେଖାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୬୭,୯୧୯ ଛାତ୍ରୀଛାତ୍ର ମନୋନୀତ ହୋଇଥିଲେ।



E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in

SKY AUTOMOBILES
BHUBANESWAR: PATIA: 7381045356.
CUTTACK: 9776677771, 7381873818,
DHENKANAL: 8093027882. NARSINGHPUR: 8093027882.
KAMAKHYANAGAR: 8093027882. JAJPUR: 9776900777.
SALEPUR: 9583544555. CHANDIKHOL : 9583544555.
TANGI: 7381045356.

ODYSSEY MOTORS
ANGUL: 7752076136, 9776901481.
PALLAHARA: 7873565435, 9437831123.

TUSHI MOTORS
CUTTACK: 9078076450.
PANIKOILI: 9078076450.

JYOTE MOTORS
BHUBANESWAR: LEWIS ROAD: 9798190190.
NAYAPALLI: 9798190190. KEONJHAR: 9798190190. NAYAGARH: 9798190190.
BALUGAON: 9798190190. ANANDPUR: 9798190190. KENDRAPARA: 9798190190.
BALASORE: 9798190190. BHADRAK: 9798190190. BARIPADA: 9798190190.
UDALA: 7064499950. RAIRANGPUR: 9853446906.
JALESWAR: 7064499950. BASUDEVPUR: 9798190190.

NARAYANI MOTORS
BHUBANESHWAR: RASULGARH: 9583022019, 7440019592, 9583022013.
JAGATSINGHPUR: 9583022090. PURI: 9583022035.
NIMPARA: 7381094851. PARADEEP: 9583022034/ 48.

Terms and conditions apply. Terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper.

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ମିକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଉଡାନ ଯୋଜନାରେ ୪ ସହର ସାମିଲ

ଭୁବନେଶ୍ୱର,୯।୯(ବ୍ୟୁରୋ): ଉଡାନ ଯୋଜନାରେ ଓଡିଶାର ୪ଟି ସହର ସାମିଲ ହେବ। ଉଡାନ ୫.୦ ଯୋଜନାରେଦେଶର ୫୪ଟି ସହରକୁ ସାମିଲ କରିବାକୁଯୋଜନା ରହିଛି। ତାଲିକାରେ ଓଡିଶାର ବାରିପଦା, କୋଣାର୍କ, ହୀରାକୁଦ ଓ ମାଲକାନାଗିରି ରହିଛି। ନିକଟ ଭବିଷ୍ୟତରେ ଏହି ୪ ସହରରେ ଏୟାରଷ୍ଟ୍ରିପ୍ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡିଛି। ଛୋଟ ସହରକୁ ବିମାନ ସେବା ଯୋଡିବା ପାଇଁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଲକ୍ଷ୍ୟ ରଖିଛି। ବିଗତ ଦିନରେ ଏହି ଯୋଜନାରେ ରାଉରକେଲା, ଜୟପୁର ସହରକୁ ସାମିଲ କରାଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ ସେଠାରେ ବିମାନ ଚଳାଚଳ ଆରମ୍ଭ ହୋଇନାହିଁ। ଏବେ ଭୁବନେଶ୍ୱର ଏବଂ ଝାରସୁଗୁଡାରେ ଓଡିଶାର ୨ଟି ବିମାନବନ୍ଦର ରହିଛି।

# ୨୦୨୨ ଜାନୁୟାରୀରୁ ସ୍କୁଲ, କଲେଜ ଶିକ୍ଷକଙ୍କୁ ୭ମ ବେତନ କମିଶନ

ଭୁବନେଶ୍ୱର,୯।୯(ବ୍ୟୁରୋ)

ସପ୍ତମ ବେତନ କମିଶନ ମୋଡାଲିଟିରେ ରହିଥିବା ଅସଙ୍ଗତି ଦୂର ହୋଇଛି। ରାଜ୍ୟର ସମସ୍ତ ଅନୁଦାନପ୍ରାପ୍ତ ସ୍କୁଲ, ୬୬୨ ଓ ୪୮୮ ବର୍ଗର କଲେଜ ଶିକ୍ଷକ ଏବଂ କର୍ମଚାରୀମାନେ ସମାନୁପାତିକ ହାରରେ ୨୦୨୨ ଜାନୁୟାରୀ ପହିଲାରୁ ସପ୍ତମ ବେତନ କମିଶନ ଦରମା ପାଇବେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ନେତୃମଣ୍ଡଳୀଙ୍କ ସହ ଆଲୋଚନା ପରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏନେଇ ତୁରନ୍ତ ବିଜ୍ଞପ୍ତି ପ୍ରକାଶ କରିବାକୁ ମୁଖ୍ୟ ଶାସନ ସଚିବ ସ୍କୁଲ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ମାଧ୍ୟମିକ ସ୍କୁଲର ଖେଳ, ସଂସ୍କୃତ ଓ ହିନ୍ଦୀ ଶିକ୍ଷକ ଯେଉଁମାନଙ୍କର ୨୮୦୦ ଗ୍ରେଡ୍‌ପେ ସେମାନଙ୍କର ଉଚ୍ଚତର ଦରମାକୁ ପେ ପ୍ରୋଟେକ୍‌ଶନ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି ବୋଲି ସମନ୍ୱୟ ସମିତିର ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ରାଜ୍ୟ ସରକାର ଅନୁଦାନପ୍ରାପ୍ତ ସ୍କୁଲ, କଲେଜକୁ ୨୦୧୮ ଜାନୁୟାରୀ ପହିଲାକୁ ନୋସନାଲି ହିସାବ ନେଇ ୨୦୨୨ ଜାନୁୟାରୀ ପହିଲାରୁ ପ୍ରତ୍ୟକ୍ଷ ଭାବରେ ସପ୍ତମ ବେତନ ପ୍ରଦାନ କରିବା ପାଇଁ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ କରିଥିଲେ । ଏଥିରେ ୨.୫୭ ଫ୍ୟାକ୍ଟରରେ ଗୁଣନ କରି ଦରମା ନିର୍ଦ୍ଧାରଣ କରାଯାଇ ନ ଥିଲା। ରାଜ୍ୟ ସରକାର ୨୦୧୮ ମସିହାର ୧୪୨% ମହଙ୍ଗା ଭତ୍ତାକୁ ହିସାବକୁ ନେଇ ସପ୍ତମ ବେତନ ନିର୍ଦ୍ଧାରଣ କରିଥିଲେ । ଉକ୍ତ ନିର୍ଦ୍ଧାରଣ ପଦ୍ଧତିରେ ହାଇସ୍କୁଲର ସମସ୍ତ ଶିକ୍ଷକ ଓ କର୍ମଚାରୀ,ଉଚ୍ଚ ପ୍ରାଥମିକ, ମଦ୍ରାସା ସମେତ ୬୬୨ ଓ ୪୮୮ ବର୍ଗ କଲେଜରେ କାର୍ଯ୍ୟରତ ଡେମୋନଷ୍ଟ୍ରେଟର, ଲାଇବ୍ରେରିଆନ୍, କିରାଣି, ପିଅନ, ଖେଳ ଶିକ୍ଷକ ଏବଂ କେତେକ ଅଧ୍ୟାପକ ଏଥିରେ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେଉଥିଲେ। ସ୍କୁଲ ଓ କଲେଜର ୫୦,୦୦୦ରୁ ୪୭,୦୦୦ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ଏଥିରେ କ୍ଷତିଗ୍ରସ୍ତ ହେବା ସହ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଗତ ଜୁନ୍ ୯ ତାରିଖରେ ବିଧାନସଭା ସମ୍ମୁଖରେ ଏନେଇ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଶିକ୍ଷକ ଓ କର୍ମଚାରୀମାନଙ୍କ ପ୍ରତି ହୋଇଥିବା ଅନ୍ୟାୟକୁ ବିଚାରକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ସମସ୍ୟାର ସମାଧାନ ହୋଇଛି। ୨୦୧୮ ଜାନୁୟାରୀରୁ ନୋସନାଲ୍ ହିସାବ ପରିବର୍ତ୍ତେ ୨୦୨୨ ଜାନୁୟାରୀ ପହିଲାରୁ ୬ଷ୍ଠ ବେତନ ଅନୁଯାୟୀ ପ୍ରଚଳିତ ଥିବା ୧୯୬% ମହଙ୍ଗାଭତ୍ତା ଆଧାରରେ ସପ୍ତମ ବେତନ ନିର୍ଦ୍ଧାରଣ ପାଇଁ ନିଷ୍ପତ୍ତି ହୋଇଛି। ଏଥିରେ ୨୮୦୦ ଗ୍ରେଡ୍ ପେ ପାଉଥିବା ଶିକ୍ଷକମାନଙ୍କର ପୂର୍ବ ପ୍ରଚଳିତ ମୋଡାଲିଟି ଆଧାରରେ ଉଚ୍ଚତର ସ୍କେଲ୍‌କୁ ସୁରକ୍ଷିତ ରଖାଯିବା ପାଇଁ ନିଷ୍ପତ୍ତି ହୋଇଛି। ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କର ୧୭୦୦ ଗ୍ରେଡ୍‌ପେ ଅନୁଯାୟୀ ସପ୍ତମ ବେତନ ନିର୍ଦ୍ଧାରଣ ହେବା ସହିତ ୧୦୦% ଓ ୭୫% ଦରମା ପାଉଥିବା ଶିକ୍ଷକ, କର୍ମଚାରୀମାନେ ୧୦୦% ଦରମା ପାଇବା ପରେ ସପ୍ତମ ବେତନ ପ୍ରଦାନ କରାଯିବ। ଅନୁଦାନ ପାଇ ନ ଥିବା ସ୍କୁଲ ଓ କଲେଜଗୁଡ଼ିକୁ ତୁରନ୍ତ ଅନୁଦାନ ପ୍ରଦାନ ପାଇଁ ଦାବି ହୋଇଥିଲା । ରାଜ୍ୟ ସରକାର ଏ ସମ୍ପର୍କରେ ତୁରନ୍ତ ନିଷ୍ପତ୍ତି ନେବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବଙ୍କ ସମେତ ଉନ୍ନୟନ କମିଶନର ପ୍ରଦୀପ ଜେନା, ସ୍କୁଲ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ, ଅତିରିକ୍ତ ଶାସନ ସଚିବ, ଅର୍ଥ ପରାମର୍ଶଦାତାଙ୍କ ସମେତ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ, ଅତିରିକ୍ତ ଶାସନ ସଚିବ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ସମେତ ମିଳିତ ମଞ୍ଚର ଆବାହକ ପବିତ୍ର ମହାଲା, ଅଟଳ ବିହାରୀ ବଳ, ସୁକାନ୍ତ ବେହେରା, ରଞ୍ଜନ ଦାଶ, ଅଶୋକ କୁମାର ମହାପାତ୍ରଙ୍କ ସମେତ ୬୬୨ କଲେଜର ନେତୃବୃନ୍ଦ ଉପସ୍ଥିତ ଥିଲେ । ଏହି ନିଷ୍ପତ୍ତି ଦ୍ୱାରା କୌଣସି ବର୍ଗର ଅଧ୍ୟାପକ କିମ୍ବା କର୍ମଚାରୀ କ୍ଷତିଗ୍ରସ୍ତ ହେଉନାହାନ୍ତି। ସରକାରଙ୍କ ଏହି ନିରପେକ୍ଷ ନିଷ୍ପତ୍ତିକୁ ମିଳିତ ମଞ୍ଚର ଶିକ୍ଷକ ଓ କର୍ମଚାରୀମାନେ ସ୍ୱାଗତ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ସଚିବଙ୍କୁ କୃତଜ୍ଞତା ଜଣାଇଛନ୍ତି।


# classifieds Everyday
0674-2580101, 2549302



## SALE

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ 'Grand Bazar' (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ plot ଶସ୍ତାରେ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ। 8249310759. D-74108

**ଭୁବନେଶ୍ୱର ଗଙ୍ଗପଡ଼ା NH-5 ରୁ 500 mtr ଦୂରରେ BDA yellowzone ଘରବାରି boundary plot ମିଳୁଛି। 7978676652, 7848882166.** D-74111

Hurry! ready to move BDA/ Bank project approved one BHK flat Two Numbers in Ground Floor remain, near Shani Temple 500 meters from national highway near Shani Temple Patrapada, Bhubaneswar. 9238326233. D-38582

**Bhubaneswar Sum Hospital 6K.M. ଦୂରରେ କଣ୍ଟାବାଡ଼ଠାରେ NH-16A ରୋଡ୍‌ରୁ ୧୦୦ଫୁଟ ଛାଡ଼ି 30' ROAD, ଘରବାରି, ବାଉଣ୍ଡରୀ, ଇଲେକ୍ଟ୍ରି ସହ ପ୍ଲଟ୍ ମିଳୁଛି। 9090963952.** D-74101

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-74109

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-1367

**ଭୁବନେଶ୍ୱର ଗଙ୍ଗପଡ଼ା NH5ରୁ ଅଳ୍ପ ଦୂରତାରେ Sqft. 840/-, 725/-, ଗୁଡ଼ିଆପୋଖରୀ ଛକରୁ ଅଳ୍ପ ଦୂରତାରେ 8,70,000/-ରେ ପ୍ଲଟ୍ କିଣି ତୁରନ୍ତ ଗୃହନିର୍ମାଣ କରନ୍ତୁ । 9178762589.** D-74113

**Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320.** D-74112

**Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ । 7008297827, 9692999455.** D-74105

**Gated community Gharabari plot sale at Pipili NH side near Ranch Hotel - 9437522339.** D-74106

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-1368

**Duplex upcoming at Sundarpada road, opposite Champati Petrol Pump. BDA & ORERA plotting approval. Contact No.- 9861983455 (Developer).** D-1366



**Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332.** D-73295

Do you want to construct buildings on your own plot. Contact: 7008268129, 9439143273. D-71352

**Construct your home @850/-, 1340/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-73297



Shoproom (10'x10') 2Nos. opposite Bijupatnaik College mainroad Jayadevvihar, Bhubaneswar. Contact: 9938511622. D-1467



Ayurvedic fullbody massage, refresh you mind with relaxed by expert Lady Therapist. Contact: 8480939300. D-1404

Newly open Spa positively health benefit with expert. Contact: 7749976301. D-73870

Newly open Spa offer @799/-, positively health benefits, Kalpana- 7846814019. D-73642

Newly massage at your doorstep by male massage therapist for ladies and gents. contact 6372096831. D-1471

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73962

**Relax, Refresh your body, Mind at Saikrupa SPA with best therapies. 8984068077.** D-1387

New open full body massage ladies & gents available. 8093726714. D-73638



**Save on Electricity bills. Forget power interruptions. Install Nexus Brand Solar Panels, inverters. Contact REMS LLP, Satyavihar, Bhubaneswar. 7606862090. 9777065888.** D-73640


## LOST

ମୁଁ ସାଗର କୁମାର ନାୟକ, ପିତା- ଶ୍ୟାମ ସୁନ୍ଦର ନାୟକ, ବାସିନ୍ଦା- ସିଡବ୍ଲ୍ୟୁଏସ୍ ଏମ୍-୨୧, ବନ୍ଧବାହାଲ, ଜିଲ୍ଲା- ଝାରସୁଗୁଡ଼ା ଘୋଷଣା କରୁଅଛି ଯେ, ଏୟାରପୋର୍ଟ ରୋଡ୍ ନିକଟରେ ମୋର ବିକ୍ରି କବଲା ନଂ.- 10872100395 ହଜିଯାଇଛି ଏବଂ ଯଥାସାଧ୍ୟ ପ୍ରୟାସ ସତ୍ତ୍ୱେ ମୁଁ ତାହାର ସନ୍ଧାନ ପାଉନାହିଁ। ଧ-୧୪୭୨

## LEGAL NOTICE

In the Court of the ADDL. Commissioner Consolidation & Settlement, Sambalpur
R.P. No.742 of 2022
Rudramani Naik .....Petitioner
Vrs.
1. Prasanna Kumar Mohanty, 2. Prafulla Kumar Mohanty, 3. Prabhat Kumar Mohanty All are sons of late Nilamani Mohanty, At- Mathasahi, PO, P.S., Tah., Dist.- Deogarh ....Opposite parties

NOTICE U/O 5 RULE 20 C.P.C.

The above petitioner has filed the aforementioned revision case impleading you all as opposite parties for recording of the following scheduled of land on the basis of R.S.D. NO.01 of 1972 executed by you in favour of the father of the petitioner. Since the notices are returned back without service on you, this intimation is being sent through paper advertisement.

You are hereby directed to appear in this Court in person or by a pleader duly instructed on 11.10.2022 at 10.30 A.M. to show cause against the said petition if any failing which the petition will be decided on its own merit. Land schedule

Mouza- Deogarh Town Unit No.7 (Mirgidiasahi), Tah./Dist.- Deogarh

Sabik Khata No.226, Plots No. 2585(P), Ac.0.520 dec., No.2606(P). Ac.0.170 dec. No 2652(P). Ac.0.130 dec., No.2654(P). Ac.0.140 dec. and No 2655(P). Ac.0.340 dec corresponding to Hal Khata No 249, Plots No. 1257, Ac.0. 200 dec. No.1260. Ac.0.390 dec. and No. 1271. Ac 0.800 dec.

Given under my hand and seal of the Court on this date 09 September of 2022

Sd./- Additional Commissioner, Settlement and Consolidation Sambalpur
D-1473

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଡାଳି ମାଙ୍କୁଡ଼ି
ଏ ଡାଳ ସେ ଡାଳ ଡେଉଁଛି ଖାଲି ।

ସାଧାରଣତଃ ଗାଁ ଗହଳିରେ ଝିଅ ବୋହୂମାନେ ବରଗଛ ଓହଳରେ ଡାଳି ମାଙ୍କୁଡ଼ି ଖେଳ ଖେଳିଥାନ୍ତି। ପରୋକ୍ଷରେ ଚଞ୍ଚଳ ସ୍ୱଭାବ ବିଶିଷ୍ଟା ମହିଳାଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଢିଙ୍କି ପଡ଼େ ରସ ରସ
ଚନ୍ଦ୍ରମା ବଦନେ ନାହିଁ ହରଷଲୋ
ମିଛେ କହେ ବସ ବସ।

ମନ ଖରାପ ଥିଲେ ମୁହଁର ଭାବଭଙ୍ଗୀ ଅନେକାଂଶରେ ବଦଳି ଯାଇଥାଏ। ଇଚ୍ଛା ନ ଥିଲେ ମଧ ବାଧବାଧକତାରେ ପଡି ଅନ୍ୟ ଆଗରେ ମୁହଁରେ ହସ ଖେଳେଇବାକୁ ପଡିଥାଏ। ମିଛରେ ଖୁସି ଥିବାର ବାହାନା କରୁଥିବା ଲୋକପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲିଃ:

# ଚାର୍ଲ୍ସଙ୍କ ରାଜାଭିଷେକ ...

ପ୍ରଥମ ପୃଷ୍ଠାରୁ...

ଏଡ଼ାଇଦେଇ ପାର୍ଲାମେଣ୍ଟରେ ଏକାଠି ହୋଇଥିଲେ। ଅପରାହ୍ନରେ ଆୟୋଜିତ ସଂସଦର ସ୍ୱତନ୍ତ୍ର ଅଧିବେଶନରେ ଦଳମତ ନିର୍ବିଶେଷରେ ସମସ୍ତ ଏମ୍‌ପି ପ୍ରିୟ ତଥା ସମ୍ମାନାସ୍ପଦା ମହାରାଣୀ ଏଲିଜାବେଥ ୨ୟଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ଅନେକ ସାଂସ୍କୃତିକ ଓ କ୍ରୀଡ଼ା କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା। ଏପରି କି ବଡ଼ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ମଧ୍ୟ ମହାରାଣୀଙ୍କ ସମ୍ମାନରେ କାରବାର ବନ୍ଦ କରିଥିଲେ। ସେଣ୍ଟରବରି ଆର୍କବିଶପ୍ ଜଷ୍ଟିନ୍ ୱେଲ୍‌ବି କହିଛନ୍ତି, ମହାରାଣୀଙ୍କ ପରଲୋକ ଗମନ କେବଳ ବ୍ରିଟେନ ପାଇଁ ନୁହେଁ, ବରଂ ସାରା ବିଶ୍ୱ ଲାଗି ଏକ ଅପୂରଣୀୟ କ୍ଷତି। ଆମେ ସମସ୍ତେ ଦିନେ ନା ଦିନେ ଧରାପୃଷ୍ଠରୁ ବିଦାୟ ନେବା। କିନ୍ତୁ ବାଲ୍‌ମୋରାଲ ପ୍ରସାଦରେ ଗୁରୁବାର ଏଲିଜାବେଥ ଦ୍ୱିତୀୟଙ୍କ ବିୟୋଗ ଏପରି ଏକ ଐତିହାସିକ ଘଟଣା, ଯାହା ବ୍ରିଟେନବାସୀଙ୍କ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିବ। ବ୍ରିଟେନର ନୂଆ ପ୍ରଧାନମନ୍ତ୍ରୀ ଲିଜ୍ ଟ୍ରସ୍ ଓ ତାଙ୍କ କ୍ୟାବିନେଟର ଅନ୍ୟ ମନ୍ତ୍ରୀମାନେ ଲଣ୍ଡନସ୍ଥିତ ସେଣ୍ଟ ପଲ୍ କ୍ୟାଥେଡ୍ରାଲକୁ ଯାଇ ସ୍ମୃତିସଭାରେ ଯୋଗଦେଇଛନ୍ତି। ଏଡିନ୍‌ବର୍ଗରେ ମହାରାଣୀଙ୍କ ଶେଷ ଦର୍ଶନ ପରେ ତାଙ୍କ କଫିନକୁ ଲଣ୍ଡନ ନିଆଯିବ। ୱେଷ୍ଟମିନିଷ୍ଟର ଆବେରେ ଶେଷକୃତ୍ୟ ସମ୍ପନ୍ନ ପୂର୍ବରୁ ସେଠାରେ ତାଙ୍କ ମରଶରୀରକୁ କିଛିଦିନ ପାଇଁ ରଖାଯିବ। ମା'ଙ୍କ ମହାପ୍ରୟାଣ ପରେ ତତ୍କାଳ ରାଜା ଘୋଷିତ ପ୍ରିନ୍ସ ଚାର୍ଲ୍ସ ଶନିବାର ଏକ ସ୍ୱତନ୍ତ୍ର ଉତ୍ସବରେ ରାଜ ସିଂହାସନ ଆରୋହଣ କରିବେ। ବ୍ରିଟେନ ରାଜତନ୍ତ୍ରର ପ୍ରାଚୀନ ପରମ୍ପରା ଓ ବିଧି ଅନୁସାରେ ମହାରାଣୀଙ୍କ ବରିଷ୍ଠ ପୁତ୍ର ପ୍ରିନ୍ସ ଚାର୍ଲ୍ସ ସ୍ୱତଃ ତାଙ୍କର ଉତ୍ତରାଧିକାରୀ ହୋଇସାରିଛନ୍ତି। କିନ୍ତୁ ପ୍ରୋଟୋକଲ ଅନୁଯାୟୀ ରାଜାଭିଷେକ ତତ୍କାଳ କରାଯିବ ନାହିଁ। ମହାରାଣୀଙ୍କ ମୃତ୍ୟୁର ୧୦ ଦିନ ପର୍ଯ୍ୟନ୍ତ ଅନେକ ରୀତିନୀତି ସମ୍ପନ୍ନ କରାଯିବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ଆସେଶନ କାଉନ୍ସିଲ ବୈଠକ, ଯାହାକି ଶାସକ ରାଜା କିମ୍ବା ରାଣୀଙ୍କ ମୃତ୍ୟୁର ପରଦିନ ବସିଥିବା ଇତିହାସରୁ ଜଣାପଡ଼େ। ଏହି ବୈଠକରେ କାଉନ୍ସିଲ ପକ୍ଷରୁ ଚାର୍ଲ୍ସଙ୍କୁ ଆନୁଷ୍ଠାନିକ ରାଜା ଘୋଷଣା କରାଯିବ। ଏନେଇ ପ୍ରଧାନମନ୍ତ୍ରୀ ଟ୍ରସ୍ ଘୋଷଣା କରିଛନ୍ତି, ମହାରାଣୀଙ୍କ କ୍ରାଉନ୍ ବା ରାଜମୁକୁଟକୁ ଏବେ ନୂଆ ସମ୍ରାଟ ତଥା ବ୍ରିଟେନର ରାଷ୍ଟ୍ରମୁଖ୍ୟ ହଜ୍ ମାଜେଷ୍ଟି କିଙ୍ଗ୍ ଚାର୍ଲ୍ସ ତୃତୀୟ ଗ୍ରହଣ କରିଛନ୍ତି। କ୍ଲିୟରାନ୍ସ ହାଉସ୍ ମଧ୍ୟ ଏନେଇ ସ୍ପଷ୍ଟ କରିଛି। ଆସେଶନ କାଉନ୍ସିଲ ବୈଠକ କେବଳ ଜଣେ ଶାସକଙ୍କ ମୃତ୍ୟୁ ପରେ ଅନୁଷ୍ଠିତ ହୋଇଥାଏ। ଏହାର ମୂଳ ଲକ୍ଷ୍ୟ ହେଉଛି ରାଜତନ୍ତ୍ରର ସାର୍ବଭୌମତ୍ୱ ହସ୍ତାନ୍ତର। ଏହି କାଉନ୍ସିଲରେ ଲର୍ଡ ମେୟର, ବିଚାରପତି, କ୍ୟାବିନେଟ ମନ୍ତ୍ରୀ, ଗ୍ରେଟ୍ ଅଫିସର୍ସ ଅଫ୍ ଷ୍ଟେଟ୍, ଚର୍ଚ୍ଚ ଅଫ୍ ଇଂଲଣ୍ଡର ନେତା ଏବଂ ବରିଷ୍ଠ ଅମଲାତନ୍ତ୍ରୀମାନେ ସାମିଲ ଥିବା ପ୍ରିଭି କାଉନ୍ସିଲ ଅନ୍ତର୍ଭୁକ୍ତ। ସେଣ୍ଟ ଜେମ୍ସ ପ୍ୟାଲେସ୍‌ରେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକର ଆୟୋଜନ କରାଯାଇଥାଏ। ଐତିହାସିକ ରେକର୍ଡ ଅନୁସାରେ ଏଲିଜାବେଥ ଦ୍ୱିତୀୟଙ୍କ ଆନୁଷ୍ଠାନିକ ରାଜାଭିଷେକ ସେ ସମ୍ରାଜ୍ଞୀ ହେବାର ୧୬ ମାସ ପରେ କରାଯାଇଥିଲା। ଲଣ୍ଡନର ୱେଷ୍ଟମିନିଷ୍ଟର ଆବେରେ ଦୀର୍ଘ ୯୦୦ ବର୍ଷ ଧରି ଏହି ରାଜକାର୍ଯ୍ୟ କରାଯାଇଆସୁଛି। କିଙ୍ଗ୍ ଚାର୍ଲ୍ସ ତୃତୀୟଙ୍କ କ୍ଷେତ୍ରରେ ମଧ୍ୟ ଅନୁରୂପ ଉତ୍ସବର ଆୟୋଜନ କରାଯିବ, ଯେଉଁଠି ରାଜାଭିଷେକ ପୂର୍ବରୁ ସେଣ୍ଟରବରି ଆର୍କବିଶପ୍ ତାଙ୍କୁ ଶପଥପାଠ କରାଇବେ। ପ୍ରିନ୍ସ ଚାର୍ଲ୍ସ କିଙ୍ଗ୍ ଚାର୍ଲ୍ସ ହେବା ପରେ ତାଙ୍କ ଧର୍ମପତ୍ନୀ ପ୍ରିନ୍ସେସ୍ କାମିଲା କୁଇନ୍ କାମିଲା ହେବେ। କୁଇନ୍ କନ୍‌ସର୍ଟ ଭାବେ ସେ ରାଣୀ ମାନ୍ୟତା ଲାଭ କରିବେ। ମହାରାଣୀ ଏଲିଜାବେଥ୍‌ଙ୍କ ଭଳି ସେ ପ୍ରତ୍ୟକ୍ଷ ଶାସକ ହୋଇ ନ ଥିବାରୁ ତାଙ୍କ ହାତରେ ସାର୍ବଭୌମତ୍ୱ କ୍ଷମତା ରହିବ ନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ମାନସିକ ଅସ୍ଥିରତା କାରଣରୁ ଉଦ୍‌ବେଗ ଲାଗି ରହିବ । କୌଣସି ବନ୍ଧୁ ସ୍ୱତଃପ୍ରବୃତ୍ତ ଭାବରେ ସାହାଯ୍ୟ କରିବାକୁ ଆଗେଇ ଆସିବାର ସମ୍ଭାବନା ରହିଛି । ଶିକ୍ଷା, ପରୀକ୍ଷାରେ ଭଲ କରିଥିବାରୁ ସନ୍ତାନଙ୍କ ଖୁସିରେ ଖୁସି ହୋଇପାରନ୍ତି। ଅଫିସ୍‌ରେ ସ୍ଥଗିତ କାମ ପାଇଁ ଅନ୍ୟକୁ କିମ୍ବା ନିଜର ଘର ଲୋକଙ୍କୁ କୈଫିୟତ୍ ଦେବାକୁ ପଡ଼ିପାରେ ।

**ବୃଷ**
ଦୂରସ୍ଥ ସନ୍ତାନମାନଙ୍କ ସମସ୍ୟା ସମାଧାନର ଓ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ରାଜନୈତିକ କ୍ଷେତ୍ରରେ ଅସଫଳ କାମଗୁଡ଼ିକର ସମୀକ୍ଷା କରିପାରନ୍ତି । ଆଗାମୀ କାଲିର ମାଙ୍ଗଳିକ କାର୍ଯ୍ୟ ସକାଶେ ପ୍ରସ୍ତୁତିପର୍ବ ଜୋର୍‌ଦାର କରିପାରନ୍ତି। କୌଣସି ଆତ୍ମୀୟଙ୍କ ଅସହଯୋଗ ଓ ପରୋକ୍ଷ ସମାଲୋଚନାରେ କ୍ଷୁବ୍ଧ ହେବେ ।

**ମିଥୁନ**
ବହୁ ପୂର୍ବରୁ ଚିନ୍ତା ଓ ଯୋଜନା କରିଥିବା କିଛି ନୂତନ କାମ ଆରମ୍ଭ ପାଇଁ ଚେଷ୍ଟା କରିପାରନ୍ତି। ପାରିବାରିକ ସମସ୍ୟା ସମାଧାନରେ ସଫଳ ହେବେ। ନିଜ ଉପରେ ନ୍ୟସ୍ତ କାର୍ଯ୍ୟକୁ ଏକାଗ୍ରତା ସହ ତୁଲାଇବେ। ପୂର୍ବ କଳହକୁ ଦୋହରାଇ ପାଖ ପଡ଼ୋଶୀଙ୍କ ବୈର ମନୋଭାବରେ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

**କର୍କଟ**
ସମସ୍ତ ସୁବିଧା ଥିଲେ ମଧ କେତେକ କାମ ଅଧୁରା ରହିଯିବ। ନିଜ ଫାଇଦା ହାସଲ ପାଇଁ ସମ୍ପର୍କୀୟ ଫନ୍ଦିଫିକର କରିବାକୁ ମନ ବଳାଇବେ। ବାଣିଜ୍ୟ, ପରିବହନ କ୍ଷେତ୍ରରେ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ, ସଭାସମିତିରେ ସମସ୍ୟା ସମାଧାନ ହେବ। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ।

**ସିଂହ**
ନିଜର ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ସାମାଜିକ କ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଘେରରେ ପଡ଼ିବାର ଆଶଙ୍କା ରହିଛି। ବୁଦ୍ଧିଜୀବୀମାନଙ୍କ ଦ୍ୱାରା ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ହଠାତ୍ କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହେବା ଠିକ୍ ହେବନାହିଁ।

**କନ୍ୟା**
ଆଜି ଦିନ ଭିତରେ ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବ। ବନ୍ଧୁମାନଙ୍କ ଗହଣରେ ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ, ଏବଂ ସମ୍ମାନ ପାଇ ଖୁସି ହେବେ। ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଜମିଜମା, ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ସମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ।

**ତୁଳା**
ବିବାଦୀୟ ଘଟଣାରେ ନୀରବତା ଅବଲମ୍ବନ କରିବାକୁ ବାଧ ହେବେ। ପିଲାଙ୍କ ଆଚରଣରେ ପରିବର୍ତ୍ତନ ଯୋଗୁ ମନ ଗୋଳମାଳିଆ ରହିବ । କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ, ନଚେତ୍ ଅଯଥା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ବ୍ୟବସାୟ ଓ ପରିବହନରେ, କଳା ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ।

**ବିଛା**
ଆଜି ପ୍ରତ୍ୟେକଙ୍କର ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ମନୋରଞ୍ଜନରେ, ଯାତ୍ରା ସମୟରେ, ବନ୍ଧୁ ମିଳନରେ, ଆଲୋଚନା କିମ୍ବା ସଭା ସମିତିରେ ଆଗ୍ରହୀ ହୋଇ ପାରନ୍ତି । କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ଟେନସନ୍ ବଢ଼ିପାରେ। ମାଲିମକଦ୍ଦମାରେ ବିଜୟ ପ୍ରାପ୍ତିର ଆଶା କରିବେ।

**ଧନୁ**
ବହୁତ ପ୍ରକାରର କୁଟନୀତି ପ୍ରୟୋଗ କରି, ବନ୍ଧୁଙ୍କୁ ମନାଇ, ଅର୍ଥ ପ୍ରଲୋଭନ ମାଧ୍ୟମରେ କାମ ହାସଲ କରିବେ। ବିବାଦୀୟ ଘଟଣା ସକାଶେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପାରନ୍ତି । ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବାର ସମ୍ଭାବନା ରହିଛି ।

**ମକର**
ଯୋଜନାବଦ୍ଧ ଭାବରେ ଆରମ୍ଭ କରିବାକୁ ଯାଉଥିବା ନୂତନ କର୍ମଟି ପ୍ରୀତିପଦ ରହିବ। ଶ୍ରବଣା ନକ୍ଷତ୍ରର ଦୁଶ୍ଚିନ୍ତା କାରଣରୁ ରକ୍ତଚାପ ମଧ୍ୟ ବଢ଼ିପାରେ। ଅଭାବ ଲାଗି ରହିଥିଲେ ମଧ ଧାର କରଜ କରି କାମ ତୁଲାଇ ନେବେ। କାଳେ ଦେବାକୁ ପଡିବ,ଏହି ବିଷୟ ମନରେ ଚିନ୍ତା କରି ନିକଟ ସମ୍ପର୍କୀୟମାନେ ପାଖ ମାଡିବେ ନାହିଁ।

**କୁମ୍ଭ**
କାମ ହାସଲରେ ବନ୍ଧୁଙ୍କ ବାଚନିକ ସହାୟକ ହୋଇପାରେ। ଆଜି ନୂତନ କର୍ମସଂସ୍ଥାନ ପାଇଁ ମନ ଦେଇପାରନ୍ତି । ଯେକୌଣସି କାମ ହେଉନା କାହିଁକି ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ପାରିବାରିକ କ୍ଷେତ୍ରରେ କାହାର ଛୋଟ କଥାକୁ ଧରି ବସନ୍ତୁ ନାହିଁ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ।

**ମୀନ**
ନିଜ ଲୋକଙ୍କ ଚାଲିଚଳନ ଓ ଆଚାର ବ୍ୟବହାରକୁ ନାପସନ୍ଦ କରିପାରନ୍ତି। ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି, ଯାହାକି ଆପଣଙ୍କ ସକାଶେ ଅସୁବିଧା ସୃଷ୍ଟି ହୋଇପାରେ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟରେ ଲାଭ ମିଳିବ, ମାତ୍ର ଅନ୍ୟ ବାଟରେ ବ୍ୟୟ ହେବ।

# କମିବ ଖରିଫ ...

ଦେଶର ପ୍ରାୟ ୮୦ କୋଟି ଲୋକଙ୍କୁ କିଲୋଗ୍ରାମ ପ୍ରତି ୨ ଟଙ୍କାରେ ଚାଉଳ ଏବଂ ୩ ଟଙ୍କାରେ ଗହମ ମୁଣ୍ଡପିଛା ୫ କିଲୋଗ୍ରାମ ଲେଖାଏ ଯୋଗାଇ ଦିଆଯାଉଛି। ଏହା ବାଦ୍ କରୋନା ମହାମାରୀ ଯୋଗୁ ଗରିବ ଜନସାଧାରଣଙ୍କୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେଏୱାଇ)ରେ କେନ୍ଦ୍ର ସରକାର ମାଗଣା ଖାଦ୍ୟଶସ୍ୟ ଯୋଗାଇ ଦେଉଛନ୍ତି। ସେପ୍ଟେମ୍ବର ପରେ ଏହାର ସମୟସୀମା ବଢ଼ିବ କି ନାହିଁ ଏନେଇ ଖାଦ୍ୟ ସଚିବ କୌଣସି ଉତ୍ତର ଦେଇନାହାନ୍ତି। ଚଳିତ ବର୍ଷ ଗହମ ଉତ୍ପାଦନ କମିଥିବାରୁ ସରକାର ଅଧିକ ଚାଉଳ ଯୋଗାଇଦେଇଛନ୍ତି।

# ‘ରାହୁଲଙ୍କ ଶର୍ଟ ୪୧ ହଜାର ଟଙ୍କା’



ଭାରତ ଯୋଡ଼ୋ ଯାତ୍ରାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଅନ୍ୟମାନେ।

## ଭାରତ ଯୋଡ଼ୋ ଯାତ୍ରା: ଭାଜପାର ସମାଲୋଚନା

ନୂଆଦିଲ୍ଲୀ,୯।୯

ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହୋଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ୪୧,୨୫୭ ଟଙ୍କାର ମୂଲ୍ୟର ବର୍ବେରି ଟି-ଶର୍ଟକୁ ନେଇ ଭାଜପା ସମାଲୋଚନା କରିଛି। ଭାଜପା ଗୋଟିଏ ପଟେ ରାହୁଲ ଗାନ୍ଧୀଙ୍କ କଲେଜର ଫଟୋ ଏବଂ ଅନ୍ୟ ପାର୍ଶ୍ୱରେ ସେ ପିନ୍ଧିଥିବା ଧଳା ବର୍ବେରି ଟି-ଶର୍ଟକୁ ପୋଷ୍ଟ କରି ଏଥିରେ ଫଟୋ କ୍ୟାପ୍‌ଶନ ‘ଭାରତ ଦେଖୋ’ ଲେଖିଛି। କଂଗ୍ରେସ ଏହା ଉପରେ ତୁରନ୍ତ ପ୍ରତିକ୍ରିୟା ପ୍ରକାଶ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୦ ଲକ୍ଷ ଟଙ୍କା ମୂଲ୍ୟର ଶୁଟ୍‌ବୁଟ୍ ଏବଂ ଦେଢ଼ ଲକ୍ଷ ଟଙ୍କାର ଚଷମା ପ୍ରସଙ୍ଗ ଉଠାଇଛି।

ସୂଚନାଯୋଗ୍ୟ, ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ଏହାର ସଂଗଠନ ବଢ଼ାଇବା ଲକ୍ଷ୍ୟରେ ଭାରତ ଯୋଡ଼ୋ ଯାତ୍ରା ଆରମ୍ଭ କରିଛି। ବୁଧବାରଠାରୁ ତାମିଲନାଡୁର କନ୍ୟାକୁମାରୀଠାରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ୩,୫୭୦ କିଲୋମିଟର ଅତିକ୍ରମ କରି ୫ ମାସ ପରେ ଶ୍ରୀନଗରରେ ଶେଷ ହେବ। ଏଥିରେ ରାହୁଲଙ୍କ ସମେତ ୧୧୮ ଜଣ କଂଗ୍ରେସ ନେତା ସାମିଲ ହୋଇଛନ୍ତି, ଯେଉଁମାନେ ଦୁଇଟି ବ୍ୟାଚ୍‌ରେ ପ୍ରତିଦିନ ୨୨ରୁ ୨୩ କିଲୋମିଟର ଅତିକ୍ରମ କରୁଛନ୍ତି। ପଦଯାତ୍ରା ସହ ୫୯ଟି କଣ୍ଟେନର ଟ୍ରକ୍‌ରେ ବେଡ୍ ବ୍ୟବସ୍ଥା କରାଯାଇଛି। କଂଗ୍ରେସ ନେତାମାନଙ୍କ ପାଇଁ ଉକ୍ତ କଣ୍ଟେନରଗୁଡ଼ିକରେ ଖାଇବା ଓ ଶୋଇବା ବ୍ୟବସ୍ଥା ହୋଇଛି। ବାତାନୁକୂଳିତ ଲକ୍‌ଜୁରି କଣ୍ଟେନର ଗୁଡ଼ିକରେ ଅତ୍ୟାଧୁନିକ ସୁବିଧା ରହିଛି।

# ଓଡ଼ିଶା ରାଜନୀତି ସରଗରମ

## ନଡ୍ଡାଙ୍କ ଗସ୍ତ ପୂର୍ବରୁ ଓଡ଼ିଶାରେ ୭ କେନ୍ଦ୍ରମନ୍ତ୍ରୀ

- କେନ୍ଦ୍ରର ଅତ୍ୟଧିକ ଆଗ୍ରହକୁ ଲୋକେ ସନ୍ଦେହ କରୁଛନ୍ତି: ବିଜେଡି
- ଦରଦାମ ବୃଦ୍ଧି ଯୋଗୁ ଆସ୍ଥାଭାଜନ ହୋଇପାରିନି ଭାଜପା: କଂଗ୍ରେସ

ଭୁବନେଶ୍ୱର,୯।୯(ବ୍ୟୁରୋ)

ଦୀର୍ଘଦିନ ଧରି ଶାସକ ବିଜେଡି ଏବଂ ବିରୋଧୀ ଭାଜପା ମଧ୍ୟରେ ରାଜନୈତିକ ଆକ୍ଷେପ ଓ ପ୍ରତି ଆକ୍ଷେପ ସେତେଟା ଦେଖିବାକୁ ମିଳୁ ନ ଥିଲା। ହେଲେ କିଛିଦିନ ହେଲା ଉଭୟ ଦଳର ଆଚରଣରେ ପରିବର୍ତ୍ତନ ଆସିଥିବା ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର ମିଳିବା ପରେ ବିଜେଡି ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଲାଗି କରାଯାଇଥିବା ଆୟୋଜନ ଦେଖିବା ପରେ ଶାସକ ଦଳ ରାଜନୈତିକ ପାଗଭିଡା ଆରମ୍ଭ କରିଦେଇଥିବା ଚର୍ଚ୍ଚା ହେଉଛି। ସେହିପରି ନିକଟରେ ଓଡ଼ିଶା ଭାଜପାର ନୂଆ ପ୍ରଭାରୀ ସୁନୀଲ ବଂଶଲ ରାଜ୍ୟ ଗସ୍ତ ଶେଷ କରି ଯିବାପରେ ୭ କେନ୍ଦ୍ରମନ୍ତ୍ରୀ ଆସୁଛନ୍ତି। କେନ୍ଦ୍ରର ସଫଳ ଯୋଜନା ସମ୍ପର୍କରେ ସେମାନେ ଲୋକଙ୍କ ପାଖରେ ପହଞ୍ଚିବେ। ତେଣୁ ଭାଜପା ଫୋକସରେ ଏବେ ଓଡ଼ିଶା ଥିବା ଏଥିରୁ ସ୍ପଷ୍ଟ ବାରି ହୋଇପଡୁଛି। କିଛିଦିନ ତଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ ସୁନୀଲ ବଂଶଲ ଦଳକୁ ମଜଭୁତ କରିବାର ଗୁରୁମନ୍ତ୍ର ଦେଇଥିବା ବେଳେ ୨ ଦିନ ଭିତରେ ୭ କେନ୍ଦ୍ରମନ୍ତ୍ରୀ ଓଡ଼ିଶା ଆସୁଛନ୍ତି। ଶୁକ୍ରବାର ୫ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅର୍ଜୁନ ମୁଣ୍ଡା, ନିତ୍ୟାନନ୍ଦ ରାୟ, ଅଶ୍ୱିନୀ ଚୌବେ ଏବଂ ବିଶ୍ୱେଶ୍ୱର ଟୁଡୁ ଆସୁଥିବା ବେଳେ ଶନିବାର କେନ୍ଦ୍ରମନ୍ତ୍ରୀ ନିଶିଥ ପାରମାଣିକ ଏବଂ ଭୂପେନ୍ଦ୍ର ଯାଦବ ଓଡ଼ିଶା ଆସିବା କାର୍ଯ୍ୟକ୍ରମ ରହିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅର୍ଜୁନ ମୁଣ୍ଡା ଭୁବନେଶ୍ୱରରେ ସକାଳେ ପହଞ୍ଚିସାରିଛନ୍ତି। ଅର୍ଜୁନ ମୁଣ୍ଡା ଯାଜପୁର ଯାଇ ବିଭିନ୍ନ କେନ୍ଦ୍ରୀୟ ଯୋଜନାର ସମୀକ୍ଷା କରିବା ସହ ସଙ୍ଗଠନ କଥା ବୁଝିବେ। ସେହିପରି ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱରରେ ଦଳୀୟ ସଙ୍ଗଠନର ସମୀକ୍ଷା କରିବେ। ଆସନ୍ତା ୨୯ରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଗସ୍ତ ନେଇ ସମୀକ୍ଷା କରିବା କାର୍ଯ୍ୟକ୍ରମ ରହିଛି। ସେହିପରି କଟକରେ କେନ୍ଦ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଦଳୀୟ ସଙ୍ଗଠନର ସମୀକ୍ଷା କରିବେ। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ଚୌବେ, ଭୂପେନ୍ଦ୍ର ଯାଦବ ଏବଂ ବିଶ୍ୱେଶ୍ୱର ଟୁଡୁଙ୍କ ଭୁବନେଶ୍ୱରରେ କାର୍ଯ୍ୟକ୍ରମ ଥିବା ସୂଚନା ମିଳିଛି। କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ ପୁରୀ ଯିବା କାର୍ଯ୍ୟକ୍ରମ ରହିଛି। ଶନିବାର ନିଶିଥ ପାରମାଣିକ ଓଡ଼ିଶା ଆସିବା କାର୍ଯ୍ୟକ୍ରମ ଅଛି। ସେ କେନ୍ଦ୍ରାପଡ଼ା ଯାଇ ଦଳୀୟ ସଙ୍ଗଠନ କଥା ବୁଝିବେ। ରାଜ୍ୟ ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ କହିଛନ୍ତି, କେନ୍ଦ୍ରର ବହୁ ମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସୁଛନ୍ତି। କେନ୍ଦ୍ରରୁ ବିଭିନ୍ନ ଯୋଜନା ମାଧ୍ୟମରେ ଯେଉଁ ଅର୍ଥ ଆସିଛି ତାକୁ ସମୀକ୍ଷା କରିବେ। ଯେଉଁମାନେ ଏହି ଯୋଜନାରୁ ବଞ୍ଚିତ ହୋଇଛନ୍ତି ତାହାର ସମୀକ୍ଷା ହେବ। ଏକାଥରକେ ୭ ଜଣ କେନ୍ଦ୍ରମନ୍ତ୍ରୀ ଓଡ଼ିଶା ଗସ୍ତ ନେଇ ରାଜନୀତି ସରଗରମ ରହିଛି। ୨୦୨୪ ନିର୍ବାଚନକୁ ଆଖି ଆଗରେ ରଖି ଭାଜପା ତା’ର ରଣନୀତି ପ୍ରସ୍ତୁତି ଆରମ୍ଭ କରି ଦେଇଛି। ଏହାସହ ସଙ୍ଗଠନକୁ ସୁଦୃଢ଼ କରିବା ନେଇ ଆପ୍ରାଣ ଉଦ୍ୟମ ଚଳାଇଛି।



ଭୁବନେଶ୍ୱର ବିମାନ ବନ୍ଦରଠାରେ ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅର୍ଜୁନ ମୁଣ୍ଡାଙ୍କୁ ରାଜ୍ୟ ଭାଜପା ନେତାମାନେ ସ୍ୱାଗତ ଜଣାଉଛନ୍ତି।

କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ନେଇ ବିଜେଡି ବିଧାୟକ ଶଶିଭୂଷଣ ବେହେରା କହିଛନ୍ତି, ଯଦି ଓଡ଼ିଶାର ବିକାଶ କରିବାକୁ ଆସୁଛନ୍ତି ତେବେ ରାଜ୍ୟବାସୀ ଖୁସି ହେବେ। କିନ୍ତୁ ଅନ୍ୟ କୌଣସି ରାଜନୈତିକ ଉଦ୍ଦେଶ୍ୟ ରଖି ଆସିଥିବେ ତେବେ ନିରାଶ ହେବେ। ଏବେ କେନ୍ଦ୍ର ସରକାର ଓଡ଼ିଶା ପ୍ରତି ଯେଉଁଭଳି ଅତ୍ୟଧିକ ଆଗ୍ରହ ଦେଖାଉଛନ୍ତି ତାହା ରାଜ୍ୟବାସୀଙ୍କ ମନରେ ସନ୍ଦେହ ସୃଷ୍ଟି କରୁଛି। ମନ୍ତ୍ରୀମାନେ ଆସି ଏଠାରେ ସମୟ ଦେଉଛନ୍ତି ନା ଦଳର ସାଙ୍ଗଠନିକ କାର୍ଯ୍ୟ କରୁଛନ୍ତି ବୋଲି ବେହେରା ପ୍ରଶ୍ନ କରିଛନ୍ତି। କଂଗ୍ରେସ ବିଧାୟକ ସୁରେଶ ରାଉତରାୟ କହିଛନ୍ତି, ୨୦୨୩ରେ ନିର୍ବାଚନ ହେବା ଭଳି ରାଜନୈତିକ ପାଣିପାଗରୁ ଜଣାପଡୁଛି। ଦରଦାମ୍ ବୃଦ୍ଧି କାରଣରୁ ଭାଜପା ଲୋକଙ୍କ ଆସ୍ଥାଭାଜନ ହୋଇପାରିନାହିଁ। କଂଗ୍ରେସ ନିର୍ବାଚନ ଲାଗି ପ୍ରସ୍ତୁତ ଥିବାବେଳେ ଦଳ ୧୦୦ ବିଧାନସଭା ଆସନ ଲାଗି ଟିକେଟ ଫାଇନାଲ କରିସାରିଥିବା ସେ କହିଛନ୍ତି।

# ୧୫ ରାଜ୍ୟ ପାଇଁ ଭାଜପାର ନୂଆ ପ୍ରଭାରୀ

ନୂଆଦିଲ୍ଲୀ,୯।୯

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଶୁକ୍ରବାର ୧୫ ରାଜ୍ୟ ପାଇଁ ପ୍ରଭାରୀ ନିଯୁକ୍ତ କରିଛନ୍ତି। ବିହାର ପାଇଁ ବିନୋଦ ଟଓ୍ୱଡେଙ୍କୁ ସାଧାରଣ ସମ୍ପାଦକ ନିଯୁକ୍ତ କରାଯାଇଥିବାବେଳେ ହରିଶ ଦ୍ୱିବେଦୀ ସହପ୍ରଭାରୀ ଭାବେ ରହିବେ। ନିକଟରେ ପାର୍ଲାମେଣ୍ଟ ବୋର୍ଡରେ ସ୍ଥାନ ପାଇଥିବା ଓମ୍ ମାଥୁରଙ୍କୁ ଛତିଶଗଡ଼ ଦାୟିତ୍ୱ ଦିଆଯାଇଛି। ସେହିପରି ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଳବ ଦେବଙ୍କୁ ସାଂଗଠନିକ ଦାୟିତ୍ୱ ଦିଆଯିବା ସହ ହରିୟାଣା ପାଇଁ ଦଳର ପ୍ରଭାରୀ ନିଯୁକ୍ତ କରାଯାଇଛି। ତ୍ରିପୁରା ପ୍ରଭାରୀ ଥିବା ବିନୋଦ ଶଙ୍କରଙ୍କୁ ବଦଳାଯାଇ ତାଙ୍କ ସ୍ଥାନରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ନୋଏଡ଼ା ଏମ୍‌ପି ଡ. ମହେଶ ଶର୍ମାଙ୍କୁ ପ୍ରଭାରୀ କରାଯାଇଛି। ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାନୀଙ୍କୁ ପଞ୍ଜାବ ଓ ଚଣ୍ଡିଗଡ଼ର ସାଂଗଠନିକ ଦାୟିତ୍ୱ ମିଳିଛି। ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ୍ ତେଲଙ୍ଗାନାର ପ୍ରଭାରୀ ଦାୟିତ୍ୱରେ ରହିବେ। ବିହାର ବିଧାନ ପରିଷଦ ସଦସ୍ୟ ମଙ୍ଗଳ ପାଣ୍ଡେଙ୍କୁ ପଶ୍ଚିମବଙ୍ଗର ନୂଆ ପ୍ରଭାରୀ କରାଯାଇଥିବାବେଳେ ସହପ୍ରଭାରୀ ଦାୟିତ୍ୱରେ ଅମିତ ମାଲବ୍ୟ ରହିବେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କୁ କେରଳ ପ୍ରଭାରୀ ନିଯୁକ୍ତ କରାଯାଇଥିବାବେଳେ ସାଧାରଣ ସମ୍ପାଦକ ଅରୁଣ ସିଂ ପୂର୍ବଭଳି ରାଜସ୍ଥାନ ପ୍ରଭାରୀ ଦାୟିତ୍ୱରେ ରହିବେ। ଝାଡ଼ଖଣ୍ଡ ପାଇଁ ଭାଜପା ଦିଲୀପ ସାଇକିଆଙ୍କ ସ୍ଥାନରେ ଲକ୍ଷ୍ମୀକାନ୍ତ ବାଜପାୟୀଙ୍କୁ ପ୍ରଭାରୀ ଦାୟିତ୍ୱ ଦେଇଛି।

# କେନ୍ଦ୍ର, ରାଜ୍ୟ ସରକାରଙ୍କୁ ସମାଲୋଚନା




ରାଜ୍ୟ ସମ୍ମିଳନୀ ଅବସରରେ ସିପିଆଇ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ସିପିଆଇର ୨୩ତମ ରାଜ୍ୟ ସମ୍ମିଳନୀ

ପୁରୀ ଅଫିସ,୯।୯

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ୨୩ତମ ରାଜ୍ୟ ସମ୍ମିଳନୀ ଶୁକ୍ରବାର ପୁରୀରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀକୁ ଉଦ୍‌ଘାଟନ କରି ସିପିଆଇର ସର୍ବଭାରତୀୟ ସାଧାରଣ ସମ୍ପାଦକ ଡି. ରାଜା କହିଛନ୍ତି, ଶାସନର ଦ୍ୱିତୀୟ ପାଳିରେ ଭାଜପା ଅଧିକ ସ୍ୱେଚ୍ଛାଚାରୀ ହୋଇଛି। ଉଗ୍ର ଦକ୍ଷିଣପନ୍ଥୀ ଶକ୍ତିମାନେ ଦେଶର ଗଣତନ୍ତ୍ର, ଧର୍ମନିରପେକ୍ଷ ଓ ସାମ୍ବିଧାନିକ ବ୍ୟବସ୍ଥା ଉପରେ ଆକ୍ରମଣ ଚଳାଇଛନ୍ତି। ସଂଘୀୟ ବ୍ୟବସ୍ଥାକୁ ଉଲ୍ଲଂଘନ, ୩ଟି କଳା କୃଷି ଆଇନ, ଶ୍ରମ କୋଡ୍ ଓ ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରୀ ଭଳି ନିଷ୍ପତ୍ତି ରାଜ୍ୟ ସରକାରମାନଙ୍କ ବିନା ପରାମର୍ଶରେ ନିଆଯାଇଛି। ଏଣୁ ଭାଜପାକୁ ହରାଇ ଏକ ଧର୍ମ ନିରପେକ୍ଷ ଓ ଗଣତାନ୍ତ୍ରିକ ବିକଳ୍ପ ସରକାର ଗଠନ ପାଇଁ ଲୋକେ ମତଦାନ କରିବାକୁ ରାଜା ଅପିଲ୍ କରିଛନ୍ତି। ଏହି ସମ୍ମିଳନୀରେ ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସହସମ୍ପାଦକ ପ୍ରଶାନ୍ତ ମିଶ୍ର, ଅଶୋକ ଦାସ, ପ୍ରକାଶ ପାତ୍ର ଏବଂ ଦେବେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ପୂର୍ବାହ୍ନରେ ୩ଶହରୁ ଉର୍ଦ୍ଧ୍ୱ ପ୍ରତିନିଧିଙ୍କୁ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ପୁରୀ ଟାଉନ ହଲ୍‌ରେ ପହଞ୍ଚିବା ପରେ ବର୍ଷିୟାନ୍ ନେତା ସୋମନାଥ ପାତ୍ର ଦଳୀୟ ପତାକା ଉତ୍ତୋଳନ କରିଥିଲେ। ଏହାପରେ ବରିଷ୍ଠ ନେତା ଦିବାକର ନାୟକଙ୍କ ସଭାପତିତ୍ୱରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ବକ୍ତା ଭାବେ ସିପିଆଇ ଜାତୀୟ ସମ୍ପାଦକ ପଲ୍ଲବ ସେନ୍‌ଗୁପ୍ତା ଯୋଗଦେଇ କହିଥିଲେ, ମୋଦି ସରକାର କ୍ଷମତାକୁ ଆସିବା ପରେ ଘରୋଇକରଣର ମାତ୍ରା ବଢ଼ିଛି। ସରକାରୀ ଉଦ୍ୟୋଗ କ୍ରମାଗତ ଭାବେ ନିଜ ଅସ୍ତିତ୍ୱ ହରାଉଛି। କରୋନା ମହାମାରୀ ସମୟରେ ୧୫ କୋଟି ଲୋକ ଜୀବିକା ହରାଇଥିବା ବେଳେ ଶିଳ୍ପ ଉତ୍ପାଦନ ୪୦ ଭାଗ ହ୍ରାସ ପାଇଛି। ଅନ୍ୟପକ୍ଷରେ ପୁଞ୍ଜିପତିଙ୍କ ବିତ୍ତୀୟ ସ୍ଥିତି ୩୫ ପ୍ରତିଶତ ସବଳ ହୋଇଛି। ପୁଞ୍ଜିପତି ଓ ବଡ଼ ବ୍ୟବସାୟୀମାନଙ୍କୁ ୧୨ ଲକ୍ଷ କୋଟି ଟଙ୍କା ଋଣ ଛାଡ଼ କରି କେନ୍ଦ୍ର ସରକାର ଘରୋଇ ସଂସ୍ଥାଙ୍କ ପ୍ରତି ଥିବା ପ୍ରୀତି ଦେଖାଇଛନ୍ତି। ସେହିପରି ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ ଓ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ରାମକୃଷ୍ଣ ପଣ୍ଡା କହିଥିଲେ, ୫ମ ଥର ବିଜେଡି କ୍ଷମତାକୁ ଫେରିବା ପରେ ରାଜ୍ୟରେ ଅମଲା ସକ୍ରିୟ ହୋଇଛନ୍ତି। ରାଜ୍ୟରେ ମୌଳିକ ସୁବିଧା ବିପର୍ଯ୍ୟସ୍ତ ହୋଇପଡ଼ିଛି। ନାରୀ ହିଂସା କ୍ଷେତ୍ରରେ ରାଜ୍ୟ ୨ୟ ସ୍ଥାନରେ ରହିଛି। ଓଡ଼ିଶାରେ ଖଣିଜ ପଦାର୍ଥ ଗଚ୍ଛିତ ଥିବାବେଳେ ଶିଳ୍ପାୟନ ସୃଷ୍ଟି ହୋଇପାରୁନାହିଁ। କେନ୍ଦ୍ର ସରକାରଙ୍କ ଜନବିରୋଧୀ ବିଲ୍‌କୁ ବିଜେଡି ଅନାୟାସରେ ସମର୍ଥନ ଦେଉଛି। ଏଥିରୁ ଓଡ଼ିଶାରେ ଡବଲ୍ ଇଞ୍ଜିନ୍ ସରକାର ଚାଲିଥିବା ଭଳି ମନେ ହେଉଛି।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, SOUTHERN (R&B) CIRCLE, BERHAMPUR**
Phone : 0680-2281582, e-mail : ccescbam@gmail.com
**INVITATIONS FOR BIDS (IFB) [e-Procurement]**
Bid Identification No. CCE, S.C (R&B)-BAM-07/2022-23 No.3389 //
No.B-553:- Dated: 03.09.2022

| | | | |
|---|---|---|---|
| 1 | The Chief Construction Engineer, Southern (R&B) Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Building / Bridge / Road Works as detailed in the table below. | | |
| 2 | Nature of work | : | Building / Bridge / Road works |
| 3 | No. of work | : | 05 Nos. |
| 4 | Tender Cost | : | Rs.10,000/- (online) |
| 5 | Class of Contractor | : | "B" Class, "A" Class & Special Class |
| 6 | Availability of Bid document in the website | : | From 19.09.2022 10.00 A.M. to 06.10.2022 4.00 P.M. |
| 7 | Date of Opening of Bid | : | 07.10.2022 at 11.30 A.M. |
| 8 | The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. | | |
| 9 | Any addendum / corrigendum / cancellation of tender can also be seen in the said website only. | | |

Sd/- (D.C.Behera), Chief Construction Engineer
Southern (R&B) Circle, Berhampur
OIPR-34103/11/0008/2223



**ପୂର୍ବ ତଟ ରେଳପଥ**
**ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ପାର୍କିଙ୍ଗ୍ ଷ୍ଟାଣ୍ଡ ନିମନ୍ତେ ଇ-ନିଲାମୀ**
(କ) ଷ୍ଟେସନ, ଷ୍ଟାଣ୍ଡର ପ୍ରକାର ଏବଂ ସ୍ଥାନ (ଖ) ନିଲାମ ସମାପ୍ତି ସମୟ

(କ) ବଡ଼ବନ୍ଧ-2 ଚକିଆ (ପ୍ଲାଟଫର୍ମ-1 ନିକଟ), (ଖ) 1030 ଘଟିକା, (କ) ଖୋର୍ଦ୍ଧା ଟାଉନ୍-2 ଚକିଆ (ପ୍ଲାଟଫର୍ମ ନଂ.1 ପାର୍ଶ୍ୱ ଠାରେ), (ଖ) 1040 ଘଟିକା, (କ) ଅରଗୁଳ ପିଏଚ୍-2 ଚକିଆ (ପ୍ଲାଟଫର୍ମ -1 ପାର୍ଶ୍ୱ ସ୍ଥିତ ବ୍ୟାଟେରୀ ପ୍ରକୋଷ୍ଠ), (ଖ) 1050 ଘଟିକା, (କ) ସୁକିନ୍ଦା-2 ଚକିଆ (ପ୍ଲାଟଫର୍ମ-1 ପାର୍ଶ୍ୱରେ), (ଖ) 1100 ଘଟିକା, (କ) କାଳିଯାଈ ପିଏଚ୍-2 ଚକିଆ (ଡାଉନ୍ ଲାଇନ୍ ପାର୍ଶ୍ୱରେ),(ଖ) 1110 ଘଟିକା, (କ) ଶଗଡ଼ ପଟା-2 ଚକିଆ (ପ୍ଲାଟଫର୍ମ -1 ପାର୍ଶ୍ୱରେ), (ଖ) 1120 ଘଟିକା, (କ) ସୋଲାରି-2 ଚକିଆ (ଷ୍ଟେସନ ବିଲ୍ଡିଙ୍ଗ୍ ପାର୍ଶ୍ୱରେ), (ଖ) 1130 ଘଟିକା, (କ) ସୁମାଦେବୀ- 2 ଚକିଆ (ଷ୍ଟେସନ ବିଲ୍ଡିଙ୍ଗ୍ ପାର୍ଶ୍ୱରେ), (ଖ)1140 ଘଟିକା, (କ) ନୀଳକଣ୍ଠେଶ୍ୱର-2 ଚକିଆ (ପ୍ଲାଟଫର୍ମ-1 ପାର୍ଶ୍ୱରେ), (ଖ) 1150 ଘଟିକା, (କ) ବସନ୍ତପୁର-2 ଚକିଆ (ପ୍ଲାଟଫର୍ମ-1 ପାର୍ଶ୍ୱରେ), (ଖ) 1200 ଘଟିକା, (କ) ଝାଡୁପୁଡ଼ି-2 ଚକିଆ (ପରିଚାଳନ କ୍ଷେତ୍ରରେ), (ଖ) 1210 ଘଟିକା, (କ) ଜଗନ୍ନାଥପୁର-2 ଚକିଆ (ପରିଚାଳନ କ୍ଷେତ୍ର ସଂଲଗ୍ନ), (ଖ) 1220 ଘଟିକା, (କ) ନୟାଗଡ଼-2 ଚକିଆ (ଷ୍ଟେସନ ବିଲ୍ଡିଙ୍ଗ୍ ନିକଟ), (ଖ) 1230 ଘଟିକା, (କ) ବରୁଭା-2 ଚକିଆ (ପରିଚାଳନ କ୍ଷେତ୍ରରେ), (ଖ) 1240 ଘଟିକା, (କ)ବେଗୁନିଆ-2 ଚକିଆ (ପରିଚାଳନ କ୍ଷେତ୍ରରେ), (ଖ) 1250 ଘଟିକା, (କ) ଗୋଲନ୍ଥରା-2 ଚକିଆ (ଷ୍ଟେସନ ବିଲ୍ଡିଙ୍ଗ୍ ନିକଟରେ), (ଖ) 1300 ଘଟିକା, (କ) ଛତ୍ରପୁର କୋର୍ଟ ପିଏଚ୍-2 ଚକିଆ (ଡାଉନ୍ ଲାଇନ୍ ପାର୍ଶ୍ୱ ଆଡ଼କୁ), (ଖ) 1310 ଘଟିକା, (କ) ଧଉଳିମୁହାଣ ପିଏଚ୍-2 ଚକିଆ (ପ୍ଲାଟଫର୍ମ ନଂ. 1 ପାର୍ଶ୍ୱସ୍ଥ ପ୍ରତୀକ୍ଷା ହଲ ନିକଟରେ), (ଖ) 1320 ଘଟିକା, (କ) ଗୋଲଡିହ-2 ଚକିଆ (ଷ୍ଟେସନ ବିଲ୍ଡିଙ୍ଗ୍ ନିକଟ), (ଖ) 1330 ଘଟିକା, (କ) ଟାପଙ୍ଗ-2 ଚକିଆ (ପ୍ଲାଟଫର୍ମ-1 ପାର୍ଶ୍ୱ ଠାରେ ଥିବା କ୍ୱାର୍ଟର ନିକଟରେ), (ଖ) 1340 ଘଟିକା, (କ) ଟୋମ୍କା-2 ଚକିଆ (ପ୍ଲାଟଫର୍ମ-1 ପାର୍ଶ୍ୱରେ), (ଖ)1350 ଘଟିକା, (କ) ବ୍ରାହ୍ମଣୀ ପିଏଚ୍-2 ଚକିଆ (ଅପ୍ ଲାଇନ୍ ପାର୍ଶ୍ୱରେ), (ଖ) 1400 ଘଟିକା, (କ) କପାଳି ରୋଡ଼ ପିଏଚ୍-2 ଚକିଆ (ଡାଉନ୍ ଲାଇନ୍ ପାର୍ଶ୍ୱ), (ଖ)1410 ଘଟିକା, (କ) ଟାଙ୍ଗିରିଆପାଳ-2 ଚକିଆ (ଷ୍ଟେସନ ଭବନ ନିକଟରେ), (ଖ)1420 ଘଟିକା, (କ) ବାଘୁଆପାଳ-2 ଚକିଆ (ଷ୍ଟେସନ ଭବନ ନିକଟରେ), (ଖ)1430 ଘଟିକା, (କ) ଚିଲିକିଦାରା-2 ଚକିଆ (ଷ୍ଟେସନ ଭବନଠାରେ), (ଖ)1440 ଘଟିକା, (କ) କାଇପଦର ରୋଡ଼-2 ଚକିଆ (ପରିଚାଳନ କ୍ଷେତ୍ର ନିକଟରେ), (ଖ)1450 ଘଟିକା, (କ) ସୀତାବାଞ୍ଜି-2 ଚକିଆ (ପ୍ଲାଟଫର୍ମ ନଂ.1 ପାର୍ଶ୍ୱରେ), (ଖ) 1500 ଘଟିକା, (କ) ମୁକ୍ତେଶ୍ୱର ପିଏଚ୍-2 ଚକିଆ (ପ୍ଲାଟଫର୍ମ ନଂ.1 ପାର୍ଶ୍ୱରେ), (ଖ) 1510 ଘଟିକା, (କ) ପୋର୍ଜନପୁର-2 ଚକିଆ (ପରିଚାଳନ କ୍ଷେତ୍ର ନିକଟରେ), (ଖ) 1520 ଘଟିକା, (କ) ବୋଲଗଡ଼ ରୋଡ଼-2 ଚକିଆ (ଷ୍ଟେସନ ଭବନର ବେସ୍‌ମେଣ୍ଟ), (ଖ)1530 ଘଟିକା, (କ) ମହିପୁର-2 ଚକିଆ (ପ୍ଲାଟଫର୍ମ ନଂ.1 ପାର୍ଶ୍ୱରେ), (ଖ)1540 ଘଟିକା, (କ) ବୋଲଗଡ଼ ଟାଉନ୍-2 ଚକିଆ (ପ୍ଲାଟଫର୍ମ ନଂ. 1 ପାର୍ଶ୍ୱରେ), (ଖ) 1550 ଘଟିକା ।

**ନିଲାମ ପ୍ରାରମ୍ଭ ତାରିଖ ଓ ସମୟ : ତା.16.09.2022 ରିଖ 1000 ଘଟିକା**

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ସମ୍ବନ୍ଧରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରମାନଙ୍କୁ ୱେବ୍‌ସାଇଟ୍ https://ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି ।

PR-476/N/22-23 ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼



No. CAD-1761
**obcc**
**ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ**
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under Works Department)
File: SMT-1815
**NOTICE INVITING EXPRESSION OF INTEREST**
The Managing Director, Odisha Bridge & Construction Corporation Limited, Bikash Bhavan, Bhubaneswar on behalf og Governor of Odisha invites Request for Proposal for **engagement of Qualified Central PSU Agencies for Supply of Technical Manpower in Keonjhar and Sundargarh Districts, with OBCC** as per the details given table below.

| | | | |
|---|---|---|---|
| 1 | Name of work | : | Engagement of Qualified Central PSU agencies for supply of Technical Manpower in Keonjhar and Sundargarh Districts, with OBCC |
| 2 | Date of availability of RFP document in the OBCC website | : | From 19.09.2022 to 14.10.2022 upto 13.00 hrs. |
| 3 | Last date & time of receipt of RFP document | : | 14.10.2022 upto 17.00 hrs. |
| 4 | Non-refundable processing fee (though online mode) | : | INR 20,000.00 (Including GST) |

5. The RFP document can be seen in the e-procurement portal **www.tenderodisha.gov.in**.
6. The addendum/corrigendum/extension date/result if any will be hosted in the above mentioned site only.
7. OBCC has the right to accept or reject the Notice without assigning any reason thereof.

OIPR-34106/11/0034/2223 Sd./- EIC-cum-Managing Director



**ପାର୍କିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**
ଇ-ନିଲାମ କାଟାଲଗ୍ ନଂ.: (i) ପାର୍କ-କେଜିପି-୨୨-୦୮, ତାରିଖ: ୦୯।୦୯।୨୦୨୨

ଭାରତର ରାଷ୍ଟ୍ରପତି, ଭାରତୀୟ ସଂଘଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ନିଲାମ ଆହ୍ୱାନ କରୁଛନ୍ତି: **କାର୍ଯ୍ୟର ନାମ:** ୦୩ (ତିନି) ବର୍ଷ ଅବଧି ପାଇଁ **ଖଡ଼ଗପୁରଠାରେ** ଚାରିଚକିଆ ପାଇଁ ୦୧ (ଏକ) ଗୋଟି ପାର୍କିଂ ଲଟ୍, **ରାମନଗର ଏବଂ କାନ୍ଥି** ଠାରେ ମିଶ୍ରିତ ପାର୍କିଂ ପାଇଁ ୦୨ (ଦୁଇ) ଗୋଟି ପାର୍କିଂ ଲଟ୍ ଏବଂ **ଶ୍ୟାମଚକ (ଉତ୍ତର), ଶ୍ୟାମଚକ (ଦକ୍ଷିଣ), ବାଙ୍ଗିରିପୋଷି, ହୌର, ବାଲେଶ୍ୱର, ମହିଷାଡାଳ, ବାଳିଚକ, ଭଞ୍ଜପୁର ଏବଂ ଦେଶପ୍ରାଣ** ରେଳ ଷ୍ଟେଶନ ପରିସରଠାରେ ଦୁଇଚକିଆ ପାର୍କିଂ ପାଇଁ ୦୯ (ନଅ) ଗୋଟି ପାର୍କିଂ ଲଟ୍, ଯାହା ୱେବ୍‌ସାଇଟ୍ **https://www.ireps.gov.in**ରେ ଅଧିସୂଚିତ ହୋଇଛି । **ବର୍ଗ:** ଚାରିଚକିଆ, ମିଶ୍ରିତ ଏବଂ ଦୁଇଚକିଆ ପାଇଁ ପାର୍କିଂ ଲଟ୍ । **କାଟାଲଗ୍ ନଂ.:** ପାର୍କ-କେଜିପି-୨୨-୦୮ । **ନିଲାମ ତାରିଖ:** ୨୭।୦୯।୨୦୨୨ । **ନିଲାମ ଆରମ୍ଭ ତାରିଖ:** ୧୧.୦୦ ଘଟିକା । **ନିଲାମ ସମାପ୍ତି ସମୟ:** ୧୩.୨୦ ଘଟିକା । ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-567) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ



**idco** **ODISHA** NEW OPPORTUNITIES
**OFFICE OF THE CHIEF GENERAL MANAGER (P&C)**
**IDCO TOWER, BHUBANESWAR**
No. CAD-1758
**Tender Call Notice No. File No. IDCO/HO-P&C/0-3155/04/2022/V-1 22923** **Dated: 07.09.2022**
**Name of the Work :** Extension of 33KV UG line 3 way RMU & Construction of 2 run 33KV 3 Core × 185 sum cable with RCC cable trench approximately length of 1230 mtr from existing 2×8 mva E-Sub Station to Bagchi - Sri Sankar Cancer Hospital at Infocity-II, Janla, Khordha.
Period of Completion : 6 (Six) Calendar Months

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No. P&C/EST/E-61/2022-23 | 17.00 hours of Dt.14.09.2022 | 17.00 hours of Dt.11.10.2022 |

Further details can be seen from the e-Procurement Portal: **www.Tendersodisha.gov.in.** and Corrigendum if any will be published in Newspapers and can only be seen in the e-Procurement portal as well as in IDCO website.

**OIPR-14003/11/0139/2223** **Sd./- Chief General Manager (P&C), IDCO, Bhubaneswar**



**The Odisha Small Industries Corporation Ltd.**
(A Government of Odisha Undertaking)
(*An ISO:9001:2008 certified Govt. Company*)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1762 OSIC GST No. 21AAACO2101M1Z1
**TENDER CALL NOTICE**
The Odisha Small Industries Corporation Ltd., Cuttack invites sealed bids from experienced registered Distributors/Dealers/Manufacturers for supply & installation of Fire safety equipments and laboratory equipments & chemicals and other goods required by different Govt. Colleges of the State. The details schedules, Terms & Conditions with college-wise items and quantity of requirement as per the Tender notices mentioned below which can be downloaded from OSIC website **www.osicltd.in.**
1. Tender Notice Ref.No.3878/OSIC dtd. 08.09.2022
2. Tender Notice Ref.No.3880/OSIC dtd. 08.09.2022
Any corrigendum/changes/modifications will appear in OSIC Ltd. website: **www.osicltd.in** only. All the tenderers are to refer to above website.

By order of MD
OIPR-14073/11/0077/2223 Sd/-Manager(Mktg)



**OFFICE OF THE CHIEF EXECUTIVE OFFICER**
**WATCO, Ground Floor, Unnati Bhawan**
**H.B. Colony, Satyanagar,**
WATCO
Bhubaneswar - 751007, Odisha, India, Telefax: +91-674-2391444
Email: mail@watcoodisha.in / md@watcoodisha.in
**INVITATION FOR BID (IFB)**
Bid Identification No. WATCO (W)-23/2022-23 Dtd.08.09.2022
WATCO No.4083 Dtd. 8.9.2022

| | | | |
|---|---|---|---|
| 1 | Name of the work | : | (1) Procurement of Programme Logic Controller (PLC) panel, Flow Meter, Control Valve, Altitue Valve, Chlorine Annalyser etc. for with 24x7 water supply to different DFT Zones under WATCO-I, BBSR. (2) 20 DFT zones under WATCO-II, BBSR. (3) 08 Nos. of DFT zones under WATCO-II, BBSR. (4) 13 Nos. of DFT zones udner WATCO Division, Cuttack. (5) 10 Nos. of DFT zones under WATCO Division, Cuttack. (6) 10 Nos. of DFT zones under WATCO Division, Cuttack. |
| 2 | Estimated cost | : | 1) Rs.378.58 lakh, 2) Rs.426.77 lakh, 3) Rs.308.96 lakh, 4) Rs.421.94 lakh, 5) Rs.386.18 lakh, 6) Rs.389.70 lakh. |
| 3 | Period of completion | : | 45 days. |
| 4 | Date & time of availability of bid document in the portal | : | From 11.00 A.M. of Dt.12.09.2022 to 5.00 P.M. of 27.09.2022. |
| 5 | Last date / time of receipt of bids in the portal | : | 5.00 P.M. of 27.09.2022. |
| 6 | Date & time of opening of technical bids | : | 12.30 P.M. of 28.09.2022. |
| 7 | Name and address of the officer inviting bid | : | CEO, WATCO, Telefax- 0674-2391444, E-mail: mail@watcoodisha.in, md@watcoodisha.in mail to: eephibbsr@ori.nic.in |
| 8 | The bidders have to participate in Online bidding only | | |

Further details can be seen from the website: www.tendersodisha.gov.in
Sd./- (CEO), WATCO
OIPR-13194/11/0049/2223



**PANCHAYAT SAMITI, GUDVELLA**
Letter No. 1984 Date: 09.09.2022
**INVITATIONS FOR BIDS**
**Details Tender Call Notice No. 04/GVL/2022-23, Dated: 09.09.2022**
1. The Block Dev. Officer, Gudvella on behalf of Governor of Odisha invites percentage rate bids in sealed cover in conformity with Detailed Tender Call Notice No. 03/GVL/2022-23 to be eventually drawn up in State P.W.D. Form P-1 contract for the execution of works detailed in the table from eligible class of contractors mentioned against the work registered with the State Governments and Contractors of equivalent Grade/Class Registered with Central Government/MES/Railways for execution of Civil Works, on production of definite proof from the appropriate authority. The bidders may submit bids for any or all of the following works.

| Sl. No. | Name of Work | Approximate Value of Work (Rs.) | Bid Security 1% EMD (Rs.) | Cost of Document | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of High School Building at Jamut Govt. High School | 9,93,028/- | 9930/- | 6000/- | D & C | 9 (Nine) Calendar Months |

The sale of the Bid document shall start from Dt.13.09.2022 to Dt.27.09.2022 upto 5.30 P.M. at Panchayat Samiti, Gudvella and DRDA, Balangir during office hour.
E-mail: **ori-gudvella@nic.in**
For further more details, please visit the website of Government of Odisha **(http://www.balangir.nic.in)**.
**Sd./- Block Dev. Officer, Gudvella**



No.B-557:-
**Government of Odisha**
**“e” Procurement Notice**
**OFFICE OF THE SUPERINTENDING ENGINEER DHENKANAL (R&B) DIVISION, DHENKANAL**
**Bid Identification No.- 15 of 2022-2023**

| | | | |
|---|---|---|---|
| 1 | Name of the work | : | Building works- 2 Nos. |
| 2 | Estimate cost | : | Rs.99,91,659.00 & Rs.65,46,931.00 |
| 3 | Period of completion | : | 04 (Four calendar months) |
| 4 | Date & time of availability of the bid documents in the portal | : | 10.00 A.M. of 13.09.2022 to 5.00 P.M. of 27.09.2022 |
| 5 | Last date / time of receipt of the bid in portal | : | 27.09.2022 upto 5.00 P.M. |
| 6 | Date of opening | : | 28.09.2022 at 11.00 A.M. |
| 7 | Name and address of the office | : | Office of the Superintending Engineer, Dhenkanal (R&B) Division, Dhenkanal |

Further details can be seen from the e-procurement Portal “**https://tendersorissa.gov.in**”
**Sd./- Superintending Engineer**
**Dhenkanal (R&B) Division**
OIPR-34016/11/0014/2223



Your classified advertisement published in Dharitri will be listed free in Dharitri online edition :
**www.dharitri.com**

ତୁମେ କୌଣସି ଗୁଣ ବା ଦୋଷର ଅଧୀନସ୍ଥ ହୋଇ ରହିବା ଉଚିତ ନୁହଁ। ଯେ ପର୍ଯ୍ୟନ୍ତ ତୁମେ କୌଣସି ସଦ୍‌ଗୁଣ ପାଇଁ ଆତୁରତା ଦେଖାଉ ଥିବ– ସେ ପର୍ଯ୍ୟନ୍ତ ତା'ର ବିପରୀତ ବଦ୍‌ଗୁଣଟିଏ ତୁମ ଭିତରେ କେଉଁଠି ଚେକାମାଡି ବସିଥିବ। –ଶ୍ରୀମା

# ବିବାଦର ସଙ୍କେତ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଉତ୍ତରପ୍ରଦେଶ(ୟୁପି)ର ଅତିରିକ୍ତ ମୁଖ୍ୟ ସଚିବ(ଗୃହ)ଅୱନିଶ କୁମାର ଅୱସ୍ତିଙ୍କ କାର୍ଯ୍ୟକାଳ ସମ୍ପ୍ରସାରିତ ହେବ କିମ୍ବା ତାଙ୍କୁ ସେବାନିବୃତ୍ତ କରାଯିବ ତାହାକୁ ନେଇ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ କେହି ଜଣେ ବି ନିଶ୍ଚିତ ନ ଥିଲେ। ଏହା ବିଶେଷ କରି ରହସ୍ୟରେ ରହିଥିଲା। ଉଭୟ ଯୋଗୀ ଆଦିତ୍ୟନାଥଙ୍କ ଶିବିର ଏବଂ କେନ୍ଦ୍ରରୁ ମଧ କିଛି ବି ଶୁଣିବାକୁ ମିଳିଲା ନାହିଁ। କେବଳ ଗୁଜବ ଘୂରି ବୁଲିଲା। ଶେଷରେ ଅୱସ୍ତିଙ୍କୁ ଅବସର ନେବା ଲାଗି ଅନୁମତି ଦିଆଯିବା ସହ ବରିଷ୍ଠ ଆଇଏଏସ୍ ଅଧିକାରୀ ସଞ୍ଜୟ ପ୍ରସାଦଙ୍କୁ ରାଜ୍ୟ ଗୃହ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏହା ଉପରେ ଚାଲୁଥିବା ମନ୍ଥନର ପରିଣାମକୁ ଲକ୍ଷ୍ୟକରି ଏବଂ ସମ୍ଭବତଃ ବାବୁମାନଙ୍କୁ ବଶ କରିବାକୁ ଯୋଗୀ ସରକାର ୧୬ ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ବଦଳି କରିଛନ୍ତି। ଏମାନଙ୍କ ମଧ୍ୟରେ ରହିଛନ୍ତି ସ୍ୱାସ୍ଥ୍ୟ ବିଭାଗର ବିବାଦୀୟ ଅତିରିକ୍ତ ମୁଖ୍ୟ ସଚିବ ଅମିତ ମୋହନ ପ୍ରସାଦ। ଯେତେବେଳେ ବି ଶାନ୍ତିପୂର୍ଣ୍ଣ ଆଲୋଚନା କରାଯାଇଛି ସେତେବେଳେ ଅୱସ୍ତିଙ୍କ ବିଷୟ ପୁଣି ଥରେ କେନ୍ଦ୍ର ଓ ଯୋଗୀ ସରକାରଙ୍କ ଚିନ୍ତାଜନକ ସମୀକରଣକୁ ସାମ୍ନାକୁ ଆଣିଛି। ଅଧିକାଂଶ ପର୍ଯ୍ୟବେକ୍ଷକ ଆଶା କରୁଥାଇପାରନ୍ତି ଯେ, ଯୋଗୀ ଆଦିତ୍ୟନାଥଙ୍କ ବିଶ୍ୱସ୍ତ ଭାବେ ଜଣାଶୁଣା ଅୱସ୍ତି ତାଙ୍କ ପଦବୀରେ ରହିବେ। କିନ୍ତୁ କେନ୍ଦ୍ର ତାଙ୍କ ଫାଇଲକୁ ପ୍ରୋସେସ ନ କରି ପକାଇ ରଖିଲା ଓ ସେତେବେଳକୁ ବିଳମ୍ବ ହୋଇଯାଇଥିଲା। ବାହାରକୁ ପ୍ରକାଶ ପାଇଥିବା କେନ୍ଦ୍ର ଓ ୟୁପି ସରକାରଙ୍କ କାର୍ଯ୍ୟ ସ୍ପଷ୍ଟଭାବେ ଚାପର ସଙ୍କେତ ଦେଉଛି। ଦୁଇ କ୍ଷମତା କେନ୍ଦ୍ର ମଧ୍ୟରେ ଗୁପ୍ତ ବିବାଦ ପୁନର୍ବାର ଉଜାଗର ହୋଇଛି। ନିଃସନ୍ଦେହ ଯେ,ଏହା ବାବୁ ସାମ୍ରାଜ୍ୟକୁ ପ୍ରଭାବିତ କରିବ ; ଯାହା ଉଭୟ ଯୋଗୀ ଏବଂ କେନ୍ଦ୍ର ଚାହୁଁଛନ୍ତି। ଏହି ପାରସ୍ପରିକ ବିନାଶକାରୀ ଯୁଦ୍ଧ ୟୁପିରେ ସୀମିତ ରହିଛି କି ନାହିଁ ତାହା ଜଣାନାହିଁ, କିନ୍ତୁ ଅୱସ୍ତିଙ୍କ ପ୍ରସଙ୍ଗରେ ଏକ ବଡ଼ ବିବାଦର ଗୁରୁତ୍ୱପୂର୍ଣ୍ଣ ସଙ୍କେତ ରହିଛି। ଏହି ସ୍ଥିତି ଉପରେ ଆଗକୁ କ'ଣ ଘଟୁଛି ତାହା ଦେଖିବାକୁ ବାକି ରହିଲା।

### ବିଶେଷ ଚୟନ

ପ୍ରାଇଭେଟ ସେକ୍ଟରର ଦକ୍ଷତା ଏକ ସକ୍ଷମ ସିଭିଲ ସର୍ଭିସ ସୃଷ୍ଟି କରିବ ବୋଲି ମୋଦି ସରକାର ଆଶା କରୁଛନ୍ତି। ପ୍ରଭାବଶାଳୀ ଏବଂ ସର୍ବୋତ୍ତମ ସାର୍ବଜନୀନ ସେବା ଯୋଗାଇଦେବା ଲକ୍ଷ୍ୟରେ ସରକାର ଏହା କରିବାକୁ ଚାହୁଁଛନ୍ତି। ଏଥିପାଇଁ ଟାଟା କନ୍‌ସଲଟାନ୍ସି ସର୍ଭିସର ପୂର୍ବତନ ଉପାଧ୍ୟକ୍ଷ ଏସ୍. ରାମଦୋରାଇଙ୍କୁ କର୍ମଯୋଗୀ ଭାରତର ଅଧ୍ୟକ୍ଷ ଭାବେ ଅଣାଯାଉଛି। ସିଭିଲ ସର୍ଭିସରେ ଦକ୍ଷତା ବଢ଼ିବା ଲାଗି 'କର୍ମଯୋଗୀ ଭାରତ' ଏକ ଯୋଜନା। ଅନ୍ୟ ଅର୍ଥରେ, ସରକାର ବାବୁମାନଙ୍କୁ କର୍ମଯୋଗୀ ସଜାଇବାକୁ ଚାହୁଁଛନ୍ତି। କର୍ମଯୋଗୀ ଭାରତ ଡିଜିଟାଲ ପ୍ଲାଟ୍‌ଫର୍ମ 'iGOT କର୍ମଯୋଗୀ'ର ତତ୍ତ୍ୱାବଧାରକ ଏବଂ ଏହାକୁ ନିୟନ୍ତ୍ରଣ ଓ ପରିଚାଳନା ମଧ କରିଥାଏ। ମିଶନ କର୍ମଯୋଗୀର କାର୍ଯ୍ୟାନ୍ୱୟନ ପାଇଁ ସରକାରଙ୍କ ପକ୍ଷରୁ କର୍ମଯୋଗୀ ଭାରତ ଉକ୍ତ ଦାୟିତ୍ୱ ନିର୍ବାହ କରୁଛି। ଏହି କାର୍ଯ୍ୟକ୍ରମକୁ ନେତୃତ୍ୱ ଦେବା ଲାଗି ମୋଦି ସରକାର ବିଶେଷ ଭାବେ ରାମଦୋରାଇଙ୍କୁ ଚୟନ କରିଛନ୍ତି। ଅନୁଷ୍ଠାନ ଗଢ଼ିବା କେତେ ମୁସ୍କିଲ ଟାଟାର ଏହି ପୂର୍ବତନ ଉପାଧ୍ୟକ୍ଷ ଭଲ ଭାବେ ଜାଣନ୍ତି। କୌଶଳ ବିକାଶ ଉପରେ ଜାତୀୟ କାଉନ୍‌ସିଲରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ପରାମର୍ଶଦାତା (ଯାହା କ୍ୟାବିନେଟ ମନ୍ତ୍ରୀ ସ୍ତରୀୟ ର୍‍ୟାଙ୍କ୍) ଭାବେ ସେ କାର୍ଯ୍ୟ କରିଥିବାରୁ ସରକାରଙ୍କ ସମ୍ପର୍କରେ ତାଙ୍କର ଉତ୍ତମ ଅନ୍ତଃ ଦୃଷ୍ଟିକୋଣ ରହିଛି। ଅର୍ଥନୀତି, ନେତୃତ୍ୱ ଏବଂ ଶାସନରେ ତାଙ୍କର ବିଶେଷ ଅଭିଜ୍ଞତା ଉପକାରୀ ସାବ୍ୟସ୍ତ ହେବ ଓ ମୁକ୍ତ ଭାବେ ଉକ୍ତ ଅଣବାବୁଙ୍କ ଜ୍ଞାନକୁ ଗ୍ରହଣ କଲେ ଏହା ସମ୍ଭବ ହୋଇପାରିବ।

### ତଥାପି ସୁଯୋଗ

ସଂସଦ ଟିଭି ସିଇଓ ରବି କପୁର ତାଙ୍କ କାର୍ଯ୍ୟକାଳ ପରେ ଦାୟିତ୍ୱରୁ ମୁକ୍ତ ହେବା ଅନେକ ପର୍ଯ୍ୟବେକ୍ଷକଙ୍କୁ ଚକିତ କରିଛି। ନିକଟରେ ରାଜ୍ୟ ସଭା ମହାସଚିବ ପି.ସି.ମୁଡିଙ୍କ କାର୍ଯ୍ୟକାଳ ବୃଦ୍ଧି ହେଲା ଭଳି କପୁରଙ୍କର ମଧ ସମ୍ପ୍ରସାରଣ ହେବ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ତାହା ହେଲା ନାହିଁ। ଏବେ ଲୋକ ସଭା ମହାସଚିବ ଉତ୍ପଳ କୁମାର ସିଂଙ୍କୁ ଅତିରିକ୍ତ ଦାୟିତ୍ୱ ଭାବେ ସଂସଦ ଟିଭି ପରିଚାଳନା କରିବାକୁ କୁହାଯାଇଛି। କିନ୍ତୁ କପୁରଙ୍କ କ୍ୟାରିୟର ଉପରେ ଶେଷ ଶବ୍ଦ ଲେଖାଯିବାକୁ ବାକି ରହିଛି ; ଯାହା ଆଉ କିଛି ସୂଚିତ କରୁଛି। ସ୍ପଷ୍ଟତଃ, ସେ ପ୍ରସାର ଭାରତୀର ପରବର୍ତ୍ତୀ ସିଇଓ ହେବେ ବୋଲି ଗୁଞ୍ଜରଣ ସୃଷ୍ଟି ହେଉଛି । ଦୁଇମାସ ପୂର୍ବେ ଏହାର ସିଇଓ ଶଶୀ ଶେଖର ଭେମ୍‌ପତିଙ୍କ କାର୍ଯ୍ୟକାଳ ଶେଷ ହେବା ପରଠାରୁ ଏହା ଏକ ଅନୌପଚାରିକ ପରିଚଳାନା ଅଧୀନରେ କାର୍ଯ୍ୟ କରୁଛି। ପ୍ରସାରଭାରତୀ ଅଧୀନରେ ସଂସଦ ଟିଭି ଓ ଦୂରଦର୍ଶନ ମିଶିବାର ପ୍ରସ୍ତାବ ଉପରେ ଉଠିଥିବା ଗୁଜବର ଯଦି କିଛି ମହତ୍ତ୍ୱ ଥାଏ, ତେବେ ଏହା ପବ୍ଲିକ ବ୍ରଡ୍‌କାଷ୍ଟିଂ ବା ସାର୍ବଜନୀନ ପ୍ରସାରଣର ନେତୃତ୍ୱ ନେବାରେ କପୁରଙ୍କୁ ଏକ ଭଲ ସୁଯୋଗ ପ୍ରଦାନ କରିବ। ଲୋକ ସଭା ଟିଭି ଏବଂ ରାଜ୍ୟ ସଭା ଟିଭି ମିଶିବା ପରେ ଗତ ବର୍ଷ ମାର୍ଚ୍ଚରେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ କପୁର ସଂସଦ ଟିଭି ସିଇଓ ଭାବେ ନିଯୁକ୍ତ ହୋଇଥିଲେ। ଅବଶ୍ୟ ସରକାର ଶେଷରେ କେଉଁ ମାର୍ଗ ଗ୍ରହଣ କରିବେ ତାହାର ନିର୍ଦ୍ଦିଷ୍ଟତା ନାହିଁ। କପୁର ଏଯାବତ ନିଯୁକ୍ତି ପ୍ରକ୍ରିୟାରେ ପ୍ରତିଯୋଗୀ ଭାବେ ରହିଥିବାରୁ ସମ୍ଭାବ୍ୟ ପ୍ରାର୍ଥୀମାନଙ୍କ ତାଲିକାରୁ ତାଙ୍କୁ ବାଦ୍ ହେବା କିମ୍ବା ତାଙ୍କ ଉପରେ ଗୁରୁତ୍ୱ ନ ଦେବା ବୋକାମିର ପରିଚୟ ହୋଇପାରେ।

Email: dilipcherian@gmail.com

# ୱେବ୍ ଓ ୱେବ୍‌ବ ଆଖିରେ ସଚରାଚର



ଡ. ଗୌରୀଶଙ୍କର ସାହୁ

"ଟେଲିଫୋନ୍‌ର ମଜା, ଶହେ କୋଶରୁ କଥା ହେଉଛି ଆଇ ସାଥିରେ ଅଜା''। ଓଡ଼ିଶାରେ ପ୍ରଚ଼ଳିତ ଏହି କଥା, ବୈଜ୍ଞାନିକ ଉଦ୍ଭାବନ କିପରି ସମ୍ପର୍କକୁ ନୂଆ ଦିଗ ଓ ଦିଗନ୍ତ ଦେଉଛି ତାହା ପ୍ରକାଶିତ କରୁଛି। ମଣିଷ ଏକ ସଂସ୍କୃତିସମ୍ପନ୍ନ ସାମାଜିକ ପ୍ରାଣୀ। ଧନଧାନ୍ୟ, ମାନସମ୍ମାନରେ ତା'ର ଯେତିକି ଲୋଭ, ଗୋପଲକ୍ଷ୍ମୀ, ବନ୍ଧୁ ପରିଜନରେ ତା'ର ସେତିକି ଆଦର। ବିଜ୍ଞାନ ତା'ର ବନ୍ଧୁ ପରିଜନର ସଂଜ୍ଞା ବ୍ୟାପକ କରିଛି। ଫେସ୍‌ବୁକ୍, ଟୁଇଟର ପ୍ରଭୃତି ଆଗମନ ପରେ ଖଟିର ସ୍ୱରୂପ ବଦଳି ଯାଇଛି। ସ୍ମାର୍ଟଫୋନ୍, ଇଣ୍ଟରନେଟ୍ ଆଜି ସମୟର ରାଜା। ପରଷି ଦେଉଛନ୍ତି ଖବର, ସମ୍ବେଦନା ନିଜ ରାଜଦଣ୍ଡର କୁହୁକରେ। ଶାସନ କରୁଛନ୍ତି ଆମ ମନ, ମସ୍ତିଷ୍କ ଓ ନିୟନ୍ତ୍ରିତ କରୁଛନ୍ତି ଆମ ଜୀବନଚର୍ଯ୍ୟା।

ଦୁନିଆସାରା ଲୋକଙ୍କ ମଧ୍ୟରେ ଏ ଯେଉଁ ସମ୍ପର୍କର ସେତୁ ସୃଷ୍ଟି ହୋଇପାରିଛି, ତା'ର ପ୍ରମୁଖ ବିନ୍ଧାଣୀ 'ୱେବ୍'(ଡବ୍ଲ୍ୟୁ ଡବ୍ଲ୍ୟୁ ଡବ୍ଲ୍ୟୁ ବା ୱାର୍ଲ୍‌ଡ୍ ୱାଇଡ୍ ୱେବ୍) କହିଲେ ଅତ୍ୟୁକ୍ତି ହେବନାହିଁ। ଇଣ୍ଟରନେଟ୍ ମାଧ୍ୟମରେ ତଥ୍ୟ ଅଧିଗ୍ରହଣ ଓ ପ୍ରସାରଣ ଏହି 'ୱେବ୍' ପାଇଁ ସମ୍ଭବ ହୋଇପାରିଛି। ଜଣେ ଇଂରେଜ ବୈଜ୍ଞାନିକ ସାର୍ ଟିମ୍ ବର୍ଣ୍ଣର୍ସ ଲି ଏହାର ଜନ୍ମଦାତା। ୱେବ୍‌ର ଜନ୍ମଜାତକ ମଧ ବଡ଼ ବିଚିତ୍ର। କଣିକା ବିଜ୍ଞାନ ସମ୍ବନ୍ଧୀୟ ଗବେଷଣା ପାଇଁ ୧୯୫୪ରେ ସୁଇଜରଲାଣ୍ଡ୍‌ର ଜେନେଭାଠାରେ ପ୍ରତିଷ୍ଠିତ ବିଶ୍ୱର ସର୍ବବୃହତ ଓ ସର୍ବୋତ୍ତମ ଗବେଷଣା କେନ୍ଦ୍ର 'ସର୍ଣ୍ଣ'। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ସ୍ନାତକ ପାସ୍ କରିବା ପରେ ଟିମ୍ ବର୍ଣ୍ଣର୍ସ ଲି 'ସର୍ଣ୍ଣ'ରେ ଯୋଗଦେଲେ। କାମ ସେଇ ଧରାବନ୍ଧା। ମନ କିନ୍ତୁ ସର୍ଜନାର ଷଠିଘର। ସେ ଲକ୍ଷ୍ୟକଲେ ବିଶ୍ୱର ବିଭିନ୍ନ ସ୍ଥାନରେ କାମ କରୁଥିବା ୧୦୦ଟି ଦେଶର ୧୭୦୦୦ ବୈଜ୍ଞାନିକ 'ସର୍ଣ୍ଣ'ର କଣିକା ତ୍ୱରକର ତଥ୍ୟ ବ୍ୟବହାର ପାଇଁ ଇଚ୍ଛୁକ। ମାତ୍ର ଉପଯୁକ୍ତ ମାଧ୍ୟମର ଅଭାବ ପାଇଁ ସର୍ଣ୍ଣ କର୍ତ୍ତୃପକ୍ଷ ତାହା ତୁରନ୍ତ ଦେଶବିଦେଶକୁ ପଠାଇପାରୁ ନାହାନ୍ତି। ଏକ ପ୍ରଭାବୀ ଯୋଗାଯୋଗ ମାଧ୍ୟମ ଉଦ୍ଭାବନ ପାଇଁ ତାଙ୍କୁ ଅନୁମତି, ସମୟ ଓ ସଂସାଧନ ପ୍ରଦାନ କରିବା ପାଇଁ ଏକ ରିପୋର୍ଟ ମାଧ୍ୟମରେ ସେ ନିଜ ବସ୍ ମାଇକ୍ ସେଣ୍ଡାଲ୍‌ଙ୍କୁ ଅନୁରୋଧ କଲେ। ମାଇକ୍ ରିପୋର୍ଟଟିରେ ନିଜ ମନ୍ତବ୍ୟ ଲେଖିଲେ, 'ଉତ୍ସାହଜନକ କିନ୍ତୁ ଅସ୍ପଷ୍ଟ' ଓ ରିପୋର୍ଟଟି ଫେରାଇଦେଲେ। କିଛିମାସ ପରେ ସେପ୍ଟେମ୍ବର ୧୯୯୦ରେ ଯେତେବେଳେ କାମ ଟିକିଏ କମ୍ ଥିଲା, ମାଇକ୍, ଟିମ୍‌ଙ୍କୁ ରିପୋର୍ଟ ଉପରେ କାମ କରିବା ପାଇଁ ଅନୁମତି ଦେଲେ। କିନ୍ତୁ ସର୍ତ୍ତ ଏହା 'ସର୍ଣ୍ଣ'ର ପ୍ରସ୍ତାବିତ ପ୍ରକଳ୍ପ ନୁହେଁ। ବର୍ଣ୍ଣର୍ସ ଲି ଡବ୍ଲ୍ୟୁ ଡବ୍ଲ୍ୟୁ ଡବ୍ଲ୍ୟୁ (ୱେବ୍)ବିକଶିତ କରି ୨୩ ଅଗଷ୍ଟ ୧୯୯୧ରେ ସାଧାରଣ ଲୋକଙ୍କ ବ୍ୟବହାର ପାଇଁ ଉନ୍ମୁକ୍ତ କରିପାରିଲେ ଓ ଏହା ଆଜି ବିଶ୍ୱର ଅର୍ଦ୍ଧାଧିକ ଲୋକଙ୍କ ହାତପାହାନ୍ତାରେ। ୱେବ୍ ଆଜି 'ସୂଚନାଯୁଗ'ର କେନ୍ଦ୍ରବିନ୍ଦୁ ହୋଇପାରିଛି। ବିଶ୍ୱର ଯେକୌଣସି ଉଦ୍ଭାବନ ଏତେ ଶୀଘ୍ର, ଏତେ ଅଧିକ ଲୋକଙ୍କ ପାଖରେ ପହଞ୍ଚି ପାରିନାହିଁ । କାରଣ ସାର୍ ଟିମ୍ ବର୍ଣ୍ଣର୍ସ ଲି ଓ ତାଙ୍କ ନିଯୁକ୍ତିଦାତା 'ସର୍ଣ୍ଣ' ୧୯୯୩ ସାଲ୍‌ରେ ୱେବ୍ ପ୍ରୋଟୋକଲ୍ ଓ କୋଡ୍‌କୁ ରୟାଲଟି ମୁକ୍ତ କରିଛନ୍ତି ଓ ବ୍ୟବହାରକାରୀଙ୍କୁ ଏହାର ବ୍ୟବହାର କରିବା ପାଇଁ କୌଣସି ପ୍ରକାରର ଦେୟ ଦେବାକୁ ପଡୁନାହିଁ।



ୱେବ୍ କେବଳ ଯୋଗାଯୋଗକୁ ସୁଗମ କରିନାହିଁ, ବରଂ ଆର୍ଥିକ ଅନ୍ତଃନିବେଶ, ସାମାଜିକ ସଂସ୍କାର, ସାଂସ୍କୃତିକ ସଙ୍ଗମ, ରାଜନୈତିକ ନ୍ୟାୟ ପ୍ରଦାନରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। କୃଷି ଓ କୃଷକର ସମସ୍ୟା, ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷାରେ 'ୱେବ'ର ଭୂମିକା ଅନସ୍ୱୀକାର୍ଯ୍ୟ। ସାମାଜିକ ଗଣମାଧ୍ୟମ ଦ୍ୱାରା ସମାଜର ଶେଷଲୋକର ସ୍ୱର ଶାଣିତ ତଥା ସ୍ପଷ୍ଟ ହୋଇପାରିଛି ଓ ଶୋଷକ ଏହାର ଶବ୍ଦକୁ ଶୁଣିବା ପାଇଁ ବାଧ ହୋଇଛନ୍ତି।

ଇ-କମର୍ସ ଦେଶଗୁଡ଼ିକ ମଧ୍ୟରେ ଶ୍ରମର ସୁଷମ ବଣ୍ଟନ, ବ୍ୟାପାରରେ ମଧ୍ୟସ୍ଥଙ୍କ ସଂଖ୍ୟା ଓ ପ୍ରଭାବ ହ୍ରାସ କରିବା ସହିତ ବିତରଣକୁ ବ୍ୟାପକ ଓ ତ୍ୱରିତ କରିପାରିଛି ବୋଲି ସୁଇଜରଲାଣ୍ଡର ଗବେଷକ କ୍ରୋନ୍ସବ୍ରୁକ୍ ରବର୍ଟ ଲି ମତପୋଷଣ କରିଛନ୍ତି। ଯୋଗାଯୋଗ ମାନ ବୃଦ୍ଧିକରିବା ସହିତ ଉଚ୍ଚମାନର ସୂଚନା ଲାଭ, ସାମାଜିକ ଗଣମାଧ୍ୟମରେ ସମ୍ପର୍କ ଓ ସମ୍ବନ୍ଧ ସ୍ଥାପନ, ସ୍ୱାସ୍ଥ୍ୟ ବିଷୟକ ତଥ୍ୟ ଅଧିଗ୍ରହଣରେ ପ୍ରଭାବଶାଳୀ ଭୂମିକା, କାର୍ଯ୍ୟକ୍ଷେତ୍ରରେ ନମନୀୟତା (ଉଦାହରଣ ୱାର୍କ ଫ୍ରମ୍ ହୋମ୍), ଚିତ୍ତବିନୋଦନ ଓ ଆମୋଦପ୍ରମୋଦର ନୂଆ ସମ୍ଭାବନା, ଶିକ୍ଷାକ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିପାରିଛି 'ୱେବ୍' ଓ ସୂଚନାଯୁଗ।

ସମ୍ପ୍ରତି ଆଉ ଗୋଟିଏ ୱେବ୍‌ବ ବିଶ୍ୱରେ ଚହଳ ପକାଇଛି– ଜେମ୍ସ ୱେବ୍‌ବ ସ୍ପେସ୍ ଟେଲିସ୍କୋପ୍। ଗତ ଜାନୁୟାରୀ ୨୦୨୨ରେ ପୃଥିବୀଠାରୁ ପ୍ରାୟ ୯ଲକ୍ଷ ମାଇଲ୍ ଦୂରରେ ପୃଥିବୀ ଓ ସୂର୍ଯ୍ୟ ମଝିରେ ସ୍ଥାପିତ ୱେବ୍‌ବ ଦୂରବୀକ୍ଷଣଯନ୍ତ୍ର ବ୍ରହ୍ମାଣ୍ଡ ନିରୀକ୍ଷଣରେ ବୈପ୍ଲବିକ ପରିବର୍ତ୍ତନର ବାର୍ତ୍ତା ନେଇ ଆସିଛି। ବର୍ତ୍ତମାନ ପର୍ଯ୍ୟନ୍ତ ସବୁଠାରୁ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ଥିଲା 'ହବ୍‌ଲ ଟେଲିସ୍କୋପ୍' ଯାହା ୨୦ ମେ ୧୯୯୦ଠାରୁ ବ୍ରହ୍ମାଣ୍ଡର କୋଣ ଅନୁକୋଣର ଦୃଶ୍ୟ ଆମକୁ ଦେଖାଇଆସୁଛି। ହବ୍‌ଲ୍‌ର ଦର୍ପଣର ବ୍ୟାସାର୍ଦ୍ଧ ୭ ଫୁଟ ହୋଇଥିବାବେଳେ ୱେବ୍‌ବର ୨୧ ଫୁଟ୍। ହବଲ୍ ଅତିବାଇଗଣି ଓ ଦୃଶ୍ୟମାନ ରଶ୍ମିବିଶ୍ଳେଷଣ ପାଇଁ ସକ୍ଷମ ହୋଇଥିବାବେଳେ ୱେବ୍ ଦୃଶ୍ୟମାନ ଓ ଅବଲୋହିତ ରଶ୍ମିବିଶ୍ଳେଷଣ କରି ଚିତ୍ର ଓ ଚରିତ୍ର ପ୍ରକାଶିତ କରିଥାଏ। ମାତ୍ର କେଇମାସ ଭିତରେ ୱେବ୍‌ବ ଚହଳ ପକାଇଛି। ବୃହସ୍ପତିର ଉତ୍ତର ଓ ଦକ୍ଷିଣ ମେରୁରେ ସୌରଦ୍ୟୁତିର ସଂଘାତର ଚିତ୍ର ଉତ୍ତୋଳନ କରି, ସୌରଦ୍ୟୁତି କିପରି ପୃଥିବୀକୁ ପ୍ରଭାବିତ କରୁଛି, ତାହା ପ୍ରଦର୍ଶିତ କରିଛି ୱେବ୍‌ବ। ଆଗରୁ ସୌରଜଗତ ବାହାରେ ପୃଥିବୀ ପରି ଗ୍ରହ ଥିବାର ଆଶଙ୍କା ବ୍ୟକ୍ତ କରିଥିଲା ଚିଲିଠାରେ ଅବସ୍ଥାପିତ ସ୍ପିଅର୍ ଦୂରବୀକ୍ଷଣଯନ୍ତ୍ର ୨୦୧୭ରେ। ୱେବ୍‌ବ୍ ବୃହସ୍ପତିଠାରୁ ବାରଗୁଣ ବୃହଦାକାର, ଦୁଇଶହ ଲକ୍ଷ ବର୍ଷ ପୁରୁଣା ବହିଃଗ୍ରହ ଏଚ୍.ଆଇ.ପି. ୬୫୪୨୪ର ଅବଲୋହିତ ପ୍ରତିଛବି ଉତ୍ତୋଳନ କରି ଅସମ୍ଭବକୁ ସମ୍ଭବ କରି ଦେଖାଇଛି। କହିବା ବାହୁଲ୍ୟ ଏହି ବହିଃଗ୍ରହ ଆମଠାରୁ ୩୮୫ ଆଲୋକବର୍ଷ ଦୂରରେ ଅବସ୍ଥିତ। ନିକଟସ୍ଥ ନକ୍ଷତ୍ରର ଆଲୋକର ତୀବ୍ରତା ପାଇଁ ଏହା ହବଲକୁ ଦିଶୁ ନ ଥିଲା। ୱେବ୍‌ବ ସ୍ୱୀୟ କରୋନାଗ୍ରାଫ୍ ଦ୍ୱାରା ନିକଟସ୍ଥ ନକ୍ଷତ୍ରରୁ ଆସୁଥିବା ଆଲୋକକୁ ନିରୋଧକରି ଗ୍ରହଟିରୁ ଆସୁଥିବା ଅବଲୋହିତ ରଶ୍ମି ଅଧିଗ୍ରହଣ ଓ ବିଶ୍ଳେଷଣ କରି ସୁନ୍ଦର ଛାୟାଚିତ୍ର ପ୍ରଦାନ କରିଛି ଆମ ଗ୍ରହର ବାସିନ୍ଦାମାନଙ୍କୁ। ଗ୍ରହଟିର ରାସାୟନିକ ସରଞ୍ଜନା ମଧ ଅତିଶୀଘ୍ର ଜଣାପଡ଼ିବ। ୱେବ୍‌ବ, ଡବ୍ଲ୍ୟୁ ଆର୍. ୧୪୦ ନାମକ ନକ୍ଷତ୍ରର ଚତୁର୍ପାର୍ଶ୍ୱରେ ବିଚ୍ଛୁରିତ ବୃତ୍ତାକାର ପରିଦୃଶ୍ୟକୁ ପ୍ରତିଛବି ମାଧ୍ୟମରେ ପରିପ୍ରକାଶକରି ବୈଜ୍ଞାନିକମାନଙ୍କୁ ଦ୍ୱନ୍ଦ୍ୱରେ ପକାଇଦେଇଛି– ଏଗୁଡ଼ିକ କ'ଣ ଓ କାହିଁକି? ଆର୍ଯ୍ୟଭଟ୍ଟ, ଗାଲିଲିଓ, ପଠାଣିସାମନ୍ତ, ଏଡୱିନ୍ ହବଲ୍ ପ୍ରମୁଖ ଅନେକ ଯୁଗଦ୍ରଷ୍ଟା ପ୍ରତ୍ୟକ୍ଷ ଦେଖିବା ଦ୍ୱାରା ଯାହା ସବୁ କହିଥିଲେ, ୱେବ୍‌ବ ମାଧ୍ୟମରେ ପ୍ରତ୍ୟକ୍ଷ ଅନୁଭବ କରି ଆମ ସମୟର ଜ୍ୟୋତିର୍ବିଜ୍ଞାନୀମାନେ ଆହୁରି ଅନେକ ଅଜଣା ତଥ୍ୟ ଦେବେ। ୱେବ୍ ଯେମିତି ପାର୍ଥିବ ଦୁନିଆକୁ ହାତପାହାନ୍ତାକୁ ଆଣିପାରିଛି, ୱେବ୍‌ବ ସେମିତି ବ୍ରହ୍ମାଣ୍ଡକୁ ଦେଖାଇବ। ଅନୁସନ୍ଧାନ କାଳଜୟୀ ହେବ, ଅନୁଭୂତି ରୋମାଞ୍ଚକର ହେବ।

**ଅଧ୍ୟାପକ, ହିମାଚଳ ପ୍ରଦେଶ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଧର୍ମଶାଳା**
**ମୋ:୭୯୭୮୪୨୧୮୩୫**

# ଆତ୍ମହତ୍ୟା ଏକ ଗମ୍ଭୀର ସମସ୍ୟା



ଡା. ସତ୍ୟକାମ ମହାପାତ୍ର

ସାରା ବିଶ୍ୱରେ ପ୍ରତି ବର୍ଷ ଦଶ ଲକ୍ଷ ଲୋକ ଆତ୍ମହତ୍ୟା କରି ମୃତ୍ୟୁବରଣ କରିଥାନ୍ତି। ଭାରତବର୍ଷରେ ଆତ୍ମହତ୍ୟାର ସ୍ଥିତି ଆହୁରି ଭୟାନକ। ରାଷ୍ଟ୍ରୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ରିପୋର୍ଟ ଅନୁସାରେ ୨୦୨୧ରେ ଭାରତରେ ୧,୬୪,୦୦୦ ଲୋକ ଆତ୍ମହତ୍ୟା କରି ମୃତ୍ୟୁବରଣ କରିଛନ୍ତି। ଏଥିମଧ୍ୟରୁ ଓଡ଼ିଶାରେ ୫୬୫୦ଜଣ ଆତ୍ମହତ୍ୟା କରି ମୃତ୍ୟୁବରଣ କରିଛନ୍ତି। ଆତ୍ମହତ୍ୟାର ଜାତୀୟ ହାର ୧୨ ପ୍ରତିଶତ ଥିବାବେଳେ ଓଡ଼ିଶାରେ ଏହା ୧୨.୩ ପ୍ରତିଶତ। ଅର୍ଥାତ ଓଡ଼ିଶାର ଆତ୍ମହତ୍ୟା ହାର ଜାତୀୟ ହାରଠାରୁ ଅଧିକ। ଯେତେ ସଂଖ୍ୟାର ଲୋକ ଆତ୍ମହତ୍ୟା କରି ମୃତ୍ୟୁବରଣ କରୁଛନ୍ତି ତାହାର କୋଡିଏ ଗୁଣ ଲୋକ ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି। ଅର୍ଥାତ ପ୍ରତି ୪୦ ସେକେଣ୍ଡରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରି ମୃତ୍ୟୁବରଣ କରୁଥିଲା ବେଳେ ପ୍ରତି ୩ ସେକେଣ୍ଡରେ ଜଣେ ବ୍ୟକ୍ତି ଆତ୍ମହତ୍ୟା ଉଦ୍ୟମ କରୁଛି।

ଭାରତରେ ମୋଟ ଆତ୍ମହତ୍ୟା ମଧ୍ୟରୁ ୬୭ ପ୍ରତିଶତ ଲୋକ କେବଳ ଯୁବବର୍ଗର (୧୮ ରୁ ୪୫ ବର୍ଷ)। ୧୫ ରୁ ୨୪ ବର୍ଷ ବୟସ ଭିତରେ ମୃତ୍ୟୁର ସବୁଠାରୁ ପ୍ରମୁଖ କାରଣ ହେଲା ଆତ୍ମହତ୍ୟା। ସାରା ବିଶ୍ୱର ଯୁବତୀ ଓ ଯୁବକମାନଙ୍କ ମଧ୍ୟରୁ ଭାରତୀୟ ଯୁବତୀ ଓ ଯୁବକମାନେ ସର୍ବାଧିକ ସଂଖ୍ୟାରେ ଆତ୍ମହତ୍ୟା କରିଥାନ୍ତି। ୨୦୨୧ରେ ୧୧,୦୦୦ ଅଠର ବର୍ଷରୁ କମ୍ ପିଲା ଏବଂ କିଶୋର ଓ କିଶୋରୀମାନେ ଆତ୍ମହତ୍ୟା କରି ମୃତ୍ୟୁବରଣ କରିଛନ୍ତି। ଏହି ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ୨୦୨୦ ଅପେକ୍ଷା ୨୦୨୧ରେ ଆତ୍ମହତ୍ୟା ୭ ପ୍ରତିଶତ ବୃଦ୍ଧି ପାଇଛି। ଭାରତକୁ ଏବେ ବିଶ୍ୱର ଆତ୍ମହତ୍ୟାର ରାଜଧାନୀ ବୋଲି କୁହାଯାଉଛି।

ଆମ ଦେଶର ଲୋକମାନେ ବିଭିନ୍ନ କାରଣରୁ ଆତ୍ମହତ୍ୟା କରିଥାନ୍ତି। ୨୦୨୧ରେ ଭାରତରେ ଆତ୍ମହତ୍ୟାର ପ୍ରମୁଖ କାରଣ ହେଲା ପାରିବାରିକ ସମସ୍ୟା (କଳହ) (୩୪%), ବିଭିନ୍ନ ରୋଗ(୧୯%) (ମାନସିକ ସମସ୍ୟା, ବିଭିନ୍ନ ଦୁରାରୋଗ୍ୟ), ବିଭିନ୍ନ ନିଶାଦ୍ରବ୍ୟ ସେବନ (୭%), ବୈବାହିକ ସମ୍ପର୍କରେ ଅସ୍ଥିରତା (୫%), ପ୍ରେମଜନିତ ସମସ୍ୟା (୫%), ଆର୍ଥିକ ସଙ୍କଟ(୪%), ବେରୋଜଗାର(୨%), ପରୀକ୍ଷାରେ ଖରାପ ପ୍ରଦର୍ଶନ, ଚାକିରିଜନିତ ସମସ୍ୟା ଓ ଆତ୍ମୀୟ ଲୋକର ହଠାତ ମୃତ୍ୟୁ ଆଦି। ଜୀବନରେ ଘଟୁଥିବା ଏସବୁ କଠିନ ଓ ଅସୁବିଧାଜନକ ଘଟଣାବଳୀ ମାନସିକ ଚାପ ସୃଷ୍ଟି କରିଥାଏ। ଯେଉଁମାନେ ଏହି ମାନସିକ ଚାପର ଠିକ୍ ମୁକାବିଲା କରିପାରନ୍ତି ନାହିଁ, ସେମାନେ ମୁଖ୍ୟତଃ ଆତ୍ମହତ୍ୟା ଉଦ୍ୟମ କରିଥାନ୍ତି। କେତେକ ବ୍ୟକ୍ତି ହଠାତ ଭାବପ୍ରବଣତା ଓ ଆବେଗପ୍ରବଣତାର ଶିକାର ହୋଇ ଆତ୍ମହତ୍ୟା କରିଥାନ୍ତି। ଆଧୁନିକ ଭାରତୀୟ ସମାଜରେ ଯୌଥ ପରିବାରର ପରମ୍ପରା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଲାଣି। ଏହାଛଡ଼ା ଉଭୟ ମାତାପିତା ଚାକିରି କରିବାର ଚଳଣି ବଢ଼ିବାରେ ଲାଗିଲାଣି। ଉଭୟ କାରଣ ଯୋଗୁ କିଶୋର ଓ କିଶୋରୀମାନେ ନିଜ ମନର ଭାବନା ଏବଂ ବେଦନାର ଆଦାନ ପ୍ରଦାନ କରିବା ନିମନ୍ତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଯାହାଫଳରେ ସେମାନଙ୍କ ଉପରେ ମାନସିକ ଚାପ ବଢ଼ିବାରେ ଲାଗୁଛି ଏବଂ ସେମାନେ ଆତ୍ମହତ୍ୟାର ଉଦ୍ୟମ କରୁଛନ୍ତି।

ଯୁବତୀ ଓ ଯୁବକମାନଙ୍କଠାରେ ଆତ୍ମହତ୍ୟା ଅଧିକ ମାତ୍ରାରେ ଦେଖାଯାଉଛି। ଏହାର ମୁଖ୍ୟ



କାରଣଗୁଡ଼ିକ ହେଲା ପାଠପଢ଼ାର ଚାପ, ଅଭିଭାବକଙ୍କ ଆଶାନୁଯାୟୀ ପରୀକ୍ଷାରେ ଅଧିକ ନମ୍ବର ରଖିବାର ଚାପ, ପ୍ରେମ ସମ୍ପର୍କରେ ଅସଫଳ ହେବା ଓ ଭଲ ଚାକିରି ନ ପାଇବା ଆଦି। ସେମାନେ ଚାକିରି କ୍ଷେତ୍ରରେ ଅତ୍ୟଧିକ କାର୍ଯ୍ୟଭାରର ସମ୍ମୁଖୀନ ମଧ ହେଉଛନ୍ତି। ଏହିସବୁ ସମସ୍ୟା ସେମାନଙ୍କଠାରେ ମାନସିକ ଦୁଶ୍ଚିନ୍ତା ସୃଷ୍ଟି କରୁଛି। କେତେକ ଯୁବତୀ ଓ ଯୁବକ ଏହି ମାନସିକ ଦୁଶ୍ଚିନ୍ତାର ମୁକାବିଲା ସଫଳତାର ସହିତ କରିପାରୁ ନାହାନ୍ତି ଏବଂ ନିଜ ମନର ଭାବନା ଓ ଆବେଗକୁ ଠିକ୍ ଭାବରେ ନିୟନ୍ତ୍ରଣ କରିପାରୁ ନାହାନ୍ତି, ଯାହା ଫଳରେ ସେମାନେ ଆତ୍ମହତ୍ୟା କରୁଛନ୍ତି।

ଗତ ଅଢ଼େଇ ବର୍ଷ ହେବ କରୋନା ମହାମାରୀ ଦ୍ୱାରା ଭାରତବର୍ଷରେ ଲୋକମାନଙ୍କ ମଧ୍ୟରେ ଆତ୍ମହତ୍ୟାପ୍ରବଣତା ଅଧିକ ମାତ୍ରାରେ ବୃଦ୍ଧି ପାଇଛି। ବିଭିନ୍ନ ମାନସିକ ସମସ୍ୟା ଯୋଗୁ ଅନେକ ଲୋକ ଆତ୍ମହତ୍ୟା କରୁଛନ୍ତି। ଏଥିମଧ୍ୟରୁ ପ୍ରମୁଖ ମାନସିକ ସମସ୍ୟାଗୁଡ଼ିକ ହେଲା ଅବସାଦ(ଡିପ୍ରେସନ), ସ୍କିଜୋଫ୍ରେନିଆ, ମାନସିକ ଉଦ୍‌ବେଗ(ଆଙ୍ଗଜାଇଟି) ଓ ବାଇପୋଲାର ରୋଗ ଆଦି। ବିଭିନ୍ନ ପ୍ରକାରର ନିଶା ସେବନ ଯଥା ମଦ୍ୟପାନ, ଗଞ୍ଜେଇ ଓ ନିଦ ଟାବ୍ଲେଟ ଆଦି ଆତ୍ମହତ୍ୟା ପ୍ରବଣତାକୁ ଆହୁରି ବଢ଼ାଇ ଦେଇଥାଏ। ଆତ୍ମହତ୍ୟା କରିବାର ଯଥେଷ୍ଟ ପୂର୍ବରୁ ବ୍ୟକ୍ତି ଏହା ସମ୍ବନ୍ଧରେ ନିଜ ନିକଟତର ଲୋକଙ୍କୁ କିଛି ନା କିଛି ପ୍ରାକ୍ ସୂଚନା ଦେଇଥାଏ। ଯେଭଳି କି ବ୍ୟକ୍ତି ଅନ୍ୟମାନଙ୍କ ସହ ମିଳାମିଶା କରେ ନାହିଁ, ଏକୁଟିଆ ରହିବାକୁ ବେଶି ପସନ୍ଦ କରିଥାଏ, ନିଜର ଦୈନନ୍ଦିନ କାମ ଠିକ୍‌ସେ କରେନାହିଁ, ରାତିରେ ଅନିଦ୍ରା ରହେ, ଖାଦ୍ୟ ଖାଇବା କମିଯାଏ, ଅତି ଛୋଟ ଛୋଟ କଥାରେ ଭାବ ବିହ୍ୱଳିତ ହୋଇଯାଏ, କାନ୍ଦି ପକାଏ, ପରିବାରର ଲୋକଙ୍କ ସହିତ ଜୀବନ ଓ ମୃତ୍ୟୁ ବିଷୟରେ ଆଲୋଚନା କରେ, ଇଣ୍ଟରନେଟରୁ ଆତ୍ମହତ୍ୟା ବିଷୟରେ ସର୍ଚ୍ଚ କରେ। ଯଦି ପରିବାରର କୌଣସି ଲୋକଠାରେ ଏସବୁ ଲକ୍ଷଣ ଆପଣ ଦେଖନ୍ତି ତେବେ ତୁରନ୍ତ ତାଙ୍କୁ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ନିଅନ୍ତୁ।

ନିଜ ମନରେ ଆତ୍ମହତ୍ୟାର ଚିନ୍ତା ଆସିଲେ ଆପଣ ନିଜ ମନର କଥା ନିକଟତର ଲୋକଙ୍କୁ ଜଣାନ୍ତୁ। ନିଜର ଅସୁବିଧା ସମ୍ବନ୍ଧରେ ଅନ୍ୟମାନଙ୍କ ସହିତ ବିଚାରବିମର୍ଶ କରନ୍ତୁ। ଏହି ସମୟରେ ଅନ୍ୟମାନଙ୍କର ସାହାଯ୍ୟ ନେବାକୁ କୁଣ୍ଠାବୋଧ କରନ୍ତୁ ନାହିଁ। ଭାବପ୍ରବଣ ହୋଇ ହଠାତ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଏହି ସମୟରେ ଧୈର୍ଯ୍ୟର ସହିତ ସମସ୍ତ କାମ କରନ୍ତୁ। ଯୁବତୀ ଓ ଯୁବକମାନେ ନିଜ ମଧ୍ୟରେ ଆତ୍ମବିଶ୍ୱାସ ଓ ଆତ୍ମସଂଯମତା ବଢ଼ାଇବା ଉଚିତ। ଏହାଛଡ଼ା ସକାରାତ୍ମକ ମନୋଭାବ ନେଇ ସମସ୍ତ କାମ କରିବା ଉଚିତ। ଜୀବନରେ ଦେଖାଦେଉଥିବା ଅସୁବିଧାଗୁଡ଼ିକୁ ସମାଧାନ କରିବାର କୌଶଳ ବି ଶିଖନ୍ତୁ।

ପ୍ରତି ବର୍ଷ ସେପ୍ଟେମ୍ବର ୧୦ରେ ବିଶ୍ୱ ଆତ୍ମହତ୍ୟା ନିରୋଧକ ଦିବସ ପାଳନ କରାଯାଇଥାଏ। ଏହି ଦିବସର ପ୍ରମୁଖ୍ୟ ଲକ୍ଷ୍ୟ ହେଲା ଲୋକଙ୍କ ମଧ୍ୟରେ ଆତ୍ମହତ୍ୟା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ଓ ଆତ୍ମହତ୍ୟା ସହିତ ଗଭୀର ଭାବେ ଜଡ଼ିତ ମାନସିକ ସମସ୍ୟା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା। ଯଦି ଆମେ ସମସ୍ତେ ଆତ୍ମହତ୍ୟା ପ୍ରତି ସଚେତନ ରହିବା ତେବେ ଅନେକ ମୂଲ୍ୟବାନ ଜୀବନ ରକ୍ଷା କରାଯାଇପାରିବ।

**ସହକାରୀ ପ୍ରଫେସର, ମାନସିକ ରୋଗ ବିଭାଗ, ଏସ୍‌ସିବି ମେଡିକାଲ କଲେଜ, କଟକ**
**ମୋ– ୮୪୫୬୯୧୫୫୦୬**

## ଏଇ ଭାରତରେ

ବିନା ଚାରାରେ ଅଭିନବ ପଦ୍ଧତିରେ ଜଙ୍ଗଲ ସୃଷ୍ଟି କରୁଛନ୍ତି ମହାରାଷ୍ଟ୍ର ଲାତୁରର ଅଦିତି ପାଟିଲ। ଉଦ୍‌ଗିରରେ ରୁହନ୍ତି ୩୦ ବର୍ଷୀୟ ଅଦିତି। ସେ ୨୦୧୮ରେ ସିଡ୍‌ବଲ ଅଭିଯାନ ଆରମ୍ଭ କରିଥିଲେ। ତାଙ୍କ ସଂସ୍ଥା କାରୱାଁ ମାଧ୍ୟମରେ ୪ ବର୍ଷରେ ବିଭିନ୍ନ ସ୍ଥାନରେ ଜଙ୍ଗଲ ସୃଷ୍ଟି କରୁଛନ୍ତି। ସେ ସୃଷ୍ଟି କରିଥିବା ଦୁଇଟି ଛୋଟ ଜଙ୍ଗଲରେ ୧୨୦୦ରୁ ଅଧିକ ଗଛ ରହିଛି। ଅଦିତି ଲାତୁର ଜିଲାର ୧୫୦ରୁ ଊର୍ଦ୍ଧ୍ୱ ସ୍କୁଲରେ ୧୫,୦୦୦ରୁ ଅଧିକ ପିଲାଙ୍କୁ ସିଡ୍‌ବଲ ଅଭିଯାନରେ ଯୋଡ଼ିବାରେ ସକ୍ଷମ ହୋଇଛନ୍ତି। ସିଡ୍‌ବଲ ଜାପାନୀ ବୈଜ୍ଞାନିକ ମାସାନୋବୁ ଫୁକୁଓକାଙ୍କ ଟେକ୍‌ନିକ। ଏହି ପଦ୍ଧତିରେ ପରିବା ଓ ଫଳ ମଞ୍ଜିକୁ ଏକାଠି କରି ମାଟିର ବଲ ତିଆରି କରାଯାଏ। ସେଥିରେ ମଞ୍ଜି ସୁରକ୍ଷିତ ରହିଥାଏ। ଉକ୍ତ ବଲ୍‌କୁ ଜଙ୍ଗଲ କରିବାକୁ ଥିବା ନିର୍ଦ୍ଧାରିତ ଅଞ୍ଚଳରେ ଫିଙ୍ଗି ଦିଆଯାଏ। ବର୍ଷା ହେଲା ପରେ ତାହା ଖୋଲିଯାଏ ଓ ଗଛ ବଢ଼ିବାରେ ଲାଗେ। ପ୍ରତିଟି ସିଡ୍‌ବଲ ପାଇଁ ୧୦ ଟଙ୍କା ଖର୍ଚ୍ଚ ହେଉଛି। ଏବେ ସୁଦ୍ଧା ଅଦିତି ଓ ତାଙ୍କ ସାଥୀମାନେ ୬୦ ହଜାରରୁ ଊର୍ଦ୍ଧ୍ୱ ସିଡ୍‌ବଲ ତିଆରି କରିସାରିଛନ୍ତି। ସେ ଅନ୍‌ଲାଇନରେ ମଧ ସିଡ୍‌ବଲ ତିଆରି କରିବାର କୌଶଳ ସମ୍ପର୍କରେ ଶିକ୍ଷା ଦେଉଛନ୍ତି। ଏହା ବ୍ୟତୀତ ସିଡ୍‌ବଲ ମାଧ୍ୟମରେ ଜଙ୍ଗଲ ସୃଷ୍ଟି କରିବା ଲାଗି ସେ ଓ ତାଙ୍କ ସାଥୀମାନେ ୭୨୫ କି.ମି. ସାଇକେଲ ଯାତ୍ରା ମଧ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ସେପ୍ଟେମ୍ବର ୧୯୯୭

- ନରୱେ ଉପକୂଳରେ ତୈଳ କ୍ଷେତ୍ରକୁ ଯାଉଥିବା ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୧୨ ନିହତ।
- ଅଯୋଧାର ବାବ୍ରୀ ମସଜିଦ୍ ଭଙ୍ଗା ଘଟଣାରେ ଅଦାଲତ ପକ୍ଷରୁ ଶିବସେନା ମୁଖ୍ୟ ବାଲ୍ ଠାକ୍‌ରେ, ଭାଜପା ସଭାପତି ଏଲ୍.କେ. ଆଡଭାନୀ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂଙ୍କ ସମେତ ୪୯ ଜଣ ବ୍ୟକ୍ତିଙ୍କ ବିରୁଦ୍ଧରେ ମକଦ୍ଦମା ରୁଜୁ।
- ତାମିଲ ମାନିଲା କଂଗ୍ରେସ (ଟିଏମ୍‌ସି)ର ଅଧ୍ୟକ୍ଷ ଜି.କେ. ମୁପ୍ପାନାର, କେନ୍ଦ୍ର ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଜୟନ୍ତୀ ନଟରାଜନ ଏବଂ ସାଂସଦ ପିଟର ଆଇଫୋନାଜେଙ୍କ ରାଜ୍ୟସଭାରୁ ଇସ୍ତଫା।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 7 | |
| | | | 8 | | | 6 | | |
| | 4 | | 6 | 3 | 5 | 8 | | |
| | | | | 7 | | 9 | | |
| 2 | | | | | | | 1 | |
| | 3 | | | 9 | 2 | | 6 | |
| 9 | | | 5 | 4 | | | | |
| | 1 | 4 | | | | | | 8 |
| | | 3 | | | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 3 | 4 | 2 | 5 | 9 | 8 | 7 |
| 7 | 8 | 2 | 1 | 3 | 9 | 6 | 5 | 4 |
| 4 | 5 | 9 | 6 | 7 | 8 | 1 | 2 | 3 |
| 8 | 2 | 1 | 7 | 5 | 4 | 3 | 6 | 9 |
| 6 | 9 | 7 | 8 | 1 | 3 | 2 | 4 | 5 |
| 3 | 4 | 5 | 2 | 9 | 6 | 8 | 7 | 1 |
| 2 | 7 | 4 | 9 | 8 | 1 | 5 | 3 | 6 |
| 5 | 1 | 6 | 3 | 4 | 2 | 7 | 9 | 8 |
| 9 | 3 | 8 | 5 | 6 | 7 | 4 | 1 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀରାମ କାହାର

ମହାଶୟ,

୨୦୧୯ ସାଧାରଣ ନିର୍ବାଚନରେ ଭାଜପା ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲା ବେକାରି ଦୂରୀକରଣ, ଦାରିଦ୍ର୍ୟ ଦୂରୀକରଣ, ଦରଦାମ ନିୟନ୍ତ୍ରଣ କରିବ। କିନ୍ତୁ ଦୁଇ ପର୍ଯ୍ୟାୟରେ ଆଠବର୍ଷ ଶାସନକାଳ ମଧ୍ୟରେ ଗୋଟିଏ ମଧ ପ୍ରତିଶ୍ରୁତି ପାଳନ ହୋଇ ନ ପାରିବାରୁ ଭାଜପା ରାମ ମନ୍ଦିର ବିରୋଧୀ ଅଭିଯୋଗ କଂଗ୍ରେସ ଦଳ ଉପରେ ଆଣିଛି। କିନ୍ତୁ ଏ ସୃଷ୍ଟିରେ ଏକମାତ୍ର ମର୍ଯ୍ୟାଦାବାନ୍ ପୁରୁଷଶ୍ରେଷ୍ଠ ପ୍ରଥମରୁ ତ୍ୟାଗୀ ଭାବେ ରାଜଗାଦି ମୋହ ତ୍ୟାଗ କରି ପିତୃ ସତ୍ୟ ପାଳନ କରି ବନବାସ ଆଦରି ନେଲେ। ତାଙ୍କୁ ଅନୁସରଣ କରୁଥିବା ଅଯୋଧାବାସୀଙ୍କ ଅନୁରୋଧ ପ୍ରତ୍ୟାଖ୍ୟାନ କରିଥିଲେ। ଚିତ୍ରକୂଟରେ ଥିବା ସମୟରେ ଭରତ ଭାଇଙ୍କୁ ଫେରାଇ ଆଣିବାକୁ ଯାଇ ନିରାଶ ହୋଇଥିଲେ। ସେହି ରାମ ଠାକୁରଙ୍କୁ ଭାଜପା ଏକଚାଟିଆ ଭାବେ ନିଜର ଭାବି ଅନ୍ୟ ରାମ ଭକ୍ତମାନଙ୍କୁ ଭୁଲ ବୁଝୁଛି। ପ୍ରଭୁ ରାମଚନ୍ଦ୍ରଙ୍କୁ ଅବମୂଲ୍ୟାୟନ କରି ଭାଜପା କ୍ଷମତା ପାଇଁ ବାଜି ଲଗାଉଥିବାରୁ ଏହା ଗ୍ରହଣୀୟ ନୁହେଁ।

**–ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆଜି ଖାଲି କହେ କଥା
ଚଉପାଶେ ନୀରବତା
ହୃଦୟର ଦୁକୁ ଦୁକୁ ଶୁଭଇ
ନିଃଶ୍ୱାସ ଅତି ଧୀରେ ରାବଇ।
–(ଶରତ–ସନ୍ଧ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ତୁଳା ଆମଦାନୀ ଲାଗି ଅନୁରୋଧ କଲା ପାକିସ୍ତାନ

**ନୂଆଦିଲ୍ଲୀ:** ଗତ ମାସ ପାକିସ୍ତାନରେ ପ୍ରଳୟଙ୍କରୀ ବନ୍ୟା ଯୋଗୁଁ ପାକିସ୍ତାନ ବୟନ ଶିଳ୍ପରେ ବ୍ୟାପକ ସମସ୍ୟା ସୃଷ୍ଟି ହୋଇଥିବା ଜଣାପଡଇଛି। ଏଭଳି ପରିସ୍ଥିତିରୁ ମୁକିଳିବା ପାଇଁ ଭାରତରୁ ତୁଳା ଆମଦାନୀ କରିବା ଲାଗି ଅନୁମତି ଦେବା ପାଇଁ ପାକସ୍ଥାନର ବାଣିଜ୍ୟ ସଙ୍ଗଠନ ସରକାରଙ୍କୁ ନିବେଦନ କରିଛି। ବିଶେଷ କରି ସିନ୍ଧ୍ ଓ ପଞ୍ଜାବ ପ୍ରଦେଶରେ ତୁଳା ଉତ୍ପାଦନକାରୀମାନେ ଭୀଷଣ କ୍ଷତିଗ୍ରସ୍ତ ହୋଇଥିବାରୁ ରପ୍ତାନି ଚାହିଦା ମେଣ୍ଟାଇବା ପାଇଁ 'ପାକିସ୍ତାନ ଟେକ୍ସଟାଇଲ୍ ଏକ୍ସପୋର୍ଟ ଆସୋସିଏନ୍' ଭାରତ ସହ ୱାଘା ଜରିଆରେ ବାଣିଜ୍ୟ ପ୍ରସ୍ତାବ ଦେଇଥିବା ଏକ ଜାତୀୟ ଗଣମାଧମରେ ଚର୍ଚ୍ଚା ସହ ଏକ ରିପୋର୍ଟ ପାଇଛି।

## ଆଇଫୋନ୍ ତିଆରି କରିବ ଟାଟା

**ନୂଆଦିଲ୍ଲୀ,୯।୯:** ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ଟାଟା ବିଶ୍ୱର ସବୁ ଠାରୁ ସୌଖୀନ ଫୋନ ଆଇଫୋନ୍ ତିଆରି କରିବ ବୋଲି ଚର୍ଚ୍ଚା ହେଉଛି। ଏପରିକି ଭାରତରେ ଆଇଫୋନ୍ ଆସମ୍ୱଲ କରିବାକୁ ଟାଟା କମ୍ପାନୀ ବିଭିନ୍ନ ସ୍ତରରେ ଆଲୋଚନା ଆରମ୍ଭ କରିଛି। ତେବେ ଏପର୍ଯ୍ୟନ୍ତ ତାଇୱାନ କମ୍ପାନୀ ଫକ୍ସକନ ଓ ୱିଷ୍ଟ୍ରନ୍ ଭାରତ ଓ ଚୀନରେ ଆଇଫୋନ ଆସମ୍ୱଲ କରୁଥିଲେ। ହେଲେ ଅଧିକାଂଶ ଆଇ ଫୋନ ଚୀନରେ ତିଆରି ହୋଇ ଭାରତକୁ ରପ୍ତାନୀ କରାଯାଉଥିଲା। ବର୍ତ୍ତମାନ ଭାରତରେ ଆଇଫୋନକୁ ଆସମ୍ୱଲ କରିବାକୁ ଟାଟା ଆଗଭର ହୋଇଥିବା ଜଣାପଡିଛି। ଏପରିକି ଟାଟା ଗ୍ରୁପ୍ ତାଇୱାନୀ କମ୍ପାନୀ ସହ ଆଲୋଚନା ଜାରି ରଖିଛି। ଉଭୟ କମ୍ପାନୀ ମିଶି ଭାରତରେ ମେନୁଫେକ୍ଚର ଜଏଣ୍ଟ ଭେଞ୍ଚର ଆରମ୍ଭ କରିବେ ବୋଲି ଚର୍ଚ୍ଚା ହେଉଛି। ଉଭୟ କମ୍ପାନୀ ମିଶି ଦକ୍ଷିଣ ଏସିଆ ରାଷ୍ଟ୍ରଗୁଡ଼ିକରେ ଆଇଫୋନ୍ ନିର୍ମାଣକାରୀ ପ୍ଲାଣ୍ଟ ବସାଇବେ ବୋଲି କୁହାଯାଉଛି। ଏହା ବି ଶୁଣିବାକୁ ମିଳୁଛି ଯେ ଟାଟା ୱିଷ୍ଟ୍ରନ୍ କର୍ପ କମ୍ପାନୀର ଇକ୍ୱିଇଟି କିଣିବାକୁ ଆଲୋଚନା କରୁଛି। ଯଦି ଏହା ସଫଳ ହେଲା ତେବେ ଆଇଫୋନ୍ ତିଆରି କରିବାରେ ଟାଟା ପ୍ରଥମ ଭାରତୀୟ କମ୍ପାନୀ ହେବ। ତେବେ ଟାଟା ଗ୍ରୁପର ଚେୟାର ମ୍ୟାନ୍ ନଟରାଜନ ଚନ୍ଦ୍ରଶେଖରନ କହିଛନ୍ତି, ଇଲେକ୍ଟ୍ରୋନିକ ଓ ହାଇଟେକ୍ ମେନୁଫେକ୍ଚରିଂ ଉପରେ କମ୍ପାନୀ ଅଧିକ ଗୁରୁତ୍ୱ ଦେଉଛି। ଏଥିରୁ ଜଣାପଡୁଛି ଯେ କମ୍ପାନୀ ଏବେ ଫୋନ୍ ମେନୁ ଫେକ୍ୟାଚରକୁ ଓହ୍ଲାଇବ।

# ସମ୍ମାନ, ସ୍ୱୀକୃତି ଅନୁଷ୍ଠାନକୁ ଆଗକୁ ନେଇଥାଏ: ଅଚ୍ୟୁତ

## କିସ୍‌କୁ ୟୁନେସ୍କୋ ଅନ୍ତର୍ଜାତୀୟ ଲିଟେରାସି ଆୱାର୍ଡ




**ଭୁବନେଶ୍ୱର,୯।୯**

ସର୍ବବୃହତ୍ ଜନଜାତି ଶିକ୍ଷାନୁଷ୍ଠାନ କିସ୍‌କୁ ବିଶ୍ୱର ସର୍ବଶ୍ରେଷ୍ଠ ଶିକ୍ଷା ସମ୍ମାନ ପ୍ରଦାନ କରାଯାଇଛି। ବିଶେଷକରି ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କିସ୍‌କୁ ୟୁନେସ୍କୋ ଅନ୍ତର୍ଜାତୀୟ ଲିଟେରାସି ପୁରସ୍କାର-୨୦୨୨ ଭଳିଏକ ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଜନଜାତି 'ପିଲାଙ୍କ ମଧ୍ୟରେ ମାତୃଭାଷା ଭିତ୍ତିକ ବହୁଭାଷୀ ଶିକ୍ଷା' କାର୍ଯ୍ୟକ୍ରମ ପାଇଁ ଏହି ସମ୍ମାନଜନକ ପୁରସ୍କାର କିସ୍‌କୁ ପ୍ରଦାନ କରାଯାଇଛି। ପ୍ରତ୍ୟେକ ବର୍ଷ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଅବସରରେ ୟୁନେସ୍କୋ କିଂ ସେଜଂ ଲିଟେରାସି ପ୍ରାଇଜ୍ ନାମରେ ନାମିତ ଏହି ସମ୍ମାନଜନକ ଅନ୍ତର୍ଜାତୀୟ ପୁରସ୍କାର ବିଶ୍ୱର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନକୁ ପ୍ରଦାନ କରିଥାଏ। ଏହି ଅନ୍ତର୍ଜାତୀୟ ଶିକ୍ଷା ପୁରସ୍କାର ପାଇବାରେ କିସ୍ ବିଶ୍ୱର ପ୍ରଥମ ଜନଜାତି ଅନୁଷ୍ଠାନ ହୋଇଥିବା ବେଳେ ଭାରତର ସମସ୍ତ ଘରୋଇ ଓ ସରକାରୀ ଅନୁଷ୍ଠାନ କ୍ଷେତ୍ରରେ ୫ମ ଅନୁଷ୍ଠାନ ଓ ତୃତୀୟ ଏନ୍‌ଜିଓ ସଂସ୍ଥା ବୋଲି ଶୁକ୍ରବାର ସ୍ଥାନୀୟ ଜୟଦେବ ବିହାରର ଏକ ହୋଟେଲ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କିସ୍ ଓ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସୂଚନା ଦେଇଥିଲେ। ସେହିପରି କିସ୍ ହେଉଛି ଭାରତର ଏକମାତ୍ର ଶିକ୍ଷାନୁଷ୍ଠାନ, ଯାହାକି ୨୦୧୩ରେ କିସ୍ ମାତୃଭାଷା ଭିତ୍ତିକ ବହୁଭାଷୀ ପ୍ରାଥମିକ ଶ୍ରେଣୀଗୃହ ଶିକ୍ଷାଦାନ ପ୍ରଣାଳୀ ଆରମ୍ଭ କରିଥିଲା। ଏପରିକି ସମ୍ମାନ ଓ ସ୍ୱୀକୃତି ଗୋଟିଏ ଅନୁଷ୍ଠାନକୁ ବଳ ଯୋଗାଇବା ସହ ଆଗକୁ ମଧ୍ୟ ନେଇଥାଏ। ପ୍ରଥମ ଶ୍ରେଣୀରେ ନାମ ଲେଖାଉଥିବା ଶିଶୁମାନଙ୍କୁ ସେମାନଙ୍କ କଥିତ ଓ ପ୍ରଚଳିତ ଭାଷାରେ ଶିକ୍ଷାଦାନ କରାଯାଇଥାଏ। ଫଳରେ ସେମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧି ପାଇଥାଏ। ପର୍ଯ୍ୟାୟକ୍ରମେ ସେମାନଙ୍କୁ ବହିରେ ଲିଖିତ ଭାଷା ବ୍ୟବହାର ସହ ଅଭ୍ୟସ୍ତ କରାଯାଇଥାଏ। ଧୀରେ ଧୀରେ ସେମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ବଢିଥାଏ ଏବଂ ଅଧାରୁ ପାଠ ପଢୁଥିବା ପିଲାଙ୍କ ସଂଖ୍ୟା କମାଇବାରେ ଏହା ଏକ ଅଭିନବ ଓ ସଫଳ ପ୍ରୟାସ ହୋଇଥାଏ। କିସ୍ ପ୍ରତିଷ୍ଠା ହେବା ଦିନଠାରୁ ଦୀର୍ଘ ୩୦ ବର୍ଷ ମଧ୍ୟରେ ଅଚ୍ୟୁତ ସାମନ୍ତଙ୍କ ଏହି ଅନନ୍ୟ ଶିକ୍ଷାଦାନ କୌଶଳ ଆଜି ଏକ ସଫଳ କୌଶଳ ଭାବେ ସମଗ୍ର ବିଶ୍ୱରେ ସ୍ୱୀକୃତି ଲାଭ କରିପାରିଛି। କିସ୍ ଏହି ସମ୍ମାନଜନକ ପୁରସ୍କାର ପାଇବା ପରେ ସାମନ୍ତ ୟୁନେସ୍କୋକୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି, ବିଶ୍ୱର ଏହି ଶ୍ରେଷ୍ଠ ଶିକ୍ଷା ସମ୍ମାନ ଆମକୁ ଶିକ୍ଷା ମଧ୍ୟମରେ ଜନଜାତିଙ୍କ ସଶକ୍ତୀକରଣ ସହ ଅଧିକରୁ ଅଧିକ ଜନଜାତି ପିଲାମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି ନିମନ୍ତେ ଆହୁରି ଉତ୍ସାହିତ କରିବ। ସୂଚନାଯୋଗ୍ୟ, କିସ୍ ଜରିଆରେ ୭୦ହଜାରରୁ ଊର୍ଦ୍ଧ୍ୱ ଜନଜାତି ଛାତ୍ରୀଛାତ୍ର ଗୁଣାତ୍ମକ ଶିକ୍ଷା ପାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିଛନ୍ତି। ୨୦୧୫ରେ କିସ୍ ୟୁନେସ୍କୋର ସ୍ପେଶିଆଲ୍ କନ୍ସଲଟିଭ ଷ୍ଟାଟସ ପାଇବାର ଗୌରବ ଅର୍ଜନ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ କିସ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ବେହେରା, କିସ୍‌ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ. ପ୍ରଶାନ୍ତ କୁମାର ରାଉତରାୟ ଓ କିସ୍‌ର ମହାନିର୍ଦ୍ଦେଶକ କାହ୍ନୁ ଚରଣ ମାହାଲି ପ୍ରମୁଖ ଉପସ୍ଥିତ ଥିଲେ।

# ୟୁକୋ ବ୍ୟାଙ୍କ ସହ ଟିକେଏମ୍‌ର ଚୁକ୍ତିନାମା

**ନୂଆଦିଲ୍ଲୀ,୯।୯**

ୟୁକୋ ବ୍ୟାଙ୍କ ସହ ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ୍) ର ଏକ ଦିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷର ହୋଇଯାଇଛି। ଏହା ଅନ୍ତର୍ଗତ ଅଧିକରୁ ଅଧିକ ଗ୍ରାହକଙ୍କୁ ଟୟୋଟାର ବିଶ୍ୱସ୍ତରୀୟ ଉତ୍ପାଦ ଏବଂ ସେବାଗୁଡିକରେ ଅଧିକ ପ୍ରବେଶ କରିବାକୁ ସକ୍ଷମ କରିବାକୁ ଯୋଜନା କରାଯାଇଛି। ଏହି ସହଭାଗୀତା ଦ୍ୱାରା କେବଳ ପ୍ରଥମ ଶ୍ରେଣୀ ବଜାର ନୁହେଁ, ବରଂ ସମସ୍ତ ରାଜ୍ୟ ଏବଂ ୟୁନିଅନ ଟେରିଟୋରୀ ଏବଂ ଗ୍ରାହକଙ୍କୁ ଉପକୃତ କରିବା ତଥା ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ବଜାରରେ ଗ୍ରାହକଙ୍କ ନିକଟରେ ପହଂଚିବା ପାଇଁ ଟିକେଏମ୍ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ବିଶେଷ କରି କୁଲ ନ୍ୟୁ ଗ୍ଲାନଜା, ଅର୍ବାନ କ୍ରୁଜର ଏବଂ ନିକଟରେ ବଜାର ପ୍ରବେଶ ହୋଇଥିବା ଅର୍ବାନ କ୍ରୁଜର ହ୍ୟାରିଡର ଭଳି ନୂତନ ମଡେଲ ସହ ଏ ଏବଂ ବି-ସେଗମେଣ୍ଟରେ ପ୍ରବେଶ କରି ଟିକେଏମ୍ ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ବଜାରରେ ଗ୍ରାହକଙ୍କ ନିକଟରେ ପହଂଚିବା ସହିତ ଭାରତରେ ଏହାର ନେଟୱାର୍କ ବିସ୍ତାର କରିବା ଲକ୍ଷ୍ୟ ରଖିଛି। ଏହି ନୂତନ ଟାଇ-ଅପ ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ବଜାରରେ ଗ୍ରାହକଙ୍କ ପାଇଁ ମୂଲ୍ୟଯୁକ୍ତ ଅଫର ଉପଲବ୍ଧ କରାଇବ। ଏ ସମ୍ପର୍କରେ ଟିକେଏମର ବିକ୍ରୟ ଏବଂ ଷ୍ଟ୍ରାଟେଜିକ ମାର୍କେଟିଂ ଆସୋସିଏଟ ଉପାଧ୍ୟକ୍ଷ ଅତୁଲ ସୁଦ କହିଛନ୍ତି, ଏ ଏବଂ ବି-ସେଗମେଣ୍ଟରେ ଆମର ସଫଳ ଅଗ୍ରଗତି ପରେ ଗ୍ରାମୀଣ ବଜାରରେ ଟୟୋଟା ଯାନର ଚାହିଦାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରିଛୁ। ସମଗ୍ର ଦେଶରେ ଆମର ଗ୍ରାହକଙ୍କ ବିକ୍ରୟ ଅଭିଜ୍ଞତାକୁ ଉନ୍ନତ କରିବାକୁ ସ୍ଥିର କରିବାକୁ ଲକ୍ଷ୍ୟ ରଖାଯାଇଛି। ଏକ ଗ୍ରାହକ କେନ୍ଦ୍ରୀକ କମ୍ପାନୀ ଭାବେ ଆମେ ଆମ ଗ୍ରାହକଙ୍କୁ ଅନନ୍ୟ ତଥା ଆକର୍ଷଣୀୟ ଆର୍ଥିକ ସ୍କିମ ଏବଂ ଅଫର ପ୍ରଦାନ କରିବାକୁ ସର୍ବଦା ଅଭିନବ ପ୍ରୟାସ ଜାରି ସହ ୟୁକୋ ବ୍ୟାଙ୍କର ବ୍ୟାପକ ନେଟୱାର୍କ ଏବଂ ଡାଟାବେସ ବ୍ୟବହାର ଆମକୁ ନୂତନ ଗ୍ରାହକ ଚିହ୍ନଟ କରିବାରେ ସାହାଯ୍ୟ କରିବ ଏବଂ ଆମେ ଆମର ଗ୍ରାହକଙ୍କ ପାଇଁ ସର୍ବୋତମ ସମାଧାନ ଉପଲବ୍ଧ କରାଇବାର ଲକ୍ଷ୍ୟ ରଖିଛୁ। ସେହିଭଳି ୟୁକୋ ବ୍ୟାଙ୍କର ମାର୍କେଟିଂ ଆଣ୍ଡ ୱେଲଥ୍ ପରିଚାଳନା ବିଭାଗ, ଜେନେରାଲ ମ୍ୟାନେଜର ସତ୍ୟ ରଞ୍ଜନ ପଣ୍ଡା କହିଛନ୍ତି, ଟିକେଏମ ସହ ମିଳିତ ହୋଇଥିବାରୁ ଆମେ ବେଶ୍ ଉତ୍ସାହିତ। କାରଣ ସେମାନେ ଦେଶର ଏକ ପ୍ରମୁଖ କାର ନିର୍ମାତା ଓ ବିକ୍ରେତା ଭାବେ ଜଣାଶୁଣା। ଏହି ନୂତନ ସହଭାଗୀତା ଦ୍ୱାରା ଆମେ ୩୦୦୦ରୁ ଅଧିକ ଶାଖାର ବିଶାଳ ନେଟୱାର୍କ ମାଧ୍ୟମରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ସହର ଏବଂ ଟାଉନଗୁଡିକରେ ଆମର ଗ୍ରାହକଙ୍କ ନିକଟରେ ପହଂଚିବାର ଲକ୍ଷ୍ୟ ରଖିଛୁ। ଟୟୋଟା କିର୍ଲୋସ୍କର ମୋଟର ସର୍ବଦା ଗ୍ରାହକଙ୍କ ଅଭିଜ୍ଞତାକୁ ସୁଦୃଢ଼ କରିବାକୁ ଚେଷ୍ଟା କରିଥାଏ। ଯେପରି ସହଜ ଆର୍ଥିକ ବିକଳ୍ପ ଭଳି ସମୟାନୁବର୍ତି ଏବଂ ପ୍ରାସଙ୍ଗିକ ଯୋଜନାଗୁଡିକ କାର୍ଯ୍ୟକାରୀ କରିବା ସମ୍ଭବ ହେବ। ଟୟୋଟା ଯାନଗୁଡିକର ମାଲିକାନା ଗ୍ରାହକଙ୍କ ପାଇଁ ଏକ ସହଜ ପ୍ରକ୍ରିୟା କରିବାକୁ ଲକ୍ଷ୍ୟ ରଖି ଟିକେଏମ୍ ସର୍ବଦା ଦେଶର ଅଗ୍ରଣୀ ଆର୍ଥିକ ପ୍ରତିଷ୍ଠାନଗୁଡିକ ସହ ଅଭିନବ ଟାଇ-ଅପ କରିଆସୁଛି।

**ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା**



**ଅଭିପ୍ସା ମାହାଣା (ମିକି)**
ବାଲିପାଟଣା, ଖୋର୍ଦ୍ଧା।
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ଜେଜେ, ମା', ବଡ଼ବାବା, ବଡ଼ମାମା, ବାବା, ମାମା, ଦାଦା, ବର୍ଷା ନାନା, ବୁବୁନ୍ ଭାଇ, ଖୁସି ନାନା, ଅଜା, ଆଇ, ମାମୁ।
ଧ-୭୩୯୬୪

CLASSIFIED DISPLAY
MORE SPACE • SAME PRICE
TARIFF · GST 5%

**GALAXY TOWER**



ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Market Complex, B wing, Bangalore, Karnataka-400021
8901110759

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆଜିଠାରୁ ଅନ୍‌ଲାଇନରେ ୨ଦିନିଆ ୟାଟ୍‌ସ ପ୍ରତିଯୋଗିତା

**ନୂଆଦିଲ୍ଲୀ,୯।୯**

ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଟାଟା ଷ୍ଟିଲ୍ ପଠାଣି ସାମନ୍ତ ପ୍ଲାନେଟାରିୟମ ସହଭାଗିତାରେ ଟାଟା ଷ୍ଟିଲ୍ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟ୍‌ସ) କାର୍ଯ୍ୟକ୍ରମ ଆୟୋଜନ କରିଛି। ବିଶେଷକରି ଚଳିତବର୍ଷ ଉକ୍ତ ପ୍ରତିଯୋଗିତାକୁ ହାଇବ୍ରିଡ୍ ମୋଡ୍‌ରେ ଆୟୋଜନ କରାଯାଉଥିବା ଜଣାପଡ଼ିଛି। ଏଥିରେ ଛାତ୍ରୀଛାତ୍ରମାନେ ବ୍ୟକ୍ତିଗତ ଭାବେ ବିଦ୍ୟାଳୟରେ କିମ୍ବା ଭର୍ଚୁଆଲି ମଧ୍ୟମରେ ୟାଟ୍‌ସ ୱେବ୍‌ସାଇଟ୍ ଜରିଆରେ ଅଂଶଗ୍ରହଣ କରିପାରିବେ। ସେହିଭଳି ଓଡ଼ିଶାର ସମସ୍ତ ବିଦ୍ୟାଳୟର ୯ମ ଓ ୧୦ମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଏଥିରେ ଅଂଶଗ୍ରହଣ କରିପାରିବେ। ଏହି ପରୀକ୍ଷା ଅନ୍ତର୍ଗତ କ୍ଷୁଦ୍ର ପ୍ରଶ୍ନାବଳୀ ସହ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ମଧ୍ୟ ଆୟୋଜନ ହେବ। ସେହିଭଳି ଅନ୍‌ଲାଇନରେ ୨ଦିନିଆ ୟାଟ୍‌ସ ପ୍ରତିଯୋଗିତାର ପ୍ରାରମ୍ଭ କାର୍ଯ୍ୟକ୍ରମ ୧୦ ଓ ୧୧ ତାରିଖରେ ମକ୍ ଟେଷ୍ଟ ହେବାକୁ ଥିବାବେଳେ ୧୭ ରୁ ୨୩ ତାରିଖ ମଧ୍ୟରେ ଫାଇନାଲ ଅନ୍‌ଲାଇନ ଟେଷ୍ଟର ଆୟୋଜନ ମଧ୍ୟ କରିବାକୁ ନିର୍ଦ୍ଧାରଣ କରାଯାଇଛି। ଫଳରେ ମକ୍ ଟେଷ୍ଟ ବିଦ୍ୟାର୍ଥୀମାନଙ୍କୁ ମେନ୍ ଟେଷ୍ଟର ଫର୍ମାଟ୍ ବୁଝିବାରେ ସହାୟତା କରିବ। ବର୍ତ୍ତମାନ ଓଡ଼ିଶାର ୩୦୦ ବିଦ୍ୟାଳୟରେ କୁଇଜ ଓ ପ୍ରବନ୍ଧ ପ୍ରତିଯୋଗିତାର ଆୟୋଜନ କରାଯାଉଛି। ଉକ୍ତ ପ୍ରତିଯୋଗିତାରେ ଭାଗ ନେଇପାରୁ ନ ଥିବା ବିଦ୍ୟାର୍ଥୀମାନେ କେବଳ ଏହି ଅନ୍‌ଲାଇନ ଟେଷ୍ଟରେ ଭାଗ ନେଇପାରିବେ। ବିଦ୍ୟାଳୟ ଓ ଅନ୍‌ଲାଇନ ଟେଷ୍ଟ ଆଧାରରେ ପ୍ରତ୍ୟେକ ଜିଲାରୁ ଶ୍ରେଷ୍ଠ ୨ଜଣ ପ୍ରତିଯୋଗୀଙ୍କୁ ଡିସେମ୍ବର ୧୩ରେ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମଠାରେ ହେବାକୁ ଥିବା ଗ୍ରାଣ୍ଡ ଫିନାଲେ ନିମନ୍ତେ ଆମନ୍ତ୍ରଣ କରାଯିବ। ଏହି ଅବସରରେ ବ୍ୟକ୍ତିଗତ ସାକ୍ଷାତ୍‌କାର ଆଧାରରେ ଚୂଡ଼ାନ୍ତ ମୂଲ୍ୟାଙ୍କନ ପରେ ଶ୍ରେଷ୍ଠ ୨୦ଜଣ ବିଜେତାଙ୍କ ନାମ ଘୋଷଣା କରାଯିବା ସହ ସେମାନଙ୍କୁ ମଧ୍ୟ ସମ୍ମାନିତ କରାଯିବ।



ଏନଇଇଟ(ୟୁଜି)-୨୦୨୨ରେ କୃତକାର୍ଯ୍ୟ ହୋଇଥିବା ଜିନ୍ଦେଗୀ ଫାଉଣ୍ଡେଶନର ଛାତ୍ରୀଛାତ୍ର ଶୁକ୍ରବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟି ଆଶୀର୍ବାଦ ଗ୍ରହଣ କରିଛନ୍ତି। ଏହି ଅବସରରେ ଜିନ୍ଦେଗୀ ଫାଉଣ୍ଡେଶନା ମୁଖ୍ୟ ଏ.ବି ସିଂହଙ୍କ ସମେତ ଉଭୟ ଫାଉଣ୍ଡେଶନ ଓ ରାଜଭବନର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଅଛନ୍ତି।

**SMILE JAYADURGA CHEMICALS**
(AN ISO 9001-2015 Certified)
Deals Raw Materials of:
- White Phenyle
- Black Phenyle
- Green Phenyle
- Liquid detergent
- Detergent Powder
- Packaging Materials
- Hand Wash
- Dish Wash
- Toilet Cleaner
- Glass Cleaner
- Sanitizer
- Agarbati

Free Training on all products

Other Chemicals
- Bleaching Powder
- Castic Soda
- HCL Acid
- Sulphuric Acid
- Alum
- Acetic Acid
- Dolomite Powder
- French chalk powder

Plot No.843, Palasuni, Bhubaneswar-751010
Mob.No.-9938069796, 9861049796

# ଆଜି ଖିମ୍‌ଜୀ ଜୁଏଲର୍ସ ଝାରସୁଗୁଡ଼ା ଷ୍ଟୋରର ପ୍ରଥମ ବାର୍ଷିକୀ

- ସୁନା ଅଳଙ୍କାରର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୩୦% ରିହାତି
- ହୀରା ଅଳଙ୍କାର ଉପରେ ଫ୍ଲାଟ୍ ୨୦% ରିହାତି




**ଭୁବନେଶ୍ୱର,୯।୯**

ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଖିମ୍‌ଜୀ ଜୁଏଲର୍ସ ଝାରସୁଗୁଡା ଷ୍ଟୋର ଶନିବାର ତା'ର ପ୍ରଥମ ବାର୍ଷିକୀ ଉତ୍ସବ ପାଳନ କରିବ। ଏହି ପରିପ୍ରେକ୍ଷୀରେ ଖିମ୍‌ଜୀର ମୂଲ୍ୟବାନ୍ ଗ୍ରାହକଙ୍କ ପାଇଁ ସୁନା ଅଳଙ୍କାରର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୩୦% ରିହାତି ରହିଥିବା ବେଳେ ହୀରା ଅଳଙ୍କାର ଉପରେ ଫ୍ଲାଟ୍ ୨୦%ର ରିହାତି ପ୍ରଦାନ କରାଯାଉଛି। ଏପରିକି ଗ୍ରାହକଙ୍କୁ ଦିଆଯାଇଥିବା ଅଫରରୁ ଲାଭବାନ୍ ହେବାର ଟିକେ ଅଧିକ ସୁଯୋଗ ଦେଇ ଖିମ୍‌ଜୀ ଜୁଏଲର୍ସ ତା'ର ଝାରସୁଗୁଡା ଷ୍ଟୋରରେ ଏହି ଅଫରର ବୈଧତା କେବଳ ସେହିଦିନରେ ସୀମିତ ନ ରଖି ଚଳିତ ବର୍ଷ ସେପ୍ଟେମ୍ବର ୯ ରୁ ୧୮ ପର୍ଯ୍ୟନ୍ତ ଉପଲବ୍ଧ କରାଇଛି। ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ପାୱାର ସିଟିରେ ସଫଳତାର ପ୍ରଥମ ବର୍ଷ ପାଳନ କରି ଆମେ ଆନନ୍ଦିତ। ଏହି ବର୍ଷକ ମଧ୍ୟରେ ଆମକୁ ବିଶ୍ୱାସକରି ଏବଂ ଏହାକୁ ସମଗ୍ର ପଶ୍ଚିମ ଓଡ଼ିଶାର ସବୁଠାରୁ ବେଶି ଆଦୃତ ଅଳଙ୍କାର ବ୍ରାଣ୍ଡ ଭାବେ ପରିଣତ କରିଥିବାରୁ ଆମର ମୂଲ୍ୟବାନ୍ ଗ୍ରାହକଙ୍କ ନିକଟରେ ଆମେ କୃତଜ୍ଞ। ଆଗାମୀ ଦିନରେ ଖିମ୍‌ଜୀ ଜୁଏଲର୍ସ ଅଧିକରୁ ଅଧିକ ଗ୍ରାହକଙ୍କୁ ସେବା ଯୋଗାଇ ସେମାନଙ୍କ ସହ ନିଜର ଅଭିବୃଦ୍ଧି ଯାତ୍ରା ଜାରି ରଖିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
କର୍ମ ସୁଯୋଗ ପାଇଁ ଆଗ୍ରହୀ ମହିଳା ଓ ପୁରୁଷ ଯୋଗାଯୋଗ କରନ୍ତୁ। କୋଭିଡ ମାହାମାରୀ ଦ୍ୱାରା ଅସହାୟଙ୍କୁ ଅଗ୍ରାଧିକାର। ସଂପର୍କ ହେତୁ:
Mobile Number - ୮୧୭୮୬୧୬୩୬୧, ୯୯୫୮୪୯୯୪୮୭

**REQUIREMENT**
Prayatn Sanstha, requires field workers in Gop, Puri to work in villages. Eligibility: Graduation and above. Interested candidates may send their resume at prayatnhrdppuri@gmail.com or WhatsApp resume at 7004279584.

**UNITY** Small Finance Bank
**WE ARE HIRING**

| Position Available | Age (In years) | Qualification | Experience | No. of Vacant Position |
|---|---|---|---|---|
| Customer Relationship Manager (SME Loan) | 18 to 30 | Graduation & above | Fresher or any Work Exp. | 30 |
| Loan Officer | 18 to 30 | 10th/12th & above | Fresher or any Work Exp. | 100 |

Two Wheeler is Must
Venue: Hotel Pushpak, Plot No. - 68, Kalpana Square, Puri - Cuttack Road, Buddha Nagar, Bhubaneswar, Odisha - 751006
Date: 11th Sept. 2022, Time: 9 A.M. to 5 P.M.
**Document Required:** Aadhaar Card, PAN Card, Driving Licence, Educational Certificate
**Employee Benefits:** Salary best in Industry, Performance Based Incentives, Fuel & Mobile Allowance, PF & Pension Scheme, Gratuity & ESIC, Health & Life Insurance Reward & Recognition.
Interested Candidates can Call or WhatsApp in the Number given below:
**Anjan: 9853003301 | 9136778117**
Note: We do not charge any fees or entertain any favour to apply or work at Unity Small Finance Bank.

**STEEL AUTHORITY OF INDIA LIMITED**
**Rourkela Steel Plant**
Rourkela - 769 011, Odisha, India

Advt. No. 02/2022 Date: 05/09/2022

Rourkela Steel Plant (RSP), a unit of Steel Authority of India Limited (SAIL) - a Maharatna Public Sector Enterprise and the leading steel-making company in India, invites applications from eligible persons for the following posts:

| Sl.No. | Post | Vacancy |
|---|---|---|
| 01 | Consultant (E-3) | 10 |
| 02 | Sr. Medical Officer (E-2) | Anaesthesia (Critical Care)-2, Dental-1, Dermatology-1, General Surgery-1, O&G-1, Pathology-1, Psychiatry-1, Radiology-1, Pulmonary Medicine-1 |
| 03 | Medical Officer (E-1) | 05 |

For full details of the advertisement, please visit Company's website www.sail.co.in
• Last Date for receipt of applications through Speed Post / Registered Post is 14/10/2022.

DGM (PL) Rectt. & Gen.

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

**ମନେ ପଡ଼ନ୍ତି**

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰ବାଞ୍ଛାନିଧି ପଣ୍ଡା**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
(ତା ୧୦।୦୯।୨୦୧୪ରିଖ)
ସ୍ନେହର ବନ୍ଧନ ତୁଟାଇକି ବାପା ଚାଲିଗଲେ ସେପାରିକୁ, ଏ ଜନ୍ମରେ ଆମେସବୁ ବାପା ବୋଲି ଡାକିବୁ ଆଉ କାହାକୁ। ପ୍ରଭୁଙ୍କ ପାଦରେ ପ୍ରାର୍ଥନା ଏତିକି କରୁଅଛୁ ସଦା ସର୍ବେ, ସବୁ ଜନମରେ ଆପଣଙ୍କ କୋଳେ ଜନ୍ମ ନେଉଥାଉ ଭବେ। ଯେଉଁଠି ଅଛନ୍ତି ଭଲରେ ଥାଆନ୍ତୁ, ସୁଖରେ ଥାଆନ୍ତୁ ବୋଲି, ଜଗତର ନାଥ ଜଗନ୍ନାଥ ପାଦେ କରୁଅଛୁ ଆମେ ଅଳି।"
ଶୋକସନ୍ତପ୍ତ:ଝିଅ-ଜ୍ୱାଇଁ, ନାତି-ନାତୁଣୀମାନେ)
ଧ-୧୪୭୪

**ତୃତୀୟ ପୁଣ୍ୟତିଥି ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶୁଭଙ୍କର ମଲ୍ଲିକ (ବଣ୍ଟି)**
ବାଣିତିଆ, ଭଦ୍ରକ
ଆବିର୍ଭାବ: ୨୪।୦୩।୨୦୦୪
ତିରୋଧାନ: ୧୦।୦୯।୨୦୧୯
ବଣ୍ଟିରେ...! ଆମଠାରୁ ଦୂରେଇ ଯାଇ ବାଛିନେଲୁ ଈଶ୍ୱରଙ୍କୁ, ଚାହୁଁ ଚାହୁଁ ତିନି ବର୍ଷ ହୋଇଗଲା। ତୋର ହସହସ ମୁହଁ ସବୁବେଳେ ମନେ ପଡୁଛି। ତୋ ବିନା ଜୀବନଟା ଲାଗୁଛିରେ ଅଧୁରା। ଆଜି ତୋର ତୃତୀୟ ପୁଣ୍ୟତିଥି ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଉଛୁ। ତୁ ଯେଉଁଠି ଥାଆ ଭଲରେ ଥାଆ। ଏହା ଆମର ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ତୋର ହତଭାଗ୍ୟ- ବାବା, ମାମା, କେଜେମା, ଭଉଣୀ ଶୀତୁ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୧୪୬୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ନନ୍ଦ କିଶୋର ଦାଶ**
ମାରୁତି ନଗର, ସିଦ୍ଧ ମହାବୀର, ପୁରୀ
ଆବିର୍ଭାବ: ୧୩।୧୦।୧୯୪୭
ତିରୋଧାନ: ୨୦।୦୯।୨୦୨୧
ସଂସାରର ସମସ୍ତ ଜଞ୍ଜାଳକୁ ସାମ୍ନା କରି ତୁମେ ଆମକୁ ଛାଡ଼ି ଚାଲି ଯିବାର ବର୍ଷଟିଏ ଅତିକ୍ରାନ୍ତ ହୋଇ ଗଲାଣି। ତୁମେ ଅମାୟିକ, ତୁମେ ସ୍ଥିତପ୍ରଜ୍ଞ, ତୁମେ ପବିତ୍ର ପୁଣ୍ୟାତ୍ମା, ତୁମେ ଏକ ଅନୁଷ୍ଠାନ। ସେ ଅନୁଷ୍ଠାନରୁ ଆମେ କେତେ ଟିକିଏ ଶିଖିଛୁ, ତାହା ଆମମାନଙ୍କ ପାଇଁ ନିତ୍ୟ ପାଥେୟ ହେଉ। ପବିତ୍ର ପୁଣ୍ୟତିଥି ଅବସରରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସେହି ରାଧାରମଣଙ୍କ ପଦଯୁଗଳରେ ପ୍ରାର୍ଥନା।
ଶୋକସନ୍ତପ୍ତ: "ଆମେ ସମସ୍ତେ।"
ଧ-୭୩୫୧୬

# ଆନ୍ତର୍ଜାତିକ ସାକ୍ଷରତା ଦିବସରେ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ବେଦାନ୍ତ ଆଲୁମିନିୟମ ପକ୍ଷରୁ ଆନ୍ତର୍ଜାତିକ ସାକ୍ଷରତା ଦିବସ ପରିପ୍ରେକ୍ଷୀରେ ସ୍ଥାନୀୟ ସରକାରୀ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ଭୁବନେଶ୍ୱର,୯।୯**

ଦେଶର ପ୍ରମୁଖ ଘରୋଇ କମ୍ପାନୀ ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା ୟୁନିଟ ପକ୍ଷରୁ ଶୁକ୍ରବାର ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଅଞ୍ଚଳର ସରକାରୀ ବିଦ୍ୟାଳୟଗୁଡିକର ଶିକ୍ଷକ- ଶିକ୍ଷୟତ୍ରୀମାନଙ୍କୁ କମ୍ପାନୀ ପକ୍ଷରୁ ଏକ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଶେଷ କରି ବେଦାନ୍ତ ଆଲିମିନିୟମ ସ୍ଥାନୀୟ ଗୋଷ୍ଠୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ସାଙ୍ଗକୁ ସଶକ୍ତ କରିବା ପାଇଁ ସାକ୍ଷରତା ପ୍ରୟାସ ଜାରି ରଖିଛି। ଏପରିକି କମ୍ପାନି ଗତ ୨ବର୍ଷ ମଧ୍ୟରେ କୋଭିଡ ମହାମାରୀ ଯୋଗୁ ଶିକ୍ଷଣ ବ୍ୟବଧାନକୁ ଦୂର କରିବା ପାଇଁ ପ୍ରାକ ବିଦ୍ୟାଳୟ ଶିକ୍ଷା ଠାରୁ ଆରମ୍ଭ କରି ଇ-ଲାର୍ଣ୍ଣିଂ କାର୍ଯ୍ୟକ୍ରମ ପରି ଉଚ୍ଚମାନର ଶିକ୍ଷା କାର୍ଯ୍ୟକ୍ରମକୁ ପରିଚାଳନା କରୁଛି। ଉକ୍ତ କାର୍ଯ୍ୟକ୍ରମ ଜରିଆରେ ଝାରସୁଗୁଡ଼ା ଜିଲାର ହାରାହାରି ସାକ୍ଷରତା ସ୍ତରକୁ ୨୦୦୧ ରୁ ୨୦୧୧ ମଧ୍ୟରେ ୭୦.୫୫% ରୁ ୭୮.୮୬% କୁ ବୃଦ୍ଧି କରାଇବାରେ କମ୍ପାନି ପ୍ରମୁଖ ଭୂମିକା ଗ୍ରହଣ ସହ ପ୍ରାୟ ୬୪୦୦ ପିଲା ବେଶ ଉପକୃତ ହୋଇଛନ୍ତି। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡର ସିଇଓ (ଝାରସୁଗୁଡ଼ା ୟୁନିଟ) ସୁନିଲ ଗୁପ୍ତା କହିଛନ୍ତି, ଆମେ ଗୁଣାତ୍ମକ ଶିକ୍ଷା ଉଦ୍ଦେଶ୍ୟକୁ ନେଇ ୟୁଏନ ସଷ୍ଟାନେବୁଲ ଗୋଲ ପାଇଁ ପ୍ରତିବଦ୍ଧ,କାରଣ ଆମେ ବିଶ୍ୱାସ କରୁ ଯେ ଆମ ସ୍ଥାନୀୟ ଗୋଷ୍ଠୀର ଏହା ହେଉଛି ମୌଳିକ ଅଧିକାର ଓ ବିକାଶର ପ୍ରାଥମିକତା। ଝାରସୁଗୁଡ଼ା ଅଂଚଳରେ ଶିକ୍ଷାର ପ୍ରସାର ଘଟିଛି, ଯାହା ଏଥର ମାଟ୍ରିକ ପାଶ ହାରରୁ ପ୍ରତିଫଳିତ ହୋଇଛି।

# ସ୍ୱିଟେକ୍‌–ଜାବେର ଫାଇନାଲ

ନ୍ୟୁୟର୍କ,୯।୯(ପି.ଟି)

ୟୁଏସ୍ ଓପନ ଟେନିସ୍ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ପୋଲାଣ୍ଡର ଇଗା ସ୍ୱିଟେକ୍ ଓ ଟ୍ୟୁନିସିଆର ଓନ୍ସ ଜାବେର। କ୍ରମାଗତ ଦ୍ୱିତୀୟ ଥର ପାଇଁ ଜାବେର କୌଣସି ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇମାସ ତଳେ ଉିମ୍ବଲେଡନ

## ୟୁଏସ୍ ଓପନ

ଫାଇନାଲରେ ପ୍ରବେଶ କରି ସେ ରନର୍ସଅପ୍ ହୋଇଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ଖେଳା ଯାଇଥିବା ସେମି ଫାଇନାଲ ମ୍ୟାଚରେ ଜାବେର କାରୋଲିନା ଗାର୍ସିଆଙ୍କୁ ୬–୧ ଓ ୬–୩ ସେଟରେ ପରାସ୍ତ କରିଥିଲେ। କ୍ରମାଗତ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିବା ମୋ ପାଇଁ ବେଶ୍ ଖୁସିର ମୁହୂର୍ତ୍ତ ବୋଲି ଜାବେର ନିଜ ପ୍ରତିକ୍ରିୟାରେ



ମ୍ୟାଚ ଜିତିବା ପରେ ଉଲ୍ଲସିତ ଓନ୍ସ ଜାବେର।

କହିଥିଲେ। ଉିମ୍ବଲେଡନ ମୋ ପାଇଁ ସ୍ୱପ୍ନ ପରି ଥିଲା। ତେବେ ଏଠାରେ କଣ କରିବାକୁ ହେବ ତାହା ମୁଁ ଜାଣିଛି ବୋଲି ସେ କହିଛନ୍ତି। କ୍ୱାର୍ଟରରେ ଆମେରିକୀୟ କୋକୋ ଗଫ୍‌ଙ୍କୁ ପରାସ୍ତ କରି ସେମିକୁ ଆସିଥିବା ଗାର୍ସିଆଙ୍କ କ୍ରମାଗତ ୧୩ ମ୍ୟାଚ ବିଜୟ ଧାରାକୁ ରୋକିଥିଲେ।

ମହିଳା ସିଙ୍ଗଲ୍ସର ଦ୍ୱିତୀୟ ସେମିଫାଇନାଲକୁ ଜିତି ନେଇଛନ୍ତି ବିଶ୍ୱ ମାନ୍ୟତାର ଏକ ନମ୍ବର ଖେଳାଳି ଇଗା ସ୍ୱିଟେକ୍। ୩ ସେଟ ବିଶିଷ୍ଟ ମ୍ୟାଚରେ ବିଶ୍ୱ ମାନ୍ୟତାରେ ୬ ନମ୍ବର ସ୍ଥାନରେ ରହିଥିବା ସେ ଆରିନା ସାବାଲେଙ୍କାଙ୍କୁ ୩–୬, ୬–୨ ଓ ୪–୬ରେ ପରାସ୍ତ କରିଥିଲେ। ଶେଷ ୨୦ ପଏଣ୍ଟରୁ ୧୬ ପଏଣ୍ଟ ହାସଲ କରିବା ସହିତ ଶେଷ ୪ଟି ଯାକ ଗେମ୍ ଜିତି ଫାଇନାଲରେ ପହଞ୍ଚିଥିଲେ ସ୍ୱିଟେକ୍। ୨୧ ବର୍ଷୀୟ ପଲିସ୍ ଖେଳାଳି ଜଣଙ୍କ ପ୍ରଥମ ସେଟ୍‌କୁ ହାରିବା ପରେ ଦ୍ୱିତୀୟ ସେଟକୁ ଜିତି ଦୃଢ ପ୍ରତ୍ୟାବର୍ତ୍ତନ କରିଥିଲେ। ତେବେ ନିର୍ଣ୍ଣାୟକ ସେଟ୍‌ରେ ୪–୨ରେ ପଛୁଆ ରହିଥିଲେ। ଠିକ୍ ଏହି ସମୟରେ ବାଥରୁମ୍ ବ୍ରେକ୍ ନେବା ସହିତ ସମ୍ପୂର୍ଣ୍ଣ ସତେଜ ହୋଇ କୋର୍ଟକୁ ଫେରିଥିଲେ। ପରବର୍ତ୍ତୀ ୧୭ ମିନିଟ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିବା ସହିତ କ୍ରମାଗତ ୪ଟି ଗେମରେ ବିଜୟୀ ହୋଇ ଫଇନାଲରେ ପ୍ରବେଶ କରିଥିଲେ। ସ୍ୱିଟେକ୍ ଦୁଇ ଦୁଇ ଥର ଫ୍ରେଞ୍ଚ ଓପନ ଟାଇଟଲ ହାସଲ କରିଥିଲେ ମଧ୍ୟ ପ୍ରଥମ ଥର ପାଇଁ ୟୁଏସ୍ ଓପନ ଫାଇନାଲରେ ପ୍ରବେଶ କରିଛନ୍ତି। ଏହା ପୂର୍ବରୁ ସେ ଥରେ ମଧ୍ୟ ୟୁଏସ୍ ଓପନର ୪ର୍ଥ ରାଉଣ୍ଡ ଅତିକ୍ରମ କରିନାହାନ୍ତି। ସେହିପରି ପ୍ରଫେସନାଲ ଏରାରେ ପ୍ରଥମ ଆଫ୍ରିକୀୟ ମହିଳା ଭାବେ ୟୁଏସ୍ ଓପନ ଫାଇନାଲ ଖେଳିବେ। ପୁରୁଷ ସିଙ୍ଗଲ୍ସ ସେମି ଫାଇନାଲ ମ୍ୟାଚ୍ ୩ ନମ୍ବର ସିଡ୍ ସ୍ପେନର କାର୍ଲୋସ୍ ଆଲକାରେଜ୍ ଓ ୨୨ ନମ୍ବର ସିଡ୍ ଆମେରିକୀୟ ଫ୍ରାନ୍ସେସ୍ ଟିଆଫୋଙ୍କ ମଧ୍ୟରେ ଓ ଦ୍ୱିତୀୟ ମ୍ୟାଚଟି ନରଓ୍ୱେର କାସ୍ପର ରଡ ଓ ରୁଷିଆର କାରେନ୍ ଖାଚାନୋଭଙ୍କ ମଧ୍ୟରେ ଖେଳାଯିବ।

# ସ୍ପେନ୍‌ର ଉପସ୍ଥିତି ପୁଲ୍‌କୁ ଆହୁରି କଠିନ କରିଛି: ଗ୍ରାହମ ରିଡ୍

ନୂଆଦିଲ୍ଲୀ, ୯।୯(ପି.ଟି.)

## ଏଫ୍ଆଇଏଚ୍ ବିଶ୍ୱକପ୍



ପୁଲ୍ ଡି'ରେ ସ୍ପେନ୍‌ର ଉପସ୍ଥିତି ଯୋଗୁ ଏଫ୍ଆଇଏଚ୍ ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟ ଆମ ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ହେବ ବୋଲି କହିଛନ୍ତି ଭାରତୀୟ ପୁରୁଷ ହକି ଦଳର ମୁଖ୍ୟ କୋଚ୍ ଗ୍ରାହମ ରିଡ୍। ପୁଲ୍ ଡି'ରେ ଭାରତ (ବିଶ୍ୱର ୫ ନମ୍ବର ମାନ୍ୟତାପ୍ରାପ୍ତ) ଓ ସ୍ପେନ୍ (୮) ବ୍ୟତୀତ ଇଂଲଣ୍ଡ (୬) ଓ ଓ୍ୱେଲ୍ସ ରହିଛନ୍ତି। ଭୁବନେଶ୍ୱର ଓ ରାଉରକେଲା ଆସନ୍ତାବର୍ଷ ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ହେବାକୁଥିବା ହକି ବିଶ୍ୱକପର ଆୟୋଜକ ହୋଇଛି। ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ଜିତିବା ପଥରେ ଇଂଲଣ୍ଡ ବିପକ୍ଷ ମ୍ୟାଚକୁ ଭାରତ ୪–୪ ଗୋଲ୍‌ରେ ଡ୍ର ରଖିଥିବା ବେଳେ ଓ୍ୱେଲ୍ସକୁ ୪–୧ ଗୋଲରେ ପରାସ୍ତ କରିଥିଲା। ଏଫ୍ଆଇଏଚ୍ ହକି ବିଶ୍ୱକପ୍ ଓ ଅଲିମ୍ପିକ୍ସରେ ପୁଲ୍‌ଗୁଡ଼ିକ ସବୁବେଳେ କଠିନ ହୋଇଥାଏ। କାରଣ ପ୍ରତ୍ୟେକ ଟିମ୍ ଏଠାକୁ ଜିତିବା ଲକ୍ଷ୍ୟ ନେଇ ଆସିଥାନ୍ତି। ଆମେ ନିକଟରେ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଇଂଲଣ୍ଡ ଓ ସ୍ପେନ ସହ ଖେଳିଛୁ। ଗେମ୍ ଦୁଇଟି ଉଚ୍ଚକୋଟିର ଥିଲା ବୋଲି ରିଡ୍ ପ୍ରକାଶ କରିଛନ୍ତି। ଗତ ୧୨ମାସ ମଧ୍ୟରେ ସ୍ପେନ୍ ଦିନକୁ ଦିନ ଏହାର ପ୍ରଦର୍ଶନରେ ଉନ୍ନତି ଆଣିବାରେ ଲାଗିଛି। ଏଫ୍ଆଇଏଚ୍ ବିଶ୍ୱକପ୍‌ର ଆମେ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିବାରୁ ଗେମ୍‌ର ପ୍ରତିଟି ଦିଗ ପ୍ରତି ଆମକୁ ଦୃଷ୍ଟି ଦେବାକୁ ପଡ଼ିବ ବୋଲି ରିଡ୍ କହିଛନ୍ତି। ହକିର ଏହି ମେଗା ଇଭେଣ୍ଟ ପୂର୍ବରୁ ଭାରତ କଳିଙ୍ଗ ଷ୍ଟାଡିୟମରେ ଅକ୍ଟୋବର ୩୦ରୁ ନଭେମ୍ବର ୬ ପର୍ଯ୍ୟନ୍ତ ହେବାକୁଥିବା ଏଫ୍ଆଇଏଚ୍ ପ୍ରୋ–ଲିଗ୍ ୨୦୨୨–୨୩ ସିଜନରେ ସ୍ପେନ ବିପକ୍ଷରେ ଖେଳିବ।

# ଡାଇମଣ୍ଡ ଲିଗ୍ ସଫଳତା ପାଇଁ ନୀରଜଙ୍କୁ ପ୍ରଧାନମନ୍ତ୍ରୀଙ୍କ ଅଭିନନ୍ଦନ



ନୀରଜ ଚୋପ୍ରା

ନୂଆଦିଲ୍ଲୀ, ୯।୯(ପି.ଟି.)

ମର୍ଯ୍ୟାଦାପୂର୍ଣ୍ଣ ଡାଇମଣ୍ଡ ଲିଗ୍ ଫାଇନାଲ୍ସ ଟାଇଟଲ ଜିତିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୁଇଜରଲାଣ୍ଡର ଜୁରିଚ୍‌ଠାରେ ୮୮.୪୪ ମିଟର ଥ୍ରୋ କରି ଚୋପ୍ରା ପ୍ରଥମ ଭାରତୀୟ ଭାବେ ଏହି ସଫଳତା ହାସଲ କରିଛନ୍ତି। ସେ ମହାନ୍ ଉତ୍ସର୍ଗିକୃତ ଓ ସ୍ଥିରତା ପ୍ରଦର୍ଶନ କରିଛନ୍ତି। ତାଙ୍କର କ୍ରମାଗତ ସଫଳତା ଦ୍ୱାରା ଭାରତୀୟ ଆଥ୍‌ଲେଟିକ୍ସର ଅଗ୍ରଗତି ଘଟୁଥିବା ସୂଚିତ ହେଉଛି। ଗୁରୁବାର ଅନୁଷ୍ଠିତ ଏହି ଇଭେଣ୍ଟରେ ଅଲିମ୍ପିକ ରୌପ୍ୟ ପଦକ ବିଜେତା ଚେକ୍‌ରିପବ୍ଲିକର ଜାକବ ଭାଡେଲ୍‌ଚ ତାଙ୍କ ଶ୍ରେଷ୍ଠ ଥ୍ରୋ ୮୬.୯୪ ମିଟର ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଜର୍ମାନୀର ଜୁଲିଆନ ଓ୍ୱିବର (୮୩.୭୩ ମିଟର) ତୃତୀୟ ସ୍ଥାନରେ ରହିଥିଲେ।

# ଆଇଓଏକୁ ଆଇଓସିର ଅନ୍ତିମ ଚେତାବନୀ

ନୂଆଦିଲ୍ଲୀ,୯।୯(ପି.ଟି.)

ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)କୁ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଅନ୍ତିମ ଚେତାବନୀ ଦେଇଛି। ଡିସେମ୍ବର ସୁଦ୍ଧା ନିର୍ବାଚନ ନ କଲେ ଭାରତକୁ ବାସନ୍ଦ କରାଯିବ ବୋଲି ଆଇଓସି କହିଛି। ଗୁରୁବାର ଲାଉସାନେ ଆଇଓସିର କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକ ବସିଥିଲା। ଭାରତୀୟ ଅଲିମ୍ପିକ ଆସୋସିଏଶନ ସଭାପତି ପଦବୀରୁ ନରିନ୍ଦର ବାତ୍ରା ବହିଷ୍କୃତ ହେବା ପରେ ତାଙ୍କ ସ୍ଥାନରେ କୌଣସି କାମଚଳା/କାର୍ଯ୍ୟକାରୀ ସଭାପତିଙ୍କୁ ସ୍ୱୀକୃତି ନ ଦେବା ଲାଗି ବୈଠକରେ ନିଷ୍ପତ୍ତି ନିଆଯାଇଛି। ନିର୍ବାଚନ ହେବା ପର୍ଯ୍ୟନ୍ତ ଆଇଓଏ ବ୍ୟାପାର ନେଇ ଆଇଓସି ଏହାର ସାଧାରଣ ସମ୍ପାଦକ ରାଜୀବ ମେହେଟାଙ୍କ ସହ ଯୋଗାଯୋଗ କରିବ।

# ପ୍ରସ୍ତୁତି କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ


ପ୍ରସ୍ତୁତି ବୈଠକରେ ଉପସ୍ଥିତ ଉଚ୍ଚପଦସ୍ଥ ଅଧିକାରୀ।

ଭୁବନେଶ୍ୱର, ୯।୯ (ସ୍ପୋର୍ଟ୍ସ ବ୍ୟୁରୋ)

## ୧୭ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଓଡ଼ିଶା କ୍ରୀଡ଼ା କାର୍ଯ୍ୟକଳାପର ଆଉ ଏକ ମାଇଲ ଖୁଣ୍ଟ ହାସଲ କରିବାକୁ ଯାଉଛି। ଓଡ଼ିଶା ୧୭ ବର୍ଷରୁ କମ୍ ଫିଫା ମହିଳା ଫୁଟ୍‌ବଲ ବିଶ୍ୱକପର କେତୋଟି ମ୍ୟାଚ ଆୟୋଜନ କରିବାକୁ ଯାଉଛି। ଏହା ଚଳିତବର୍ଷ ଅକ୍ଟୋବର ୧୧, ୧୪ ଓ ୧୭ରେ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ। ଏଥିପାଇଁ ଲୋକସେବା ଭବନ କନ୍‌ଫରେନ୍ସ ହଲ୍‌ରେ ମୁଖ୍ୟଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ରୀଡ଼ା ଓ ଯୁବସେବା ସଚିବ ଆର. ଭିନିଲ କ୍ରିଷ୍ଣା ଭିତ୍ତିଭୂମି ବିକାଶ ଓ ମ୍ୟାଚ ଆୟୋଜନ ସଂକ୍ରାନ୍ତ ରୋଡ୍‌ମ୍ୟାପ ଉପସ୍ଥାପନ କରିଥିଲେ। ପ୍ରସ୍ତୁତି କାର୍ଯ୍ୟ ସମୀକ୍ଷା କରିବାକୁଯାଇ ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ବିଭାଗଗୁଡ଼ିକୁ ସେପ୍ଟେମ୍ବର ଶେଷ ସୁଦ୍ଧା ଶେଷ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ, ପରିମଳ, ସୁରକ୍ଷା ଓ ଅଗ୍ନିଶମ ସେବା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଫିଫା ଅଫିସିଆଲ ରୋମା ଖାନ୍ନା ପ୍ରସ୍ତୁତି କାର୍ଯ୍ୟରୁ ଅଗ୍ରଗତି ନେଇ ସନ୍ତୋଷ ପ୍ରକାଶ କରିଥିଲେ। ଓଡ଼ିଶା ହକିର ବାସସ୍ଥାନ ପାଲଟିଛି। ଆଗକୁ ରାଜ୍ୟ ଫୁଟ୍‌ବଲର ବାସସ୍ଥାନ ହେବାକୁ ଯାଉଛି। ଡେଭଲପମେଣ୍ଟ କମିଶନର ପ୍ରଦୀପ କୁମାର ଜେନା କଳିଙ୍ଗ ଷ୍ଟାଡିୟମରେ ଆଗୁଆ ଓଡ୍ରାଫ୍ ଓ ଫାୟାର ସର୍ଭିସ ଟିମ୍ ମୁତୟନ ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ଇଭେଣ୍ଟକୁ ସୁଗମ, ନିରାପଦ ଓ ସ୍ମରଣୀୟ କରିବା ଲାଗି ସମ୍ପୃକ୍ତ ବିଭାଗଗୁଡ଼ିକଠାରୁ ସକ୍ରିୟ ସହଯୋଗ କାମନା କରାଯାଇଥିଲା। ମ୍ୟାଚ ଦେଖିବା ଲାଗି ଦର୍ଶକଙ୍କୁ ଅନୁମତି ଦେବା ଏବଂ ଅନ୍‌ଲାଇନ୍‌ରେ ଟିକେଟ ବିକ୍ରି ବ୍ୟବସ୍ଥା କରାଯିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। କଳିଙ୍ଗ ଷ୍ଟାଡିୟମରେ ଭାରତ ଏହାର ୩ଟି ମ୍ୟାଚ ଖେଳିବ। ଦଳ ଅକ୍ଟୋବର ୧୧ରେ ଯୁକ୍ତରାଷ୍ଟ୍ର ଆମେରିକା, ୧୪ରେ ମରକ୍କୋ ଏବଂ ୧୭ରେ ବ୍ରାଜିଲ ବିପକ୍ଷରେ ଖେଳିବ। ଶୁକ୍ରବାର ଅନୁଷ୍ଠିତ ବୈଠକରେ ଡେଭଲପମେଣ୍ଟ କମିଶନର ପ୍ରଦୀପ କୁମାର ଜେନା, ପୋଲିସ ଡିଜି ସୁନୀଲ କୁମାର ବଂଶଲ, ଅର୍ଥ ବିଭାଗ ପ୍ରମୁଖ ସଚିବ ବିଶାଲ କୁମାର ଦେବ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ସଚିବ ସଞ୍ଜୟ କୁମାର ସିଂ, ହ୍ୟାଣ୍ଡିକ୍ରାଫ୍ଟ, ହ୍ୟାଣ୍ଡଲୁମ୍ ଓ ଟେକ୍ସଟାଇଲ, ଶୁଭା ଶର୍ମା, ଇଡ୍‌କୋ ସିଏମ୍‌ଡି ଭୂପେନ୍ଦ୍ର ସିଂ ପୁନିଆ, ପୋଲିସ କମିଶନର ଏସ୍.କେ. ପ୍ରିୟଦର୍ଶୀ, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଫିଫା ପ୍ରତିନିଧି ରୋମା ଖାନ୍ନା, ଫିଫା ସ୍ଥାନୀୟ ଆୟୋଜକ କମିଟି ନିର୍ଦ୍ଦେଶକ ନନ୍ଦିନୀ ଆରୋରାଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ପାକିସ୍ତାନକୁ ହରାଇଲା ଶ୍ରୀଲଙ୍କା

**ଦୁବାଇ,୯।୯:** ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ପରେ ପଥୁମ ନିସଙ୍କାଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଶ୍ରୀଲଙ୍କା ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ଅନ୍ତିମ ଲିଗ୍ ମ୍ୟାଚରେ ପାକିସ୍ତାନକୁ ୫ ଉଇକେଟରେ ପରାସ୍ତ କରିଛି। ଉଭୟ ଦଳ ଫାଇନାଲରେ ପ୍ରବେଶ କରିସାରିଥିବାରୁ ଏହି ମ୍ୟାଚ କେବଳ ଔପଚାରିକତା ଦୃଷ୍ଟିରୁ ଖେଳାଯାଇଥିଲା। ତେବେ ଫାଇନାଲ ପୂର୍ବ ଷ୍ଟେଜ ରିହର୍ସାଲ ମ୍ୟାଚଜିତି ଶ୍ରୀଲଙ୍କା ମନୋବଳ ଦୃଢ଼ କରିଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାକିସ୍ତାନ ୧୯.୧ ଓଭରରେ ୧୨୧ ରନକରି ଅଲଆଉଟ ହୋଇ ଯାଇଥିଲା। ଅଧିନାୟକ ବାବର ଆଜମ ଦଳ ପକ୍ଷରୁ ସର୍ବାଧିକ ୩୦ ରନ କରିଥିବାବେଳେ ଶ୍ରୀଲଙ୍କାର ଓ୍ୱାନିନ୍ଦୁ ହସରଙ୍ଗା ୩ଟି, ମହେଶ ଥିକସାନା ଓ ପ୍ରମୋଦ ମଦୁଶାନ ୨ଟି ଲେଖାଏ ଏବଂ ଧନଞ୍ଜୟ ଡି'ସିଲ୍‌ଭା ଓ ଚାମିକା କରୁଣାରତ୍ନେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଶ୍ରୀଲଙ୍କା ୧୭ ଓଭରରେ ୫ ଉଇକେଟ ହରାଇ ୧୨୪ ରନ ସଂଗ୍ରହ କରି ନେଇଥିଲା। ନିସଙ୍କା ୫୫ ରନକରି ଅପରାଜିତ ରହିଥିଲେ। ପାକିସ୍ତାନର ମହମ୍ମଦ ହାସନେନ ଓ ହାରିସ ରୌଫ ୨ଟି ଲେଖାଏ ଉଇକେଟ ନେଇଥିଲେ। ଶ୍ରୀଲଙ୍କା ଓ ପାକିସ୍ତାନ ମଧ୍ୟରେ ଫାଇନାଲ ଆସନ୍ତା ରବିବାର ଅନୁଷ୍ଠିତ ହେବ।

# ବନ୍ଧୁକ ଚାଳନା ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟ ଶେଷ


ବନ୍ଧୁକ ଚାଳନା ପ୍ରତିଯୋଗିତା ଅବସରରେ ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୯।୯ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଇଫଲ ଆସୋସିଏଶନ ଆନୁକୂଲ୍ୟରେ ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଶେଷ ହୋଇଛି। ୮ ଓ ୯ ତାରିଖରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟରେ ୫୦ ମିଟର ରାଇଫଲ ଓପନ ପ୍ରୋନ୍, ୨୫ ମିଟର ଷ୍ଟାଣ୍ଡାର୍ଡ ପିସ୍ତଲ, ୨୫ ମିଟର ସେଣ୍ଟର ଫାୟାର୍ଡ ପିସ୍ତଲ ପ୍ରତିଯୋଗିତା ହୋଇଥିଲା। ଏଥିରେ ୧୦୦ ଜଣ ମହିଳା ଓ ପୁରୁଷ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଆସନ୍ତା ୨ ଦିନ ଏୟାର ରାଇଫଲ ଓ ଏୟାର ପିସ୍ତଲ ଇଭେଣ୍ଟରେ ପ୍ରତିଯୋଗିତା ହେବ। ଏଥିରେ ୧୫୦ ପ୍ରତିଯୋଗୀ ଅଂଶଗହଣ କରିବେ। ୧୧ ତାରିଖରେ ଉତ୍କଳ କରାଟେ ସ୍କୁଲ ପରିସରରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ମୋଟ ୧୫ ଜିଲାରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ରାଇଫଲ ଆସୋସିଏଶନ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାକୁ ସଦସ୍ୟ ବଳଭଦ୍ର ଦାସ, ଆଶିଷ ପଟ୍ଟନାୟକ, ରାଜ ନାରରାୟଣ ଖୁଣ୍ଟିଆ ପ୍ରମୁଖ ପରିଚାଳନା କରିଥିଲେ।

# ଏକାଧିକ ରେକର୍ଡ ଭାଙ୍ଗିଲେ କୋହଲି

ଦୁବାଇ,୯।୯

ଆଫଗାନିସ୍ତାନ ବିପକ୍ଷ ଏସିଆ କପ୍ ଟି୨୦ ସୁପର ୪ ମ୍ୟାଚରେ ଶତକ ସହିତ ୧୦୨୧ ଦିନର ପ୍ରତୀକ୍ଷାର ଅନ୍ତ ଘଟାଇଥିବା ବିରାଟ କୋହଲି ଏକାଧିକ ରେକର୍ଡ ଭାଙ୍ଗିଛନ୍ତି। କୋହଲି ୧୨୨ ରନ ସହିତ ଟି ୨୦ରେ ଭାରତର ସର୍ବାଧିକ ସ୍କୋରର ପାଲଟିଛନ୍ତି। ଏହା ସହିତ ରୋହିତ ଶର୍ମାଙ୍କ ପରେ ଦ୍ୱିତୀୟ ଭାରତୀୟ ଖେଳାଳି ଭାବରେ ଟି୨୦ରେ ୧୦୦ ଛକା ମାରିଛନ୍ତି। ଅନ୍ତର୍ଜାତୀୟ ଶତକ ସଂଖ୍ୟାରେ ରିକି ପଣ୍ଟିଂ(୭୧)ଙ୍କ ସହିତ ସମକକ୍ଷ ହୋଇଛନ୍ତି କୋହଲି। ଭାରତୀୟ କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକର୧୦୦ ଶତକ ସହିତ ଏହି ତାଲିକାର ଶୀର୍ଷରେ ରହିଛନ୍ତି। ଶତକ ସହିତ ଦ୍ୱିତୀୟ ଭାରତୀୟ କ୍ରିକେଟର ଭାବେ କୋହଲି ଟି ୨୦ରେ ୩୫୦୦ ରନ୍ ପୂରଣ କରିଛନ୍ତି। ୯୬ ଇନିଂସରୁ ୩୫୦୦ ରନ କରିବା ସହିତ ଏହି କ୍ଲବରେ କୋହଲି ଦ୍ରୁତତମ ସାବ୍ୟସ୍ତ ହୋଇଛନ୍ତି। ଏହି ମ୍ୟାଚରେ ନିଜର ୩୩ତମ ଅର୍ଦ୍ଧଶତକ ହାସଲ କରିଛନ୍ତି କୋହଲି। ରୋହିତ ଶର୍ମା(୩୨)ଙ୍କୁ ପଛରେ ପକାଇ ସେ ସର୍ବାଧିକ ଟି୨୦ ଅର୍ଦ୍ଧଶତକର ରେକର୍ଡ ନିଜ ନାମରେ କରିଛନ୍ତି। ଏସିଆ କପ୍ ଟି୨୦ରେ ଏହା ପ୍ରଥମ ଶତକ ହୋଇଥିବା ବେଳେ ୟୁଏଇ ମାଟିରେ ଏହା ସର୍ବାଧିକ ବ୍ୟକ୍ତିଗତ ସ୍କୋର ରହିଛି। ସେହିପରି ଅନ୍ତର୍ଜାତୀୟ


ବିରାଟ କୋହଲି ଓ ରୋହିତ ଶର୍ମା।

କ୍ରିକେଟରେ କୋହଲି ନିଜର ୨୪ ହଜାର ରନ ପୂରଣ କରିଛନ୍ତି। ଏହି କ୍ରମରେ ସେ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇଛନ୍ତି। ତେନ୍ଦୁଲକର ୫୪୦ ଇନିଂସରୁ ୨୪ ହଜାର ରନ ପୂରଣ କରିଥିବା ବେଳେ କୋହଲି ୫୨୨ ଇନିଂସରେ ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି।

## ରୋହିତଙ୍କୁ ଶ୍ରେୟ ଦେଲେ

ଆଫଗାନିସ୍ତାନ ବିପକ୍ଷ ଏସିଆ କପ୍ ଟି୨୦ ସୁପର ୪ ମ୍ୟାଚରେ ଶତକ ହାସଲ କରି ବିରାଟ କୋହଲି ସମାଲୋଚକଙ୍କ ମୁହଁ ବନ୍ଦ କରି ଦେଇଛନ୍ତି। ଚଳିତ ଏସିଆ କପ୍‌ରେ ନିଜର ୭୧ ଶତକ ହାସଲ ପରେ କୋହଲି ଅଧିନାୟକ ରୋହିତ ଶର୍ମାଙ୍କୁ ନିଜ ସଫଳତାର ଶ୍ରେୟ ଦେଇଛନ୍ତି। ରୋହିତଙ୍କ ସହିତ ମୋର ଆଲୋଚନା ବେଶ୍ ସକାରାତ୍ମକ ରହିଥିଲା। ଏହି ଆଲୋଚନା ପରେ ମୁଁ ମୋ କ୍ରିକେଟ ଉପରେ ଧ୍ୟାନକେନ୍ଦ୍ରିତ କରିବାରେ ସଫଳ ହେଲି ବୋଲି କୋହଲି କହିଛନ୍ତି। ଏହା ସହିତ ଖରାପ ଫର୍ମ ସମୟରେ ଉଭୟ ଅଧିନାୟକ ଓ ଟିମ୍ ମ୍ୟାନେଜମେଣ୍ଟର ତାଙ୍କ ପ୍ରତି ରହିଥବା ସମର୍ଥନ ତାଙ୍କୁ ଆତ୍ମବିଶ୍ୱାସ ଯୋଗାଇଥିଲା ବୋଲି କୋହଲି କହିଛନ୍ତି। ଏକ ମାସର ବିରତି ପରେ ଟିମ୍‌କୁ ଫେରିବା ପରେ ଯେଉଁ ଭଳି ଢଙ୍ଗରେ ସ୍ୱାଗତ କରାଗଲା ତାହା ବେଶ୍ ଉତ୍ସାହୋଦ୍ଦୀପକ ଥିଲା। ସେହିପରି ଟି୨୦ କ୍ରିକେଟରେ ଛକା ବା ବଡ ଶଟ୍ ଖେଳିବା ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି କୋହଲି କହିଛନ୍ତି। ଟିମ୍‌ରେ ମୋର ଭୂମିକା ହେଉଛି ଦାୟିତ୍ୱବାନ ହୋଇ ପରିସ୍ଥିତି ଅନୁସାରେ ଖେଳିବା। ଷ୍ଟ୍ରାଇକ ରେଟ୍‌ର ଟି୨୦ରେ ଏକ ବଡ ଭୂମିକା ରହିଛି, ମାତ୍ର ଏଥିପାଇଁ କେବଳ ଛକା ଉପରେ ଭରସା କରାଯାଇପାରିବ ନାହିଁ। ବଡ ଶଟ୍ ଖେଳିବା ଅପେକ୍ଷା ଗ୍ୟାପ୍‌ରେ ରନ୍ ସଂଗ୍ରହ କରିବା ମୋ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ। ସମୟ ସମୟରେ କ୍ରିଜ୍‌ରେ ସେଟ୍‌ହେବା ପାଇଁ ୧୦–୧୫ ବଲ ଆବଶ୍ୟକ ପଡିଥାଏ, ଯାହାକି ଜରୁରୀ ମଧ୍ୟ। ପୂର୍ବରୁ ଆକ୍ରମଣାତ୍ମକ ଖେଳିବାକୁ ପ୍ରୟାସ କରିବା ଦ୍ୱାରା ଖେଳ ପ୍ରଭାବିତ ହେଉଥିବା କୋହଲି ସ୍ୱୀକାର କରିଛନ୍ତି।

ସେହିପରି କୋଚ୍ ରାହୁଲ ଦ୍ରାବିଡ୍‌ଙ୍କ ଟିପ୍ସ ମଧ୍ୟ ତାଙ୍କ ପାଇଁ ବେଶ୍ ଲାଭଦାୟକ ରହିଥିଲା। ମିଡ୍‌ଲ ଓଭରରେ କେଉଁଭଳି ଭାବରେ ଷ୍ଟ୍ରାଇକ୍ ରୋଟେଟ୍ କରିବା ଉଚିତ ସେ ନେଇ ରାହୁଲଙ୍କ ପରାମର୍ଶ କାମରେ ଆସିଥିଲା ବୋଲି ସାକ୍ଷାତକାର ସମୟରେ କୋହଲି କହିଛନ୍ତି। ସେହିପରି ସେ ଆଗାମୀ ଦିନରେ ଓପନ୍ କରିବେ କି ବୋଲି ପ୍ରଶ୍ନକୁ ଖାରଜ କରିଥିଲେ କୋହଲି। ଓପନର ଭାବରେ ଲୋକେଶ ରାହୁଲଙ୍କ ପ୍ରଦର୍ଶନ ବେଶ୍ ଚମତ୍କାର।

# ଏସିଆନ ବାସ୍କେଟବଲରେ ଅନନ୍ୟାଙ୍କୁ ଗୁରୁଦାୟିତ୍ୱ

ଭୁବନେଶ୍ୱର, ୯।୯ (କ୍ରୀଡ଼ା ପ୍ରତିନିଧି)

ବାସ୍କେଟବଲ ଫେଡେରେଶନ ଅଫ ଇଣ୍ଡିଆ (ଏଫ୍ଆଇବିଏ) ଆନୁକୂଲ୍ୟରେ ବେଙ୍ଗାଲୁରୁଠାରେ ୧୮ ବର୍ଷରୁ କମ୍ ଏସିଆନ ମହିଳା ବାସ୍କେଟବଲ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ଏଥିରେ ଓଡ଼ିଶାର ଅନନ୍ୟା ପଟ୍ଟନାୟକ ପରିସଂଖ୍ୟାନବିତ୍‌ଭାବେ ଦାୟିତ୍ୱ ତୁଲାଇବାର ସୌଭାଗ୍ୟ ପାଇଛନ୍ତି। ପ୍ରଥମ ଓଡ଼ିଆ ଭାବେ ସେ ଏହି ଦାୟିତ୍ୱ ପାଇଛନ୍ତି। ଭୁବନେଶ୍ୱରର ଅନନ୍ୟାଙ୍କ ମା' ଭାଷା ପଟ୍ଟନାୟକ ଏବଂ ବାପା ଦିଗନ୍ତ କେଶରୀ ପଟ୍ଟନାୟକ। ସ୍କୁଲ କ୍ୟାରିୟରରେ ୧୦୦, ୨୦୦ ମିଟର ରେସ୍, ଓ ଲଙ୍ଗଜମ୍ପ ରେ ଭାଗ ନେଇଥିବା ଅନନ୍ୟା କବାଡି ଦଳର ଅଧିନାୟିକା ଥିଲେ। କଲେଜ କ୍ୟାରିୟରରେ ମଧ୍ୟ ସେ ବିଭିନ୍ନ ଆଥଲେଟିକ୍ ଓ ବାସ୍କେଟବଲ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଛନ୍ତି।



ଅନନ୍ୟା ପଟ୍ଟନାୟକ

ଗତ ୩ ଓ ୪ ତାରିଖରେ ଅନୁଷ୍ଠିତ ବାସ୍କେଟବଲ ପରିସଂଖ୍ୟାନବିତ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଏଫ୍ଆଇବିଏ ଲାଇସେନ୍ସ ହାସଲ କରିଥିଲେ ଏବଂ ୧୮ ବର୍ଷରୁ କମ୍ ଏସିଆନ ମହିଳା ବାସ୍କେଟବଲ ଚାମ୍ପିୟନଶିପ୍‌ରେ ଦାୟିତ୍ୱ ତୁଲାଇବା ପାଇଁ ମନୋନୀତ ହୋଇଥିଲେ।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୧୦/୨୦୨୨ (୮+୮=୧୬ ପୃଷ୍ଠା) Bhubaneswar, Saturday, September 10/2022 Page 16 | ପୃଷ୍ଠା-୧




**ଭୋଲ୍କର ମାନବାଧିକାରର ନୂଆ ମୁଖ୍ୟ**
ଅଷ୍ଟ୍ରିଆର ଭୋଲ୍କର ଟର୍କଙ୍କୁ ଜାତିସଂଘ ମାନବାଧିକାରର ନୂଆ ହାଇକମିଶନର ଭାବେ ନିଯୁକ୍ତି ମିଳିଛି।


୦୬



୦୮


**ଏନ୍‌ଇଟିରେ ପରିବା ବିକାଳିଙ୍କ ଝିଅଙ୍କ କୃତିତ୍ୱ**
ଏନ୍‌ଇଟି (ୟୁଜି)ରେ ଗଜପତି ଜିଲା ମୋହନା ବ୍ଲକ ଅଡ଼ବା ଗାଁର ପରିବା ବିକାଳିଙ୍କ ଝିଅ ଇଶ୍ରିତା ପଣ୍ଡା କୃତିତ୍ୱ ହାସଲ କରିଛନ୍ତି।





କୃତ୍ରିମ ପୋଖରୀରେ ଗଣେଶ ମୂର୍ତ୍ତି ବିସର୍ଜନ ପରେ ଆବର୍ଜନାଗୁଡ଼ିକ ଭୁବନେଶ୍ୱର କୁଆଖାଇ ନଦୀ କୂଳରେ ଗଦାହୋଇଛି।

# ଉତ୍ତମ ସମାରିଟାନ ନାମ ସୁପାରିସ କରିବ ପୋଲିସ

## ଦୁର୍ଘଟଣାଗ୍ରସ୍ତଙ୍କ ଜୀବନ ରକ୍ଷାକାରୀଙ୍କୁ ୨୦୦୦ ଟଙ୍କା ପୁରସ୍କାର

**ଭୁବନେଶ୍ୱର, ୯।୯(ବ୍ୟୁରୋ)**

ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ବଢ଼ିଚାଲିଛି। ଦୁର୍ଘଟଣାଗ୍ରସ୍ତଙ୍କୁ ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚାଇବାରେ ବିଳମ୍ବ ହେଉଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଉଛି। ଦୁର୍ଘଟଣାରେ ଆହତଙ୍କୁ ସହାୟତା କରିବା ଲାଗି ଆଗେଇ ଆସୁଥିବା ବ୍ୟକ୍ତିଙ୍କୁ ଆର୍ଥିକ ପ୍ରୋତ୍ସାହନ ଦେବା ସକାଶେ ରାଜ୍ୟ ସରକାର ୨୦୧୮ରେ ଉତ୍ତମ ସମାରିଟାନ ନୀତି କାର୍ଯ୍ୟକାରୀ କରିଛନ୍ତି। ଉକ୍ତ ନୀତିର ଧାରା ୨୧ ଅନୁଯାୟୀ, ହସ୍ପିଟାଲ କର୍ତ୍ତୃପକ୍ଷ, ଦୁର୍ଘଟଣାଗ୍ରସ୍ତ ରୋଗୀ ଗ୍ରହଣ କରୁଥିବା ସର୍ଜନ ସ୍ଥାନୀୟ ଆରଟିଓମାନଙ୍କୁ ପୁରସ୍କାର ପାଇଁ ନାମ ସୁପାରିସ କରିବାକୁ ଅନୁମତି ଦିଆଯାଇଥିଲା। ଅଧିକାଂଶ କ୍ଷେତ୍ରରେ ଡାକ୍ତରମାନେ ବ୍ୟସ୍ତ କାର୍ଯ୍ୟସୂଚୀ ହେତୁ ଉତ୍ତମ ସମାରିଟାନଙ୍କ ନାମ ସୁପାରିସ କରିବାକୁ ସକ୍ଷମ ହୋଇପାରୁନାହାନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ଚିକିତ୍ସା କରୁଥିବା ଡାକ୍ତର (ଆସିଷ୍ଟାଣ୍ଟ ସର୍ଜନ)ଙ୍କ ବ୍ୟତୀତ ପୋଲିସ ଅଧିକାରୀ ଯଥା ଦୁର୍ଘଟଣାର ଅନୁସନ୍ଧାନ କରୁଥିବା ସମ୍ପୃକ୍ତ ଥାନାର ଆଇଓ, ଇଓ କିମ୍ବା ଆଇଆଇସି ସମାରିଟାନଙ୍କ ନାମ ସୁପାରିସ କରିପାରିବେ। ଏହାଦ୍ୱାରା ଅଧିକ ସଂଖ୍ୟକ ସମାରିଟାନମାନଙ୍କୁ ଉତ୍ତମ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇପାରିବ। ଏସ୍‌ଟିଏର ଏହି ପ୍ରସ୍ତାବକୁ ସରକାର ☞ପୃଷ୍ଠା-୩

# ପୁଅ ଆଗରେ ଭାସିଗଲେ ବାପା

**କେନ୍ଦୁଝର,୯।୯(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅନ୍ତର୍ଗତ କେନ୍ଦୁଘାଟି ଗାଁ ନିକଟସ୍ଥ ବୈତରଣୀ ନଦୀର କଲଭର୍ଟ ଉପରେ ପ୍ରବାହିତ ପାଣିସ୍ରୋତରେ ପୁଅ ଆଗରେ ଭାସିଯାଇଛନ୍ତି ବାପା। ଶୁକ୍ରବାର ଅପରାହ୍ନରେ ଏହି ଘଟଣା ଘଟିଥିଲେ ମଧ୍ୟ ତାଙ୍କର ପତ୍ତା ମିଳିପାରିନାହିଁ। ନିଖୋଜ ହୋଇଯାଇଥିବା ବୃଦ୍ଧଙ୍କ ନାଁ ପୂର୍ଣ୍ଣଚନ୍ଦ୍ର ଦେହୁରୀ। ପ୍ରକାଶ ଯେ, ଶୁକ୍ରବାର ସକାଳେ ପୂର୍ଣ୍ଣଚନ୍ଦ୍ର ତାଙ୍କ ପୁଅ ଦେଶ ଦେହୁରୀଙ୍କ ସହିତ ଶୁଆକାଟିସ୍ଥିତ ବ୍ୟାଙ୍କକୁ ଯାଇଥିଲେ। ଅପରାହ୍ନରେ ଫେରୁଥିବା ବେଳେ ବର୍ଷା ଯୋଗୁ କଲଭର୍ଟ ଉପରେ ପ୍ରଖର ସ୍ରୋତରେ ପାଣି ପ୍ରବାହିତ ହେଉଥିଲା। ତେଣୁ ପୁଅ ଦେଶ ଦେହୁରୀ ବାପାଙ୍କୁ ବାଇକରୁ ଓହ୍ଲାଇ ଦେଇ ଏକୁଟିଆ କଲଭର୍ଟ ପାରି ହୋଇଥିଲେ। ପଛରେ ବାପା ପୂର୍ଣ୍ଣଚନ୍ଦ୍ର ଚାଲି ଚାଲି ଆସୁଥିବା ବେଳେ ଅସାବଧାନତା ବଶତଃ ତାଙ୍କ ଗୋଡ଼ ଖସିଯାଇଥିଲା। ଫଳରେ ସେ ଭାସିଯାଇଥିଲେ। ☞ପୃଷ୍ଠା-୩

# ପ୍ରକାଶ ପାଇଲା ଓସିଏସ୍ ପରୀକ୍ଷା ଫଳ

- ୭୮୫ ପରୀକ୍ଷାର୍ଥୀ କୃତକାର୍ଯ୍ୟ
- ୧୯ରୁ ଡକ୍ୟୁମେଣ୍ଟ ଯାଞ୍ଚ ଓ ସାକ୍ଷାତ୍‌କାର

**କଟକ ଅଫିସ,୯।୯:** ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ(ଓସିଏସ୍)-୨୦୨୦ର ଲିଖିତ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ମୋଟ୍ ୭୮୫ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨୮୭ ଜଣ ମହିଳା ରହିଛନ୍ତି। ପରୀକ୍ଷାର୍ଥୀମାନେ ନିଜ ପରୀକ୍ଷା ଫଳ ଓପିଏସ୍‌ସି ୱେବ୍‌ସାଇଟ୍‌ରେ ଦେଖିପାରିବେ। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନଙ୍କର ରୋଲ୍ ନମ୍ବର ଓପିଏସ୍‌ସି ୱେବ୍‌ସାଇଟରେ ରହିଛି। ଆସନ୍ତା ୧୯ ତାରିଖଠାରୁ ଓପିଏସ୍‌ସି କାର୍ଯ୍ୟାଳୟରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ପରୀକ୍ଷାର୍ଥୀଙ୍କ ଡକ୍ୟୁମେଣ୍ଟ ଯାଞ୍ଚ ଏବଂ ସାକ୍ଷାତକାର ପ୍ରକ୍ରିୟା ହେବ। ଏହି ପ୍ରକ୍ରିୟାର ସମ୍ପୂର୍ଣ୍ଣ ସୂଚୀ ଖୁବ୍‌ଶୀଘ୍ର ☞ପୃଷ୍ଠା-୩

# ମିଳିଲାନି ସହାୟତା, ଆତ୍ମହତ୍ୟା କଲେ ଦିବ୍ୟାଙ୍ଗ

- ଫେସ୍‌ବୁକ୍‌ରେ ଅପ୍‌ଲୋଡ୍ କରିଥିଲେ ବିଷ ପିଇବାର ଦୃଶ୍ୟ
- ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀଙ୍କଠାରେ ଇଚ୍ଛାମୃତ୍ୟୁ ଲାଗି ଆବେଦନ କରିଥିଲେ

**ବାହାନଗା, ୯।୯(ଡି.ଏନ.ଏ.)**

ସଡ଼କ ଦୁର୍ଘଟଣାରେ ଦିବ୍ୟାଙ୍ଗ ପାଲଟିଯାଇଥିବା ଜଣେ ଯୁବକ ସହାୟତା ନ ପାଇ ଚାରିଆଡ଼ୁ ନିରାଶ ହେବା ପରେ ଶେଷରେ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। କିଟନାଶକ କିଣି ପିଇବା ସମୟର ଏକ ଭିଡିଓ କରି ସେ ନିଜେ ଫେସବୁକ୍ ପେଜରେ ଅପଲୋଡ କରିଥିଲେ। ଏ ସମ୍ପର୍କରେ ତାଙ୍କ ସାଙ୍ଗ ସାଥୀ ଓ ଘର ଲୋକ ଜାଣିବା ପରେ ମୁମୂର୍ଷ ଅବସ୍ଥାରେ ପଡିଥିବା ସ୍ଥାନରୁ ଉଦ୍ଧାର କରି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସା କରାଯାଉଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ରେମୁଣା ବ୍ଲକ ବରୁଣସିଂ ଗ୍ରାମର ବିଜୟ ଯେନା।

ସଡ଼କ ଦୁର୍ଘଟଣାରେ ମେରୁଦଣ୍ଡରେ ଆଘାତ ଯୋଗୁ ବିଜୟ ଶଯ୍ୟାଶାୟୀ ହୋଇ ଚିକିତ୍ସାଧୀନ ଥିଲେ। ତେବେ ତାଙ୍କର ଛାତି ପାଖରୁ ଗୋଡ଼ ଯାଏ କୌଣସି ଅଙ୍ଗପ୍ରତ୍ୟଙ୍ଗ ଠିକ୍ ଭାବେ କାମ କରୁ ନ ଥିଲା। ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିବାରୁ ସେ ଜିଲା ପ୍ରଶାସନଠାରୁ ଆରମ୍ଭ କରି ସମସ୍ତଙ୍କ ପାଖରେ ଗୁହାରି କରିଥିଲେ ସୁଦ୍ଧା କେହି ତାଙ୍କ କଥା ଶୁଣି ନ ଥିଲେ। ମୁଣ୍ଡ ଗୁଞ୍ଜିବାକୁ ତାଙ୍କର ଘରଟିଏ ମଧ୍ୟ ନାହିଁ। ଦୁର୍ଘଟଣାରେ ☞ପୃଷ୍ଠା-୩

# ନଭେମ୍ବର ୮ରୁ କଟକ ବାଲିଯାତ୍ରା

- ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରସ୍ତୁତି ଶେଷ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ
- ପରିମଳ, ସ୍ୱାସ୍ଥ୍ୟସେବା, ପାର୍କିଂ, ଟ୍ରାଫିକ୍ ପରିଚାଳନା ଉପରେ ସର୍ବାଧିକ ଗୁରୁତ୍ୱ

**ଭୁବନେଶ୍ୱର, ୯।୯(ବ୍ୟୁରୋ)**

ଦୁଇବର୍ଷ ପରେ ଆସନ୍ତା ନଭେମ୍ବର ୮ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ କଟକର ବିଶ୍ୱପ୍ରସିଦ୍ଧ ବାଲିଯାତ୍ରା। ଏହାକୁ ରାଜ୍ୟସ୍ତରୀୟ ଉତ୍ସବ ଭାବେ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏ ନେଇ ଶୁକ୍ରବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଉତ୍ସବର ପରିଚାଳନା ଓ ଆର୍ଥିକ ବ୍ୟବସ୍ଥା ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ।

ବାଲିଯାତ୍ରାରେ ଓଡ଼ିଶାର ବିଭିନ୍ନ ଜିଲାରୁ ଅଧିକ ସଂଖ୍ୟକ କଳାକାର ଓ ଶିଳ୍ପୀମାନଙ୍କୁ ସାମିଲ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଯାତ୍ରା ପଡ଼ିଆକୁ ☞ପୃଷ୍ଠା-୩

# ପ୍ରଭାତ କୁମାର ରାଉଳ ଓୟୁଏଟି କୁଳପତି ନିଯୁକ୍ତ

**ଭୁବନେଶ୍ୱର, ୯।୯(ବ୍ୟୁରୋ)**



ପ୍ରଭାତ କୁମାର ରାଉଳ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ହେଲେ ପ୍ରଫେସର ପ୍ରଭାତ କୁମାର ରାଉଳ। ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲ ଶୁକ୍ରବାର ପ୍ରଫେସର ରାଉଳଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ଯୋଗଦାନଠାରୁ ୩ବର୍ଷ ପର୍ଯ୍ୟନ୍ତ ସେ ଏହି ପଦବୀରେ ରହିବେ। ପ୍ରଫେସର ରାଉଳ ବର୍ତ୍ତମାନ ଆପିକଲର ପରିଚାଳନା ନିର୍ଦ୍ଦେଶକ ଭାବେ ଅଛନ୍ତି। ତାଙ୍କର ୨୯ବର୍ଷର ଶିକ୍ଷକତା ଅଭିଜ୍ଞତା ରହିଥିବାବେଳେ ୯ଜଣ ପିଏଚ୍.ଡି. ସ୍କଲାରଙ୍କୁ ମାର୍ଗଦର୍ଶନ ଦେଇଛନ୍ତି। ଏଥିସହ ତାଙ୍କ ରଚିତ ୨୪ଟି ପୁସ୍ତକ ପ୍ରକାଶିତ ହୋଇଛି।

ସୂଚନାଯୋଗ୍ୟ, ଓୟୁଏଟିର କୁଳପତି ପ୍ରଫେସର ପୱନ କୁମାର ଅଗ୍ରୱାଲ ଅବସର ନେବା ପରେ ଏହି ପଦବୀ ଖାଲି ପଡିଥିଲା। କୃଷି ଉତ୍ପାଦନ କମିଶନର ସଞ୍ଜୀବ ଚୋପ୍ରାଙ୍କୁ ଓୟୁଏଟି କୁଳପତି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା।

# ଉନ୍ନୟନ କାର୍ଯ୍ୟ ପାଇଁ ଭିକ୍ଷା ମାଗିଲେ ସରପଞ୍ଚ

## ପ୍ରଶାସନିକ ଅବହେଳାର ଶିକାର ପେଗରପଡ଼ାବାସୀ

**କେନ୍ଦ୍ରାପଡ଼ା ଅଫିସ, ୯।୯**

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ପେଗରପଡା ପଞ୍ଚାୟତବାସୀ ପ୍ରଶାସନିକ ଅବହେଳାର ଶିକାର ହୋଇଛନ୍ତି। ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ଲୋକ ପ୍ରତିନିଧି ଉନ୍ନୟନ କାର୍ଯ୍ୟ କରିବାରେ ବାଧା ଉପୁଜୁଛି। ସରକାରୀ ଯୋଜନା ଏହି ପଞ୍ଚାୟତରେ କାର୍ଯ୍ୟକାରୀ ହୋଇପାରୁନାହିଁ। ପଞ୍ଚାୟତର ଶର୍ତ୍ତାବାଦ ଦାଣ୍ଡି(ରାସ୍ତା)ରେ କାଦୁଅ ଓ ପାଣି ଜମି ରହି ଦୁର୍ଗନ୍ଧ ହେଉଛି। ଏଥିସହ ରାସ୍ତାକୁ ସଂଯୋଗ କରୁଥିବା ୧ ନଂ. ଓ ୫ ନଂ. ୱାର୍ଡରେ ଥିବା ଅଧିବାସୀଙ୍କ ଘରେ ଘରେ ଥଣ୍ଡା ଓ ଜ୍ୱର ରୋଗୀ ଦେଖିବାକୁ ମିଳୁଛି। ଦାଣ୍ଡିରୁ ପାଣି ବାହାର କରି କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟ ଘରକୁ ଘର ବୁଲି ଭିକ୍ଷା ମାଗୁଛନ୍ତି। ଏହା ଗତ ଦୁଇଦିନ ଧରି କେନ୍ଦ୍ରାପଡ଼ା ଜିଲାରେ ଆଲୋଚନାର ବିଷୟ ହୋଇଛି।



ପେଗରପଡା ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟ ରାସ୍ତା କାମ ପାଇଁ ଗାଁରେ ଭିକ୍ଷା ମାଗୁଛନ୍ତି।

ଏ ସମ୍ପର୍କରେ ବିନୋଦ କୁମାର ସାହାଣୀ, ବିପ୍ରଚରଣ ନାୟକ, ସୌମ୍ୟରଞ୍ଜନ ପଲାଇ ପ୍ରମୁଖ କହିଛନ୍ତି, ପେଗରପଡ଼ା ପଞ୍ଚାୟତରେ ବାଲିଭାଣ୍ଡ, ପେଗରପଡା ଓ ପତ୍ରପୁର ରାଜସ୍ୱ ଗ୍ରାମ ରହିଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ☞ପୃଷ୍ଠା-୩




## ପ୍ରଥମ ପୃଷ୍ଠାରୁ...

### ଉତ୍ତମ ସମାରିଟାନ...

ଅନୁମୋଦନ କରିଛନ୍ତି। ଉକ୍ତ ନୀତିର-୨୧ ଧାରାକୁ ସଂଶୋଧନ କରାଯାଇଛି।

ସଡ଼କ ଦୁର୍ଘଟଣାର ପ୍ରଥମ ଏକଘଣ୍ଟା ହେଉଛି 'ଗୋଲ୍‌ଡେନ୍ ଆୱାର'। ଏହି ସମୟରେ ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦିଆଗଲେ ସଡ଼କ ଦୁର୍ଘଟଣାର ମୃତ୍ୟୁ ୫୦%କୁ ହ୍ରାସ କରାଯାଇପାରିବ। ଏହି ନୀତି ଅନୁଯାୟୀ, ଉତ୍ତମ ସମାରିଟାନ ବା ସେଠାରେ ଉପସ୍ଥିତ ଥିବା ବ୍ୟକ୍ତିଙ୍କୁ ଉପଯୁକ୍ତ ପୁରସ୍କାର ଦେବା ବ୍ୟବସ୍ଥା ରହିଛି। ଉତ୍ତମ ସମାରିଟାନଙ୍କୁ ପୁରସ୍କୃତ କରିବା ପାଇଁ ଆର୍ଥିକ ସହାୟତା ସୁପାରିସ କରାଯାଏ। ଜଣେ ବ୍ୟକ୍ତି କିମ୍ବା ବ୍ୟକ୍ତିଙ୍କୁ ୨୦୦୦ ଟଙ୍କା ନଗଦ ପୁରସ୍କାର ପ୍ରୋତ୍ସାହନ ରାଶି ଭାବେ ଦିଆଯିବା ବ୍ୟବସ୍ଥା ରହିଛି।

### ପ୍ରକାଶ ପାଇଲା ଓସିଏସ୍...

ବିଜ୍ଞପ୍ତି ମାଧ୍ୟମରେ ପରୀକ୍ଷାର୍ଥୀମାନଙ୍କୁ ଅବଗତ କରାଯିବ ବୋଲି ଓପିଏସ୍‌ସି ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଗତ ଜାନୁୟାରୀ ୨୦ରୁ ଫେବୃୟାରୀ ୮ ତାରିଖ ପର୍ଯ୍ୟନ୍ତ ଓସିଏସ୍-୨୦୨୦ର ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୫ଟି ଜୋନ୍‌ର ୧୬ଟି କେନ୍ଦ୍ରରେ ୪୭୫୪ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରେ ବାଲେଶ୍ୱର ଜୋନ୍‌ର ସରକାରୀ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨୫୨ ଜଣ, ବ୍ରହ୍ମପୁର ଜୋନ୍‌ର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୮୫ ଜଣ, ଭୁବନେଶ୍ୱରର ୯ଟି ପରୀକ୍ଷା କେନ୍ଦ୍ରରେ ୩୦୧୬ ଜଣ, କଟକ ଜୋନ୍‌ର ଦୁଇଟି ପରୀକ୍ଷା କେନ୍ଦ୍ରରେ ୫୭୧ ଜଣ ଓ ସମ୍ବଲପୁର ଜୋନ୍‌ର ତିନୋଟି କେନ୍ଦ୍ରରେ ୬୩୦ ଜଣ ପରୀକ୍ଷା ଦେଇଥିବା ଜଣାପଡିଛି।

### ମିଳିଲାନି ସହାୟତା...

ଶଯ୍ୟାଶାୟୀ ହୋଇଥିବାରୁ ଯନ୍ତ୍ରଣାରେ ଛଟପଟ ହୋଇ ଚଳିତବର୍ଷ ଅଗଷ୍ଟରେ ଟୁଇଟ୍ କରି ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କଠାରେ ଇଚ୍ଛାମୃତ୍ୟୁ ପାଇଁ ନିବେଦନ କରିଥିଲେ। ତେବେ ସବୁଆଡୁ ନିରାଶ ହେବା ପରେ ଶୁକ୍ରବାର ସକାଳେ ବିଜୟ ନିକଟସ୍ଥ ଏକ ସାର ଦୋକାନକୁ କଷ୍ଟମଷ୍ଟେ ଯାଇ ସେଠାରେ କୀଟନାଶକ କିଣି ପିଇ ଦେଇଥିଲେ। ଏନେଇ ଖଣ୍ଡପଡ଼ା ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

### ପୁଅ ଆଗରେ ଭାସିଗଲେ...

ନିକଟରେ ଥିବା ଲୋକମାନେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କଲାବେଳକୁ ସେ କଲଭର୍ଟ ତଳକୁ ଖସିପଡ଼ିଥିଲେ। ପୋଲିସ ଓ ଓଡ୍ରାଫ୍ ଟିମ୍ ପହଞ୍ଚି ଖୋଜାଖୋଜି କରୁଥିବା ଜଣାପଡ଼ିଛି।

### ନଭେମ୍ବର ୮ରୁ କଟକ...

ରାସ୍ତା ସଂଯୋଗ, ଟ୍ରାଫିକ୍ ନିୟନ୍ତ୍ରଣ, ପର୍ଯ୍ୟାପ୍ତ ପାର୍କିଂ ସ୍ଥାନ, ଷ୍ଟଲ୍ ପାଇଁ ସ୍ଥାନ ନିର୍ଦ୍ଧାରଣ, ବିଦ୍ୟୁତ୍ ସଂଯୋଗ, ପରିମଳ, ସ୍ୱାସ୍ଥ୍ୟ ସେବା ଓ ଆଇନଶୃଙ୍ଖଳା ଆଦି ଉପରେ ଗୁରୁତ୍ୱାରୋପ କରାଯାଇଛି। ଏସବୁର ଉତ୍ତମ ପରିଚାଳନା ନିମନ୍ତେ ନିର୍ଦ୍ଧାରିତ ସମୟ ପୂର୍ବରୁ ସମସ୍ତ ପ୍ରସ୍ତୁତି ଶେଷ କରିବା ପାଇଁ ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଯାତ୍ରା ପଡ଼ିଆରେ ଅଧିକ ସଂଖ୍ୟକ ପାଣି ଟ୍ୟାଙ୍କର, ଅସ୍ଥାୟୀ ବାୟୋ ଟଏଲେଟ୍ ବ୍ୟବସ୍ଥା କରିବାକୁ କଟକ ପୌର ପରିଷଦ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗକୁ କୁହାଯାଇଛି। ଯାତ୍ରା ପଡ଼ିଆରେ କେବୁଲ ମାଧ୍ୟମରେ ବିଦ୍ୟୁତ୍ ସଂଯୋଗ କରିବାକୁ ବିତରକ କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି। ଯାତ୍ରା ସମୟରେ ନଦୀରେ ଜଳକ୍ରୀଡ଼ା ଏବଂ ଡେଜର୍ଟ ବାଇକ୍ ରାଇଡିଂ ଆଦି ବ୍ୟବସ୍ଥା ବିଷୟରେ ମଧ୍ୟ ଆଲୋଚନା ହୋଇଛି। ଏବର୍ଷ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ତରଫରୁ ଅଧିକ ସଂଖ୍ୟକ ଲୋକକଳା, ସଙ୍ଗୀତ ଏବଂ ନୃତ୍ୟ ଟ୍ରୁପ୍ ଯୋଗାଇ ଦିଆଯିବ ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାଢ଼ୀ ବୈଠକରେ ସୂଚନା ଦେଇଛନ୍ତି। ଏନ୍‌ଜିଟି ଗାଇଡ୍‌ଲାଇନ ଅନୁସାରେ ବାଲିଯାତ୍ରା ଆୟୋଜନ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଗୃହ ଓ ନଗର ଉନ୍ନୟନ, ପୂର୍ତ୍ତ, ଶକ୍ତି, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଆଦି ବିଭାଗ ମାଧ୍ୟମରେ ଯାତ୍ରା ପ୍ରସ୍ତୁତି ପାଇଁ ପ୍ରାୟ ୧୫.୩୫ କୋଟି ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଛି। କଟକ ଜିଲାପାଳ ଭବାନୀ ଶଙ୍କର ଚଇନି, କଟକ ଉନ୍ନୟନ କର୍ତ୍ତୃପକ୍ଷ ଅଧ୍ୟକ୍ଷ ଅନିଲ କୁମାର ସାମଲ, କଟକ ପୌର ପରିଷଦ କମିଶନର ନିଖିଲ ପଓ୍ୱନ କଲ୍ୟାଣ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳାଇ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଉନ୍ନୟନ କାର୍ଯ୍ୟ ପାଇଁ...

(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ପାଇଁ ମୋଟ ୭୦୩ ପରିବାରର ୨,୫୧୪ ଜଣ ନାମ ପଞ୍ଜୀକରଣ କରିଛନ୍ତି। ଏଥିରୁ ଏକ ତୃତୀୟାଂଶରୁ ଅଧିକ ଅର୍ଥାତ ୨୫୯ ପରିବାରର ୯୮୭ ଜଣ ଅନୁସୂଚିତ ଜାତିର ଅଛନ୍ତି। ଏହି ଶ୍ରମିକଙ୍କୁ କର୍ମନିଯୁକ୍ତି ମିଳିବା ତ ଦୂରର କଥା, ଘରୁ ବାହାରକୁ ଯିବାକୁ ଭଲ ରାସ୍ତାଟିଏ ନାହିଁ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦୨୦ ମସିହାରୁ ଅଦ୍ୟାବଧି ୨୯ଟି ଗ୍ରାମ ସଂଯୋଗୀକରଣ ରାସ୍ତା ନିର୍ମାଣ ହେଉଥିବା ଦର୍ଶାଯାଉଥିଲେ ମଧ୍ୟ ସେହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରିନାହିଁ। ସେହିପରି ୧୯ଟି ରାସ୍ତା ନିର୍ମାଣ ମଞ୍ଜୁରୀ ପାଇଥିଲେ ମଧ୍ୟ କାର୍ଯ୍ୟାରମ୍ଭ ହୋଇନାହିଁ। ବାଲିଭାଣ୍ଡ ବଡପୋଖରୀଠାରୁ ଯୋର ପର୍ଯ୍ୟନ୍ତ ପୋଲ ସହ ରାସ୍ତା ପାଇଁ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ମଞ୍ଜୁରୀ ଅପେକ୍ଷାରେ ଅଛି। ଶର୍ତାବାଦ ଦାଣ୍ଡି ୧ ନଂ. ଓ ୫ ନଂ. ୱାର୍ଡକୁ ଲାଗିଛି। ଏହି ଦୁଇ ୱାର୍ଡରେ ୪୦୦ରୁ ଅଧିକ ଲୋକ ବସବାସ କରୁଛନ୍ତି। ଗତ ଲଗାଣ ବର୍ଷା ଓ ବନ୍ୟାରେ ଦାଣ୍ଡିଟି ସମ୍ପୂର୍ଣ୍ଣ ପାଣିରେ ବୁଡି ରହିଛି। ଦୀର୍ଘଦିନ ଧରି ଏହି ପାଣି ଜମି ରହିବାରୁ ଦୁର୍ଗନ୍ଧ ହେଉଛି। ପାଣି ପାଇଁ ଲୋକମାନେ ଜଳବାହିତ ରୋଗର ଶିକାର ହେଉଛନ୍ତି। ମ୍ୟାଲେରିଆ ବ୍ୟାପୁଛି। ସରକାରୀ ସାହାଯ୍ୟ ନ ମିଳିବାରୁ ୫ ନଂ. ୱାର୍ଡ ସଭ୍ୟ ଅକ୍ଷୟ ମଲ୍ଲିକ ମୂଲ ଲାଗି ଆଣିଥିବା ପଇସାରେ ମଶାରି କିଣି ବାଣ୍ଟୁଛନ୍ତି। ଉନ୍ନୟନ କାର୍ଯ୍ୟ ପାଇଁ ଭିକ୍ଷା ସମ୍ପର୍କରେ ସମିତିସଭ୍ୟ ପ୍ରବେସନ ମଲ୍ଲିକ ଓ ସରପଞ୍ଚ ଶ୍ରଦ୍ଧାଞ୍ଜଳି ମଲ୍ଲିକ କହିଛନ୍ତି, ଲୋକଙ୍କ ସମସ୍ୟା ସମାଧାନ ଆଶାରେ ଲୋକ ପ୍ରତିନିଧି ହୋଇଛୁ। ସମସ୍ୟା ସମ୍ପର୍କରେ ବ୍ଲକ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରୁଛୁ। ଶର୍ତାବାଦ ଦାଣ୍ଡି ଏବେ ଦୁଇ ୱାର୍ଡବାସୀଙ୍କ ପାଇଁ ବିପଦ ହୋଇଛି। ମଣିଷ ଓ ଗୃହପାଳିତ ପଶୁ ଯାତାୟାତ କରି ପାରୁନାହାନ୍ତି। ଏ ନେଇ ଗତ ଜନଶୁଣାଣିରେ ଜିଲାପାଳଙ୍କୁ ଅଭିଯୋଗ ପତ୍ର ଦେବା ସହ ସମାଧାନ ପାଇଁ ନିବେଦନ କରିଥିଲୁ। ଜିଲାପାଳ ଅମୃତ ଋତୁରାଜ ସମସ୍ୟାର ସମାଧାନ କରିବାକୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ପରଦିନ ବ୍ଲକ ପ୍ରଶାସନିକ ଅଧିକାରୀ ଦାଣ୍ଡି ଅଞ୍ଚଳ ବୁଲିବା ସହ ବାଲି ପକାଇବା ପାଇଁ ନିର୍ଦ୍ଦେଶ ଦେଲେ। ତେବେ ରାସ୍ତା କାମ ଆରମ୍ଭ ହେବାରୁ ଏହି କାମ ବନ୍ଦ କରିବାକୁ ଅଧିକାରୀ କହିଥିଲେ। ଲୋକଙ୍କ ଦୁର୍ଦ୍ଦଶା ଏବେ ଅଧିକ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ଆର୍ଥିକ ଓ ଶ୍ରମ ସହଯୋଗରେ ଭିକ୍ଷା କରୁଥିବା ସେମାନେ କହିଛନ୍ତି। ଗ୍ରାମର ଭଜନା ସୂତାର କହିଛନ୍ତି, ପ୍ରଶାସନିକ ଅଧିକାରୀଙ୍କ ଏପରି ଅସହଯୋଗ ଭାରି ବାଧୁଛି। ଏଥିପାଇଁ ଦାଣ୍ଡି ନିର୍ମାଣ ପାଇଁ ନିଜେ ଟଙ୍କା ଦେବା ସହ ଗ୍ରାମବାସୀ ଟଙ୍କା ଦେଉଛନ୍ତି। ଆବଶ୍ୟକ ପଡିଲେ ଶ୍ରମଦାନ ପାଇଁ ପ୍ରସ୍ତୁତ ଥିବା ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀଙ୍କୁ ପଚାରିବାରେ ଘଟଣାଟି ଏବେ ନଜରକୁ ଆସିଛି। କେଉଁ ପରିସ୍ଥିତିରେ କାର୍ଯ୍ୟବନ୍ଦ ହୋଇଛି ସେ ନେଇ ଆଲୋଚନା କରିବାକୁ ଲୋକ ପ୍ରତିନିଧିଙ୍କ ସହ ରାଜକନିକା ବିଡିଓଙ୍କୁ ଡକାଯାଇଛି ବୋଲି ସେ କହିଛନ୍ତି।

## ନନ୍ଦିପୁରରେ ପୁଣି ଛାତ୍ରୀ ଅସଦାଚରଣ ଅଭିଯୋଗ

ଯାଜପୁର ଅଫିସ,୯।୯

ଯାଜପୁର ଜିଲା ମଙ୍ଗଳପୁର ଥାନା ଅଧୀନ ନନ୍ଦିପୁର ଛକ ନିକଟସ୍ଥ ନାଳକୁଳ ପୋଖରୀରୁ ବରିକୁଳ ଗ୍ରାମର ନବମ ଶ୍ରେଣୀ ଛାତ୍ରୀ ଅମ୍ରିତାଙ୍କ ମୃତଦେହ ମିଳିବା ଘଟଣାର ସପ୍ତାହ ନ ପୂରୁଣୁରୁ ପୁନର୍ବାର ଆଉ ଏକ ଛାତ୍ରୀ ଅସଦାଚରଣ ଅଭିଯୋଗ ସାମ୍ନାକୁ ଆସିଛି। ଶୁକ୍ରବାର ନନ୍ଦିପୁର ପଞ୍ଚାୟତ ଅନ୍ତର୍ଗତ ବାବଲପୁରସ୍ଥିତ ଦଧିବାମନ ଉଚ୍ଚ ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରୀ ବିଦ୍ୟାଳୟରୁ ଘରକୁ ଫେରୁଥିବା ବେଳେ ଅସଦାଚରଣର ଶିକାର ହୋଇଛନ୍ତି। ଜଣେ ଯୁବକ ବାଇକ୍‌ରେ ଆସି ତାଙ୍କୁ ଅସଦାଚରଣ କରିବା ସହିତ ତାଙ୍କ ଓଢଣି ଟାଣି ନେଇଥିଲେ। ଛାତ୍ରୀ ପ୍ରତିବାଦ କରିବାରୁ ଯୁବକ ଜଣକ ତାଙ୍କୁ କାମୁଡି ଦେଇ ଫେରାର ହୋଇ ଯାଇଥିଲେ। ଫଳରେ ଏହାକୁ ନେଇ ଆଖ ପାଖ ଅଞ୍ଚଳରେ କୋକୁଆ ଭୟ ଖେଳିଯିବା ସହିତ ଛାତ୍ରୀମାନେ ଘରୁ ବାହାରିବାକୁ ଭୟ କରୁଛନ୍ତି। ଏ ସମ୍ପର୍କରେ ଖବର ପାଇ ମଙ୍ଗଳପୁର ଥାନାଧିକାରୀ ରୀନାରାଣୀ ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ତେବେ ଅଦ୍ୟାବଧି ଥାନାରେ ଏତଲା ଦିଆ ଯାଇନାହିଁ। ଏଥିରେ ପୂର୍ବ ଘଟଣାର ସମ୍ପୃକ୍ତ ଯୁବକଙ୍କ ଭୂମିକା ସନ୍ଦେହ ଘେରରେ ରହିଛି।

## ଭିଜିଲାନ୍ସ ଜାଲରେ ବେଆଇନ କଳାପଥର ପରିବହନ

■ ୨୫.୨୪ ଲକ୍ଷ ଟଙ୍କାର କଳାପଥର, ୧.୨୯ ଲକ୍ଷ ଟଙ୍କାର ଶାଗୁଆନ କାଠ ଜବତ

■ କାଠମିଲ୍ ମାଲିକ ଗିରଫ, ହାଇୱା ଜବତ

ଯାଜପୁର ଅଫିସ,୯।୯

ଯାଜପୁର ଜିଲାର ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା କଲେଜ ରୋଡ୍ ନିକଟରେ ଶୁକ୍ରବାର ଓଡ଼ିଶା ଭିଜିଲାନ୍ସ ଫରେଷ୍ଟ ୱିଙ୍ଗ୍ ପକ୍ଷରୁ ଚଢ଼ାଉ କରାଯାଇ ୨୫ ଲକ୍ଷ ୨୪ ହଜାର ଟଙ୍କାର କଳାପଥର ସମେତ ଏକ ହାଇୱା ଜବତ ହୋଇଛି। କଳାପଥର ଜଙ୍ଗଲ ଜମିରୁ ଉତ୍ତୋଳନ ହୋଇ ଚୋରାଚାଲାଣ ହୋଇଥିବା ସୂଚନା ମିଳିଛି। ଏହାବାଦ୍ କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅନ୍ତର୍ଗତ ଜୟପୁର ଗ୍ରାମରୁ ୧ ଲକ୍ଷ ୨୯ ହଜାର ୫୦୦ ଟଙ୍କାର ୨୪ ସିଏଫ୍‌ଟି ଶାଗୁଆନ କାଠ ଜବତ କରାଯାଇଛି। ତେବେ ଏଥିରେ ସମ୍ପୃକ୍ତ କାଠମିଲ୍ ମାଲିକ ସୁରେନ୍ଦ୍ର କୁମାର ମହାରଣାଙ୍କୁ ଗିରଫ କରାଯାଇଛି। ଏହି କ୍ରମରେ କଟକ ଫରେଷ୍ଟ ଡିଭିଜନ ଅଧୀନ ଡାଳିଯୋଡ଼ା ରେଞ୍ଜରେ ଲଘୁ ଖଣିଜ ଦ୍ରବ୍ୟ ସଂଶୋଧନ ଆଇନ ୨୦୦୪ ଓ ୨୦୧୬ର ଧାରା-୪ ଅନୁଯାୟୀ ୧୭ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ସେହିପରି କେନ୍ଦ୍ରାପଡ଼ା ରେଞ୍ଜରେ ଓଟିଟି ଆଇନ-୧୯୮୦ର ଉଲ୍ଲଂଘନରେ ୧୧/୨୦୨୨-୨୩ରେ ମାମଲା ରୁଜୁ କରି ଉଭୟ ମାମଲାର ଅଧିକ ତଦନ୍ତ ଜାରି ରହିଛି ବୋଲି କଟକ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଏକ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଯାଜପୁର ଜିଲା ଡାଳିଯୋଡ଼ା ରେଞ୍ଜ ଅଧୀନ କୁସୁନପୁର, ବଳରାମପୁର ଆଦି ଜଙ୍ଗଲ ଜମିରୁ ବିପୁଳ ପରିମାଣରେ ବେଆଇନ ଭାବେ କଳାପଥର ଉତ୍ତୋଳନ ହେଉଛି। ଏହି ଜଙ୍ଗଲ ଜମିରୁ ଦୈନିକ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଗାଡିରେ ୫୩ ନମ୍ବର ଜାତୀୟ ରାଜପଥ ଦେଇ ବିନା ଟ୍ରାନ୍‌ଜିଟ୍ ପାସ୍ କିମ୍ବା ନକଲି ଟ୍ରାନ୍‌ଜିଟ୍ ପାସ୍‌ରେ ଜଗତସିଂହପୁର, କେନ୍ଦ୍ରାପଡ଼ା, କଳିଙ୍ଗନଗର, ସୁକିନ୍ଦା, କେନ୍ଦୁଝର ଆଦି ଅଞ୍ଚଳକୁ ପରିବହନ ହେଉଛି। ଏପରିକି ଓଭରଲୋଡିଂ ପରିବହନ ହେଉଥିଲେ ହେଁ ଚଣ୍ଡିଖୋଲ ପରିବହନ ବିଭାଗ ମାସିକ ଚାନ୍ଦା ନେଇ ଆଖି ବୁଜିଦେଉଛି। ଏହି ବେଆଇନ କାରବାରରେ ଜଙ୍ଗଲ, ପୋଲିସ, ପରିବହନ ଓ ରାଜସ୍ୱ ବିଭାଗର କେତେଜଣ ଅଧିକାରୀ, କର୍ମଚାରୀ ସହଯୋଗ କରି ଆସୁଛନ୍ତି। ପୂର୍ବରୁ ଏହା ବିରୋଧରେ ବଳରାମପୁରଗଡ଼ ବାସିନ୍ଦା ପ୍ରାକୃତିକ ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ଲୋକଙ୍କ ଜୀବନଚର୍ଯ୍ୟା ପ୍ରଭାବିତ ହେଉଥିବା ଦର୍ଶାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହେଲେ କଳେବଳେ କୌଶଳେ ଜଙ୍ଗଲ ଜମିରୁ ବେଆଇନ କଳାପଥର ଉତ୍ତୋଳନ ହେବା ସହ ତାହା ଅଣାୟତ୍ତ ହେବାରେ ଲାଗିଛି। କଟକ ଭିଜିଲାନ୍ସ ବିଭାଗର ଏହି ପଦକ୍ଷେପକୁ ପ୍ରଶଂସା କରିବା ସହ ଆଗକୁ ଏହା ଜାରି ରହିଲେ ଅଞ୍ଚଳର ସବୁଜିମା ସୁରକ୍ଷିତ ରହି ପାରିବ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।



ଜବତ କଳାପଥର ବୋଝେଇ ଗାଡ଼ି।





ଜୟ ଅନୁସନ୍ଧାନ

ପ୍ରତିଭାକୁ ନବୋନ୍ମେଷ ଓ ଅବସର ସହ ଯୋଡ଼ି ଆଗକୁ ବଢୁଛି ଦେଶ

- **ଅଟଳ ଇନୋଭେସନ ମିଶନ:** ୧୦ ହଜାରରୁ ଅଧିକ ଅଟଳ ଟିଙ୍କରିଂ ଲ୍ୟାବ ସହ ଯୋଡ଼ି ହୋଇଛନ୍ତି ୭୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ
- ଦେଶରେ ଉଚ୍ଚ ଗୁଣବତ୍ତା ବିଶିଷ୍ଟ ଗବେଷଣା ଏବଂ ଇନୋଭେସନ ଜରିଆରେ ଉନ୍ନତ ପ୍ରତିଭାମାନଙ୍କୁ ଯୋଡ଼ିବା ଲାଗି **ପିଏମ ରିସର୍ଚ୍ଚ ଫେଲୋଶିପ** ବା ରିସର୍ଚ୍ଚ ଅନୁଦାନ ଆକାରରେ ୫୦ ଲକ୍ଷରୁ ଅଧିକ ଅର୍ଥରାଶି
- ଦେଶରେ ବିଶ୍ୱର ଅଗ୍ରଣୀ ଷ୍ଟାର୍ଟଅପ ଇକୋସିଷ୍ଟମ ନିର୍ମାଣ, ଆଜି ଭାରତରେ **୧୦୭ରୁ ଅଧିକ ୟୁନିକର୍ଣ୍ଣ** ଏବଂ **୭୭,୦୦୦ରୁ ଅଧିକ ଷ୍ଟାର୍ଟଅପ**
- ଜ୍ଞାନକୌଶଳ ଏବଂ ସେବା ଆଧାରିତ ଇନୋଭେସନ ଉପରେ ଗୁରୁତ୍ୱ, ଛଅ ବର୍ଷ ମଧ୍ୟରେ ଦେଶ ଗ୍ଲୋବାଲ ଇନୋଭେସନ ଇଣ୍ଡେକ୍ସରେ **୮୧ତମ** ସ୍ଥାନରୁ ଉଠି **୪୬ତମ** ସ୍ଥାନରେ ପହଞ୍ଚିଛି
- ଗତ ୭ ବର୍ଷ ମଧ୍ୟରେ **ପ୍ୟାଟେଣ୍ଟ ପଞ୍ଜୀକରଣରେ ରେକର୍ଡ ୫୦% ବୃଦ୍ଧି** । ୨୦୧୪-୧୫ରେ ୪୨,୭୦୦ ତୁଳନାରେ ୨୦୨୧-୨୨ରେ ୬୬,୪୦୦ ପ୍ୟାଟେଣ୍ଟ ଫାଇଲ
- ପ୍ରଯୁକ୍ତି ମାଧ୍ୟମରେ ଜନସାଧାରଣଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଲାଗି ପ୍ରଗତିଶୀଳ **ଡ୍ରୋନ ପଲିସି,** ଘରୋଇ କ୍ଷେତ୍ରର ସହଭାଗିତାକୁ ଅନୁମତି ଦେଇ **ମହାକାଶ କ୍ଷେତ୍ରର** ସୁଦୃଢ଼ୀକରଣ

"ଆଜି ଦେଶ ପ୍ରଯୁକ୍ତି, ଗବେଷଣା ଏବଂ ଇନୋଭେସନ ଭଳି ଅନେକ କ୍ଷେତ୍ରରେ ଅଭୂତପୂର୍ବ ଦୃଢ଼ତା ସହିତ ଆଗକୁ ବଢୁଛି ।"
– ନରେନ୍ଦ୍ର ମୋଦି

cbc 22201/13/0115/2223

ବିଜ୍ଞାନ ଏବଂ ନବୋନ୍ମେଷ ଇକୋସିଷ୍ଟମକୁ ପ୍ରୋତ୍ସାହନ ଦେବା ସହିତ ପ୍ରଥମ ଥର ପାଇଁ **'କେନ୍ଦ୍ର-ରାଜ୍ୟ ବିଜ୍ଞାନ କନକ୍ଲେଭ'**କୁ ଉଦ୍‌ଘାଟନ କରିବେ **ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି**, ୧୦ ସେପ୍ଟେମ୍ବର, ସକାଳ: ୧୦.୩୦, (ଭିଡିଓ କନଫରେନ୍ସିଂ ଜରିଆରେ)

## ସଂକ୍ଷେପରେ

### ୧୫.୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ: ୩ କୋର୍ଟ ଚାଲାଣ

**ବାଲିକୁଦା,୯।୯(ସ୍ୱ.ପ୍ର.):** ବାଲିକୁଦା ପୋଲିସ ପକ୍ଷରୁ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରଯାଇ ୧୫.୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଏହି ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ କାଳିଓ ପଞ୍ଚାୟତ ଅନ୍ତର୍ଗତ ଭୋଦା ଗାଁର ଦୀପକ ସ୍ୱାଇଁ (୨୭) ଓରଫ ଦିପୁ, ଇଚ୍ଛାପୁର ପଞ୍ଚାୟତର ସୋମନାଥ ସାହୁ (୩୩) ଓ ଅନନ୍ତପୁର ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣଡ଼ିହି ଗାଁର ସୁଶାନ୍ତ ସେଠ୍ (୩୩)। ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଆଳି ପିଙ୍ଗଳ ଉପକାରାଗାରକୁ ପଠାଇ ଦିଆଯାଇଛି । ଏ ନେଇ ଥାନାରେ ମାମଲା (ନଂ.୩୯୨/୨୨) ରୁଜୁ ହୋଇଛି।

### ୧୧ରେ ଅମୃତା ଫାଉଣ୍ଡେଶନ୍ ପକ୍ଷରୁ ଅମୃତୋତ୍ସବ

**ଜଗତ୍‌ସିଂହପୁର ଅଫିସ, ୯।୯:** ଅମୃତା ଫାଉଣ୍ଡେଶନ୍ ବାର୍ଷିକୋତ୍ସବ ଅମୃତୋତ୍ସବ ୨୦୨୨ ସେପ୍ଟେମ୍ବର ୧୧ରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ପାଳିତ ହେବ। ଏଥିରେ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଚମ୍ପା ମଦର ଆୱାର୍ଡ ୨୦୨୨ ପ୍ରଦାନ କରାଯିବ। ଏଥିସହ ୧୬ ଜଣ ଛାତ୍ରୀଙ୍କୁ ଅମୃତ କନ୍ୟା ରୂପେ ଗ୍ରହଣ କରାଯିବ। ଶୁକ୍ରବାର ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ପରିସରରେ ଅମୃତା ଫାଉଣ୍ଡେଶନ୍ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଫାଉଣ୍ଡେସନ୍ ଅଧକ୍ଷ ଡ. ଅଭୟ କୁମାର ନାୟକ ଏସମ୍ପର୍କରେ ସୂଚନା ଦେଇଥିଲେ ।

### ଛାତରୁ ଖସି ନିର୍ମାଣ ଶ୍ରମିକଙ୍କ ମୃତ୍ୟୁ

**ମାହାଙ୍ଗା, ୯।୯(ସ୍ୱ.ପ୍ର.):** ଛାତ ଉପରୁ ଖସି ପଡ଼ିବାରୁ କଟକ ଜିଲା ମାହାଙ୍ଗା ଥାନା ମୂଳବସନ୍ତ ପଞ୍ଚାୟତ ଅନ୍ତର୍ଗତ ସିପୁରା ଗ୍ରାମର ଜଣେ ନିର୍ମାଣ ଶ୍ରମିକଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ହେଲେ ଧନେଶ୍ୱର ବେହେରା (୫୨)। ସେ ପଣସପୁର ପଞ୍ଚାୟତ ଅନ୍ତର୍ଗତ ଅକରପଡା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଛାତ ଉପରେ କାମ କରୁଥିଲେ। ଏହି ସମୟରେ ଗୋଡ଼ ଖସିଯିବାରୁ ସେ ତଳେ ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ନଡିଆସାହାସପୁର ସ୍ୱାସ୍ଥକେନ୍ଦ୍ର ପରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଧନେଶ୍ୱରଙ୍କ ମୃତ୍ୟୁ ଘଟିଛି।

# ଉଚ୍ଛେଦ ବେଳେ ପୋଲିସକୁ ଆକ୍ରମଣ: ୫ ଗିରଫ

**ରଘୁନାଥପୁର,୯।୯(ଡି.ଏନ୍.ଏ.)**

- ରାସ୍ତା ଉନ୍ମୁକ୍ତ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ
- ମହିଳା ପୋଲିସ କର୍ମୀଙ୍କ ହାତକୁ କାମୁଡ଼ିଦେଲେ ଅଭିଯୁକ୍ତ

ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ରଘୁନାଥପୁର ତହସିଲ ଅନ୍ତର୍ଗତ ଧରାଧରପୁର ପଞ୍ଚାୟତସ୍ଥିତ ଭାସିଲପୁର ଗ୍ରାମ୍ୟ ରାସ୍ତାରୁ ଜବରଦଖଲ ଉଚ୍ଛେଦ ହୋଇଛି। ଏହି ସମୟରେ ତହସିଲ୍‌ଦାରଙ୍କ ଉପସ୍ଥିତିରେ ପୋଲିସ ଉପରକୁ ଅତର୍କିତ ଆକ୍ରମଣ କରାଯାଇଛି। ଏନେଇ ତହସିଲଦାର ରୂପାଲିକା ଦାଶ ରଘୁନାଥପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ୫ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି ବୋଲି ଆଇଆଇସି ରାଜକିଶୋର ବେହେରା ପ୍ରକାଶ କରିଛନ୍ତି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଫକୀର ଭୋଇଙ୍କ ସ୍ତ୍ରୀ ଚିତା ଭୋଇ, କିଶନନଗର ଥାନା ଅନ୍ତର୍ଗତ ବାଲିସୁକୁରିର ଅଞ୍ଜଳି ଭୋଇ, ସାରଳା ଭୋଇ ଏବଂ କମରପଦା ଗ୍ରାମର ମଙ୍ଗଳା ଭୋଇ, ମନୋଜ ଭୋଇ।



ମେଶିନ ସାହାଯ୍ୟରେ ଜବରଦଖଲ ଉଚ୍ଛେଦ କରାଯାଉଛି।

ଅଭିଯୋଗ ଅନୁଯାୟୀ, ଭାସିଲପୁର ଗ୍ରାମର ନଣ୍ଡା ଭୋଇ ଘର ପାଖରୁ ମଥୁରା ଭୋଇ ଘର ପର୍ଯ୍ୟନ୍ତ ଗ୍ରାମ୍ୟ ରାସ୍ତାକୁ କେତେଜଣ ଲୋକ ଜବରଦଖଲ କରି ରଖିଥିଲେ। ଏ ସମ୍ପର୍କରେ ତହସିଲ କାର୍ଯ୍ୟାଳୟରେ ଅଭିଯୋଗ ହେବା ସତ୍ତ୍ୱେ ମଧ୍ୟ ଜବରଦଖଲକାରୀ କର୍ଣ୍ଣପାତ କରି ନ ଥିଲେ। ଫଳରେ ଗ୍ରାମବାସୀଙ୍କ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ କରାଯାଇଥିଲା। ଡବ୍ଲୁପି(ସି)ନଂ.୨୭୨୬୧/୨୦୨୧ ଅନୁଯାୟୀ, ହାଇକୋର୍ଟ ଉକ୍ତ ଜବରଦଖଲ ରାସ୍ତାକୁ ଉନ୍ମୁକ୍ତ କରିବା ପାଇଁ ରଘୁନାଥପୁର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ମୁତାବକ, ଶୁକ୍ରବାର ତହସିଲଦାର ଦାଶ, ଅତିରିକ୍ତ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମକେଶରୀ ଖୁଣ୍ଟିଆ, ଅରଙ୍ଗ ଆର୍‌ଆଇ ପ୍ରଜ୍ଞା ପାରମିତା କୁଅଁର ସେଠାରେ ପହଞ୍ଚି ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିଥିଲେ। ଆଇଆଇସି ବେହେରା ପୋଲିସ ଫୋର୍ସ ସହ ଉପସ୍ଥିତ ଥିଲେ। ଉଚ୍ଛେଦ ସମୟରେ ଅଭିଯୁକ୍ତା ଚିତା ମେଶିନ ଆଗରେ ଶୋଇ କାର୍ଯ୍ୟରେ ବାଧା ଉପୁଜାଇଥିଲେ। ନିୟୋଜିତ ମହିଳା ପୋଲିସ ତାଙ୍କୁ ଉଠାଇବା ସମୟରେ ସେ ଜଣେ ମହିଳା ପୋଲିସ କର୍ମଚାରୀଙ୍କ ହାତକୁ କାମୁଡ଼ି ଦେଇଥିଲେ। ଏହାଛଡ଼ା ଫକୀରଙ୍କ ସମ୍ପର୍କୀୟ ଓ ବନ୍ଧୁବାନ୍ଧବମାନେ ପୋଲିସ ଉପରେ ଆକ୍ରମଣ କରିଥିଲେ। ଅଭିଯୋଗ ପରେ ପୋଲିସ ପକ୍ଷରୁ ମାମଲା (ନଂ.୧୬୮/୨୨) ରୁଜୁ ହୋଇଛି।

## ୭୪ ନାବାଳିକା, ଯୁବତୀ ଉଦ୍ଧାର

**ଧର୍ମଶାଳା,୯।୯ (ଡି.ଏନ.ଏ.)**

ଗୃହ ବିଭାଗ ନିର୍ଦ୍ଦେଶକ୍ରମେ ଧର୍ମଶାଳା ବ୍ଲକର ଜେନାପୁର ଓ ଧର୍ମଶାଳା ଥାନା ପକ୍ଷରୁ ଗତ ୧ ତାରିଖରୁ ଶୁକ୍ରବାର ସୁଦ୍ଧା ୭୪ଜଣ ଅପହୃତା, ନିଖୋଜ ନାବାଳିକା ଓ ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ଧର୍ମଶାଳା ଥାନା ପକ୍ଷରୁ ଅପହୃତା ୧୨ ଯୁବତୀ ଓ ୪ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ଯୁବତୀଙ୍କ ମଧ୍ୟରୁ ୪ଜଣ ଯୁବତୀ ଓ ଜଣେ ନାବାଳିକକାଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ୮ଜଣ ଯୁବତୀ ଓ ୩ଜଣ ନାବାଳିକାଙ୍କୁ ସ୍ୱଧାର ଗୃହକୁ ପଠାଯାଇଛି ବୋଲି ଧର୍ମଶାଳା ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି। ସେହିପରି ଜେନାପୁର ଥାନା ପକ୍ଷରୁ ୫୮ଜଣ ଅପହୃତା ଯୁବତୀଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ୩୦୦ ମହିଳାଙ୍କୁ ଛତୁ ଚାଷ ତାଲିମ ମିଳିବ



ଛତୁ ୟୁନିଟ୍ ଗଠନ ସମୟରେ ଏଏମ୍‌ଏନ୍‌ଏସ୍ କମ୍ପାନୀର ଅଧିକାରୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ।

**ପାରାଦୀପ, ୯।୯ (ସ୍ୱ.ପ୍ର.)**

ଆର୍ସେଲର ମିତ୍ତଲ ନିପ୍ପନଷ୍ଟିଲ (ଏଏମ୍‌ଏନ୍‌ଏସ) କମ୍ପାନୀ ପକ୍ଷରୁ ନୂଆଗଡ଼ଠାରେ ଏକ ଛତୁ ଚାଷ ୟୁନିଟ ଗଠନ କରାଯାଇଛି। ଏଥିରେ ଏକାଧିକ ସ୍ୱୟଂ ସହାୟକ ଗୋଷ୍ଠୀକୁ ସାମିଲ କରାଯାଇଛି। ଏହି ୟୁନିଟ୍‌ରେ ୩୦୦ରୁ ଅଧିକ ମହିଳାଙ୍କ ସ୍ୱରୋଜଗାର ନିମନ୍ତେ ଛତୁଚାଷ ତାଲିମ ଦିଆଯିବ। ଏନେଇ ସମସ୍ତ ପ୍ରକାର ଉପକରଣ, ବିହନ ଆଦି ଯୋଗାଇ ଦିଆଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମକୁ କମ୍ପାନୀ ନିର୍ବାହୀ ନିର୍ଦ୍ଦେଶକ ଜି.ସୁରେଶ ପ୍ରଶଂସା କରିଛନ୍ତି। ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି, କମ୍ପାନୀ ଅଧିକାରୀ ଏବଂ ଓରମାସ ଅଧିକାରୀ ସତ୍ୟ ସୁନ୍ଦର ପାଇଟାଳ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ କାର୍ଯ୍ୟାଳୟରେ ନିଷାଦ୍ରବ୍ୟ ବ୍ୟବହାର ନିଷେଧ

**ରସୁଲପୁର,୯।୯ (ଡି.ଏନ.ଏ.)**

ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ନିଶାଦ୍ରବ୍ୟ ବ୍ୟବହାର ନିଷେଧ ହୋଇଛି। ଏଥିସହିତ କର୍ମଚାରୀଙ୍କ କାର୍ଯ୍ୟ କରିବାର ସମୟ ଧାର୍ଯ୍ୟ କରାଯାଇଛି। ଏନେଇ ବିଡିଓ ଅବନିକାନ୍ତ ସାହୁ ୨ଟି ନିର୍ଦ୍ଦେଶନାମା ଜାରି କରିଛନ୍ତି। ବିଡିଓ ସାହୁଙ୍କ ଏତାଦୃଶ ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।ବ୍ଲକ କାର୍ଯ୍ୟାଳୟ ପରିସରକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ପାଇଁ ବିଡିଓଙ୍କ ପତ୍ର ସଂଖ୍ୟା-୩୪୭୪/ତା୦୫।୦୯।୨୦୨୨ରେ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣ ଓ କର୍ମଚାରୀ କାର୍ଯ୍ୟାଳୟ ପରିସରରେ ନିଶାଦ୍ରବ୍ୟ ସେବନ କରିପାରିବେ ନାହିଁ। ପାନ ସେବନ ପାଇଁ ୫୦୦ଟଙ୍କା, ବିଡିଓ ସିଗାରେଟ-୨୦୦, ଗୁଟ୍‌ଖା-୫୦୦ ଓ ମାଦକ ଦ୍ରବ୍ୟ ପାଇଁ ୧୦୦୦ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। ସେହିଭଳି ବିଡିଓଙ୍କ ପକ୍ଷରୁ ଜାରି କରାଯାଇଥିବା ଆଉ ଏକ ପତ୍ର ସଂଖ୍ୟା-୩୫୧୯/ତା-୦୭।୦୯।୨୦୨୨ରେ ଉଲ୍ଲେଖ କରାଯାଇଛି ଯେ, ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସକାଳ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଅଫିସରେ ଉପସ୍ଥିତ ରହିବେ। ଯେଉଁ କର୍ମଚାରୀ ଛୁଟି ନେବେ ଅବା କାର୍ଯ୍ୟାଳୟ ବାହାରକୁ ଯିବେ ସେମାନେ ବିଡିଓଙ୍କ ଅନୁମତି ନେବେ। ଲୋକେ ଅଯଥା ବ୍ଲକ କାର୍ଯ୍ୟାଳୟକୁ ଆସି ସମୟ ଅପଚୟ ନ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି।

## ନିଯୁକ୍ତି ମେଳାରେ ୯୪ ଯୁବତୀ ଯୁବକଙ୍କ ନାମ ପଞ୍ଜୀକୃତ



ନିଯୁକ୍ତି ମେଳାରେ ଯୁବତୀମାନେ ନାମ ପଞ୍ଜୀକୃତ କରୁଛନ୍ତି।

**ବାଲିଆ,୯।୯ (ସ୍ୱ.ପ୍ର.)**

ବିରିଡି ବ୍ଲକ କାର୍ଯ୍ୟାଳୟ ପରିସରରେ ଦକ୍ଷତା ବିକାଶ ଓ ଜୀବିକା ମିଶନ ଆନୁକୂଲ୍ୟରେ ଶୁକ୍ରବାର ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବ୍ଲକ ଉପାଧକ୍ଷା ପିନାକୀ ପ୍ରିୟଦର୍ଶିନୀ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ହେମନ୍ତ ମହନ୍ତ, ଜଗତସିଂହପୁର ଜିଲା ଓରମାସର ସଂଯୋଜକ ପବିତ୍ର ସ୍ୱାଇଁ, ଦକ୍ଷତା ବିକାଶ ସଂଯୋଜକ ପ୍ରମୋଦ ସିଂ, ବ୍ଲକ ଜୀବିକା ସଂଯୋଜକ ସସ୍ମିତା ବେହେରା ପ୍ରମୁଖ ଯୋଗଦେଇ ନିଯୁକ୍ତି ମେଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମେଳାରେ ୯୪ଜଣ ବେକାରୀ ଓ ଶିକ୍ଷିତ ଯୁବତୀ ଯୁବକ ନିଜର ନାମ ପଞ୍ଜୀକୃତ କରିଥିଲେ। ଏଥିରେ ୧୧ଟି ନିଯୁକ୍ତି ସଂସ୍ଥା ଅଂଶଗ୍ରହଣ କରି ଯୁବତୀ ଯୁବକଙ୍କଠାରୁ ଆବେଦନପତ୍ର ଗ୍ରହଣ କରିବା ସହ ନିଯୁକ୍ତି ସମ୍ବନ୍ଧୀୟ ପରାମର୍ଶ ଦେଇଥିଲେ।

# ଶୁଖିଲା କେନାଲରୁ ଯୁବକଙ୍କ ମୃତଦେହ ଜବତ

**ବାଲିକୁଦା,୯।୯ (ସ୍ୱ.ପ୍ର.)**

ବାଲିକୁଦା ଥାନା ଅନ୍ତର୍ଗତ ଅଳାବୋଳ ଗାଁର ଶୁଖିଲା କେନାଲରୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ଜିତେନ୍ଦ୍ର ବେହେରା(୪୦)। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଜିତେନ୍ଦ୍ର ଦୁଗ୍ଧ ବ୍ୟବସାୟ କରନ୍ତି। ସେ ସବୁଦିନ ପରି ଶୁକ୍ରବାର ସନ୍ଧ୍ୟାରେ ପଡ଼ୋଶୀ ପୁରଣ ଗାଁର ଏକ ଦୁଗ୍ଧ ସେବା ସମବାୟ ସମିତିକୁ ଦୁଗ୍ଧ ନେଇ ଗାଁ କେନାଲ ବନ୍ଧ ବାଟ ଦେଇ ଯାଇଥିଲେ । ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି କେନାଲ ଭିତରୁ ଅଚେତ ଅବସ୍ଥାରେ ପାଇଥିଲେ। ସେଠାରେ ତାଙ୍କ ସାଇକେଲ୍ ଓ କ୍ଷୀର କେନ୍ ପଡ଼ିଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ତାଙ୍କୁ ଉଦ୍ଧାର କରି ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଜିତେନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ବାଲିକୁଦା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୨) ରୁଜୁକରି ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟ ପଠାଇଛି।

# ଅଭିଯୁକ୍ତଙ୍କୁ ୯ ମାସ ଜେଲ ଦଣ୍ଡାଦେଶ

**ଜଗତ୍‌ସିଂହପୁର ଅଫିସ, ୯।୯**

**ବାଲିକୁଦା ଭାଇ ଗଣ୍ଡଗୋଳ ମାମଲା**

ବାଲିକୁଦା ଥାନା ଅନ୍ତର୍ଗତ ଶୋଭା ଗ୍ରାମରେ ଜମିଜମା ଭାଗବଣ୍ଟାକୁ ନେଇ ୨୦୨୧ରେ ଦୁଇ ଭାଇ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏନେଇ ଦୀଲିପ ବିଶ୍ୱାଳଙ୍କ ଅଭିଯୋଗ ଆଧାରରେ ମାମଲା (ନଂ.୪୫୦/୨୧) ରୁଜୁ ହୋଇଥିଲା। ଏହି ମାମଲାର ବିଚାର କରି ଜଗତ୍‌ସିଂହପୁର ସିଜେଏମ୍ ପ୍ରିୟରଞ୍ଜନ ମିଶ୍ର ଅଭିଯୁକ୍ତ ପ୍ରଦୀପ ବିଶ୍ୱାଳ (୩୫)ଙ୍କୁ ୯ ମାସ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏନେଇ ଏପିପି କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

# ବାପ, ପୁଅଙ୍କ ଚିକିତ୍ସା ପାଇଁ ଅର୍ଥ ଅଭାବ

**କୁଜଙ୍ଗ,୯।୯(ଡି.ଏନ୍.ଏ.)**

- ଆର୍ଥିକ ସହାୟତା ପାଇଁ ଗ୍ରାମବାସୀଙ୍କ ନିବେଦନ
- କାମରେ ଆସିଲାନି ବିଜୁ ସ୍ୱାସ୍ଥ୍ୟ କାର୍ଡ

ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା କୁଜଙ୍ଗ ଥାନା ଅନ୍ତର୍ଗତ ଦୁଆଡିଆ(ବାଲିସାହି)ଗ୍ରାମର ଅଭିମନ୍ୟୁ ଦଳାଇ ଓ ପୁଅ ସନ୍ତୋଷଙ୍କ ଚିକିତ୍ସା ସହାୟତା ନିମନ୍ତେ ଅର୍ଥରାଶି ଯୋଗାଇଦେବାକୁ ଶୁକ୍ରବାର ପ୍ରଶାସନ ଓ ସାଧାରଣ ଲୋକଙ୍କ ନିକଟରେ ଅନୁରୋଧ କରାଯାଇଛି। ଏନେଇ ବାଲିସାହିରେ ଅଭିମନ୍ୟୁଙ୍କ ସ୍ତ୍ରୀ ଧନେଶ୍ୱରୀ ଓ ବୋହୂ ତୁଳସୀ ଦଳାଇଙ୍କ ସମେତ ଗ୍ରାମବାସୀଙ୍କ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏହି ଅବସରରେ ସେମାନେ କହିଥିଲେ, ଅଭିମନ୍ୟୁ ଓ ପୁଅ ସନ୍ତୋଷଙ୍କୁ ଜୁଲାଇ ୧୦ରେ ଗ୍ରାମର ବୁଟୁ ବେହେରା ନାମକ ଜଣେ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଅଭିମନ୍ୟୁଙ୍କ ଦୁଇ ଗୋଡ଼ ଭାଙ୍ଗିଯାଇଥିବା ବେଳେ ପୁଅ ସନ୍ତୋଷଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇଛି। ଏନେଇ ଥାନାରେ ମାମଲା (ନଂ. ୨୭୫/୨୨) ରୁଜୁ ହୋଇଛି। ଅଭିଯୁକ୍ତ ଏବେ ଜେଲ୍‌ରେ ଥିବାବେଳେ ଅଭିମନ୍ୟୁ ଓ ସନ୍ତୋଷଙ୍କ ଚିକିତ୍ସା ନିମନ୍ତେ କଟକସ୍ଥିତ ଏକ ଘରୋଇ ନର୍ସିଂହୋମ୍‌ରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ଗ୍ରହଣଯୋଗ୍ୟ ହୋଇ ନ ଥିଲା। ଫଳରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲେ ବି ଆହତ ବାପପୁଅ ଆରୋଗ୍ୟ ହୋଇପାରିନାହାନ୍ତି। ବାଧହୋଇ ସେମାନେ ଗାଁକୁ ଫେରିଆସି ଗାଁମୁଣ୍ଡରେ ଜରି ପାଲ ଟାଣି ସେଠାରେ ପଡ଼ିରହିଛନ୍ତି। ଅସ୍ତ୍ରୋପଚାର ପାଇଁ ଲକ୍ଷାଧିକ ଟଙ୍କା ଆବଶ୍ୟକ ଥିବାବେଳେ ସେମାନଙ୍କ ପାଖରେ କୌଣସି ଅର୍ଥ ନାହିଁ ବୋଲି ପରିବାର ଲୋକେ କହିଛନ୍ତି। ସହାୟତା ନିମନ୍ତେ ପ୍ରଶାସନ ନିକଟରେ ବାରମ୍ବାର ଅନୁରୋଧ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସହାୟତା ପାଇଁ ୭୮୯୪୬୯୩୭୦୯ରେ ଯୋଗାଯୋଗ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ସହୃଦୟ ବ୍ୟକ୍ତିଙ୍କୁ ନିବେଦନ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଗ୍ରାମବାସୀଙ୍କ ତରଫରୁ ପ୍ରସାଦ ସାମଲ, ରତ୍ନାକର ଦଳାଇ, ସାଗର ତରାଇ, ତୋଫାନ ପାଣି, ବବିନା ବେହେରା, ଦାଶରଥି ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ଚିକିତ୍ସା ଅପେକ୍ଷାରେ ଅଭିମନ୍ୟୁ ଦଳାଇ ଓ ପୁଅ ସନ୍ତୋଷ ଦଳେଇ।

# ଜଗତ୍‌ସିଂହପୁରରେ ହେବ ଗାମ୍ବୁସିଆ ମାଛ ଚାଷ

**ରୋଗୀ କଲ୍ୟାଣ ସମିତିର କାର୍ଯ୍ୟକାରିଣୀ ବୈଠକ**

- ରେଡିଓଲୋଜିଷ୍ଟ ପଦବୀ ପୂରଣ କରିବାକୁ ଦାବି
- ଫାୟାର ଏକଜିଟ୍ ବ୍ୟବସ୍ଥା ପାଇଁ ଦାବି

**ଜଗତ୍‌ସିଂହପୁର ଅଫିସ, ୯।୯**



ରୋଗୀ କଲ୍ୟାଣ ସମିତିର କାର୍ଯ୍ୟକାରିଣୀ ବୈଠକରେ ଜିଲାପାଳ ପାରୁଲ ପଟୱାରି, ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଜଗତ୍‌ସିଂହପୁର ଜିଲାରେ ସନ୍ତୋଷଜନକ ଭାବେ ଅଲ୍‌ଟ୍ରାସାଉଣ୍ଡ ସେବା ଉପଲବ୍ଧ ହେଉନାହିଁ। ବିଶେଷକରି ସରକାରୀ ଡାକ୍ତରଖାନାରେ ଏହି ଅଭାବ ଚିନ୍ତାର କାରଣ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଅଲ୍‌ଟ୍ରାସାଉଣ୍ଡ ମେଶିନ ଅଛି। କିନ୍ତୁ ଏହାକୁ ଚଳାଇବା ପାଇଁ ରେଡିଓଲୋଜିଷ୍ଟ ନାହାନ୍ତି ଯଦ୍ଦ୍ୱାରା ପ୍ରତ୍ୟହ ବହୁସଂଖ୍ୟକ ଲୋକ ବେସରକାରୀ ଅଲ୍‌ଟ୍ରାସାଉଣ୍ଡ କ୍ଲିନିକ୍ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି। ତୁରନ୍ତ ଏହି ପଦବୀ ପୂରଣ ପାଇଁ ରୋଗୀ କଲ୍ୟାଣ ସମିତି ସଭ୍ୟ ଗୌରାଙ୍ଗ ଚରଣ ହୋତା ଦାବି କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ସମ୍ମିଳନୀ କକ୍ଷରେ ଆୟୋଜିତ ରୋଗୀ କଲ୍ୟାଣ ସମିତି କାର୍ଯ୍ୟକାରିଣୀ ବୈଠକରେ ଏ କଥା ଆଲୋଚନା ହେବା ପରେ ରେଡିଓଲୋଜିଷ୍ଟ ପଦବୀ ପୂରଣ ପାଇଁ ବିଭାଗକୁ ଅନୁରୋଧ କରାଯିବ ବୋଲି କୁହାଯାଇଛି। ଜିଲାପାଳ ପାରୁଲ ପଟୱାରୀ ବୈଠକରେ ପୌରୋହିତ୍ୟ କରିଥିଲେ। ଏଥିରେ କୁହାଯାଇଥିଲା ମାଇ ଏନୋଫିଲିସ୍ ମଶାଙ୍କ ଯୋଗୁ ମ୍ୟାଲେରିଆ ହେଉଛି। ବିଶେଷକରି ବର୍ଷାଦିନେ ବିଭିନ୍ନ ସ୍ଥାନରେ ପାଣି ଜମି ମଶାବଂଶ ବୃଦ୍ଧି ପାଉଛି। ଏହି ମଶାଙ୍କ ଅଣ୍ଡା ବା ଲାଭା ଗାମ୍ବୁସିଆ ମାଛ ଖାଇଦିଅନ୍ତି। ତେଣୁ ଗାମ୍ବୁସିଆ ମାଛଚାଷ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଜମି ଚିହ୍ନଟ ପରେ ଚାଷ ଆରମ୍ଭ ହେବ। ଗାମ୍ବୁସିଆ ଚାଷ ସଫଳ ହେଲେ ଏଗୁଡିକୁ ସହରର ଡ୍ରେନ୍ ଓ ପାଣି ଜମିରହି ମଶାବଂଶ ବୃଦ୍ଧି ପାଉଥିବା ସ୍ଥାନରେ ଛଡ଼ାଯିବା ପାଇଁ ବ୍ୟବସ୍ଥା କରାଯିବ ବୋଲି କୁହାଯାଇଥିଲା। ଏହାଛଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ମାତୃ ଶିଶୁ ସ୍ୱାସ୍ଥ୍ୟ (ଏମ୍‌ସିଏଚ୍) ୱାର୍ଡ ପାଇଁ ୬ ମହଲା ବିଲ୍ଡିଂ ନିର୍ମାଣାଧୀନ ରହିଛି। ଏହି ପରିସରରେ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ଓ ନୂଆ ଓପିଡି ବିଲ୍ଡିଂ ୩ ମହଲା ବିଶିଷ୍ଟ। ସରକାରୀ ନିୟମ ଅନୁଯାୟୀ ୩ ଓ ତଦୂର୍ଦ୍ଧ୍ୱ ମହଲା ବିଶିଷ୍ଟ ବିଲ୍ଡିଂରେ ଫାୟାର ଏକ୍‌ଜିଟ୍ ଅର୍ଥାତ୍ ପ୍ରବେଶ ପ୍ରସ୍ଥାନ ବ୍ୟବସ୍ଥା ରହିବା ଉଚିତ। ଯେହେତୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହି ବ୍ୟବସ୍ଥା ନାହିଁ ତେଣୁ ତାହା କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଜିଲା ମୁଖ୍ୟାଳୟରେ ମୃତଦେହ ବ୍ୟବଚ୍ଛେଦ ଗୃହ ଅଛି। କିନ୍ତୁ ତାହା ପର୍ଯ୍ୟାପ୍ତ ନୁହେଁ। ତେଣୁ କ୍ୟାପିଟାଲ ହସ୍ପିଟାଲର ବ୍ୟବଚ୍ଛେଦ ବିଲ୍ଡିଂ ଭଳି ଏହାକୁ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଜମି ଚିହ୍ନଟ ପରେ ପ୍ରକ୍ରିୟା ଆଗେଇବ। ଏହା ବାଦ୍ ଜିଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ବିଲ୍ଡିଂ ନୂଆ ରଙ୍ଗ କୋଡ୍ ଆନୁଯାୟୀ ରଙ୍ଗ କରାଯିବାକୁ ପ୍ରସ୍ତାବ ରଖାଯାଇଥିଲା। ନୂତନ ବହିର୍ବିଭାଗ ସାମ୍ନାରେ ଥିବା ଜଗତ୍‌ସିଂହପୁର ପୌର ପରିଷଦ ପରିସ୍ରାଗାରକୁ ଉଠାଇନେବା ପାଇଁ ପୌର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ସମନ୍ୱିତ ପରୀକ୍ଷାଗାର ପାଇଁ ଆର୍ଥିକ ଆକଳନ କରିବାକୁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଏଡିଏମ୍‌ଓ (ମେଡିକାଲ) ଡା. ନିମାଇଁ ଚରଣ ନାୟକ ସମିତିର ପୂର୍ବ କାର୍ଯ୍ୟକାରିଣୀ ବୈଠକର ବିବରଣୀ ଦେଇଥିଲେ। ଏଥିସହ ରୋଗୀଙ୍କୁ କିପରି ଗୁଣାତ୍ମକ ସେବା ଯୋଗାଇ ଦିଆଯାଇ ପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କ୍ଷେତ୍ରବାସୀ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଡିପିଏମ୍ ଚକ୍ରଧର ଜେନା ସ୍ୱାସ୍ଥ୍ୟସେବାର ଗୁଣାତ୍ମକ ଦିଗ ଉପରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡା. ପ୍ରମୋଦ କୁମାର ବାରିକ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଆରତିପ୍ରଭା ତ୍ରିପାଠୀ, ସହକାରୀ ଯନ୍ତ୍ରୀ ଚନ୍ଦନ କୁମାର ସାହୁ, ହସ୍ପିଟାଲ ପରିଚାଳକ ଶକ୍ତିମୟୀ ସାମଲ, ଆକାଉଣ୍ଟାଣ୍ଟ ତ୍ରିଲୋଚନ ବାରିକ ଓ ରାଧାକୃଷ୍ଣ କ୍ଲବ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଏନ୍‌ଇଇଟି ପରୀକ୍ଷାରେ ରାଜେନ୍ଦ୍ରଙ୍କ ସଫଳତା



**ପଟ୍ଟାମୁଣ୍ଡାଇ, ୯।୯(ସ୍ୱ.ପ୍ର.):** ଜାତୀୟ ମେଧା ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ଉଲ୍ଲେଖନୀୟ ସଫଳତା ହାସଲ କରି କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ସାନଜରିଆ ପଞ୍ଚାୟତ ନିଗିନିପୁର ଗାଁର ବିଭୁତିଭୂଷଣ ଦାସ ଓ ଆଦ୍ୟା ରଶ୍ମୀଙ୍କ ପୁତ୍ର ରାଜେନ୍ଦ୍ର ଡାକ୍ତରୀ ପଢିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପିଲାଟି ଦିନରୁ ଜଣେ ମେଧାବୀ ଛାତ୍ର ଭାବେ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରି ବିଭିନ୍ନ ଅନୁଷ୍ଠାନ ଦ୍ୱାରା ବହୁବାର ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି। ଏଥିପାଇଁ ରାଜେନ୍ଦ୍ରଙ୍କୁ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଜିଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅରକ୍ଷିତ ସାହୁ, ସାନଜରିଆ ବିଜେଡି ସଭାପତି ଅଜାମ୍ବର ପ୍ରଧାନ, ଗଗନ ବିହାରୀ ଦାସ ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

### ଏଲ୍ ଆଣ୍ଡ ଟି କମ୍ପାନୀ ପକ୍ଷରୁ ଚାରାରୋପଣ



**ଆଳି, ୯।୯ (ଡି.ଏନ.ଏ.):** କେନ୍ଦ୍ରାପଡ଼ା ଜିଲା ଆଳି ଓ ରାଜକନିକା ବ୍ଲକରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ କରୁଥିବା ଏଲଆଣ୍ଡଟି କମ୍ପାନୀ ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଶୁକ୍ରବାର ପୂର୍ବାହ୍ନରେ ଚଣ୍ଡିଆଗଡିରେ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର ପ୍ରୋଜେକ୍ଟ ମ୍ୟାନେଜର ମୋହନ ଦାସଙ୍କ ଅଧ୍ୟକ୍ଷତା ଓ ମ୍ୟାନେଜର ଆଡମିନ ବୃନ୍ଦାବନ ମହାକୁଡ଼ଙ୍କ ସଂଯୋଜନାରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ଚଣ୍ଡିଆଗଡି ପଞ୍ଚାୟତ ବୈଦିମାଳ ଗ୍ରାମର ରାମଚଣ୍ଡୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ଆଳି ରାଜା ବ୍ରଜକେଶରୀ ଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକ ସୁନାରି ବୃକ୍ଷ ରୋପଣ କରି ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମାନେଜର ମହାକୁଡ଼ କହିଛନ୍ତି ଯେ, କମ୍ପାନୀ ଯେଉଁ ଅଞ୍ଚଳରେ କାର୍ଯ୍ୟ କରେ ସେହି ଅଞ୍ଚଳରେ ବିଭିନ୍ନ ପ୍ରକାର ସାମାଜିକ କାର୍ଯ୍ୟ କରେ। ମାନବ ସମାଜ ପାଇଁ ଏବେ ବୃକ୍ଷର ଆବଶ୍ୟକତା ଜରୁରୀ ଥିବାରୁ ବୃକ୍ଷରୋପଣ ଭଳି କାର୍ଯ୍ୟକ୍ରମ କରି ସେମାନେ ଆନନ୍ଦିତ ବୋଲି କହିଥିଲେ। ଆଳି ରାଜା ବ୍ରଜକେଶରୀ ଦେବ, ଜିଲା ପରିଷଦ ପ୍ରତିନିଧି ସୁମନ୍ତ ରାଉତ, ଚଣ୍ଡିଆଗଡି ସରପଞ୍ଚ ସନାତନ ସାହୁଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ରହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୫ ଶହ ଗଛ ଲାଗିଥିବାବେଳେ ଆଗାମୀ ଦିନରେ ୫ ହଜାର ଗଛ ଲଗାଇବାକୁ କମ୍ପାନୀ ଆଶା ରଖିଛି।

# ଶିକ୍ଷକ, ଶ୍ରେଣୀଗୃହ ଅଭାବ, ପାଠପଢ଼ାରେ ବ୍ୟାଘାତ

- ୫-ଟିରେ ରୂପାନ୍ତରଣ ପରେ ପ୍ରବେଶ ପଥରେ ଜମୁଛି ପାଣି
- ରାମଚଣ୍ଡୀ ନୋଡାଲ ଶିକ୍ଷା ନିକେତନ

**ଡେରାବିଶ, ୯।୯ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଛୋଟି ପଞ୍ଚାୟତ ରାମଚଣ୍ଡୀ ନୋଡାଲ ଶିକ୍ଷା ନିକେତନ ୫-ଟି ଯୋଜନାରେ ରୂପାନ୍ତରୀକରଣ କରାଯାଇଥିଲା। ଏହି କାମରେ ପ୍ରାୟ ୩୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଛି। ବ୍ଲକ ପ୍ରଶାସନ ତତ୍ତ୍ୱାବଧାନରେ ହୋଇଥିବା ଏହି କାମର ଶୀଘ୍ର ସମାପ୍ତି ପାଇଁ ତତ୍କାଳୀନ ବିଦ୍ୟାଳୟ ପରିଚାଳନା କମିଟି ଏକାଧିକ ଲୋକଙ୍କୁ ନିଯୁକ୍ତି ଦେବାର ସ୍ଥିର କରିଥିଲା। ହେଲେ ବ୍ଲକ ପ୍ରଶାସନ କମିଟିକୁ ବେଖାତିର କରି ଜଣେ ଠିକାଦାରଙ୍କ ଦ୍ୱାରା କାମ କରାଇଥିବା ନେଇ ପୂର୍ବତନ ସରପଞ୍ଚ କୁମାର ଚନ୍ଦ୍ର ବଳ ଅଭିଯୋଗ କରିଛନ୍ତି। ବିଦ୍ୟାଳୟର ବିଜ୍ଞାନ ଲାବୋରୋଟୋରୀ ଗୃହ, ଲାଇବ୍ରେରୀ ଗୃହ, ଛାତ୍ରୀଛାତ୍ରଙ୍କୁ ପାଠ ପଢାଇବା ପାଇଁ ସ୍ମାର୍ଟ କ୍ଲାସ ରୁମ୍, ନୂତନ ପରିଶ୍ରାଗାର ଓ ଶୌଚାଳୟ ଗୃହ ନୂତନ ଭାବେ ନିର୍ମାଣ କରାଯାଇଛି। ଏଥିସହ ସମସ୍ତ ଶ୍ରେଣୀ ଗୃହ, ଅଫିସ ଗୃହରେ ଟାଇଲ୍ସ ପକାଯିବା, ପୂରା ବିଦ୍ୟାଳୟ ପରିସରକୁ ଏକ ପ୍ରକାର ରଙ୍ଗ ଓ ବିଦ୍ୟାଳୟ ଭିତର ପରିସରରେ ଫେଭର ବ୍ଲକ ପକାଯାଇ କଳେବରକୁ ବଦଳା ଯାଇଥିଲା। ବିଦ୍ୟାଳୟ ପ୍ରବେଶ ପଥ ଅର୍ଥାତ ମୁଖ୍ୟ ଫାଟକକୁ ମଧ ଚକାଚକ ହୋଇଥିଲା। ମାତ୍ର ବିଦ୍ୟାଳୟର କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ବ୍ଲକ ପ୍ରଶାସନଙ୍କ ନିକଟରେ ଅଭିଯୋଗ ହୋଇଥିଲା। ପ୍ରଶାସନ ଏହାକୁ ବେଖାତିର କରୁଛି। ଏବେ ଏହି ବିଦ୍ୟାଳୟର ମୁଖ୍ୟ ପ୍ରବେଶ ପଥରେ ପାଣି ଜମି ରହୁଛି। ଶ୍ରେଣୀ ଗୃହ ଓ ଶିକ୍ଷକ ଅଭାବ ସମସ୍ୟା ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି କରିଛି।

ସ୍ଥାନୀୟ ଜନସାଧାରଣ ଓ କେତେଜଣ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ୧୯୫୬ରେ ଏହି ବିଦ୍ୟାନିକେତନ ସ୍ଥାପିତ ହୋଇଥିଲା। ଏଠାରେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିଛି। ଏହି ବିଦ୍ୟା ନିକେତନରେ ଚଳିତ ବର୍ଷ ମୋଟ ୩୧୬ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଶ୍ରେଣୀ ଗୃହ ସମସ୍ୟା ପାଇଁ ୧ମରୁ ୩ୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କୁ ଗୋଟିଏ ଶ୍ରେଣୀରେ ପାଠପଢା ଚାଲିଛି। ଅନ୍ୟ ସମସ୍ତ ଶ୍ରେଣୀ ଗୋଟିଏ ଗୋଟିଏ ଗୃହରେ ଚାଲିଛି। ନବମ ଶ୍ରେଣୀରେ ରହିଥିବା ୮୫ ଜଣ ଓ ଦଶମ ଶ୍ରେଣୀରେ ରହିଥିବା ୭୦ ଛାତ୍ରୀଛାତ୍ରଙ୍କୁ ଗୋଟିଏ ଶ୍ରେଣୀ ଗୃହରେ ଖୁନ୍ଦାଖୁନ୍ଦି ହୋଇ ବସି ପଢିବାକୁ ପଡୁଛି। ଅପରପକ୍ଷରେ ଏତେ ଛାତ୍ରୀଛାତ୍ରଙ୍କ ପାଇଁ ଆବଶ୍ୟକ ସଂଖ୍ୟକ ଶିକ୍ଷୟିତ୍ରୀଶିକ୍ଷକ ନ ଥିବାରୁ ପିଲାଙ୍କୁ ପାଠ ପଢାଇବା କଷ୍ଟଦାୟକ ହୋଇଯାଇଛି। ଏହି ଦୁଇ ସମସ୍ୟା ଏବେ ଛାତ୍ରୀଛାତ୍ରଙ୍କ ପାଠପଢାରେ ମୁଖ୍ୟ ପ୍ରତିବନ୍ଧକ ସାଜିଛି। ୨୦୧୬ମସିହାରୁ ଏହି ବିଦ୍ୟା ନିକେତନରେ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡିଛି। ଆର୍ଟ୍ସ ଗ୍ରାଜୁଏଟ୍ ଓ ଅନ୍ୟ ୩ ଶିକ୍ଷକ ପଦବୀ ମଧ ଦୀର୍ଘବର୍ଷ ହେଲା ଖାଲି ପଡିଛି। ବିଦ୍ୟାଳୟର କିରାଣି ପଦବୀ ଖାଲିପଡିଥିବା ବେଳେ ୩ ଜାଗାରେ ମାତ୍ର ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀରେ ଚାଲିଛି। ବିଶେଷକରି ନିମ୍ନମାନର ରୂପାନ୍ତରଣ କାମ ଯୋଗୁ ବର୍ତ୍ତମାନ ବର୍ଷା ସମୟରେ ବିଦ୍ୟାଳୟ ପ୍ରବେଶ ପଥର ମୁଖ୍ୟ ଫାଟକ ଆଗରେ ବର୍ଷାପାଣି ଆଣ୍ଠୁଏ ଉଚ୍ଚର ଜମା ହୋଇ ରହିବାରୁ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବିଦ୍ୟାଳୟର ସମସ୍ୟା ସମାଧାନ ପାଇଁ ତୁରନ୍ତ ଶିକ୍ଷା ବିଭାଗ ଓ ପ୍ରଶାସନ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ବିଷୟରେ ଜିଲା ଭାରପ୍ରାପ୍ତ ଶିକ୍ଷାଧିକାରୀ ଶୁଭଲକ୍ଷ୍ମୀ ନାୟକଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲା। ସେ ଏକ ମିଟିଂରେ ଥିବାରୁ ମତାମତ ଦେଇ ପାରିବେ ନାହିଁ ବୋଲି କହିଥିଲେ। ଏ ସମ୍ପର୍କରେ ବିଡିଓ ନମିତା ବାରିକଙ୍କୁ ପଚାରିବାରୁ ଅଭିଯୋଗ ପାଇବା ପରେ ବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିଲି। ମୁଖ୍ୟ ଫାଟକ ନିକଟରେ ଜମି ରହୁଥିବା ପାଣିକୁ ନିଷ୍କାସନ ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ତୁରନ୍ତ ପୂରଣ କରିବାକୁ ଜିଲା ଓ ବ୍ଲକ ଶିକ୍ଷାଧିକାରୀ ପଦକ୍ଷେପ ନେବାକୁ ବିଡିଓ ବାରିକ ପରାମର୍ଶ ଦେଇଥିବା କହିଥିଲେ।



ରାମଚଣ୍ଡୀ ନୋଡାଲ ଶିକ୍ଷା ନିକେତନ ଗେଟ୍ ସମ୍ମୁଖରେ ପାଣି ଜମି ରହିଛି।

# ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଜବରଦଖଲ ଉଚ୍ଛେଦ


ଜବରଦଖଲରେ ଥିବା ଗୃହକୁ ଡେରାବିଶ ତହସିଲ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଉଛି।

**ଡେରାବିଶ, ୯।୯(ସ୍ୱ.ପ୍ର.)**

ଡେରାବିଶ ତହସିଲ ଅନ୍ତର୍ଗତ ଇନ୍ଦାଳୋ ପଞ୍ଚାୟତ ଦକ୍ଷିଣପାରି ଗାଁରେ ଶୁକ୍ରବାର ସରକାରୀ ଜାଗାକୁ ଜବରଦଖଲ କରି ଅଜୟ ଦାସଙ୍କ ବାସଗୃହ ଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ସୁଜିତ କୁମାର ସ୍ୱାଇଁ ଜବରଦଖଲ ଗୃହକୁ ଉଚ୍ଛେଦ କରିଛନ୍ତି। ଦକ୍ଷିଣପାରି ଗାଁର ଅଜୟ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଗୋଚର ଜାଗାକୁ ଜବରଦଖଲ କରି ଦୀର୍ଘଦିନ ହେବ ଏକ ବାସଗୃହ ନିର୍ମାଣ କରି ସେଠାରେ ରହୁଥିଲେ। ଏ ସମ୍ପର୍କରେ ଗ୍ରାମର ଅଶୋକ କୁମାର ଲେଙ୍କା ନାମକ ଜଣେ ବ୍ୟକ୍ତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମଧ୍ୟାହ୍ନରେ ଅତିରିକ୍ତ ତହସିଲଦାର ସ୍ୱାଇଁ ସ୍ଥାନୀୟ ସର୍କଲର ରାଜସ୍ୱ ନିରୀକ୍ଷକଙ୍କୁ ଉପସ୍ଥିତିରେ ପୋଲିସ ଟିମ ସହ ଜବରଦଖଲରେ ଥିବା ଅଜୟଙ୍କ ଘରକୁ ଭାଙ୍ଗି ଦେଇଥିଲେ।

## ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ

**ଆଳି, ୯।୯(ଡି.ଏନ.ଏ.)**

ଆଳି ବ୍ଲକ ମେଣ୍ଟପୁର ପଞ୍ଚାୟତ ରସୁଲପୁର ଗ୍ରାମର ଦିବ୍ୟାଙ୍ଗ ବ୍ୟକ୍ତି ସୁଟୋ ଖାନଙ୍କୁ ଶୁକ୍ରବାର ପୂର୍ବାହ୍ନରେ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଏକ ଟ୍ରାଇ ସାଇକେଲ ପ୍ରଦାନ କରିଛନ୍ତି। ଏହି ସମୟରେ ଆଳି ବିଡିଓ ଦ୍ୱିବେନ୍ଦୁ ଦାସ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରୀତମ ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ବ୍ଲକ ସଭାପତି ସନାତନ ମିଶ୍ର, ଦେମାଳ ସରପଞ୍ଚ ପ୍ରତିନିଧି କୃଷ୍ଣଚନ୍ଦ୍ର ପରିଡା, ଅବଦୁଲ ମତିନ, ସେକ୍ ମୁସ୍ତାକ ଏହେମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ। ସୁଟୋ ଆଳି ଅଞ୍ଚଳର ଜଣେ ଜଣାଶୁଣା ଫୁଟ୍‌ବଲ ଖେଳାଳି ଥିଲେ। ଦେହ ଅସୁସ୍ଥ ହେବା ପରେ ପାରାଲିସିସରେ ଆକ୍ରାନ୍ତ ହୋଇ ଯିବାରୁ ସେ ଏବେ ସମ୍ପୂର୍ଣ୍ଣ ଅକ୍ଷମ। ତେଣୁ ବ୍ଲକ ପ୍ରଶାସନ ପକ୍ଷରୁ ତାଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି।

# ରାଧାରମଣ ମଠରେ ହରିଦାସ ଠାକୁରଙ୍କ ଜନ୍ମୋତ୍ସବ

**ପଟ୍ଟାମୁଣ୍ଡାଇ, ୯।୯(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲାର ସର୍ବପୁରାତନ ଆଧ୍ୟାତ୍ମିକ ପୀଠ ପଟ୍ଟାମୁଣ୍ଡାଇ ରାଧାରମଣ ମଠରେ ହରିଦାସ ଠାକୁରଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ପୁରୀ ଗୋବର୍ଦ୍ଧନ ପୀଠର ସନ୍ଥ ସଂରକ୍ଷକ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସକାଳେ ପ୍ରଭୁ ରାଧାରମଣ ଦେବ, ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ମା' ସୁଭଦ୍ରା, ଗୋପେଶ୍ୱର ମହାଦେବ ଓ ପ୍ରଭୁ ହନୁମାନଜୀଉଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଉପଲକ୍ଷେ ନାମ ସଂକୀର୍ତ୍ତନ, ଭଜନ, ଜଣାଣ ଆୟୋଜନ କରାଯାଇଥିଲା। ଏହାକୁ ପୂର୍ବତନ ପୌରାଧ୍ୟକ୍ଷ ରବୀନ୍ଦ୍ର ମହାନ୍ତି, ଡା. ନାରାୟଣ ମହାକୁଡ, ଓକିଲ ସଂଘ ସଭାପତି ତପନ ମିଶ୍ର, ସାମାଜିକ କର୍ମୀ ଡ. ମନୋଜ ବଳ, ପୁରୁଷୋତ୍ତମ ବେହେରା, ନଗର ଯୁବ ବିଜେଡି ସଭାପତି ମନୋଜ ନାୟକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ଦାସ, ତ୍ୟାଗୀ ରାଘବାନନ୍ଦ, ବାବାଜୀ ଗୌରାଙ୍ଗ ଦାସ, ବାବାଜୀ ନବୀନ ଦାସ, ପ୍ରେମ ସ୍ୱରୂପ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ନିରାକାର ପଣ୍ଡା, ଅମ୍ବୁଜ ଭୂଷଣ ନାୟକ, ମୃତ୍ୟୁଞ୍ଜୟ ସୁତାର, ଭୋଳାନାଥ ପାଣ୍ଡେ ପ୍ରମୁଖ ପରିଚାଳନା କରିଥିଲେ।


ଜନ୍ମୋତ୍ସବରେ ଉପସ୍ଥିତ ବ୍ୟକ୍ତିମାନେ।

# ସମବାୟ ସମିତିରେ ସାର ନାହିଁ

## ଚାଷୀ ମୁଣ୍ଡରେ ଚଡ଼କ

**ରାଜନଗର,୯।୯(ଡି.ଏନ.ଏ.)**

ଖରିଫ ଧାନଚାଷ ପାଇଁ ରୁଆ ବେଉଷଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଧାନତଳି ଅଭାବରୁ କିଛି ଜମି ଏବ ବି ପଡ଼ିଆ ରହିଛି। ଅନିୟମିତ ବର୍ଷା ଓ ପରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଚାଷକାର୍ଯ୍ୟ ବିଳମ୍ବିତ ହୋଇଛି। ଚଳିତ ବର୍ଷ ଧାନଚାଷ ବିଳମ୍ବିତ ହୋଇଥିବାରୁ ଓ ଶୀଘ୍ର ଅମଳ ପାଇଁ ସାରର ଆବଶ୍ୟକତା ଥିବାବେଳେ ରାଜନଗରରେ ସାର ସଙ୍କଟ ସୃଷ୍ଟି ହୋଇଛି। ସେବା ସମବାୟ ସମିତିଗୁଡ଼ିକରେ ସାର ନ ଥିବା ବେଳେ କଳାବଜାରରେ ଦୁଇଗୁଣା ଦରରେ ସାର ଖୁଲମଖୁଲା ବିକ୍ରି ହେଉଛି। କୃଷି ବିଭାଗ ପଦକ୍ଷେପ ନ ନେଇ ଚୁପ୍ ବସିଥିବା ବେଳେ ଚାଷୀମୁଣ୍ଡରେ ଚଡ଼କ ପଡ଼ିଛି। ସାର ସଙ୍କଟ ରାଜନଗରରେ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି କରିଛି।

ରାଜନଗର ବ୍ଲକର ୧୪ଟି ପ୍ରାଥମିକ କୃଷି ସେବା ସମବାୟ ସମିତି ମଧ୍ୟରୁ ନୋଧାବସନ୍ତ, ଚାନ୍ଦିବାଉଁଶମୂଳ, ଡେରା, ଭାଟପଡା ଓ ତାଳଚୁଆ ସେବା ସମବାୟ ସମିତି ସାର ଉଠାଇଥିବା ବେଳେ ରାଜନଗର, କୁରୁଣ୍ଟି, ବଡନାଉକୋଣା, ଡାଙ୍ଗମାଳ, ଓସ୍ତିଆ, କୋଇଲିପୁର, ବନ୍ଧପଡା, ବାଲିସାହିପାଟଣା,ଗୋପାଳପୁର ସେବା ସମବାୟ ସମିତି ଆଜିଯାଏ ସାର ଉଠାଇ ନାହାନ୍ତି। ଚାଷୀକୁ ସେବା ଯୋଗାଇ ଦେବା ପାଇଁ ପ୍ରାଥମିକ କୃଷି ସେବା ସମବାୟ ସମିତି କାମ କରୁଥିବା ନେଇ ଡିଣ୍ଡିମ ପିଟାଯାଉଛି। ମାତ୍ର ଚାଷୀଙ୍କର ସାର ଆବଶ୍ୟକତା ଥିବାବେଳେ ସମିତିଗୁଡିକ ଜାଣିଶୁଣି ସାର ନ ଉଠାଇ କଳା ବଜାରକୁ ସୁଯୋଗ ଦେଉଥିବା ନେଇ ଅଭିଯୋଗ ହୋଇଛି। ଏବେ ସୁଦ୍ଧା ନୋଧାବସନ୍ତ ସେବା ସମବାୟ ସମିତି ୟୁରିଆ ୧୯୫୦ ବସ୍ତା, ଡିଏପି ୧୨୦୦ ବସ୍ତା, ଚାନ୍ଦିବାଉଁଶମୂଳ ଡିଏପି ୧୦୦୦ ବସ୍ତା, ୟୁରିଆ ୬୬୬ ବସ୍ତା, ତାଳଚୁଆ ୟୁରିଆ ୬୬୬ ବସ୍ତା, ଡିଏପି ୨୩୦ ବସ୍ତା, ଭାଟପଡା ୟୁରିଆ ୮୮୮ ବସ୍ତା, ଡିଏପି ୮୫୦ ବସ୍ତା, ଏମଓପି ୩୦ବସ୍ତା, ଡେରା ଡିଏପି ୨୮୦ବସ୍ତା, ନାନୋ ୟୁରିଆ ୭୨ ଡବା ଉଠାଇଛନ୍ତି। ଗତ ୧୫ଦିନ ହେଲା କୌଣସି ସେବା ସମବାୟ ସମିତିରେ ୟୁରିଆ ସାର ନାହିଁ। ଡିଏପି ଗତ ୭ଦିନ ହେଲା କୌଣସି ସେବା ସମବାୟ ସମିତିରେ ନାହିଁ। ସରକାରୀ ମୂଲ୍ୟରେ ୟୁରିଆ ବସ୍ତା ପିଛା ୨୬୬ ଟଙ୍କା ଓ ଡିଏପି ୧୪୭୦ ଟଙ୍କାରେ ବିକ୍ରି ହେବାକଥା। ଚାଷୀ ଏହି ଦରରେ ସେବା ସମବାୟ ସମିତିରୁ ପାଇଥାନ୍ତେ। ସେବା ସମବାୟ ସମିତିଗୁଡିକରେ ସାର ନ ଥିବାରୁ ବଜାରରେ ବ୍ୟବସାୟୀ ମନଇଚ୍ଛା ଦର ନେଇ ବିକୁଛନ୍ତି। ୟୁରିଆ ବସ୍ତା ପିଛା କିଏ ୫୦୦ ଟଙ୍କାରେ ବିକୁଛି ତ ଆଉ କେଉଁଠି ୬୦୦ ଟଙ୍କା। ଡିଏପି ୧୮୦୦ ରୁ ୨୨୦୦ ଟଙ୍କା ଦରରେ ବିକ୍ରି ହେଉଛି। ସେବା ସମବାୟ ସମିତିର ସମ୍ପାଦକମାନେ ଜାଣିଶୁଣି ସାର ନ ଉଠାଇ କଳାବଜାରକୁ ସୁଯୋଗ ଦେଉଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି। ସାର ଉଠାଇ ନ ଥିବା ବାଲିସାହିପାଟଣା ସେବା ସମବାୟ ସମିତିର ସମ୍ପାଦକ ଅମର କୁମାର ବଳଙ୍କୁ ପଚାରିବାରୁ ମୋର ଲାଇସେନ୍ସ ରେନ୍ୟୁ ହୋଇନି, ଗୋଦାମ ଭାଙ୍ଗି ଯାଇଛି। ଚାଷୀ ଖୋଜୁଥିବା ସାର ଇଫ୍‌କୋ ୟୁରିଆ ମାର୍କଫେଡରେ ଷ୍ଟକ ନାହିଁ। ଅନ୍ୟ ସାର ଚାଷୀ ଚାହୁନାହାନ୍ତି। ଆମେ ସାର ଉଠାଇ ନାହୁଁ ବୋଲି ସେ କହିଛନ୍ତି।

# ଫସଲ ବୀମା ରାଶି ପ୍ରଦାନ ପାଇଁ ଦାବିପତ୍ର

**କେନ୍ଦ୍ରାପଡ଼ା ଅଫିସ, ୯।୯**

୨୦୧୮ରେ ବନ୍ୟା ଜଳ ପଶି କେନ୍ଦ୍ରାପଡ଼ା ବ୍ଲକ ବାରୋ ସମବାୟ ସମିତି ଅନ୍ତର୍ଗତ ଚାଷୀଙ୍କ ଖରିଫ ଚାଷ ନଷ୍ଟ କରିଥିଲା। ହାତଗଣତି କେତେଜଣଙ୍କୁ ଏ ନେଇ ଫସଲ ବୀମା ରାଶି ମିଳିଛି। ଅନ୍ୟମାନଙ୍କୁ ଏହି କ୍ଷତିପୂରଣ ଅର୍ଥ ପ୍ରଦାନ ପାଇଁ ସଦସ୍ୟମାନେ ଏଆର୍‌ସିଏସ୍‌ଙ୍କୁ ଶୁକ୍ରବାର ଦାବିପତ୍ର ଦେଇଛନ୍ତି। ଏ ନେଇ ପୂର୍ବତନ ସମିତି ଉପାଧ୍ୟକ୍ଷ ଭାଗୀରଥି ଜେନା କହିଛନ୍ତି, ସମିତିର ମୋଟ ୧୩୯୮ ଜଣ ସଭ୍ୟଙ୍କ ଫସଲ ନଷ୍ଟ ହୋଇଛି। ଏହି ସମୟରେ ତଦନ୍ତ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ୪୯ ଜଣଙ୍କ ଋଣ ସମ୍ପୂର୍ଣ୍ଣ ଛାଡ ହୋଇଥିଲା। ୯୬୯ ଜଣ ଚାଷୀ ଋଣର ୪୯ ଭାଗ ଫସଲ ବୀମା ପାଇଛନ୍ତି। ଅବଶିଷ୍ଟ ଚାଷୀଙ୍କ ଫସଲ କ୍ଷତି ସମ୍ପର୍କରେ କୌଣସି ବୀମା ଅର୍ଥ ରାଶି ମିଳିନାହିଁ। ସେହିପରି ଚାଷୀ ମଣ୍ଡିରେ ଧାନ ବିକ୍ରି ବେଳେ ଅଖା ବାବଦ ୧୪ ଟଙ୍କା ପାଇବାକୁ ଖାଦ୍ୟ ଓ ଯୋଗାଣ ବିଭାଗ ଦର ଧାର୍ଯ୍ୟ କରିଥିଲେ। ହେଲେ କୌଣସି ଚାଷୀଙ୍କୁ ଏ ବାବଦ ଅର୍ଥ ଏହି ସମିତିରୁ ମିଳୁନାହିଁ। ଏଥିପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଜିଲା ଓ ରାଜ୍ୟ ପ୍ରଶାସନିକ ଅଧିକାରୀଙ୍କୁ ଏ ନେଇ ଅଭିଯୋଗ ପତ୍ର ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସମିତିର ସଦସ୍ୟ ଦିଲୀପ କୁମାର ଦାସ, ଜଗମୋହନ ମହାନ୍ତି, ସୁଧାଂଶୁ ମୋହନ ମହାନ୍ତି, ସାରଥୀ ସାମଲ, ପୀତାମ୍ବର ପଣ୍ଡା ପ୍ରମୁଖଙ୍କ ସହ ୫୦ରୁ ଊର୍ଦ୍ଧ୍ୱ ଚାଷୀ ସାମିଲ ହୋଇଥିଲେ।

# ଭୂମିହୀନ ୫୨ ହିତାଧିକାରୀଙ୍କୁ ମିଳିଲା ପଟ୍ଟା

**ଆଳି, ୯।୯ (ଡି. ଏନ. ଏ.)**

କେନ୍ଦ୍ରାପଡ଼ା ଜିଲା ଆଳି ତହସିଲ ଅନ୍ତର୍ଗତ ନିଆଳ ପଞ୍ଚାୟତ ଗୌଡ଼ପାଟଣା ମାଣିଖଣ୍ଡିରେ ବସବାସ କରୁଥିବା ୬୭ ଜଣ ଭୂମିହୀନ ପରିବାରରୁ ୫୨ ପରିବାରକୁ ଶୁକ୍ରବାର ଜମିପଟ୍ଟା ବଣ୍ଟନ କରାଯାଇଛି। ଏହି ଅବସରରେ ଆଳି ବ୍ଲକ ସଭା ଗୃହ ପରିସରର ପଟ୍ଟା ବଣ୍ଟନ ମେଳାରେ ମୁଖ୍ୟ ଅତିଥି ଭାବେ ଶିଳ୍ପ, ଶକ୍ତି ଓ ଲଘୁ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ଭୂମିହୀନ ହିତାଧିକାରୀଙ୍କୁ ଘରଡିହ ସ୍ଥାୟୀ ପଟ୍ଟା ବଣ୍ଟନ କରିଥିଲେ।

ଏହି ଅବସରରେ ମନ୍ତ୍ରୀ ଦେବ କହିଥିଲେ, ଗୌଡ଼ପାଟଣା ମାଣିଖଣ୍ଡିଠାରେ ବସବାସ କରୁଥିବା ଏହି ପରିବାରଙ୍କ ସ୍ଥାୟୀ ଜମି ପଟ୍ଟା ନ ଥିବାରୁ ସେମାନେ ସରକାରୀ ସୁବିଧା ସୁଯୋଗ ପାଇବାରେ ଅସୁବିଧା ହେଉଥିଲା। ତେଣୁ ସେମାନଙ୍କୁ ସରକାରଙ୍କ ବସୁନ୍ଧରା ଯୋଜନା ଅନୁଯାୟୀ, ସ୍ଥାୟୀ ଜମିପଟ୍ଟା ଯୋଗାଇ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜ, ଉପ ଜିଲାପାଳ ନିରଞ୍ଜନ ବେହେରା, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ୨ ନଂ. ଜୋନ ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ତହସିଲଦାର ତପନ କୁମାର ସେନାପତି, ଆଳି ବିଡିଓ ଦିବେନ୍ଦୁ କୁମାର ଦାସ, ନିଆଳ ସରପଞ୍ଚ ଅଶୋକ ମଲିକ ଓ ସମିତିସଭ୍ୟ ସନ୍ତୋଷ ପଢିହାରୀ ପ୍ରମୁଖ ଉପସ୍ଥିତ ଥିଲେ।



ବସୁନ୍ଧରା ଯୋଜନାରେ ହିତାଧିକାରୀଙ୍କୁ ମନ୍ତ୍ରୀ ପ୍ରତାପ ଦେବ ଜମି ପଟ୍ଟା ବଣ୍ଟନ କରୁଛନ୍ତି।

# ୩ ବର୍ଷରେ ଉନ୍ନୟନ କାମରେ ବ୍ୟାପକ ହେରଫେର

## ପଟ୍ଟାମୁଣ୍ଡାଇ ପୌର ପରିଷଦ

**ପଟ୍ଟାମୁଣ୍ଡାଇ, ୯।୯(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିରେ ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ପୌର ପରିଷଦର କେତେଜଣ ଅଫିସର ଏହି ଟଙ୍କାକୁ ବାଟମାରଣା କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ୩ ବର୍ଷ ପୂର୍ବେ ପଟ୍ଟାମୁଣ୍ଡାଇ ପୌର ପରିଷଦର ସ୍ୱାୟତ୍ତ ଶାସନ ଅବସରରେ କୋଟି କୋଟି ଟଙ୍କାର ଶିଳାନ୍ୟାସ ବିଭିନ୍ନ ୱାର୍ଡରେ କରାଯାଇଥିଲା। ବାସ୍ତବରେ ଏ ଟଙ୍କା ଠିକ୍ କାମରେ ଲାଗୁନି। ୨୦୧୮ରୁ ୨୦୨୨ ଯାଏ ୩ ବର୍ଷ ପର୍ଯ୍ୟନ୍ତ ପୌର ନିର୍ବାଚନ ବନ୍ଦ ଥିଲା। ଜନପ୍ରତିନିଧି, ୱାର୍ଡ କାଉନ୍‌ସିଲର ନ ଥିବା ଯୋଗୁ କର୍ମଚାରୀମାନେ ମନମାନି କରିବାରେ ବ୍ୟସ୍ତ ଥିଲେ। କାମ ସବୁ କାଗଜପତ୍ରରେ ସୀମିତ ରଖାଯାଇଛି।

ପଟ୍ଟାମୁଣ୍ଡାଇ ନଗର କଂଗ୍ରେସ ସଭାପତି ଅମୂଲ୍ୟ ପ୍ରଧାନ କହିଛନ୍ତି, ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ସାହି, ଗଳିକନ୍ଦିର ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇଛି। ଫଳରେ ବହୁ ସମୟରେ ଦୁର୍ଘଟଣା ଘଟିବା ସହ ଧନଜୀବନ ହାନି ହେଉଛି। ପାଣି ନିଷ୍କାସନ ହେଉ ନ ଥିବାରୁ ନାଳ ପାଣି ରାସ୍ତାରେ ଭାସୁଛି। ପୌର ପରିଷଦର ଲଗାଯାଇଥିବା ଲାଇଟ୍ ମଧ ଅଧିକାଂଶ ସମୟରେ ଜଳେନାହିଁ। ଏହି ଅଫିସ୍‌ର କାର୍ଯ୍ୟରତ କର୍ମଚାରୀ ଠିକ୍ ସମୟରେ ଅଫିସ୍ ଆସୁନାହାନ୍ତି। ସବୁଠୁ ବଡ଼କଥା ହେଲା, ପ୍ରାୟ ୩ ବର୍ଷ ହେଲା ପୌର ନିର୍ବାଚନ ହୋଇ ନ ଥିଲା। ଫଳରେ କାଉନ୍‌ସିଲର ଓ ଜନପ୍ରତିନିଧି ନ ଥିବା ହେତୁ ୨୦୧୮ ସେପ୍ଟେମ୍ବରରୁ ୨୦୨୨ ମାର୍ଚ୍ଚ ପର୍ଯ୍ୟନ୍ତ ସହରାଞ୍ଚଳ ୱାର୍ଡବାସୀଙ୍କ ପାଇଁ ମହଙ୍ଗା ପଡ଼ିଛି। କାଉନ୍‌ସିଲର ନ ଥିବା ଯୋଗୁ ଲୋକଙ୍କ ଦାବି କେହି ଉପସ୍ଥାପନ କରୁ ନ ଥିଲେ। ଫଳରେ ପୌରସଂସ୍ଥାର ଅଧିକାରୀମାନେ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଉ ନ ଥିଲେ। ଚଳିତବର୍ଷ ମାର୍ଚ୍ଚରେ ନିର୍ବାଚିତ କାଉନ୍‌ସିଲର ଆସିବା ପରେ କାର୍ଯ୍ୟରେ କିଛିଟା ସୁଧାର ଆସିଛି। ବହୁ ରାସ୍ତା ସମ୍ପୂର୍ଣ୍ଣ ଖାଲଢ଼ିପରେ ପରିପୂର୍ଣ୍ଣ ଥିବାବେଳେ ଏହା ସହରାଞ୍ଚଳ ସୌନ୍ଦର୍ଯ୍ୟକୁ ବାଟବଣା କରୁଛି। ସହର ରାସ୍ତାରେ ଗୋରୁ ଓ କୁକୁର ମାଳ ମାଳ ହୋଇ ବୁଲିବା କାରଣରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇ ଦୁର୍ଘଟଣା ବଢୁଛି। କେନ୍ଦ୍ରାପଡ଼ା ଜିଲା ଭାଜପା ଉପସଭାପତି ସଞ୍ଜୟ ସାହୁ କହିଛନ୍ତି, ୩ ବର୍ଷ ହେବ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅବସ୍ଥା ଶୋଚନୀୟ ହୋଇ ପଡ଼ିରହିଛି। ରାସ୍ତାଘାଟ, ଡ୍ରେନେଜ୍, ଜବରଦଖଲ, ଆଲୋକୀକରଣ ଇତ୍ୟାଦି କାର୍ଯ୍ୟ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ ଅବସ୍ଥାରେ ସୁଧାର ଆସି ନ ଥିବା ଅଭିଯୋଗ ହୋଇଛି। ପଟ୍ଟାମୁଣ୍ଡାଇ ରାସ୍ତା ଦେଇ ପ୍ରତ୍ୟହ ଶତାଧିକ ପର୍ଯ୍ୟଟକ ଭିତରକନିକା ଜାତୀୟ ଉଦ୍ୟାନ ବୁଲିବା ପାଇଁ ଆସିଥାନ୍ତି। ବହୁ ପର୍ଯ୍ୟଟକ ଖାଲଖମାରେ ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିବା ନଜିର ରହିଛି। ଡ୍ରେନ୍ ଉପରେ ସ୍ଲାପ୍ ନ ଥିବାରୁ ବହୁ ସମୟରେ ଛୋଟପିଲା, ବାଇକ୍ ଚାଳକ ଓ ପଶୁ ନଳା ଭିତରେ ଗଳି ପଡୁଛନ୍ତି। ରାଜ୍ୟ ରାଜକୋଷର ଯେତିକି ଅର୍ଥ ଖର୍ଚ୍ଚ ହେଉଛି ଯଦି ସ୍ଥାନୀୟ ଅଞ୍ଚଳରେ ବିନିଯୋଗ ହୁଅନ୍ତା ତେବେ ଅନେକ ସୁଧାର ଆସିପାରନ୍ତା। ଗତ ୩ ବର୍ଷରେ ହୋଇଥିବା ହେର୍‌ଫେରର ତଦନ୍ତ କରାଯାଇ ଏଥିରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ସମ୍ପଦ ସ୍ୱାଇଁଙ୍କୁ ପଚାରିବାରେ ରାସ୍ତାଘାଟ ଅଳ୍ପବହୁତ ଖରାପ ଅଛି। ୭ ଦିନ ଭିତରେ ଆଲୋକୀକରଣ ଓ ଅନ୍ୟାନ୍ୟ କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି।



ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ଷ୍ଟ୍ରିଟ୍ ଲାଇଟ୍ ଜଳୁନାହିଁ।

## ସଂକ୍ଷେପରେ

### ସବୁ କୋଭିଡ୍ ଷ୍ଟ୍ରେନ୍‌ର ଚିକିତ୍ସା ପାଇଁ ୨ ଆଣ୍ଟିବଡି ଚିହ୍ନଟ

**ଜେରୁଜେଲମ,୯।୯:** ଓମିକ୍ରନ୍ ସମେତ କୋଭିଡ୍-୧୯ର ସମସ୍ତ ଷ୍ଟ୍ରେନ୍ ବିରୋଧରେ ଲଢ଼ିବା ପାଇଁ ଦୁଇଟି ଆଣ୍ଟିବଡି ଇସ୍ରାଏଲ୍‌ରେ ଚିହ୍ନଟ ହୋଇଛି। ଏହା ୯୫ ପ୍ରତିଶତ ଫଳପ୍ରଦ ହୋଇପାରିବ ବୋଲି ବୈଜ୍ଞାନିକମାନେ କହିଛନ୍ତି। ତେଲ୍ ଆଭିଭ୍ ୟୁନିଭର୍ସିଟିର ଏକ ଟିମ୍ ଗବେଷଣାରୁ ଜାଣିବାକୁ ପାଇଛନ୍ତି, ଆଣ୍ଟିବଡି ପଦ୍ଧତିରେ କୋଭିଡ୍ ଚିକିତ୍ସା କରାଯାଇପାରିବ। ଆଣ୍ଟିବଡିକୁ ଶରୀରରେ ପ୍ରବେଶ କରାଇଲେ, ତାହା ଟିକାର ପ୍ରଭାବୀ ବିକଳ୍ପ ଭାବେ କାର୍ଯ୍ୟ କରିବ। ଅନ୍ୟାନ୍ୟ ରୋଗ କିମ୍ବା ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ଥିବା ଲୋକଙ୍କ କ୍ଷେତ୍ରରେ ଏହାକୁ ବିକଳ୍ପ ଚିକିତ୍ସା ପଦ୍ଧତି ଭାବେ ବ୍ୟବହାର କରାଯାଇପାରିବ ବୋଲି ବୈଜ୍ଞାନିକମାନଙ୍କ ଟିମ୍ ଦାବି କରିଛି।

### ଅଷ୍ଟ୍ରିଆର ଭୋଲ୍‌କର ମାନବାଧିକାରର ନୂଆ ମୁଖ୍ୟ



**ଜାତିସଂଘ,୯।୯:** ଅଷ୍ଟ୍ରିଆର ଭୋଲ୍‌କର ଟର୍କଙ୍କୁ ଜାତିସଂଘ ମାନବାଧିକାରର ନୂଆ ହାଇକମିଶନର ଭାବେ ନିଯୁକ୍ତି ମିଳିଛି। ଚିଲିର ମିଚେଲେ ବଚେଲେଟ୍‌ଙ୍କ ସ୍ଥାନରେ ଟର୍କଙ୍କୁ ପରବର୍ତ୍ତୀ ମାନବାଧିକାର ହାଇକମିଶନର ଭାବେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ମନୋନୀତ କରିଥିବାବେଳେ ଗୁରୁବାର ଜାତସଂଘ ସାଧାରଣ ସଭା ଏହାକୁ ଅନୁମୋଦନ କରିଛି। ବଚେଲେଟ୍‌ଙ୍କ ୪ ବର୍ଷୀୟା କାର୍ଯ୍ୟକାଳ ଅଗଷ୍ଟ ୩୧ରେ ଶେଷ ହୋଇଛି। ଚାଇନାରେ ଉଇଘୁର ଓ ଅନ୍ୟ ମୁସ୍‌ଲିମ୍ ଗୋଷ୍ଠୀଙ୍କୁ ଅଟକ ରଖାଯିବା ସମ୍ପର୍କରେ ତାଙ୍କ ରିପୋର୍ଟକୁ ନେଇ ବିବାଦ ଦେଖାଦେଇଥିଲା। ରିପୋର୍ଟରେ ଜାଲିଆତି ହେବା ସହ ଜାତିସଂଘ ମାନବାଧିକାର କାର୍ଯ୍ୟାଳୟକୁ ପାଶ୍ଚାତ୍ୟ ରାଷ୍ଟ୍ର ବ୍ୟବହାର କରୁଥିବା ବେଜିଂ ଅଭିଯୋଗ କରିଥିଲା। ନୂଆ ହାଇକମିଶନର ମଧ ମାନବାଧିକାର କର୍ମୀମାନଙ୍କଠାରୁ ଚାପର ସମ୍ମୁଖୀନ ହୋଇପାରନ୍ତି ବୋଲି ଆଶା କରାଯାଉଛି।

### ପ୍ରମିଳା ଜୟପାଲଙ୍କୁ ଭାରତ ଫେରିଯିବାକୁ ଧମକ



**ୱାଶିଂଟନ,୯।୯:** ଆମେରିକା କଂଗ୍ରେସ ସଦସ୍ୟା ପ୍ରମିଳା ଜୟପାଲଙ୍କୁ କେହି ଅଜଣା ବ୍ୟକ୍ତି ଫୋନ୍‌ରେ ଗାଳିଗୁଲଜ କରିବା ସହ ଭାରତ ଫେରିଯିବା ଲାଗି ଧମକ ଦେଇଛନ୍ତି। ଚେନ୍ନାଇ ଜନ୍ମିତ ଜୟପାଲ ଗୁରୁବାର ଏଭଳି ୫ଟି ଅଡିଓ ମେସେଜ୍ ପୋଷ୍ଟ କରିଛନ୍ତି। ପ୍ରତ୍ୟେକ ବାର୍ତ୍ତାରେ ଅଶ୍ଳୀଳ ଗାଳିଗୁଲଜ ଥିବାରୁ ତାହାକୁ କାଟିଦିଆଯାଇଛି। ବ୍ୟକ୍ତିଜଣକ ପରିଣାମ ଭୟାବହ ହେବ ବୋଲି ଧମକ ଦେଇଥିବା ଜଣାପଡ଼ିଛି। ଏଥିସହିତ କଂଗ୍ରେସ ସଦସ୍ୟା ତାଙ୍କ ମୂଳ ଦେଶ ଭାରତ ଚାଲିଯିବାକୁ କୁହାଯାଇଛି।



କାଲିଫର୍ନିଆ ଜଙ୍ଗଲ ନିଆଁ ବ୍ୟାପକ ଅଞ୍ଚଳକୁ ବ୍ୟାପି ଥିବାବେଳେ ପାର୍ବତ୍ୟାଞ୍ଚଳ ଅଧିବାସୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି।

# ସିଦ୍ଦିକି କାପ୍ପାନଙ୍କୁ ଜାମିନ

## ଅଭିବ୍ୟକ୍ତି ସ୍ୱାଧୀନତା ପ୍ରତ୍ୟେକଙ୍କର ରହିଛି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୯।୯

ଉତ୍ତରପ୍ରଦେଶରେ ପ୍ରାୟ ୨ ବର୍ଷ ହେଲା ଜେଲ୍‌ରେ ଥିବା କେରଳ ସାମ୍ବାଦିକ ସିଦ୍ଦିକି କାପ୍ପାନଙ୍କୁ ସୁପ୍ରିମକୋର୍ଟ ଶୁକ୍ରବାର ଜାମିନ ମଞ୍ଜୁର କରିଛନ୍ତି। ଅଭିବ୍ୟକ୍ତି ସ୍ୱାଧୀନତା ପ୍ରତ୍ୟେକଙ୍କର ରହିଥିବା ସର୍ବୋଚ୍ଚ ଅଦାଲତ ଏହି ଅବସରରେ କହିଛନ୍ତି। ଉତ୍ତରପ୍ରଦେଶର ହାଥରାସରେ ଜଣେ ୧୯ ବର୍ଷୀୟା ଯୁବତୀ ଗଣବଳାତ୍କାର ଓ ହତ୍ୟା ମାମଲାର ଖବର ସଂଗ୍ରହ କରିବା ପାଇଁ ଯାଉଥିବାବେଳେ ବାଟରେ ପୋଲିସ କାପ୍ପାନଙ୍କୁ ଗିରଫ କରିଥିଲା। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଅଭିଯୋଗରେ ତାଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ)ରେ ମାମଲା ରୁଜୁ ହୋଇଥିଲା। ଆଗାମୀ ୬ ସପ୍ତାହ ପାଇଁ କାପ୍ପାନ ଦିଲ୍ଲୀ ପୋଲିସ ନିକଟରେ ରିପୋର୍ଟ କରିବେ। ତାଙ୍କୁ ୩ ଦିନରେ ତଳକୋର୍ଟରେ ହାଜର କରିବା ସହ ପାସ୍‌ପୋର୍ଟ ଦାଖଲ ପାଇଁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ହାଥରାସରେ ଆଇନ ଶୃଙ୍ଖଳା ସୃଷ୍ଟି ଉଦ୍ୟମ କରୁଥିବା ଅଭିଯୋଗରେ ୟୁପି ପୋଲିସ ମାଲୟାଲମ ନ୍ୟୁଜ୍ ପୋର୍ଟାଲ



ଆଝିମୁଖମ୍‌ର ଖବରଦାତା କାପ୍ପାନଙ୍କୁ ଗିରଫ କରିଥିଲା। ତାଙ୍କର ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) ସହ ସମ୍ପୃକ୍ତି ଥିବା ପୋଲିସ ଅଭିଯୋଗ କରିଥିଲା। ଅନ୍ୟପକ୍ଷରେ ତାଙ୍କୁ ଜାଣିଶୁଣି ଫସାଇ ଦିଆଯାଇଥିବା ଖବରଦାତା ଅଭିଯୋଗ କରିଥିଲେ।

# ୧୨ରେ ଲଦାଖରୁ ସମ୍ପୂର୍ଣ୍ଣ ସୈନ୍ୟ ପ୍ରତ୍ୟାହାର

ନୂଆଦିଲ୍ଲୀ,୯।୯

ପୂର୍ବ ଲଦାଖର ଗୋଗ୍ରା-ହଟ୍ ସ୍ପ୍ରିଙ୍ଗ୍ ଅଞ୍ଚଳ (ପିପି-୧୫)ରୁ ଭାରତ ଓ ଚାଇନା ସେମାନଙ୍କ ସୈନ୍ୟ ପ୍ରତ୍ୟାହାର ଆରମ୍ଭ କରିଛନ୍ତି। ୧୨ ତାରିଖ ସୁଦ୍ଧା ସେନା ପ୍ରତ୍ୟାହାର ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି, ଉଭୟ ପକ୍ଷ ଦ୍ୱାରା ଉକ୍ତ ଅଞ୍ଚଳରେ ନିର୍ମାଣ ହୋଇଥିବା ଅସ୍ଥାୟୀ ଢାଞ୍ଚାଗୁଡ଼ିକୁ ଭାଙ୍ଗିଦିଆଯିବ ସହ ଯାଞ୍ଚ ହେବ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର କୁହାଯାଇଛି। ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି)ରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଲାଗି ଅନ୍ୟାନ୍ୟ ପ୍ରସଙ୍ଗର ସମାଧାନ ପାଇଁ ଉଭୟ ପକ୍ଷ ରାଜି ହୋଇଥିବା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଚୁକ୍ତିନାମା ଅନୁଯାୟୀ ଏଲ୍ଏସି ଅଞ୍ଚଳରେ ଉଭୟ ଦେଶର ସୈନ୍ୟ କଡ଼ାକଡ଼ି ନଜର ରଖିବେ ଓ ଏହାକୁ ସମ୍ମାନ ଦେବେ। ସ୍ଥିତାବସ୍ଥାରେ ଏକପାଖିଆ ପରିବର୍ତ୍ତନ କରାଯାଇପାରିବ ନାହିଁ ବୋଲି ଏଥିରେ କୁହାଯାଇଛି।

୨୦୨୦ ଏପ୍ରିଲ୍-ମେ'ରେ ଚାଇନା ସୈନ୍ୟ ପୂର୍ବ ଲଦାଖର ଏକାଧିକ ସ୍ଥାନରେ ଜବରଦସ୍ତ ଅନୁପ୍ରବେଶ କରିବାରୁ ଉଭୟ ସେନା ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି

## ଆଗୁଆ ଘାଟିରେ ନିର୍ମାଣ ହେବ ହେଲିପ୍ୟାଡ୍



ହୋଇଥିଲା। ଚାଇନା ସୈନ୍ୟ ଉକ୍ତ ପୂର୍ବ ଲଦାଖର ଫିଙ୍ଗର ଅଞ୍ଚଳ, ଗଲୱାନ ଭ୍ୟାଲି, ହଟ୍ ସ୍ପ୍ରିଂ ଏବଂ କଙ୍ଗରୁଙ୍ଗ ନାଲା ଅଞ୍ଚଳରେ ପ୍ରବେଶ କରିଥିଲେ। ଦୀର୍ଘଦିନର ମୁହାଁମୁହିଁ ସ୍ଥିତି ପରେ ୨୦୨୦ ଜୁନ୍‌ରେ ଗଲୱାନ ଉପତ୍ୟକାରେ ଚାଇନା ଓ ଭାରତୀୟ ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଏଥିରେ ଭାରତର ୨୦ ସୈନ୍ୟ ନିହତ ହୋଇଥିବାବେଳେ ଚାଇନାର ୪୦ରୁ ଊର୍ଦ୍ଧ୍ୱ ସୈନ୍ୟ ମୃତାହତ ହୋଇଥିଲେ। ଏହା ପରେ ଉଭୟ ସାମରିକ ଓ କୂଟନୈତିକ ସ୍ତରରେ ଏକାଧିକ ପର୍ଯ୍ୟାୟ ଆଲୋଚନା ହୋଇ ପଙ୍ଗଓଙ୍ଗ ସୋ'ର ଉତ୍ତର ଓ ଦକ୍ଷିଣ ପାର୍ଶ୍ୱ ଏବଂ ଗଲୱାନର କେତେକ ଅଞ୍ଚଳରୁ ସୈନ୍ୟ ପ୍ରତ୍ୟାହାର ନିଷ୍ପତ୍ତି ହୋଇଥିଲା।

ଚାଇନା ଏହା ପାର୍ଶ୍ୱରେ ଭିତ୍ତିଭୂମିର ଯଥେଷ୍ଟ ଉନ୍ନତି କରିଥିବାବେଳେ ଭାରତ ମଧ୍ୟ ନିଜ ପାର୍ଶ୍ୱରେ ଭିତ୍ତିଭୂମି ସୁଦୃଢ଼ କରିବାକୁ ଯୋଜନା କରିଛି। ଅରୁଣାଚଳପ୍ରଦେଶ ଅନ୍ତର୍ଗତ ଏଲ୍ଏସିର ସମସ୍ତ ଫରୱାର୍ଡ ପୋଷ୍ଟରେ ବୃହତ୍ ହେଲିପ୍ୟାଡ୍ ନିର୍ମାଣ ଲାଗି ସରକାର ନିଷ୍ପତ୍ତି ନେଇଥିବା ଜଣେ ବରିଷ୍ଠ ସାମରିକ ଅଧିକାରୀ ବ୍ରିଗେଡିୟର ଟି.ଏମ୍. ସିହ୍ନା ସୂଚନା ଦେଇଛନ୍ତି। ଏହାଦ୍ୱାରା ସୀମାନ୍ତକୁ ସୈନ୍ୟ ଓ ଅସ୍ତ୍ରଶସ୍ତ୍ର ପରିବହନ ସହଜ ହୋଇପାରିବ। ପ୍ରତି ଫରୱାର୍ଡ ପୋଷ୍ଟ ଏବଂ ସେନା ୟୁନିଟ୍‌କୁ ଅପ୍ଟିକାଲ ଫାଇବର ନେଟ୍‌ୱାର୍କରେ ସଂଯୋଗ କରାଯିବ। ସମସ୍ତଙ୍କ ପାଇଁ ଅଲଗା ସାଟେଲାଇଟ୍ ଟର୍ମିନାଲ ରହିବ। ପ୍ରକୃତ ନିୟନ୍ତ୍ରଣ ରେଖାରେ ଚାଇନା ସୈନ୍ୟଙ୍କ ଗତିବିଧି ଉପରେ ନଜର ରଖିବା ଲାଗି ଭାରତ ଆଗୁଆ ଘାଟିଗୁଡ଼ିକରେ ସ୍ୱଦେଶୀ ନିର୍ମିତ ରିମୋଟ ପାଇଲଟ୍ ଏୟାରକ୍ରାଫ୍ଟ 'ସ୍ୱିଚ୍'କୁ ନିୟୋଜିତ କରିଛି।

## ୨ ସପ୍ତାହରେ ସତ୍ୟପାଠ ଦାଖଲ ଲାଗି କେନ୍ଦ୍ରକୁ ନିର୍ଦ୍ଦେଶ

### ଉପାସନା ସ୍ଥଳ ଆଇନର ବ୍ୟବସ୍ଥାକୁ ଚ୍ୟାଲେଞ୍ଜ



ନୂଆଦିଲ୍ଲୀ,୯।୯

ଉପାସନା ସ୍ଥଳ ଆଇନରେ ଥିବା କେତେକ ବ୍ୟବସ୍ଥାର ବୈଧତାକୁ ଚ୍ୟାଲେଞ୍ଜ କରି ଗତବର୍ଷ ମାର୍ଚ୍ଚରେ ସୁପ୍ରିମକୋର୍ଟରେ ଦାଏର ପିଟିଶନ ଉପରେ କେନ୍ଦ୍ର ସରକାରଙ୍କୁ ଜବାବ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏପର୍ଯ୍ୟନ୍ତ ସରକାର ଜବାବ ଦାଖଲ କରି ନ ଥିବାରୁ ପ୍ରଧାନ ବିଚାରପତି ଉଦୟ ଉମେଶ ଲଳିତଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ ଶୁକ୍ରବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସରକାର କେବେ ଜବାବ ଦାଖଲ କରିବେ ବୋଲି ଖଣ୍ଡପୀଠ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ପ୍ରଶ୍ନ କରିଥିଲେ। ଦୁଇ ସପ୍ତାହ ମଧ୍ୟରେ ସତ୍ୟପାଠ ଜରିଆରେ ଜବାବ ଦାଖଲ କରିବା ଲାଗି କେନ୍ଦ୍ର ସରକାର ଅଦାଲତଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ବରିଷ୍ଠ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟଙ୍କ ପିଟିଶନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ରକୁ ନୋଟିସ ଜାରି କରିଥିଲେ।

## ନୂପୁର ଶର୍ମାଙ୍କ ଗିରଫଦାରି ଆବେଦନ: ହସ୍ତକ୍ଷେପ କରିବାକୁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୯।୯(ପି.ଟି.)

ଟିଭି ବିତର୍କରେ ପ୍ରଫେଟ୍ ମହମ୍ମଦଙ୍କ ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇଥିବା ଭାଜପାର ନିଲମ୍ବିତ ମୁଖପାତ୍ର ନୂପୁର ଶର୍ମାଙ୍କୁ ଗିରଫ ଲାଗି ହୋଇଥିବା ଆବେଦନକୁ ଶୁଣାଣି ପାଇଁ ସୁପ୍ରିମକୋର୍ଟ ଗ୍ରହଣ କରିନାହାନ୍ତି। ଏଭଳି ମାମଲାରେ ରାୟ ଦେଲାବେଳେ ଅଦାଲତଗୁଡ଼ିକ ସତର୍କତାର ସହ ଚିନ୍ତା କରିବା ଆବଶ୍ୟକ ବୋଲି ପ୍ରଧାନ ବିଚାରପତି ୟୁ.ୟୁ.ଲଳିତ, ଜଷ୍ଟିସ ଏସ୍. ରବୀନ୍ଦ୍ର ଭଟ୍ଟ ଏବଂ ପି.ଏସ୍. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ପିଟିଶନ ଫେରାଇ ନେବା ଲାଗି ଖଣ୍ଡପୀଠ ଆବେଦନକାରୀଙ୍କୁ କହିଥିଲେ। ଆବେଦନ ପ୍ରତ୍ୟାହୃତ ହେବା ପରେ ମାମଲା ଖାରଜ ଘୋଷଣା କରାଯାଇଛି।

ସୂଚନାଯୋଗ୍ୟ, ଗତ ମେ' ୨୬ରେ ଏକ ଟିଭି ଚ୍ୟାନେଲରେ ନୁପୂରଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ସାରା ଦେଶ ସମେତ ଉପସାଗରୀୟ ଦେଶଗୁଡ଼ିକରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଭାଜପା ତୁରନ୍ତ ନୂପୁରଙ୍କୁ ଦଳରୁ ନିଲମ୍ବନ କରିଥିଲା। ମାମଲାର ନିରପେକ୍ଷ ଓ ବିଶ୍ୱସନୀୟ ତଦନ୍ତ ଲାଗି ନିର୍ଦ୍ଦେଶ ଦେବାକୁ ଆଇନଜୀବୀ ଅବୁ ସୋହେଲ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ।

## ୨୦୨୫ ସୁଦ୍ଧା ଯକ୍ଷ୍ମା ମୂଳୋତ୍ପାଟନ ଲକ୍ଷ୍ୟ

### ଅଭିଯାନ ଶୁଭାରମ୍ଭ କଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୯।୯

୨୦୨୫ ସୁଦ୍ଧା ଦେଶରୁ ଯକ୍ଷ୍ମା (ଟିବି) ମୂଳୋତ୍ପାଟନ ଲାଗି ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ଯକ୍ଷ୍ମା ନିରୋଧୀ ଅଭିଯାନର ଶୁଭାରମ୍ଭ କରିବା ସହ ଲକ୍ଷ୍ୟ ହାସଲ ଲାଗି ସମସ୍ତେ ଏକାଠି କାମ କରିବାକୁ ଆହ୍ୱାନ ଦେଇଛନ୍ତି। ଜନସାଧାରଣଙ୍କ ସ୍ୱାର୍ଥରେ କଲ୍ୟାଣକାରୀ ଯୋଜନା ଯେତେବେଳେ କାର୍ଯ୍ୟକାରୀ ହୁଏ, ଏହାର ସଫଳତା ବହୁଗୁଣିତ ହେବାର ସୁଯୋଗ ରହିଥାଏ ବୋଲି 'ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଅଭିଯାନ' ଶୁଭାରମ୍ଭ କରିବା ଅବସରରେ



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯକ୍ଷ୍ମା ନିରୋଧୀ ଅଭିଯାନର ଶୁଭାରମ୍ଭ କରୁଛନ୍ତି। ପାଖରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଉପସ୍ଥିତ ଅଛନ୍ତି।

ରାଷ୍ଟ୍ରପତି କହିଛନ୍ତି। ଏହା ବ୍ୟତୀତ ଟିବି ରୋଗୀଙ୍କ ଅତିରିକ୍ତ ନିଦାନ, ପୌଷ୍ଟିକତା ଏବଂ ଧନ୍ଦାମୂଳକ ସହାୟତା ପାଇଁ ରାଷ୍ଟ୍ରପତି ନିକ୍ଷୟ ମିତ୍ର ଇନିସିଏଟିଭ୍‌ର ଶୁଭାରମ୍ଭ କରିଛନ୍ତି। ସେମାନଙ୍କ ଆରୋଗ୍ୟରେ ସହାୟତାର ହାତ ବଢ଼ାଇବା ପାଇଁ ନିର୍ବାଚିତ ପ୍ରତିନିଧି, କର୍ପୋରେଟ, ଏନ୍‌ଜିଓ ଏବଂ ବ୍ୟକ୍ତିବିଶେଷଙ୍କୁ ପ୍ରୋତ୍ସାହିତ କରାଯିବ। ଯକ୍ଷ୍ମା ରୋଗୀଙ୍କ ଚିକିତ୍ସାରେ ଉନ୍ନତି ପାଇଁ ନିକ୍ଷୟ ୨.୦ ପୋର୍ଟାଲ ଅତିରିକ୍ତ ସୁବିଧା ଯୋଗାଇବ। ଯକ୍ଷ୍ମାମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ ଅବସରରେ ଆୟୋଜିତ ଭର୍ଚୁଆଲ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ, ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଡ. ଭାରତୀ ପ୍ରବୀଣ ପାୱାର, ଅନ୍ୟ କେନ୍ଦ୍ରମନ୍ତ୍ରୀ, ରାଜ୍ୟପାଳ, ଉପରାଜ୍ୟପାଳ ଏବଂ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀମାନେ ଯୋଗଦେଇଥିଲେ।

## ହିମନ୍ତ ବିଶ୍ୱଶର୍ମାଙ୍କ ମାଇକ ଛଡ଼ାଇନେଲେ



**ହାଇଦ୍ରାବାଦ,୯।୯:** ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଶୁକ୍ରବାର ହାଇଦ୍ରାବାଦରେ ଏକ ରାଲିରେ ଉଦ୍‌ବୋଧନ ଦେଉଥିବାବେଳେ ଅପ୍ରୀତିକର ସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ଜଣେ ବ୍ୟକ୍ତି ମଞ୍ଚ ଉପରକୁ ଚଢ଼ିଆସି ହିମନ୍ତଙ୍କ ମାଇକ ଛଡ଼ାଇ ନେଇ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ବ୍ୟକ୍ତି ଜଣକ ଟିଆର୍‌ଏସ୍ ରଙ୍ଗର ଉତ୍ତରୀୟ ପକାଇଥିଲେ। ସଙ୍ଗେ ସଙ୍ଗେ ଅନ୍ୟମାନେ ଉକ୍ତ ବ୍ୟକ୍ତିଙ୍କୁ କାବୁ କରି ନେଇଥିଲେ। ଗଣେଶ ଚତୁର୍ଥୀ ଅବସରରେ ହିମନ୍ତ ଭାଗ୍ୟନଗର ଗଣେଶ ଉତ୍ସବ ସମିତିର ଅତିଥି ଭାବେ ହାଇଦ୍ରାବାଦ ଆସିଥିଲେ।

# ପାକିସ୍ତାନ ବନ୍ୟାରେ ୩୦ ବିଲିୟନ ଡଲାର କ୍ଷତି

ଇସ୍‌ଲାମାବାଦ,୯।୯

ପାକିସ୍ତାନରେ ଲଗାଣ ବର୍ଷା ଜନିତ ପ୍ରଳୟଙ୍କରୀ ବନ୍ୟାରେ ୩୦ ବିଲିୟନ ଡଲାର ମୂଲ୍ୟର କ୍ଷୟକ୍ଷତି ହୋଇଥିବା ସରକାର ଆକଳନ କରିଛନ୍ତି। ଶୁକ୍ରବାର ବନ୍ୟାଞ୍ଚଳ ଗସ୍ତରେ ଆସିଥିବା ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ପାକିସ୍ତାନକୁ ପର୍ଯ୍ୟାପ୍ତ ସହାୟତା ଯୋଗାଇଦେବା ଲାଗି ସାରା ବିଶ୍ୱକୁ ଅନୁରୋଧ କରିଛନ୍ତି। ରେକର୍ଡ ପରିମାଣର ମୌସୁମୀ ବର୍ଷା ସାଙ୍ଗକୁ ଉତ୍ତରାଞ୍ଚଳ ପର୍ବତରେ ଥିବା ଗ୍ଲେସିୟର ତରଳିବାରୁ ପାକିସ୍ତାନର ବ୍ୟାପକ

### ପର୍ଯ୍ୟାପ୍ତ ସହାୟତା ଲାଗି ଜାତିସଂଘ ମୁଖ୍ୟଙ୍କ ଆହ୍ୱାନ

ଅଞ୍ଚଳରେ ବନ୍ୟାପ୍ଲାବିତ ହୋଇଥିଲା। ଏଥିରେ ୧,୩୯୧ ଜଣଙ୍କ ମୃତ୍ୟୁ ଘଟିବା ସହ ବହୁ ଘରଦ୍ୱାର, ରାସ୍ତା, ରେଳଧାରଣା, ବ୍ରିଜ୍ ଭାଙ୍ଗିଛି। ବ୍ୟାପକ ଅଞ୍ଚଳରେ ଫସଲ ନଷ୍ଟ ହେବା ସହ ବହୁ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ହୋଇଛି। ଏବେ ବି ବହୁ ଅଞ୍ଚଳ ଜଳମଗ୍ନ ଥିବାରୁ ଲକ୍ଷ ଲକ୍ଷ ଲୋକ ବାସହରା ହୋଇ ବିଭିନ୍ନ ସ୍ଥାନରେ ଆଶ୍ରୟ ନେଇଛନ୍ତି। ବନ୍ୟାରେ ୩୩ ନିଯୁତ ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। ବନ୍ୟା ପାଇଁ ପାକ୍ ସରକାର ଏବଂ ଜାତିସଂଘ ମୁଖ୍ୟ ଜଳବାୟୁ ପରିବର୍ତ୍ତନକୁ ଦାୟୀ କରିଛନ୍ତି। ଦୁଇଦିନିଆ ଗସ୍ତରେ ଆସିଥିବା ଗୁଟେରେସ୍ ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍‌ଙ୍କ ସହ ଆଲୋଚନା ପରେ ଇସ୍‌ଲାମାବାଦରେ ଏକ ମିଳିତ ଖବରଦାତା ସମ୍ମିଳନୀରେ ଅନ୍ତର୍ଜାତୀୟ ସମୁଦାୟଙ୍କୁ ସହାୟତା ପାଇଁ ନିବେଦନ କରିଥିଲେ। ଯେଉଁ ଦେଶଗୁଡ଼ିକ ଜଳବାୟୁ ପରିବର୍ତ୍ତନ ଲାଗି ଦାୟୀ ସେମାନଙ୍କ ଉପରେ ପ୍ରକୃତି ଦାଉ ସାଧିବା ପରିବର୍ତ୍ତେ ପାକିସ୍ତାନ ଭଳି ଦେଶରେ ବିପର୍ଯ୍ୟୟ ଘଟାଉଛି ବୋଲି ଗୁଟେରେସ୍ କହିଛନ୍ତି।



ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ପାକିସ୍ତାନ ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି।

# ପାଗଳୀ

ଭୁବନେଶ୍ୱରୀ ପଣ୍ଡା

ଗଳ୍ପ



ଆମେ ନିର୍ମଳା ଭାଉଜଙ୍କ ଉପର ଘରେ ଭଡ଼ା ରହୁ। ଭାଉଜ ତ୍ୟାଗର ଜଣେ ମୂର୍ତ୍ତିମନ୍ତ ପ୍ରତୀକ ଭଳି ଲାଗନ୍ତି। ଘରୁ ଗୋଡ଼ କାଢ଼ିବା ତାଙ୍କ ପକ୍ଷେ ମୁସ୍କିଲ। କାରଣ ନିର୍ମଳା ଭାଉଜଙ୍କ ଶାଶୁ ପ୍ରଭା ମାଉସୀଙ୍କୁ ୮୦ ଟପିଗଲାଣି। କୌଣସି କଥା ଆଉ ତାଙ୍କର ମନେରହୁନି। ତଣ୍ଟି ଫଟେଇ କହିଲେ ମାଉସୀଙ୍କୁ ଶୁଭେ। ସବୁବେଳେ ବି ଶୁଭେନି ଯେ ବୋକାଙ୍କ ଭଳି ଚାହିଁଥାଆନ୍ତି କହିବା ଲୋକଙ୍କ ମୁହଁକୁ। ଯଦିଓ ମାଉସୀ ନିଜ କାମ ନିଜେ କରନ୍ତି, ନିର୍ମଳା ଭାଉଜ ତାଙ୍କ ପାଇଁ ପୂରା ବନ୍ଧା।

ଭାଉଜଙ୍କ ବଡ଼ ଝିଅ ଲୁସି ପୁଣେରେ

> "ମୋତେ ଧୀରେ କହିଲେ ଶୁଭେ ବା। ପ୍ରଶ୍ନଭରା ଆଖିରେ ଚାହିଁଲି ମୁଁ ତାଙ୍କୁ। ମାଉସୀ କହିଲେ, ସଂସାର ଭିତରେ ବଞ୍ଚିବାକୁ ହେଲେ ଅଭିନୟ କରିବାକୁ ପଡ଼େ ମଣିଷକୁ। ଖାଲି ଅଭିନୟ ନୁହଁ, ଜୀବନ୍ତ ଅଭିନୟ କରିବାକୁ ପଡ଼ିବ।

ରହୁଛି ବାହାଘର ପରେ। ସାନ ଝିଅ ଖୁସି ହାଇଦ୍ରାବାଦରେ ଚାକିରି କରୁଛି। ବାଦଲ ଭାଇନା (ନିର୍ମଳା ଭାଉଜଙ୍କ ସ୍ୱାମୀ)ଙ୍କ ଚାକିରି ଆହୁରି ୨ ବର୍ଷ ଅଛି। ଝିଅମାନେ ତ ଦୂରରେ। ଭାଇନା ଅଫିସ ଗଲା ପରେ ଶାଶୁ-ବୋହୂ ଦି'ଜଣ ଘରେ। ଝିଅମାନେ ଡାକନ୍ତି ଭାଉଜଙ୍କୁ ସେମାନଙ୍କ ପାଖେ କିଛିଦିନ ରହିବାକୁ। ହେଲେ ପ୍ରଭା ମାଉସୀଙ୍କୁ ଛାଡ଼ି କୁଆଡ଼େ ଯିବେ ସେ! ନିର୍ମଳା ଭାଉଜଙ୍କ ଭଉଣୀ ଝିଅର ପୁଅଟେ ହେଲା ଏଇ ନିକଟରେ। ଏକୋଇଶିଆକୁ ଖୋଜିଥିଲା ଝିଆରୀ। ଏଇ ପାଖ ମନ୍ଦିରରେ ଏକୋଇଶିଆ ପୂଜା ହେଉଥିଲା। ହେଲେ ଭାଉଜ ଯାଇପାରିଲେନି। ପ୍ରଭା ମାଉସୀ ତ ଯାଉଣୁ ଆସୁଣୁ ନିମା ନିମା ଡାକ ମାରନ୍ତି। ଭାଇନାଙ୍କର ଅଫିସ ଭଲ ତ ସେ ଭଲ। ମାଉସୀଙ୍କୁ କାହା ଦାୟିତ୍ୱରେ ଛାଡ଼ି କୁଆଡ଼େ ଯିବେ ଭାଉଜ!

ଭାଇ-ଭଉଣୀ, ସାଙ୍ଗସାଥୀଙ୍କ ଘରକୁ ଯିବା, ବନ୍ଧୁବାନ୍ଧବର ବାହାଘର, ବ୍ରତଘର, ଜନ୍ମଦିନରେ ଉପସ୍ଥିତ ରହିବା ନିର୍ମଳା ଭାଉଜଙ୍କ ଭାଗ୍ୟରେ ଜୁଟେନି ବୋଲି ସେଦିନ ଗପସପ ବେଳେ ମନଦୁଃଖ କରି କହିଲେ ଭାଉଜ। ମୋତେ କହିଲେ, ବୁଝିଲ ମମତା, ବୟସ ଥିଲାବେଳେ ସମସ୍ତେ ଆସି ହଲହଲ ହେବେ। ହେଲେ ଗୋଡ଼ ହାତ ରହିଗଲେ କାହାରି ଦେଖାମିଳେନି। ମୋର ତିନିଟା ନଣନ୍ଦ ଏଇ ଭୁବନେଶ୍ୱରରେ ରହନ୍ତି। ଯେତେବେଳେ ଶ୍ୱଶୁର ଥିଲେ, ସମସ୍ତେ ପିଲାଛୁଆଙ୍କୁ ନେଇ ଆସୁଥିଲେ। ରୋଳା କରି ଘର ଫଟାଉଥିଲେ। ଗଲା ବେଳେ ଶାଢ଼ି, ଡ୍ରେସ୍‌ଠୁ ଆରମ୍ଭ କରି ଭଲ ମନ୍ଦ ଖାଇବା ଜିନିଷ ବନ୍ଧା ହୁଏ ତାଙ୍କ ପାଇଁ। ହେଲେ ଏବେ ଆସିଲେ କାଳେ ମାଆର କରିବାକୁ ପଡ଼ିବ ବୋଲି କାହାରି ପାଦ ପଡ଼େନି।

ନିର୍ମଳା ଭାଉଜଙ୍କ ବଡ଼ ଝିଅ ଲୁସିର ଡେଲିଭରି ସମୟ ପାଖେଇ ଆସିଲା। ଲୁସି ବାରମ୍ବାର ନିର୍ମଳା ଭାଉଜଙ୍କୁ ପାଖକୁ ଡାକୁଥାଏ। ଭାଉଜଙ୍କର ସେଇ ଗୋଟିଏ କଥା- ତୋ ଜେଜେମା'କୁ ସମ୍ଭାଳିବ କିଏ? ବାଦଲ ଭାଇନା କହିଲେ, ତମେ କିଛି ଚିନ୍ତା କରନି। ମୁଁ ଯାହା ଯେମିତି କରି ମ୍ୟାନେଜ୍ କରିବି। ନାନୀମାନଙ୍କୁ ମଝିରେ ମଝିରେ ଆସି ବୋଉ ପାଖରେ ରହିବାକୁ କହିବି। ଆସିଲେ ସିନା ଜାଣିବେ ବୋଉ ପାଇଁ ତୁମେ କେମିତି ପୂରା ବନ୍ଧା। ପିଲାଟା (ଲୁସି) ଏତେ ଡାକୁଛି। ଏଇ ସମୟରେ ଯଦି ନ ଯିବ, ଆଉ କେବେ ଯିବ ବୋଲି କହି ଭାଉଜଙ୍କୁ ପୁଣେ ପଠାଇଦେଲେ ବାଦଲ ଭାଇନା।

ସେଦିନ ସନ୍ଧ୍ୟାବେଳେ ଅଫିସ୍‌ରୁ ଫେରି ଦେଖିଲି ପ୍ରଭା ମାଉସୀ ବାହାରେ ଚୌକି ପକାଇ ବସିଛନ୍ତି। ସାମ୍ନା ଚେୟାରରେ ଜଣେ ମହିଳା। ମାଉସୀ ଗପୁଛନ୍ତି, ହସୁଛନ୍ତି, କ'ଣ ସବୁ ପଚାରୁଛନ୍ତି ଦେଖି ମୁଁ ପୂରା ଆଶ୍ଚର୍ଯ୍ୟ। ମୁଁ ଗେଟ୍ ଖୋଲିକି ଗାଡ଼ି ଭିତରକୁ ପୂରେଇଲା ବେଳକୁ ମାଉସୀ ମମତା ମମତା ବୋଲି ଦି'ଥର ଡାକିଲେ। ମୁଁ ପାଖକୁ ଯିବାରୁ କହିଲେ, ଇଏ ହେଉଛି ମୋ ବଡ଼ ଝିଅ ବର୍ଣ୍ଣାଳୀ। ନମସ୍କାରଟିଏ ମାରି ପଦେ-ଦି'ପଦ କଥା ହେଇ ଘରକୁ ଆସିଲି।

କାନକୁ ଶୁଭେନି, ସବୁ କଥା ଭୁଲିଯାଆନ୍ତି, ବାରମ୍ବାର ଗୋଟିଏ କଥା ପଚାରି ସାମ୍ନା ଲୋକଙ୍କୁ ବିରକ୍ତ କରୁଥିବା ଇଏ ସେଇ ପ୍ରଭା ମାଉସୀ ତ ବୋଲି ଭାବି ଆଶ୍ଚର୍ଯ୍ୟ ହେଉଥାଏ ମୁଁ। ଏତିକିବେଳେ କଲିଂ ବେଲ୍ ବାଜିଲା। ଗୋଟେ ପ୍ଲେଟ୍‌ରେ କିଛି ମିଠା ଧରି ମାଉସୀ ପାହାଚ ଚଢ଼ି ଆମ ଘରକୁ ଆସିଥିଲେ। ମମତା ଯାକୁ ରଖ, ବର୍ଣ୍ଣାଳୀ ଆଣିଥିଲା। ସବୁବେଳେ ଘରେ ମୁହଁକୁ ହାଣ୍ଡି କରି ବସୁଥିବା, ଗୁଣୁଗୁଣୁ ହେଇ କାହାକୁ ଗାଳି ଦେଉଥିବା ପ୍ରଭା ମାଉସୀଙ୍କ ଚାଙ୍ଗାପଣ ଦେଖି ମୋ' ମନରେ ଅନେକ ପ୍ରଶ୍ନ ସୃଷ୍ଟି ହେଲାଣି ସେତେବେଳକୁ।

ପରଦିନ ସକାଳୁ ପ୍ରଭା ମାଉସୀ ଘର ପଛ ବଗିଚାରେ ବୁଲୁଥିଲେ। ଗଛପତ୍ର ଆଉଁଶୁଥିଲେ। ଏତିକିବେଳେ ପରିବା ଆଣି ଗେଟ୍ ଭିତରକୁ ପଶିଲି ମୁଁ। ଅତି ପାଖରେ ଠିଆ ହୋଇଥିଲେ ବି ତଣ୍ଟି ଫଟେଇ ପଚାରିଲି ମାଉସୀଙ୍କୁ ଖାଇଲଣି କି ନାହିଁ ବୋଲି। କାଇଁ ଏତେ ବଡ଼ ପାଟିଟା କରୁଛୁ ବା ମମତା! ମୋତେ ଧୀରେ କହିଲେ ଶୁଭେ ବା। ପ୍ରଶ୍ନଭରା ଆଖିରେ ଚାହିଁଲି ମୁଁ ତାଙ୍କୁ। ମାଉସୀ କହିଲେ, ସଂସାର ଭିତରେ ବଞ୍ଚିବାକୁ ହେଲେ ଅଭିନୟ କରିବାକୁ ପଡ଼େ ମଣିଷକୁ। ଖାଲି ଅଭିନୟ ନୁହଁ, ଜୀବନ୍ତ ଅଭିନୟ କରିବାକୁ ପଡ଼ିବ। ମଉସା ଥିଲା ବେଳେ ବର୍ଣ୍ଣାଳୀ, ବୈଶାଖୀ, ବର୍ଷା ତିନି ଝିଅଯାକ ଆସନ୍ତି ସେମାନଙ୍କ ପିଲାମାନଙ୍କୁ ନେଇ। ଘର ହସଖୁସିରେ ଫାଟି ପଡ଼େ। ହେଲେ ନିର୍ମଳା କାହା ହସଖୁସିକୁ ସହଜରେ ହଜମ କରିପାରେନି। ମୁହଁକୁ ଗମ୍ଭୀର କରି ରୋଷେଇ, ଘର କାମ କରେ। କାମ ସରିଲେ କାହା ସହ ପଦେ କଥା ହୁଏନି, ନିଜ ରୁମ୍‌କୁ ପଳାଏ। ପିଲାମାନଙ୍କ ହସଖୁସି, ଗପସପ ତା' କାନରେ ବାଜିଲେ କି ଆଖିରେ ପଡ଼ିଲେ ଚିଡ଼୍‌ଚିଡ଼୍ ହୁଏ। ବେଳେବେଳେ ଏମିତିସବୁ କାଣ୍ଡ କରି ବସେ ଯେ, ଘରେ ପାଟିତୁଣ୍ଡ ହେବା ଥୟ।

ଗୁରୁଜନ ହିସାବରେ ମଉସା ଗୋଟେ ଥର ତାକୁ ବୁଝାଇବାକୁ ଚେଷ୍ଟା କଲେ। ହେଲେ ଶ୍ୱଶୁର ମୁହଁ ଉପରେ ଜବାବ ଦେଲା ନିର୍ମଳା। ଘରେ ଏମିତି କାଣ୍ଡ ଦେଖି ବର୍ଣ୍ଣାଳୀ, ବୈଶାଖୀ, ବର୍ଷା ଯିଏ ଯାହା ପିଲାଛୁଆଙ୍କୁ ଧରି ପଳେଇଲେ। ମଉସାଙ୍କୁ ଭାରି ବାଧିଲା ସେଦିନ। ବେଶୀ ଭାବିଦେଲେ କି କ'ଣ, ସେଦିନ ରାତିରେ ଆଉ କିଛି ଖାଇଲେନି। ପରଦିନ ସକାଳୁ ଆଉ ଉଠିଲେନି।

ଏମିତି ଗୋଟେ ପରିସ୍ଥିତିରେ ମଉସା ଆଖି ବୁଜିବା ପରେ ଝିଅମାନଙ୍କୁ ଘରକୁ ଆସିବାକୁ ମନାକଲି ମୁଁ। ତଥାପି ସେମାନଙ୍କ ମନ ସମ୍ଭାଳି ହୁଏନି ଯେ, ମାଆଟା ବଞ୍ଚିଛି ବୋଲି କେତେବେଳେ କେମିତି ମତେ ଦେଖିବାକୁ ଆସନ୍ତି। ଘରୁ ଗୋଟେ ମୁଣ୍ଡ ଯିବା ପରେ ବି ନିର୍ମଳାର କିଛି ପରିବର୍ତ୍ତନ ଦେଖିଲିନି ମୁଁ। ନଣନ୍ଦ, ଭଣଜା-ଭାଣିଜୀଙ୍କି ଦେଖିଲାମାତ୍ରେ ମୁହଁ ଫୁଲାଏ ସେ। ନହେଲେ ତା'ର ମୁଣ୍ଡବିନ୍ଧା ଆଉ କି କି ରୋଗ ସବୁ ଆରମ୍ଭ ହୋଇଯାଏ। ତେଣୁ ମୁଁ ଆଉ ଝିଅମାନଙ୍କୁ ଦେଖି ଖୁସି ହେଲିନି। ନାତି-ନାତୁଣୀଙ୍କ ଉପରେ ଗରଗର ହେଲି। ଜନ୍ମକଲା ଝିଅକୁ ତା' ନାଁ ବାରମ୍ବାର ପଚାରେ। ଜ୍ୱାଇଁକୁ ତମ ଘର କୋଉ ଗାଁ ବୋଲି ୧୫ ମିନିଟ୍‌ରେ ୫ ଥର ପଚାରେ। ଆଉ ସବୁବେଳେ ନିମା ନିମା ବୋଲି ଡାକ ପକାଏ। ମୋ' ରଙ୍ଗ ଢଙ୍ଗ ଦେଖି ଝିଅମାନେ ବି ଆଉ ପାଦ ପକେଇଲେନି ଏଠି।

ମୋତେ ସତରେ ଶୁଭେନି ବୋଲି ନିର୍ମଳା ଧରିନେଇଛି। ଏଇ କିଛି ଦିନ ତଳେ ତା' ଭଉଣୀ ଆମ ଘରକୁ ଆସିଥିଲା। ମୁଁ ସେଇଠି ବସିଛି, ନିର୍ମଳା ତା' ଭଉଣୀକି କହୁଛି କ'ଣ ନା- ବୁଢ଼ୀ ଆଉ ଝିଅ-ଜ୍ୱାଇଁ, ନାତି-ନାତୁଣୀ କାହାରିକି ଚିହ୍ନୁନି, ମୋ ନାଁ ଜପାମାଳି କଲାଣି। ମୁଁ ବି କ'ଣ କାମ ଥାଉ ନଥାଉ ଘଡ଼ିକି ପହରକୁ ନିମା ନିମା ବୋଲି ଡାକ ପକାଏ। ଲୋକବାକଙ୍କ ଆଗରେ ବାରମ୍ବାର ଏମିତି ମୁଁ ଡାକିଲେ ନିର୍ମଳାର ଗୋଡ଼ ଜମା ତଳେ ଲାଗେନି। ପ୍ରଥମେ ପ୍ରଥମେ ଏମିତି ଅଭିନୟ କଲା ବେଳେ ଧରାପଡ଼ିଯିବାର ଭୟ ଥିଲା। ହେଲେ ପରେ ଅଭ୍ୟାସରେ ପଡ଼ିଗଲା। ଘରେ ଶାନ୍ତିଠାରୁ ବଡ଼ କଥା କିଛି ନାହିଁ ମାଆ। ସେଇଥିପାଇଁ ତ ରକ୍ତଙ୍କୁ ପର କରି ପାଗଳୀ ଭୂମିକାରେ ମୁଁ ନିଖୁଣ ଅଭିନୟ କରିଚାଲିଛି ବୋଲି କହିଲେ ମାଉସୀ। ମୁଣ୍ଡ କାମ କରୁନଥିବା ମୋ' ଭଳି ଶାଶୁ ପାଖେ ଦିନ ରାତି ଚଳୁଛି, ମତେ ସମ୍ଭାଳୁଛି ବୋଲି ନିର୍ମଳାକୁ ଆମ ବନ୍ଧୁବାନ୍ଧବଠୁ ତା' ବାପଘର ଯାଏଁ ସମସ୍ତେ ପ୍ରଶଂସାରେ ପୋତି ପକାଉଛନ୍ତି।

ବାହାରେ ମାଉସୀଙ୍କ ସହ କଥା ହୋଇ ଘର ଭିତରକୁ ପଶିଲି ମୁଁ। ଖାଲି ଭାବୁଥାଏ, ଜଣେ ମୁରବି ଯିବା ପରେ ଆଉ ଜଣକୁ ନିୟନ୍ତ୍ରଣ କରି ପରିବାର ଭିତରେ ରାଜନୀତି କରି ନିଜ କର୍ତ୍ତୃତ୍ୱ ଜାହିର କରି କେମିତି ଜଣେ ବଞ୍ଚିଛି। ଆଉ ଜଣେ ଜନ୍ମକଲା ଝିଅଙ୍କୁ ପର କରି ପାଗଳୀ ସାଜି କେମିତି ମରିବା ପାଇଁ ଦିନ ଗଣୁଛି।

ମୋ: ୬୩୭୧୬୫୨୨୨୪

## କବିତା

### କବାଟ

ସରୋଜ କୁମାର ସାହୁ

ଭିତର ବାହାରକୁ ଆଗପଛ କରି
ଝୁଲି ରହିଥିବା ଯୋଡ଼ା କାଠପଟା ହଳକ
ସାଇତିଛି ଚିହ୍ନା ଅଚିହ୍ନା ସଭିଙ୍କର ତାଲିକା
କେବେ ବି ପଚାରିନି
କାହାର ମିଛସତର ଠିକଣା
ମାଗିନି ଜାତି ଗୋତ୍ରର ପରିଚୟ
ସଭିଙ୍କୁ ପାଛୋଟି ଆଣିଛି
ସହୃଦୟତାରେ...
ଶତ୍ରୁ ହେଉ ଅବା ମିତ୍ର।

ପରିଧିଏ କୋହରେ
ଆଞ୍ଜୁଳେ ଲୁହକୁ ଫେଣ୍ଟି
ଭାରି କରିଛି ତା'ର ମସୃଣ ଦେହ
ବତୁରି ଯାଇଥିବା ଆଖିରେ
ଦେଖିଛି ସତ ହେଉନଥିବା ସପନ
ଦିନ ପରେ ରାତି, ରାତି ପରେ ଦିନ
ନିଦ ଟଳମଳ ଆଖିରେ
ପରଖିଛି ଅତୀତ ବର୍ତ୍ତମାନ ଭବିଷ୍ୟତକୁ।

ଗଢ଼ଣ ପରଠୁ ଭୋଗି ଆସିଛି
ପ୍ରହେଳିକାର ଅଳନ୍ଧୁ
ଝଡ଼ ବତାସର ବିଭୀଷିକା
ଶୂନ୍‌ଶାନ୍ ରାତିର ବିଧୂନ,
ଦିବସମାନଙ୍କର ଲହୁଲୁହାଣରେ
ଭାରି ପଡ଼ିଥିବା ନିସ୍ତେଜ ଦେହ
ମୁକୁଳି ପାରିନି ଶୃଙ୍ଖଳରୁ
ଏବେ ବି, ବେଳ ଅବେଳରେ
ଛାତିକୁ ପରସ୍ତ କରି
ପଖାଳି ଦେଉଛି ଅପେକ୍ଷାର ଲୁହରେ।

ସେବେଠୁ, ଆଜିଯାଏଁ
ଭାଙ୍ଗି ପାରିନି କାହାର
ନିର୍ବୋଧତାର ଜ୍ୱାଳା
ବାହା ମେଲି ଯୋଡ଼ି ଦେଇନି
ଉଜୁଡ଼ି ଯାଉଥିବା ସଂସାର,
ସତମିଛର ଔଜ୍ଜ୍ୱଲ୍ୟକୁ ପରଖି
ସାଜିଛି ମୂକ ବଧିର
ନିଜକୁ ନିଃସ୍ୱକରି ଭେଟି ଦେଉଛି
ମୂକସାକ୍ଷୀର ମିଛ ସ୍ୱାକ୍ଷର।

ମୋ: ୯୩୪୮୫୭୫୨୨୪

### ନଈ

ମଞ୍ଜୁଲତା ସିଂ

ପୂର୍ଣ୍ଣଗର୍ଭା କଳକଳ ଉଛୁଳା ନଈ
ଆଜି ଖୁବ୍ ନିସ୍ପନ୍ଦ, ନିର୍ବାକ୍...
ସ୍ୱପ୍ନ ସବୁ ଦରପୋଡ଼ା
ଡହକ ଝାଞ୍ଜିରେ।
ଶୂନ୍‌ଶାନ୍ ନଈପଠାରେ
ଦିଗ୍‌ବଳୟ ପରିବ୍ୟାପ୍ତ
ଥୁଣ୍ଟା ଗଛର ଅସହାୟ ଚାହାଣି...
କାଶତଣ୍ଡୀର ଦୀର୍ଘଶ୍ୱାସରେ
ଝରିପଡୁଛି ଅଶ୍ରୁ ଗୀତିର
ଅନ୍ତଃସ୍ୱର...
ମଳା ନଈର ଛାତିରେ
ଧୂସର ବାଲିର କାନ୍‌ଭାସ୍
ପଠା ସେପାଖେ ନାହିଁ
ବହଳ ସବୁଜିମାର ଚିତ୍ରପଟ
ଶୁଭୁନି ଦୁଧ ଅଳତାବୋଳା
ପାଦ ପାଉଁଜିର ରୁଣୁଝୁଣୁ ସ୍ୱର
ଶୁଭୁନି ବି ନାଉରୀ କଣ୍ଠରେ
ଖୋକା ଭାଇଙ୍କ ଚିତ୍ତ ଉଲୁସା
ସେଇ ଗୀତ... ଯା'ରେ ଭାସି ଭାସି ଯା'...

ଶିରିଶିରି ପବନରେ ନାହିଁ
ଅନାମିକା କେଉଁ ଫୁଲର ସୁରଭି।
ତା' ଶୁଷ୍କ ଛାତି ଉପରେ ଉଡ଼ିଯାଉଥିବା
ମାଛରଙ୍କାର କିଛି ଖୋଜିଲା ଚାହାଣି...
ନଈ ସବୁ ବୁଝେ ସିନା
କେବେ ବି କହେନା କାହା ପାଖେ
ତା' ଅନ୍ତର୍ଦାହର କାହାଣୀ।
ତା' ବିଡ଼ମ୍ବିତ ଭାଗ୍ୟର ଅଶ୍ରୁଲେଖ
କେହି ବି ପଢ଼େନା।

ଦେଖ ଏବେ...
ନୀଳ ଆକାଶର ଛାଇ ତଳେ
ନଈ ଏବେ ଶୋଇଯାଇଛି
ନିଶ୍ଚଳ କ୍ଳାନ୍ତ ପଥିକ ପରି।
ଏବେ କେବେ କାକର ଟୋପାରେ
ଓଦା ଓଦା ଅଙ୍କାବଙ୍କା ବାଲି ଶେଯରେ
ନଈ ଦେଖେ ହଜିଲା ମୌସୁମୀର
ଅନାଗତ ସ୍ୱପ୍ନ...
ନଈ ଏବେ ଭାବୁଛି
ପାଣି ବିନା, ନାଆ ବିନା
ତା' ଅସ୍ତିତ୍ୱର କି ମୂଲ୍ୟ ଅଛି?
ଏବେ ସେ ମଳା ନଈ...
ଏଇ ତା'ର ନୂଆ ପରିଚୟ।

ମୋ: ୮୮୪୭୮୫୨୯୧୭

### ଫଗୁଣର ଗୋଧୂଳି ବେଳାରେ

କୃଷ୍ଣା ମିଶ୍ର

ଫଗୁଣର ସେଇ ଗୋଧୂଳି ବେଳାରେ,
ହାତକୁ ହାତ ମିଶାଇ ବୁଲୁଥିଲେ
ଆମେ ଦରିଆକୂଳରେ...

ନାଲି ଫଗୁମଖା ଅସ୍ତାଚଳ ଦେଖାଇ,
ଅଭିମାନେ ପଚାରିଲି,
ଫେରି କି ପାରିବ ପ୍ରିୟ,
ପୁଣି ଆଗାମୀ ଉଷାରେ,
ବାଢ଼ିବାକୁ ପ୍ରୀତିର ପୀୟୂଷ, ମନଭରି
ମାଟିରୁ ଆକାଶଯାଏ?

କାହୁଁଥିଲା, ହଠାତ୍ ମାଡ଼ିଗଲା
ଗୋଟେ ମତୁଆଲା ଜୁଆର,
ନିମିଷକେ ଭାଙ୍ଗିଗଲା,
ଗଢ଼ିଥିଲେ ଯେଉଁ ସୂକ୍ଷ୍ମ ବାଲିଘର,
ପବନରେ ଭାସୁଥିଲା,
ମୋ' ପ୍ରଶ୍ନ ଆଉ ସ୍ୱପ୍ନ ମିଳନର...

ମୋ: ୯୩୦୧୦୧୨୩୩୩

## ପୁସ୍ତକ ପରିଚୟ

### ନିଃଶବ୍ଦ ନିନାଦ




**କବି:** ଭରତ ବେହେରା
**ପ୍ରକାଶକ:** ବ୍ଲାକ୍ ଇଗଲ ବୁକ୍ସ, ଡବ୍ଲିନ୍, ଆମେରିକା
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୫୦/-

ମୋଟ ୪୨ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସ୍ଥାନିତ ଓ ପ୍ରତ୍ୟେକଟି କବିତା ଚଳନ୍ତି ସମୟ ଓ ଜୀବନର ଗୋଟିଏ ଗୋଟିଏ ବିଶ୍ୱସ୍ତ ଦୋହା। ବହିର 'ଅଗ୍ରଲେଖ'ରେ କବି ଲେଖିଛନ୍ତି, "ଜୀବନର ପରିସର ଏତେ ବ୍ୟାପକ ଯେ, କବିତା ମାଧ୍ୟମରେ ସେ ସବୁର ଅବତାରଣା ଅସମ୍ଭବ। ଶବ୍ଦ ଯେତେବେଳେ କ୍ଳାନ୍ତ ଓ ନିସ୍ତେଜ ହୋଇଯାଏ, ସେତେବେଳେ ନିଃଶବ୍ଦ ଜାଗ୍ରତ ହେବା ସଙ୍ଗେ ସଙ୍ଗେ ସକ୍ରିୟ ହୋଇଥାଏ।" କିନ୍ତୁ ଭରତଙ୍କ କବିତାରେ ଶବ୍ଦମାନେ କ୍ଳାନ୍ତ ହୋଇପଡ଼ିଥିବା ପରି ମନେହୁଏ ନାହିଁ। ସୁତରାଂ ନିଃଶବ୍ଦର ନିଦ୍ରା ଭଙ୍ଗ ହୁଏ କ୍ୱଚିତ୍ ତାଙ୍କ କବିତାରେ। କବି ସମାଜ ଓ ସମାଜରେ ଆତଯାତ ମଣିଷଙ୍କୁ ଉପେକ୍ଷା କରନ୍ତି ନାହିଁ। ଲେଖନ୍ତି ତାଙ୍କ ଦୁଃଖ ଦୁର୍ଦ୍ଦଶା ଓ ଅସହାୟତାର କାହାଣୀ। ଯେପରି: ୧."ଯେଉଁଠି ଥାଉ ଉତ୍ପାଦିତ ଶସ୍ୟ/ସେ ଶସ୍ୟ ତାଙ୍କର, ତାଙ୍କ ଶ୍ରମର/ଦିନଦିନ ମାସମାସ ଭୋଗିଥିବା/ମେହେନତ କଳା ଲୁଣି ଖାଳ।" (ଶସ୍ୟ,ପୃ:୫୧)। ୨. "କେଳା ବାରିକ, ଗ୍ରାମ: ମୁକୁନ୍ଦପୁର/ଉପଖଣ୍ଡ ନୀଳଗିରି, ଜିଲା: ବାଲେଶ୍ୱର। /ପ୍ରତିଦିନ ପଥର ଭାଙ୍ଗିବାକୁ ଯାଏ/କାନ୍ଧରେ ଥାଏ ଛଡ଼, ଶାବଳ, ମାର୍ତ୍ତୁଲ/ହାତରେ ଥାଏ ହାତୁଡ଼ି/ଗେଟିପିଟା ପୁରୁଣା ସାଧନ।" (ପଥରର ପ୍ରତିଧ୍ୱନି: ପୃ:୫୨)। ଭରତଙ୍କ କବିତାରେ ଥାଏ ମୂଲିଆର ଝାଳଦାଗ, ସମବେଦନାର କରୁଣା। ବହିଟି ପାଠକୀୟ ଆଦୃତି ପାଇବ ବୋଲି ଆଶା।

### ଅସ୍ତମିତ ସୂର୍ଯ୍ୟର ଆଭା




**ଲେଖିକା:** ଜାହ୍ନବୀ ମିଶ୍ର
**ପ୍ରକାଶକ:** ଜେ. ଜେ. କମ୍ପାନୀ, ନଭି ମୁମ୍ବାଇ, ମହାରାଷ୍ଟ୍ର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୦୦/-

ଜାହ୍ନବୀ ମିଶ୍ରଙ୍କ 'ଅସ୍ତମିତ ସୂର୍ଯ୍ୟର ଆଭା' ଏକ ବାସ୍ତବଧର୍ମୀ ଉପନ୍ୟାସ। ଉପନ୍ୟାସର କଥାବସ୍ତୁ ଓଡ଼ିଶା ପଞ୍ଚମ ବିଧାନସଭା ନିର୍ବାଚନ ପୃଷ୍ଠଭୂମିରେ ଜାତିବାଦ ରାଜନୀତିକୁ ନେଇ ଆରମ୍ଭ ହୋଇ ଶେଷ ପର୍ଯ୍ୟାୟରେ ବାରମ୍ବାର ପ୍ରଶ୍ନ କରିଚି ଆଜିର ପରିସ୍ଥିତିରେ ଏହାର ସାର୍ଥକତାକୁ ନେଇ। ମୁଖ୍ୟ ଚରିତ୍ର ଅର୍ଜ୍ଜୁନ ସେଠୀଙ୍କର ଅପ୍ରତ୍ୟାଶିତ ଭାବେ ଜାତିବାଦ ରାଜନୀତିରେ ପ୍ରବେଶ ଓ ସେଥିରେ ତାଙ୍କର ଅଭୂତପୂର୍ବ ସଫଳତା ଉପନ୍ୟାସରେ ପ୍ରମୁଖତା ଲାଭ କରିଛି। ଜାତିବାଦ ପରି ସଂକୀର୍ଣ୍ଣ ଚିନ୍ତାକଳ୍ପ ରାଜନୀତିର ବୀଜମନ୍ତ୍ର ହେବା ଉଚିତ, ଆଣି ଦେଇଚି କାହାଣୀରେ ଟୁଇଷ୍ଟ। ମଧୁଛନ୍ଦା ଓ ତାଙ୍କ ମା'ଙ୍କର ଅଭୁଲା ସ୍ମୃତିରେ ସନ୍ତୁଳିତ ଅର୍ଜ୍ଜୁନଙ୍କର ଜୀବନଧାରାରେ ରହିଚି ପ୍ରେମ, ଉତ୍କଣ୍ଠା ଓ ବିଷାଦ। ଅର୍ଜ୍ଜୁନ ମଧୁଛନ୍ଦାକୁ କହିଥିଲେ, ଜାତିବାଦ ରାଜନୀତିର ବୁଢ଼ିଆଣୀ ଜାଲରେ ସେ ଏପରି ଛନ୍ଦି ହେଇଯାଇଛନ୍ତି ଯେ, ସେଥିରୁ ମୁକୁଳିବା ସମ୍ଭବ ନୁହେଁ। ମାତ୍ର ମଧୁ ତାଙ୍କୁ ବୁଝାଇଥିଲା- "ବୁଢ଼ିଆଣୀ ଜାଲରୁ ବାହାରିବା ପାଇଁ ଛାଟିପିଟି ହେଲେ ଆହୁରି ସେ ଜାଲରେ ଛନ୍ଦି ହେଇଯିବ। ଜାଲରୁ ବାହାରିବାକୁ ହେଲେ ତା'ର ଗଣ୍ଠିସବୁକୁ ଗୋଟିଏ ପରେ ଗୋଟିଏ ଖୋଲିବାକୁ ହେବ ଧୈର୍ଯ୍ୟର ସହ। ତେବେ ଯାଇ ପାଇପାରିବ ମୁକ୍ତି।" ଏଥିରୁ ଗାଳ୍ପିକାଙ୍କର ସାମାଜିକ ଚିନ୍ତନଟି ଯେ କେତେ ବଳିଷ୍ଠ ତାହା ଉପଲବ୍ଧ ହୋଇଥାଏ।

## ଛୁଆଁଣ

ରାମଚନ୍ଦ୍ର ସେଠୀ

ମିନି ଗଳ୍ପ



ବୁଢ଼ୀଟିଏ ଦିନେ ବାଟକଡ଼ ଗଛମୂଳରେ ବସି କାନ୍ଦୁଥିଲା। କପୋତଟିଏ ଉଡ଼ିଉଡ଼ି ଆସି ସେଇ ଗଛରେ ବୁଢ଼ୀର ମୁଣ୍ଡ ଉପର ଡାଳରେ ବସି ପଚାରିଲା- ମାଉସୀ, କ'ଣ ହେଲା କି ତମର? ବୁଢ଼ୀ ଅନେଇଲା ଉପରକୁ। କହିଲା- କ'ଣ କହିବିରେ ପୁଅ, ଦୀର୍ଘ କୋଡ଼ିଏ ବର୍ଷ ପରେ ମୋର ନାତିଟିଏ ଜନମ ହେଲା ଯେ, ସିଏ ଜନମରୁ ରୋଗଣା। ଯେତେ ଦିଅଁଦେବତା ଏ ରାଇଜରେ ଅଛନ୍ତି, ବୁଲି ବୁଲି ସମସ୍ତଙ୍କୁ ମୁଣ୍ଡିଆ ମାରିଲି। ଭୋଗରାଗ କଲି। ଯେତେ ବଡ଼ବଡ଼ ଡାକ୍ତର ଅଛନ୍ତି, ସମସ୍ତଙ୍କୁ ଦେଖେଇଲି। ଯେତେ ଗାଆଁବଇଦ ଅଛନ୍ତି ସମସ୍ତଙ୍କଠୁ ଚେରମୂଳି ଓଷଦ ଆଣି ଖୁଆଇଲି। ଝଡ଼ାଫୁଙ୍କା କଲି। ହେଲେ, କିଛି କାଟୁ କଲାନି। ଯେମିତି ଥିଲା ସେମିତି। ତାକୁ ଦେଖିଲେ ମନ ହେଉଚି, ସତେ ଯେମିତି ତା' ଜୀବନଟା ଛାତି ଭିତରୁ ବାହାରି ଆସି ନାକଦଣ୍ଡାରେ ଅଟକି ଯାଇଚି। କେତେବେଳେ ଛାଡ଼ିଯିବ ଜଣାନାଇଁ। ସବୁବେଳେ ଶୁକୁଶୁକୁ।

କପୋତ କହିଲା- ମାଉସୀ, ମୋ' ବାପା ସେମିତି ରୋଗଣା ଥିଲେ। ଥରେ ଅନ୍ଧାର ରାତିରେ ସିଏ ଡେଣା ଫଡ଼ଫଡ଼ କଲେ। ସକାଳେ ଦେଖିଲାବେଳକୁ ସିଏ ଆଉ ଗଛଡାଳରେ ନାହାନ୍ତି। ତଳେ ପଡ଼ିଛନ୍ତି। ଶୁଖିଶାଖି କାଠ। ବୁଝିଲ ମାଉସୀ, ଜନମ ହେଲେ ମରିବା ନିଶ୍ଚିତ। ଉପରେ କାଳଛୁଆଁଣ ଉଡୁଚି। କେତେବେଳେ ସିଏ କାହାକୁ ଝାମ୍ପି ନବ କିଏ କହିବ! ମାତ୍ର ଝାମ୍ପିବା କଥା ଝାମ୍ପିବ।

ଏ କଥା ଶୁଣି ବୁଢ଼ୀ ଚମକି ପଡ଼ିଲା। ଧାଇଁଲା ଘରକୁ। ଦୁଆରେ ପହଞ୍ଚୁ ପହଞ୍ଚୁ ଶୁଣିଲା କାନ୍ଦବୋବାଳି। ଦେଖିଲା ବେଳକୁ ନାତି ଆଉ ନାଇଁ।

ମୋ: ୯୮୬୧୭୦୯୮୮୦

## କାଳକାଳକୁ

> "ସେଇ କବିତାଟି ଭଲ, ଯହିଁରେ ଥାଏ ଅଭିବ୍ୟକ୍ତିର ନୂଆ ନୂଆ ଉପାଦାନ ଓ ଶବ୍ଦଙ୍କର ପୁରୁଣା ଗତରେ ପଡ଼ିଥିବା ପାଠକଙ୍କୁ ଯାହା ଚମକାଇଦିଏ।"
> - ଟି.ଇ. ହ୍ୟୁମ୍



**ଟି.ଇ. ହ୍ୟୁମ୍**ଙ୍କ ଜନ୍ମ ୧୬ ସେପ୍ଟେମ୍ବର ୧୮୮୩ରେ ଇଂଲଣ୍ଡରେ ଓ ପରଲୋକ ୨୮ ସେପ୍ଟେମ୍ବର ୧୯୧୭ରେ ବେଲ୍‌ଜିୟମ୍‌ରେ। ଇଂଲିଶ୍ ଭାଷାର ଏହି ପ୍ରଖ୍ୟାତ କବି ଓ ସମାଲୋଚକ ଜଣେ ସୌନ୍ଦର୍ଯ୍ୟବାଦୀ ଦାର୍ଶନିକ ଓ 'ଚିତ୍ରକଳ୍ପବାଦ'ର ଜନକ ଭାବେ ସ୍ୱୀକୃତ। ତାଙ୍କର ପ୍ରସିଦ୍ଧ ସମାଲୋଚନା ଗ୍ରନ୍ଥ ମଧ୍ୟରେ 'Notes on Languages and Style' (୧୯୨୯) ହେଉଛି ଅନ୍ୟତମ ଓ ବହୁପଠିତ କବିତା ମଧ୍ୟରେ ଅନ୍ତର୍ଭୁକ୍ତ ; 'Autumn', 'A City Sunset', 'A Tall Woman' ଓ 'At Night' ଇତ୍ୟାଦି। ସେ କହନ୍ତି: "ଭାଷା ମାତ୍ରକେ ସାମ୍ପ୍ରଦାୟିକ। ଯାହା ସମସ୍ତେ ଜାଣନ୍ତି, ତାହାକୁ ସେ ମାନିନିଏ, ଅସଲ କଥା କିନ୍ତୁ ଅଧରା ରହେ।" ଛନ୍ଦ କବିତା ସମ୍ପର୍କରେ ଆପତ୍ତି ଉଠାଇ କହନ୍ତି: "ଆଦୌ ପ୍ରେରଣା ନ ଥାଇ ପଦ୍ୟ ରଚନାରେ ଲୋକଙ୍କୁ ଏହା ପ୍ରବୃତ୍ତ କରାଏ।"

## ଜୀବନର ଶେଷପର୍ବ

ପୁଷ୍ପଲତା ମହାନ୍ତି

ଲଘୁ ଗଳ୍ପ

ସତୁରା ବୁଢ଼ା ବାଡ଼ି ଖଣ୍ଡିକରେ ଭରା ଦେଇ ଧୀରେ ଧୀରେ ଠାକୁରାଣୀଙ୍କ ମନ୍ଦିରର ପାହାଚରେ ଚଢ଼ିଲା। ବାର୍ଦ୍ଧକ୍ୟ ହେତୁ ଗୋଡ଼ ଥରୁଛି, ହାତ ଥରୁଛି। ଠିକ୍ ଭାବେ ଚାଲି ବି ପାରୁନି। ଧଇଁସଇଁ ହୋଇ ବସିପଡ଼ି ଥକା ମାରିଲା। ମାଆ ଠାକୁରାଣୀଙ୍କ ଆସ୍ଥାନରେ ବିରାଜିତା ମାଆ ଭବାନୀଙ୍କୁ ହାତଯୋଡ଼ି ନମସ୍କାର କଲା। ଅସ୍ଥିକଂକାଳ ସାର ଚମଡ଼ଙ୍କା ଶରୀରର ପଞ୍ଜରାହାଡ଼ ଗଣି ହେଇଯାଉଛି। ଗାଲର ହାଡ଼ ବାହାରକୁ ଉବୁକି ବାହାରିଛି। କୋରଡ଼ିଆ ଆଖି ଦୁଇଟିକୁ ଏବେ ବେଶି ଦେଖାଯାଉନି। ଛିଣ୍ଡା ଗାମୁଛାଟାକୁ କାନ୍ଧରୁ ଆଣି ମୁହଁ ପୋଛିଲା, ଆଖି ପୋଛିଲା। ଜୀବନଟାଯାକ ଘର ପାଇଁ ପିଲାଛୁଆ, ଜମିବାଡ଼ି ଏସବୁ କରି କରି ଦିନେ ପେଟ ପୂରାଇ ଖାଇପାରିନି କି ଭଲରେ ଟିକିଏ ଶୋଇପାରିନି। କ'ଣ ପାଇଁ ସେ ନିଜ ଜୀବନର ୭୫ବର୍ଷ ଏଇମିତି ତିଳତିଳ କରି ସାରିଦେଲା? ଏଇ ପରିବାର ପାଇଁ ନା! ହେଲେ ଏ ପରିବାର ତାକୁ କ'ଣ ଦେଲା? ଛାତି ଫଟାଇ କୋହ ଉଠୁଛି। ମୁଣ୍ଡର ଶିରାଗୁଡ଼ାକ ଟକ୍‌ଟକ୍ କରୁଛି। ମନ୍ଦିର ପଛରେ ଥିବା ନିଜ ଗାଁକୁ ଦୂରରୁ ଦେଖିଲା। କେହି ଆସୁଛି କି ତାକୁ ଡାକିବାକୁ? ସକାଳୁ ଆସି ଏଇଠି ବସିଛି ଯେ ଦିନ ଯାଇ ସଞ୍ଜ ହେଲାଣି। ଭୋକଶୋଷରେ ଦେହ କ'ଣ ହେଇଯାଉଛି। ନା! କେହି ଆଉ ଆସିବେନି। ଘରେ ଦୁଇପୁଅ, ଦୁଇବୋହୂ, ନାତିନାତୁଣୀ ହେଇ ୮ଜଣ ହେବେ। କାହାରି ଏ ବୁଢ଼ାଟା କଥା ମନେପଡ଼ିଲାନି! ବୁଢ଼ୀ ମରିବାର ୬ବର୍ଷ ଭିତରେ କେତେ ଯେ ଠୋକର ଖାଇଛି ସତୁରା, ଏବେ ତାହା ମନେପଡୁନି। ତଥାପି ନିଜର ପିଲାଗୁଡ଼ାକ, ଏତେ ଜଲ୍‌ଦି ମୋହ କେମିତି ଛାଡ଼ନ୍ତା? ହେଲେ ଆଜି! ସବୁ ସୀମା ପାର କରିଦେଲେ ସେମାନେ। ସତୁରା ୩ଦିନ ହେଲାଣି ଜ୍ୱରରେ ପଡ଼ି ବି ବିଲ କାମ କରୁଛି, କାଲି ବିଲକୁ ନ ଯାଇ ଶୋଇରହିଲା। ହେଲେ କେହି ତା' କଥା ଟିକିଏ ବି ପଚାରିଲେ ନାହିଁ। ଓଲଟି ବିଲକାମ ଅଧା ପଡ଼ିଛି ବୋଲି ବଡ଼ପୁଅ ଓ ବୋହୂ ଯାହା ଇଚ୍ଛା ଗାଳିକଲେ। ବୁଢ଼ା କହିଲା, "ତିନିଦିନ ହେଲାଣି ପାଣି ଟୋପେ ମୁଁ ପିଇନି। ଘରେ ସମସ୍ତେ ଭଲ ଜିନିଷ ରାନ୍ଧିବାଢ଼ି ଖାଉଛ, ହସଖୁସିରେ ମାତିଛ, ମୋତେ ପଥି ଟିକିଏ କେହି ଦେବା କଥା ଭାବିଲନି? ଏ ସମ୍ପତ୍ତିବାଡ଼ି, ଜମିଜମା, ଏତେ ବଡ଼ ଘର ଏଇ ବୁଢ଼ା ରକ୍ତ ନିଗାଡ଼ି ତମ ପାଇଁ ସାଇତି ରଖିଥିଲା। ଦିନକରେ ଏସବୁ ହେଇଯାଇନି। ଜୀବନକୁ ମାଟି ସଙ୍ଗେ ମାଟି ପରି ମିଶାଇ ଏସବୁ କରିଛି। ମୋ' କଥା କେହି ଟିକିଏ ଭାବିଛ?"

ବଡ଼ପୁଅ ରାଗରେ ଗରଗର ହେଲା। କହିଲା, "କ'ଣ ଏମିତି ବଡ଼ କାମ କରିଦେଲ? ସବୁ ମାଆବାପା ତ ତାଙ୍କ ପିଲାଙ୍କ ପାଇଁ କରନ୍ତି।" ବୁଢ଼ା ଆବାକାବା ହେଇ ତା' ମୁହଁକୁ ଚାହିଁଲା। ଗଭୀର ଆଘାତ ପାଇଲା ମନରେ। ସାନପୁଅ ଓ ତା' ପିଲାମାନେ ମଧ୍ୟ ସେଇଠି ଥିଲେ। କେହି ପଦେ କିଛି କହିଲେନି। ଯିଏ ଯୁଆଡ଼େ ନିଜ ଶୋଇବା ଘରକୁ ଚାଲିଗଲେ। ବୁଢ଼ା ଦୀର୍ଘଶ୍ୱାସ ଛାଡ଼ିଲା। ସକାଳ ହେଲା, ବୁଢ଼ା ବାଡ଼ିଟି ଧରି ଏଇ ମନ୍ଦିର ପାହାଚରେ ବସିଛି। ଦୂର ଆକାଶ ଆଡ଼େ ଚାହିଁଛି। ଆଖିରେ ପଲକ ପଡୁନି। ରାତି ହେବାରୁ ମନ୍ଦିରର ପୂଜକ ମନ୍ଦିର ବନ୍ଦ କରିବାକୁ ଆସି ସତୁରାକୁ ଦେଖି ଆଶ୍ଚର୍ଯ୍ୟ ହେଲେ। ତାକୁ ହଲେଇ ଦେଲେ। ବୁଢ଼ା ଚମକିପଡ଼ି ଚାହିଁଲା। ଆଖିରୁ ଧାରଧାର ଅଭିମାନ ଓ ଦୁଃଖର ଲୁହ ବୋହି ଯାଉଥାଏ। ପୂଜକ ମଧ୍ୟ ୭୦ ବର୍ଷର ଜଣେ ଅତ୍ୟନ୍ତ ଧର୍ମପରାୟଣ ଓ ଦୟାଳୁ ଥିଲେ। ସତୁରାଠାରୁ ସବୁ ଶୁଣି ତାକୁ କୋଳେଇ ନେଲେ। ନିଜ ଘରକୁ ନେଇଗଲେ। ଘରେ ସମସ୍ତଙ୍କୁ କହିଲେ ଯେ ସତୁରାର ଟିକିଏ ବି ଯେମିତି ହେଳା ନ ହୁଏ, ସେଥିପାଇଁ ସମସ୍ତେ ସଜାଗ ରହିବାକୁ। ପୁଅମାନେ ବହୁତ ଖୋଜିଲେ। ଶେଷରେ ପୂଜକଙ୍କ ଘରେ ବାପା ଅଛନ୍ତି ଜାଣି ତାଙ୍କ ଘରକୁ ଆସିଲେ ନେଇଯିବାକୁ। ହେଲେ ପୂଜକଙ୍କ ପୁଅବୋହୂ, ସ୍ତ୍ରୀ ତାଙ୍କର ଏତେ ସେବାଯତ୍ନ କରୁଥିଲେ ଯେ ସେକଥା ଦେଖି ପୁଅମାନେ ଅତ୍ୟନ୍ତ ମର୍ମାହତ ହେଲେ। ଦୌଡ଼ିଆସି ସତୁରା ପାଦତଳେ ପଡ଼ି କ୍ଷମା ମାଗିଲେ। କାନ୍ଦି କାନ୍ଦି କହିଲେ, "ବାପା! ତମେ ଆସିବା ପରେ ଆମେ ଦିନଟିଏ ବି ଶାନ୍ତିରେ ରହିପାରିନୁ। ଆମ ପିଲାଦିନୁ ଏ ପର୍ଯ୍ୟନ୍ତ ତମର କର୍ତ୍ତବ୍ୟ କଥା ଆଖି ଆଗରେ ନାଚିଉଠିଲା। ଏଭଳି ଭୁଲ୍ ତ ଭଗବାନ୍ ବି ସହିବେନି। ତଥାପି ଆମକୁ ଦୟାକର ଓ ଆମ ସାଥିରେ ଚାଲ।" ପୂଜକ କହିଲେ, "ଯେଉଁ ଜୀବନ୍ତ ଦେବତା ତମ ପାଖରେ ଅଛନ୍ତି, ପ୍ରତିଦିନ ତାଙ୍କୁ ସେବା କର, ସେ ହିଁ ତମର ପ୍ରକୃତ ଦେବତା, କ୍ଷାମ ସାଗର। ଏଭଳି ଭୁଲ ଆଉ କେବେ କରିବନି।" ସତୁରା ଆଖିରେ ଖୁସିର ଲୁହ ଚକ୍ ଚକ୍ କରୁଥିଲା।



ମୋ: ୯୬୫୮୦୭୭୧୦୧

ଧରିତ୍ରୀ
DHARITRI



## ୧୧ରେ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ପ୍ରବନ୍ଧ ପ୍ରତିଯୋଗିତା

ଭୁବନେଶ୍ୱର,୯।୯(ବ୍ୟୁରୋ)

ରାଜ୍ୟର ସମସ୍ତ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆସନ୍ତା ୧୧ ତାରିଖରେ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଉଭୟ ଓଡ଼ିଆ ଓ ଇଂଲିଶ ଭାଷାରେ ଏହି ପ୍ରତିଯୋଗିତା ହେବ। ଏ ନେଇ ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଜଣାଯାଇଛି। ଏହି ପ୍ରତିଯୋଗିତା ପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ, ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଏଭଳି ପ୍ରତିଯୋଗିତା କରିବା ପାଇଁ ରାଜ୍ୟପାଳଙ୍କ ନିର୍ଦ୍ଦେଶରେ ତାଙ୍କ ସଚିବ ଶାଶ୍ୱତ ମିଶ୍ର ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ଗଣଶିକ୍ଷା ବିଭାଗ ସଚିବଙ୍କୁ ଚିଠି ଲେଖି ଅବଗତ କରାଇଥିଲେ। ସ୍କୁଲ ସ୍ତରରେ ପ୍ରତିଯୋଗିତା ହେବା ପରେ ରାଜ୍ୟ ବିଜେତା ପାଇଁ ଦ୍ୱିତୀୟ ରାଉଣ୍ଡରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ହେବ ବୋଲି ଉକ୍ତ ଚିଠିରେ ଲେଖାଯାଇଥିଲା।

# ସୁପରସ୍ପେଶାଲିଟି ବ୍ଲକରୁ ପୁଣି ଖସିଲା ସିଲିଂ



ସୁପରସ୍ପେଶାଲିଟି କୋଠାରୁ ଖସି ପଡ଼ିଥିବା ସିଲିଂ।

### ଏମ୍‌କେସିଜି ମେଡିକାଲ

ବ୍ରହ୍ମପୁର ଅଫିସ,୯।୯

ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ ପରିସରରେ ବହୁ କୋଟି ଟଙ୍କା ବ୍ୟୟରେ ନିର୍ମିତ ସୁପରସ୍ପେଶାଲିଟି କୋଠା ଏବେ ଏକପ୍ରକାର ଅସୁରକ୍ଷିତ ହୋଇପଡ଼ିଛି। ଏହି କୋଠାରେ ଗତ ୨୬ ତାରିଖରେ ଅଗ୍ନିକାଣ୍ଡ ଘଟିଥିଲା। ଏହା ପରେ ଗତ ୨୪ ଘଣ୍ଟା ମଧ୍ୟରେ ଦୁଇଥର ଉକ୍ତ କୋଠାରୁ ସିଲିଂ ଖସିଛି। ସୌଭାଗ୍ୟବଶତଃ ଏଥିରେ କାହାରି କୌଣସି କ୍ଷତି ହୋଇ ହୋଇ ନ ଥିଲେ ମଧ୍ୟ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଆତଙ୍କିତ ହୋଇଛନ୍ତି।

ଗତ ଗୁରୁବାର ସୁପରସ୍ପେଶାଲିଟି ବ୍ଲକର ଚତୁର୍ଥ ମହଲାର ଓଟି କମ୍ପ୍ଲେକ୍ସରୁ ସିଲିଂ ଖସିଥିବା ବେଳେ ଶୁକ୍ରବାର ତୃତୀୟ ମହଲାରେ ଥିବା ଏଣ୍ଡୋକ୍ରିନୋଲୋଜି ବିଭାଗର ୱାର୍ଡ ଛାତରୁ ସିଲିଂ ଖସିଛି। ରୋଗୀ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ମେଡିକାଲର ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ମରାମତି ବ୍ୟବସ୍ଥା କରିଛନ୍ତି।

ଦକ୍ଷିଣ ଓଡ଼ିଶାର ଅଧିକାଂଶ ଜିଲାର ଲୋକେ ଏମକେସିଜି ମେଡିକାଲ ଉପରେ ନିର୍ଭର କରୁଛନ୍ତି। ରୋଗୀଙ୍କ ଉତ୍ତମ ଚିକିତ୍ସା ପାଇଁ ପ୍ରାୟ ୧୫୦ କୋଟି ଟଙ୍କା ବ୍ୟୟରେ ସୁପରସ୍ପେଶାଲିଟି ବ୍ଲକ୍ ନିର୍ମାଣ ହୋଇଛି। ସେଠାରେ ସମସ୍ତ ବିଭାଗ କାର୍ଯ୍ୟକ୍ଷମ ରହିଛି। କୋଠାର ପଞ୍ଚମ ମହଲାରେ ଓଟି କମ୍ପ୍ଲେକ୍ସ ରହିଛି। ଗତ ମାସରେ ୟୁରୋଲୋଜି ବିଭାଗ ଓଟିରେ ଶର୍ଟ ସର୍କିଟ୍ ହୋଇ ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ବିଦ୍ୟୁତ ତାରଗୁଡ଼ିକ ପୋଡ଼ି ଯାଇଥିବା ବେଳେ ଓଟିର ବିଭିନ୍ନ ସରଞ୍ଜାମ ନିଆଁ ଲାଗି ନଷ୍ଟ ହୋଇଯାଇଥିଲା। ଏହି ଘଟଣା ପରଠାରୁ ଉକ୍ତ ଓଟି କମ୍ପ୍ଲେକ୍ସ ଏ ପର୍ଯ୍ୟନ୍ତ ବନ୍ଦ ରହିଛି। ଏଭଳି ସ୍ଥିତିରେ ଦୁଇ ଦିନରେ ଦୁଇଥର ଛାତରୁ ସିଲିଂ ଖସିବା ନେଇ ରୋଗୀମାନେ ଅସୁରକ୍ଷିତ ମନେ କରୁଛନ୍ତି।

# ପ୍ରିୟ ସୋମଦତ୍ତଙ୍କୁ ସମ୍ମାନିତ କଲେ ମୁଖ୍ୟମନ୍ତ୍ରୀ



ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ପ୍ରିୟ ସୋମଦତ୍ତ ନାୟକ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ ଓ ସୋମଦତ୍ତଙ୍କ ବାପା ସଞ୍ଜୀବ ନାୟକ।

ଭୁବନେଶ୍ୱର, ୯।୯(ବ୍ୟୁରୋ)

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି(ୟୁଜି)-୨୦୨୨ରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଛାତ୍ର ପ୍ରିୟ ସୋମଦତ୍ତ ନାୟକ ସର୍ବଭାରତୀୟ ସ୍ତରରେ ୩୯ତମ ର୍‍ୟାଙ୍କ ହାସଲ କରିବା ସହ ରାଜ୍ୟ ଟପ୍ପର ହୋଇଛନ୍ତି। ଓଡ଼ିଶା ପାଇଁ ଗୌରବ ଆଣିଥିବା ପ୍ରିୟ ସୋମଦତ୍ତଙ୍କୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଛନ୍ତି। ଆଗାମୀ ଦିନରେ ଜଣେ ସଫଳ ଡାକ୍ତର ହୋଇ ଜନସେବାରେ ନିଜକୁ ନିୟୋଜିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ନବୀନ ନିବାସଠାରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ, ସୋମଦତ୍ତଙ୍କ ବାପା ସଞ୍ଜୀବ ନାୟକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପ୍ରିୟ ସୋମଦତ୍ତ ୯୯.୯୯୭ ପର୍ସେଣ୍ଟାଇଲ୍ ସହ ସର୍ବମୋଟ ୭୦୫ ମାର୍କ ରଖିଛନ୍ତି। ପଦାର୍ଥ ବିଜ୍ଞାନରେ ୧୮୦ ମାର୍କ, ରସାୟନ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନରେ ୧୭୫ ମାର୍କ ରଖିଛନ୍ତି।

# ସପ୍ତାହକରେ ଗଲାଣି ୧୧ ଜୀବନ

ମାଲକାନଗିରି/ମାଥିଲି,୯।୯(ଡି.ଏନ.ଏ)

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଟେମୃପାଲି ପଞ୍ଚାୟତର ହଳଦୀକୁଣ୍ଡ ଗ୍ରାମରେ ଅଜଣା ରୋଗରେ ଗତ ସପ୍ତାହକ ମଧ୍ୟରେ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ମାଥିଲି ଉପଖଣ୍ଡ ଚିକିତ୍ସାଳୟରୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିବା ସମୟରେ ଜଣକର ମୃତ୍ୟୁ ହୋଇଛି। ସେ ହେଲେ ହଳଦୀକୁଣ୍ଡ ଗ୍ରାମର ମାସା ମାଡ଼କାମି। ଅନ୍ୟପକ୍ଷରେ କ୍ୱାକ୍‌ଙ୍କ ଦ୍ୱାରା ଚିକିତ୍ସିତ ହେଉଥିବା ବେଳେ ରୋଗୀ ମଧ୍ୟ ମୃତ୍ୟୁ ମୁଖରେ ପଡ଼ିଛନ୍ତି। ଶୁକ୍ରବାର ସମ୍ପୃକ୍ତ କ୍ୱାକ୍‌ଙ୍କୁ ଗିରଫ କରି ମାଥିଲି ପୋଲିସ କୋର୍ଟଚାଲାଣ କରିଛି। ସମ୍ପୃକ୍ତ କ୍ୱାକ୍ ଜଣକ ହେଲେ ସାଲିମି ଗ୍ରାମର

### ହଳଦୀକୁଣ୍ଡ ଗ୍ରାମରେ ଅଜଣା ରୋଗ ଆତଙ୍କ

- ଶୁକ୍ରବାର ଜଣକର ହୋଇଛି ମୃତ୍ୟୁ
- କ୍ୱାକ୍‌ଙ୍କୁ ଗିରଫକଲା ପୋଲିସ



ହଳଦୀକୁଣ୍ଡରେ ପହଞ୍ଚିଥିବା ଡାକ୍ତରୀ ଟିମ୍।

ନରେନ୍ଦ୍ର ମାଦ୍ରି। ମାଦ୍ରିଙ୍କ ବିରୋଧରେ ମାଥିଲି ସ୍ୱାସ୍ଥ୍ୟ ଅଧିକାରୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ତାଙ୍କ ନାମରେ ୧୮୨/୨୨ରେ ମାମଲା ରୁଜୁ ହୋଇଥିଲା। ଖବରରୁ ଜଣାପଡିଛି, ଗତ କିଛିଦିନ ହେବ ହଳଦୀକୁଣ୍ଡରେ ଅଜଣା ରୋଗ ବ୍ୟାପୁଥିବା ଦେଖିବାକୁ ମିଳିଛି। ଏହି ରୋଗରେ ଆକ୍ରାନ୍ତ ହେଲେ ଲୋକଙ୍କ ହାତଗୋଡ଼ ଫୁଲିବା ସହ ଜ୍ୱରରେ ହଠାତ୍ ଲୋକଙ୍କ ମୃତ୍ୟୁ ହେଉଛି। ଲୋକେ ଚିକିତ୍ସା ପାଇଁ ଡାକ୍ତରଖାନା ନ ଯାଇ ଗୁଣିଆ କିମ୍ବା କ୍ୱାକ୍‌ଙ୍କ ଆଶ୍ରୟ ନେଉଛନ୍ତି। ଏହା ଜଣାପଡିବା ପରେ ଡାକ୍ତର ଅମିୟ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ହଳଦୀକୁଣ୍ଡ ଗ୍ରାମକୁ ଯାଇ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିଛନ୍ତି। ଅଜଣା ରୋଗରେ ଆକ୍ରାନ୍ତ ହୋଇଥିବା ୧୫ଜଣଙ୍କୁ ମେଡିକାଲ ଆସିବାକୁ ପରାମର୍ଶ ଦେଇଥିଲେ। ତେବେ ଡାକ୍ତରଖାନାକୁ ଭରସା ନ କରି ମାତ୍ର ୪ ଜଣ ରୋଗୀ ଡାକ୍ତରଖାନା ଆସି ଭର୍ତ୍ତି ହୋଇଛନ୍ତି। ଗିରଫ କ୍ୱାକ୍ ମାଦ୍ରିଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ସୂର୍ଯ୍ୟପ୍ରକାଶ ନାୟକ କହିଛନ୍ତି। ସୂଚନାଯୋଗ୍ୟ, ଗିରଫ କ୍ୱାକ୍ ଜଣକ ପୂର୍ବରୁ ଡ୍ରାଇଭର ଥିଲେ।




# ଦୃଢ଼ ଇଚ୍ଛାଶକ୍ତି ଆଣିଛି ସଫଳତା

### ଏନ୍‌ଇଇଟିରେ ପରିବା ବ୍ୟବସାୟୀଙ୍କ ଝିଅଙ୍କ କୃତିତ୍ୱ

ପାରଳାଖେମୁଣ୍ଡି, ୯।୯(ଡି.ଏନ୍.ଏ.)

ମେଡିକାଲ ପାଠ୍ୟକ୍ରମରେ ନାମଲେଖା ଲାଗି ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି (ୟୁଜି)ରେ ଗଜପତି ଜିଲା ମୋହନା ବ୍ଲକ ଅଡ଼ବା ଗାଁର ଜଣେ ପରିବା ବ୍ୟବସାୟୀଙ୍କ ଝିଅ ଯୋଗ୍ୟତା ହାସଲ କରିଛନ୍ତି। ସେ ହେଲେ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ଝିଅ ଇଶ୍ରିତା ପଣ୍ଡା। ଇଶ୍ରିତା ମୋଟ ୭୨୦ ମାର୍କରୁ ୬୨୨ ରଖି ସଫଳତା ପାଇଛନ୍ତି। କୃଷ୍ଣଚନ୍ଦ୍ର ଗରିବ ଶ୍ରେଣୀର। ଛକରେ ପରିବା ବ୍ୟବସାୟ କରି ବହୁ କଷ୍ଟରେ ପରିବାର ପ୍ରତିପୋଷଣ କରୁଛନ୍ତି। ତାଙ୍କର ଦୁଇଟି ଝିଅ। ସାନଝିଅ ଇଶ୍ରିତା ସ୍କୁଲ ସମୟରୁ ହିଁ ପାଠପଢ଼ି ଡାକ୍ତର ହେବାକୁ ମନରେ ବହୁତ ଆଗ୍ରହ ରଖିଥିଲେ। ପିଲାଙ୍କ ଇଚ୍ଛା ପୂରଣ ପାଇଁ ବାପା ମଧ୍ୟ ଉଦ୍ୟମ କରିଆସୁଥିଲେ। ଗୁରୁବାର ଝିଅ ଡାକ୍ତରୀ ପଢ଼ିବା ପାଇଁ ଯୋଗ୍ୟତା ହାସଲ କରିଥିବା ଖବର ଶୁଣିବା ପରେ କୃଷ୍ଣଚନ୍ଦ୍ର ଖୁସିରେ କାନ୍ଦି ପକାଇଥିଲେ। ଜଣେ ପରିବା ବ୍ୟବସାୟୀଙ୍କ ଝିଅଙ୍କ ଏହି ସଫଳତା କେବଳ ଅଡ଼ବା ନୁହେଁ ଗଜପତି ଜିଲା ପାଇଁ ଗୌରବର ବିଷୟ ହୋଇଛି। ଇଶ୍ରିତା ଆଗକୁ ଆହୁରି ସଫଳତା ହାସଲ ପାଇଁ ଆଶା ରଖିଛନ୍ତି।



ମା'ବାପାଙ୍କ ସହ ଇଶ୍ରିତା ପଣ୍ଡା।




## ୫ ହଜାର ଟଙ୍କା ଲେଖାଏଁ ଦେବେ ବର୍ଷା, ଅନୁଭବ

### କୋର୍ଟ ସମୟ ନଷ୍ଟ କରିଥିବାରୁ ଜରିମାନା

କଟକ ଅଫିସ,୯।୯: କୋର୍ଟ କାର୍ଯ୍ୟରେ ଅଯଥା ବିଳମ୍ବ କରୁଥିବାରୁ କେନ୍ଦ୍ରାପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଏବଂ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ କଟକ ପରିବାର ଅଦାଲତ ୫ ହଜାର ଟଙ୍କା ଲେଖାଏ ଜରିମାନା ଦାଖଲ ପାଇଁ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଉଭୟଙ୍କ ପକ୍ଷରୁ ଅଦାଲତରେ କରାଯାଇଥିବା ସାନି ଆବେଦନକୁ ମଧ୍ୟ ଗ୍ରହଣ କରାଯାଇଛି। ଅନୁଭବଙ୍କ ପକ୍ଷରୁ ପରିବାର ଅଦାଲତରେ ଦାଏର ହୋଇଥିବା ମାମଲାର ବାରମ୍ବାର ତାରିଖ ସତ୍ତ୍ୱେ ଶୁଣାଣିବେଳେ ସାକ୍ଷ୍ୟ ପ୍ରଦାନ ପାଇଁ ବର୍ଷା ଅନୁପସ୍ଥିତ ରହିଥିଲେ। ଏନେଇ ଅଦାଲତ ଅସନ୍ତୋଷ ପ୍ରକାଶ କରିଥିଲେ। ବର୍ଷାଙ୍କ ସାକ୍ଷ୍ୟ ଗ୍ରହଣ ହୋଇପାରିବ ନାହିଁ ବୋଲି ଅଦାଲତ କହିଥିଲେ। ହେଲେ ଶୁକ୍ରବାର ବର୍ଷାଙ୍କ ପକ୍ଷରୁ ସାକ୍ଷ୍ୟ ଗ୍ରହଣ ନିମନ୍ତେ କରାଯାଇଥିବା ଆବେଦନକୁ ଅଦାଲତ ଗ୍ରହଣ କରିଛନ୍ତି। ସେହିପରି ଅନୁଭବ ତାଙ୍କ ପିଟିଶନ୍‌ରେ ସଂଶୋଧନ କରିବା ପାଇଁ ଆବେଦନକୁ ମଧ୍ୟ ଅଦାଲତ ଗ୍ରହଣ କରିଛନ୍ତି। ଅନୁଭବ ତାଙ୍କ ପିଟିଶନରେ ବିବାହ ସ୍ଥାନ ଭୁବନେଶ୍ୱର ବଦଳରେ ଦିଲ୍ଲୀ ବୋଲି ଉଲ୍ଲେଖ କରିଥିଲେ। ଏହା ଟାଇପଜନିତ ତ୍ରୁଟି ବୋଲି ଦର୍ଶାଇ ସଂଶୋଧନ ନିମନ୍ତେ ସୁଯୋଗ ଦେବାକୁ ସେ ଅଦାଲତଙ୍କୁ ନିବେଦନ କରିଥିଲେ। ସୂଚନାଯୋଗ୍ୟ, ବର୍ଷା ଓ ଅନୁଭବଙ୍କ ମଧ୍ୟରେ ବିବାହ ବିଚ୍ଛେଦକୁ ନେଇ ପରିବାର ଅଦାଲତରେ ଚାଲିଥିବା ମାମଲାରେ ଅନୁଭବଙ୍କୁ ଅଧିକ ଜେରା ପାଇଁ ବର୍ଷା ଆବେଦନ କରିଥିଲେ। ହେଲେ ସେ ନିରାଶ ହେବା ପରେ ହାଇକୋର୍ଟ ଯାଇଥିଲେ ଓ ପରେ ମାମଲା ପ୍ରତ୍ୟାହାର କରିନେଇଥିଲେ। ଏବେ ପରିବାର ଅଦାଲତରେ ଉଭୟଙ୍କ ବିବାହ ବିଚ୍ଛେଦ ନେଇ ମାମଲା ବିଚାରାଧୀନ ରହିଛି।






4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ପ୍ରଥମ ପୃଷ୍ଠାରୁ...

### ଉତ୍ତମ ସମାରିଟାନ...

ଅନୁମୋଦନ କରିଛନ୍ତି। ଉକ୍ତ ନୀତିର-୨୧ ଧାରାକୁ ସଂଶୋଧନ କରାଯାଇଛି।

ସଡ଼କ ଦୁର୍ଘଟଣାର ପ୍ରଥମ ଏକଘଣ୍ଟା ହେଉଛି 'ଗୋଲ୍‌ଡେନ୍ ଆୱାର'। ଏହି ସମୟରେ ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦିଆଗଲେ ସଡ଼କ ଦୁର୍ଘଟଣାର ମୃତ୍ୟୁ ୫୦%କୁ ହ୍ରାସ କରାଯାଇପାରିବ। ଏହି ନୀତି ଅନୁଯାୟୀ, ଉତ୍ତମ ସମାରିଟାନ ବା ସେଠାରେ ଉପସ୍ଥିତ ଥିବା ବ୍ୟକ୍ତିଙ୍କୁ ଉପଯୁକ୍ତ ପୁରସ୍କାର ଦେବା ବ୍ୟବସ୍ଥା ରହିଛି। ଉତ୍ତମ ସମାରିଟାନଙ୍କୁ ପୁରସ୍କୃତ କରିବା ପାଇଁ ଆର୍ଥିକ ସହାୟତା ସୁପାରିସ କରାଯାଏ। ଜଣେ ବ୍ୟକ୍ତି କିମ୍ବା ବ୍ୟକ୍ତିଙ୍କୁ ୨୦୦୦ ଟଙ୍କା ନଗଦ ପୁରସ୍କାର ପ୍ରୋତ୍ସାହନ ରାଶି ଭାବେ ଦିଆଯିବା ବ୍ୟବସ୍ଥା ରହିଛି।

### ପ୍ରକାଶ ପାଇଲା ଓସିଏସ୍...

ବିଜ୍ଞପ୍ତି ମାଧ୍ୟମରେ ପରୀକ୍ଷାର୍ଥୀମାନଙ୍କୁ ଅବଗତ କରାଯିବ ବୋଲି ଓପିଏସ୍‌ସି ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଗତ ଜାନୁୟାରୀ ୨୦ରୁ ଫେବୃୟାରୀ ୮ ତାରିଖ ପର୍ଯ୍ୟନ୍ତ ଓସିଏସ୍-୨୦୨୦ର ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୫ଟି ଜୋନ୍‌ର ୧୬ଟି କେନ୍ଦ୍ରରେ ୪୭୫୪ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରେ ବାଲେଶ୍ୱର ଜୋନ୍‌ର ସରକାରୀ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨୫୨ ଜଣ, ବ୍ରହ୍ମପୁର ଜୋନ୍‌ର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୮୫ ଜଣ, ଭୁବନେଶ୍ୱରର ୯ଟି ପରୀକ୍ଷା କେନ୍ଦ୍ରରେ ୩୦୧୬ ଜଣ, କଟକ ଜୋନ୍‌ର ଦୁଇଟି ପରୀକ୍ଷା କେନ୍ଦ୍ରରେ ୫୭୧ ଜଣ ଓ ସମ୍ବଲପୁର ଜୋନ୍‌ର ତିନୋଟି କେନ୍ଦ୍ରରେ ୬୩୦ ଜଣ ପରୀକ୍ଷା ଦେଇଥିବା ଜଣାପଡିଛି।

### ମିଳିଲାନି ସହାୟତା...

ଶଯ୍ୟାଶାୟୀ ହୋଇଥିବାରୁ ଯନ୍ତ୍ରଣାରେ ଛଟପଟ ହୋଇ ଚଳିତବର୍ଷ ଅଗଷ୍ଟରେ ଟୁଇଟ୍ କରି ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କଠାରେ ଇଚ୍ଛାମୃତ୍ୟୁ ପାଇଁ ନିବେଦନ କରିଥିଲେ। ତେବେ ସବୁଆଡୁ ନିରାଶ ହେବା ପରେ ଶୁକ୍ରବାର ସକାଳେ ବିଜୟ ନିକଟସ୍ଥ ଏକ ସାର ଦୋକାନକୁ କଷ୍ଟମଷ୍ଟେ ଯାଇ ସେଠାରେ କୀଟନାଶକ କିଣି ପିଇ ଦେଇଥିଲେ। ଏନେଇ ଖଣ୍ଡପଡ଼ା ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

### ପୁଅ ଆଗରେ ଭାସିଗଲେ...

ନିକଟରେ ଥିବା ଲୋକମାନେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କଲାବେଳକୁ ସେ କଲଭର୍ଟ ତଳକୁ ଖସିପଡ଼ିଥିଲେ। ପୋଲିସ ଓ ଓଡ୍ରାଫ୍ ଟିମ୍ ପହଞ୍ଚି ଖୋଜାଖୋଜି କରୁଥିବା ଜଣାପଡ଼ିଛି।

### ନଭେମ୍ବର ୮ରୁ କଟକ...

ରାସ୍ତା ସଂଯୋଗ, ଟ୍ରାଫିକ୍ ନିୟନ୍ତ୍ରଣ, ପର୍ଯ୍ୟାପ୍ତ ପାର୍କିଂ ସ୍ଥାନ, ଷ୍ଟଲ୍ ପାଇଁ ସ୍ଥାନ ନିର୍ଦ୍ଧାରଣ, ବିଦ୍ୟୁତ୍ ସଂଯୋଗ, ପରିମଳ, ସ୍ୱାସ୍ଥ୍ୟ ସେବା ଓ ଆଇନଶୃଙ୍ଖଳା ଆଦି ଉପରେ ଗୁରୁତ୍ୱାରୋପ କରାଯାଇଛି। ଏସବୁର ଉତ୍ତମ ପରିଚାଳନା ନିମନ୍ତେ ନିର୍ଦ୍ଧାରିତ ସମୟ ପୂର୍ବରୁ ସମସ୍ତ ପ୍ରସ୍ତୁତି ଶେଷ କରିବା ପାଇଁ ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଯାତ୍ରା ପଡ଼ିଆରେ ଅଧିକ ସଂଖ୍ୟକ ପାଣି ଟ୍ୟାଙ୍କର, ଅସ୍ଥାୟୀ ବାୟୋ ଟଏଲେଟ୍ ବ୍ୟବସ୍ଥା କରିବାକୁ କଟକ ପୌର ପରିଷଦ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗକୁ କୁହାଯାଇଛି। ଯାତ୍ରା ପଡ଼ିଆରେ କେବୁଲ ମାଧ୍ୟମରେ ବିଦ୍ୟୁତ୍ ସଂଯୋଗ କରିବାକୁ ବିତରକ କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି। ଯାତ୍ରା ସମୟରେ ନଦୀରେ ଜଳକ୍ରୀଡ଼ା ଏବଂ ଡେଜର୍ଟ ବାଇକ୍ ରାଇଡିଂ ଆଦି ବ୍ୟବସ୍ଥା ବିଷୟରେ ମଧ୍ୟ ଆଲୋଚନା ହୋଇଛି। ଏବର୍ଷ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ତରଫରୁ ଅଧିକ ସଂଖ୍ୟକ ଲୋକକଳା, ସଙ୍ଗୀତ ଏବଂ ନୃତ୍ୟ ଗ୍ରୁପ୍ ଯୋଗାଇ ଦିଆଯିବ ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାଢ଼ୀ ବୈଠକରେ ସୂଚନା ଦେଇଛନ୍ତି। ଏନ୍‌ଜିଟି ଗାଇଡ୍‌ଲାଇନ ଅନୁସାରେ ବାଲିଯାତ୍ରା ଆୟୋଜନ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଗୃହ ଓ ନଗର ଉନ୍ନୟନ, ପୂର୍ତ୍ତ, ଶକ୍ତି, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଆଦି ବିଭାଗ ମାଧ୍ୟମରେ ଯାତ୍ରା ପ୍ରସ୍ତୁତି ପାଇଁ ପ୍ରାୟ ୧୫.୩୫ କୋଟି ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଛି। କଟକ ଜିଲାପାଳ ଭବାନୀ ଶଙ୍କର ଚଇନି, କଟକ ଉନ୍ନୟନ କର୍ତ୍ତୃପକ୍ଷ ଅଧ୍ୟକ୍ଷ ଅନିଲ କୁମାର ସାମଲ, କଟକ ପୌର ପରିଷଦ କମିଶନର ନିଖିଲ ପୱନ କଲ୍ୟାଣ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳାଇ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଉନ୍ନୟନ କାର୍ଯ୍ୟ ପାଇଁ...

(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ପାଇଁ ମୋଟ ୭୦୩ ପରିବାରର ୨,୫୧୪ ଜଣ ନାମ ପଞ୍ଜୀକରଣ କରିଛନ୍ତି। ଏଥିରୁ ଏକ ତୃତୀୟାଂଶରୁ ଅଧିକ ଅର୍ଥାତ ୨୫୯ ପରିବାରର ୯୮୭ ଜଣ ଅନୁସୂଚିତ ଜାତିର ଅଛନ୍ତି। ଏହି ଶ୍ରମିକଙ୍କୁ କର୍ମନିଯୁକ୍ତି ମିଳିବା ତ ଦୂରର କଥା, ଘରୁ ବାହାରକୁ ଯିବାକୁ ଭଲ ରାସ୍ତାଟିଏ ନାହିଁ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦୨୦ ମସିହାରୁ ଅଦ୍ୟାବଧି ୨୯ଟି ଗ୍ରାମ ସଂଯୋଗୀକରଣ ରାସ୍ତା ନିର୍ମାଣ ହେଉଥିବା ଦର୍ଶାଯାଉଥିଲେ ମଧ୍ୟ ସେହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରିନାହିଁ। ସେହିପରି ୧୯ଟି ରାସ୍ତା ନିର୍ମାଣ ମଞ୍ଜୁରୀ ପାଇଥିଲେ ମଧ୍ୟ କାର୍ଯ୍ୟାରମ୍ଭ ହୋଇନାହିଁ। ବାଲିଭାଣ୍ଡ ବଡପୋଖରୀଠାରୁ ଯୋର ପର୍ଯ୍ୟନ୍ତ ପୋଲ ସହ ରାସ୍ତା ପାଇଁ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ମଞ୍ଜୁରୀ ଅପେକ୍ଷାରେ ଅଛି। ଶର୍ତାବାଦ ଦାଣ୍ଡି ୧ ନଂ. ଓ ୫ ନଂ. ୱାର୍ଡକୁ ଲାଗିଛି। ଏହି ଦୁଇ ୱାର୍ଡରେ ୪୦୦ରୁ ଅଧିକ ଲୋକ ବସବାସ କରୁଛନ୍ତି। ଗତ ଲଗାଣ ବର୍ଷା ଓ ବନ୍ୟାରେ ଦାଣ୍ଡିଟି ସମ୍ପୂର୍ଣ୍ଣ ପାଣିରେ ବୁଡି ରହିଛି। ଦୀର୍ଘଦିନ ଧରି ଏହି ପାଣି ଜମି ରହିବାରୁ ଦୁର୍ଗନ୍ଧ ହେଉଛି। ପାଣି ପାଇଁ ଲୋକମାନେ ଜଳବାହିତ ରୋଗର ଶିକାର ହେଉଛନ୍ତି। ମ୍ୟାଲେରିଆ ବ୍ୟାପୁଛି। ସରକାରୀ ସାହାଯ୍ୟ ନ ମିଳିବାରୁ ୫ ନଂ. ୱାର୍ଡ ସଭ୍ୟ ଅକ୍ଷୟ ମଲ୍ଲିକ ମୂଲ ଲାଗି ଆଣିଥିବା ପଇସାରେ ମଶାରି କିଣି ବାଣ୍ଟୁଛନ୍ତି। ଉନ୍ନୟନ କାର୍ଯ୍ୟ ପାଇଁ ଭିକ୍ଷା ସମ୍ପର୍କରେ ସମିତିସଭ୍ୟ ପ୍ରବେସନ ମଲ୍ଲିକ ଓ ସରପଞ୍ଚ ଶ୍ରଦ୍ଧାଞ୍ଜଳି ମଲ୍ଲିକ କହିଛନ୍ତି, ଲୋକଙ୍କ ସମସ୍ୟା ସମାଧାନ ଆଶାରେ ଲୋକ ପ୍ରତିନିଧି ହୋଇଛୁ। ସମସ୍ୟା ସମ୍ପର୍କରେ ବ୍ଲକ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରୁଛୁ। ଶର୍ତାବାଦ ଦାଣ୍ଡି ଏବେ ଦୁଇ ୱାର୍ଡବାସୀଙ୍କ ପାଇଁ ବିପଦ ହୋଇଛି। ମଣିଷ ଓ ଗୃହପାଳିତ ପଶୁ ଯାତାୟାତ କରି ପାରୁନାହାନ୍ତି। ଏ ନେଇ ଗତ ଜନଶୁଣାଣିରେ ଜିଲାପାଳଙ୍କୁ ଅଭିଯୋଗ ପତ୍ର ଦେବା ସହ ସମାଧାନ ପାଇଁ ନିବେଦନ କରିଥିଲୁ। ଜିଲାପାଳ ଅମୃତ ରତୁରାଜ ସମସ୍ୟାର ସମାଧାନ କରିବାକୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ପରଦିନ ବ୍ଲକ ପ୍ରଶାସନିକ ଅଧିକାରୀ ଦାଣ୍ଡି ଅଞ୍ଚଳ ବୁଲିବା ସହ ବାଲି ପକାଇବା ପାଇଁ ନିର୍ଦ୍ଦେଶ ଦେଲେ। ତେବେ ରାସ୍ତା କାମ ଆରମ୍ଭ ହେବାରୁ ଏହି କାମ ବନ୍ଦ କରିବାକୁ ଅଧିକାରୀ କହିଥିଲେ। ଲୋକଙ୍କ ଦୁର୍ଦ୍ଦଶା ଏବେ ଅଧିକ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ଆର୍ଥିକ ଓ ଶ୍ରମ ସହଯୋଗରେ ଭିକ୍ଷା କରୁଥିବା ସେମାନେ କହିଛନ୍ତି। ଗ୍ରାମର ଭଜନା ସୂତାର କହିଛନ୍ତି, ପ୍ରଶାସନିକ ଅଧିକାରୀଙ୍କ ଏପରି ଅସହଯୋଗ ଭାରି ବାଧୁଛି। ଏଥିପାଇଁ ଦାଣ୍ଡି ନିର୍ମାଣ ପାଇଁ ନିଜେ ଟଙ୍କା ଦେବା ସହ ଗ୍ରାମବାସୀ ଟଙ୍କା ଦେଉଛନ୍ତି। ଆବଶ୍ୟକ ପଡିଲେ ଶ୍ରମଦାନ ପାଇଁ ପ୍ରସ୍ତୁତ ଥିବା ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀଙ୍କୁ ପଚାରିବାରେ ଘଟଣାଟି ଏବେ ନଜରକୁ ଆସିଛି। କେଉଁ ପରିସ୍ଥିତିରେ କାର୍ଯ୍ୟବନ୍ଦ ହୋଇଛି ସେ ନେଇ ଆଲୋଚନା କରିବାକୁ ଲୋକ ପ୍ରତିନିଧିଙ୍କ ସହ ରାଜକନିକା ବିଡିଓଙ୍କୁ ଡକାଯାଇଛି ବୋଲି ସେ କହିଛନ୍ତି।

# ଟାଙ୍ଗିଆରେ ହାଣି ମହିଳାଙ୍କୁ ହତ୍ୟା

## ଜମି ବିବାଦରୁ ଗୋଡ଼େଇ ଗୋଡ଼େଇ ହାଣିଲେ



ଘଟଣାସ୍ଥଳରେ ପୋଲିସ ଜଗି ରହିଛି।

**ନୟାଗଡ଼ ଅଫିସ,୯।୯**

ନୟାଗଡ଼ ଟାଉନ ଥାନା ଅଧୀନ ରତନପୁର ଗାଁରେ ଶୁକ୍ରବାର ପୂର୍ବାହ୍ନରେ ରଜନୀ ସାହୁ( ୫୫) ନାମ୍ନୀ ଜଣେ ମହିଳାଙ୍କୁ ହତ୍ୟା କରାଯାଇଛି। ଜମିବାଡ଼ି ବିବାଦକୁ କେନ୍ଦ୍ରକରି ସମ୍ପୃକ୍ତା ମହିଳାଙ୍କୁ ସେହି ଗାଁର ସନ୍ତୋଷ ବେହେରା(୫୦) ଗୋଡ଼େଇ ଗୋଡ଼େଇ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ଏବେ ସନ୍ତୋଷ ଫେରାର ଅଛନ୍ତି । ପୋଲିସ ବ୍ୟବହୃତ ଟାଙ୍ଗିଆକୁ ଜବତ କରିଛି। ଟାଉନ ଥାନା ପୋଲିସ ରଜନୀଙ୍କ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୧୪୮/୨୨) ମଧ୍ୟ ରୁଜୁ ହୋଇଛି । ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରି ଫେରିଛନ୍ତି ।

ଅଭିଯୋଗ ଅନୁଯାୟୀ, ସନ୍ତୋଷ ଓ ବିଧବା ମହିଳା ରଜନୀଙ୍କ ମଧ୍ୟରେ ବହୁଦିନରୁ ଜମିବାଡ଼ି ବିବାଦ ଲାଗି ରହିଥିଲା। ମାମଲା କୋର୍ଟରେ ବିଚାରାଧୀନ ରହିଛି । ରଜନୀ ଭୁବନେଶ୍ୱରରେ ପୁଅ ପାଖରେ ରହୁଥିଲେ। ଭଦ୍ରଲୋକଙ୍କ ଉପସ୍ଥିତିରେ ଶନିବାର ଜମିବାଡ଼ି ବିବାଦ ସମାଧାନ ହେବାର ଥିଲା। ଏଥିପାଇଁ ରଜନୀ ୨ ଦିନ ତଳେ ଗାଁକୁ ଆସିଥିଲେ। ଶୁକ୍ରବାର ପୂର୍ବାହ୍ନରେ ରଜନୀ ଗାଁର ଜଣେ ଲୋକଙ୍କ ଘରକୁ ଯାଉଥିଲେ। ଗାଁ ଦାଣ୍ଡରେ ସନ୍ତୋଷ ରଜନୀଙ୍କୁ ଅଟକାଇ ଗାଳିଗୁଲଜ କରିଥିଲେ। ଏତିକିରେ କଥା ସରି ନ ଥିଲା। ସନ୍ତୋଷ ଏକ ଟାଙ୍ଗିଆ ଆଣି ତାଙ୍କୁ ଆକ୍ରମଣ ଉଦ୍ୟମ କରିଥିଲେ। ରଜନୀ ଜୀବନ ବଞ୍ଚାଇବାକୁ ଦୌଡ଼ି ଦୌଡ଼ି ଯାଇ ଜଣେ ବ୍ୟକ୍ତିଙ୍କ ଘର ଭିତରେ ପଶିଯାଇଥିଲେ । ହେଲେ ସନ୍ତୋଷ ତାଙ୍କ ପଛରେ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଘଟଣାସ୍ଥଳରେ ହିଁ ରଜନୀଙ୍କ ମୃତ୍ୟୁ ଘଟିଥିଲା ।

# ଜଙ୍ଗଲରେ ଗଦା ହୋଇଛି ପଲିଥିନ



ଜଙ୍ଗଲରେ ଗଦା ହୋଇଥିବା ପଲିଥିନ।

**ନୂଆଗାଁ,୯।୯(ଡି.ଏନ.ଏ.)**

ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ ପାର୍ଶ୍ୱ ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳ ମାଇଛେଳି ଓ ସମ୍ପଡା ଜଙ୍ଗଲରେ ପଲିଥିନ ଗଦା ହୋଇଛି । କିଏ ଉକ୍ତ ଜଙ୍ଗଲରେ ପଲିଥିନ ଗଦା କରିଛି ସେ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ତେବେ ଏହି ପଲିଥିନ ଯୋଗୁ ପରିବେଶ ପ୍ରଦୂଷିତ ହୋଇଛି । ଯେଉଁ ସ୍ଥାନରେ ପଲିଥିନ୍ ପଡ଼ିଛି ସେଠାରେ କୌଣସି ଗଛ ଉଠୁନାହିଁ ବୋଲି ସ୍ଥାନୀୟ ଅଞ୍ଚଳର ଲୋକମାନେ କହିଛନ୍ତି। ସରକାର ପଲିଥିନ ବ୍ୟବହାର ଉପରେ କଟକଣା ଜାରି କରିଛନ୍ତି । ଏଥିପାଇଁ ପାଇକାରୀ ବିକ୍ରେତାଙ୍କଠାରୁ ଆରମ୍ଭ କରି ଛୋଟ ବ୍ୟବସାୟୀ ପ୍ରତିଷ୍ଠାନ ଉପରେ ଚଢ଼ାଉ ଜାରି ରହିଛି । ସହରାଞ୍ଚଳରେ ପଲିଥିନ ବିକ୍ରେତାଙ୍କଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯାଉଛି । ଏହା ପରେ ବି ପଲିଥିନ ବ୍ୟବହାର ନିୟନ୍ତ୍ରଣକୁ ଆସିନାହିଁ। ଅନ୍ୟପକ୍ଷେ ଗ୍ରାମାଞ୍ଚଳରେ ଖୁଲମ୍‌ଖୁଲା ପଲିଥିନ ବ୍ୟବହାର କରାଯାଉଛି । ଫଳରେ ବ୍ୟବହୃତ ପଲିଥିନକୁ କେହି ଜାତୀୟ ରାଜପଥ ପାର୍ଶ୍ୱ ଜଙ୍ଗଲରେ ପକାଇ ଦେଇଥିବା ଦେଖିବାକୁ ମିଳିଛି ।





ଜୟ ଅନୁସନ୍ଧାନ

ପ୍ରତିଭାକୁ ନବୋନ୍ମେଷ ଓ ଅବସର ସହ ଯୋଡ଼ି ଆଗକୁ ବଢ଼ୁଛି ଦେଶ

"ଆଜି ଦେଶ ପ୍ରଯୁକ୍ତି, ଗବେଷଣା ଏବଂ ଇନୋଭେସନ ଭଳି ଅନେକ କ୍ଷେତ୍ରରେ ଅଭୂତପୂର୍ବ ଦୃଢ଼ତା ସହିତ ଆଗକୁ ବଢ଼ୁଛି ।"
- ନରେନ୍ଦ୍ର ମୋଦି

- **ଅଟଳ ଇନୋଭେସନ ମିଶନ:** ୧୦ ହଜାରରୁ ଅଧିକ ଅଟଳ ଟିଙ୍କରିଂ ଲ୍ୟାବ ସହ ଯୋଡ଼ି ହୋଇଛନ୍ତି ୭୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ
- ଦେଶରେ ଉଚ୍ଚ ଗୁଣବତ୍ତା ବିଶିଷ୍ଟ ଗବେଷଣା ଏବଂ ଇନୋଭେସନ ଜରିଆରେ ଉନ୍ନତ ପ୍ରତିଭାମାନଙ୍କୁ ଯୋଡ଼ିବା ଲାଗି **ପିଏମ ରିସର୍ଚ୍ଚ ଫେଲୋଶିପ** ବା ରିସର୍ଚ୍ଚ ଅନୁଦାନ ଆକାରରେ ୫୦ ଲକ୍ଷରୁ ଅଧିକ ଅର୍ଥରାଶି
- ଦେଶରେ ବିଶ୍ୱର ଅଗ୍ରଣୀ ଷ୍ଟାର୍ଟଅପ ଇକୋସିଷ୍ଟମ ନିର୍ମାଣ, ଆଜି ଭାରତରେ **୧୦୭ରୁ ଅଧିକ ୟୁନିକର୍ଣ୍ଣ** ଏବଂ **୭୭,୦୦୦ରୁ ଅଧିକ ଷ୍ଟାର୍ଟଅପ**
- ଜ୍ଞାନକୌଶଳ ଏବଂ ସେବା ଆଧାରିତ ଇନୋଭେସନ ଉପରେ ଗୁରୁତ୍ୱ, ଛଅ ବର୍ଷ ମଧ୍ୟରେ ଦେଶ ଗ୍ଲୋବାଲ ଇନୋଭେସନ ଇଣ୍ଡେକ୍ସରେ **୮୧ତମ** ସ୍ଥାନରୁ ଉଠି **୪୬ତମ** ସ୍ଥାନରେ ପହଞ୍ଚିଛି
- ଗତ ୭ ବର୍ଷ ମଧ୍ୟରେ **ପ୍ୟାଟେଣ୍ଟ ପଞ୍ଜୀକରଣରେ ରେକର୍ଡ ୫୦% ବୃଦ୍ଧି** । ୨୦୧୪-୧୫ରେ ୪୨,୭୦୦ ତୁଳନାରେ ୨୦୨୧-୨୨ରେ ୬୬,୪୦୦ ପ୍ୟାଟେଣ୍ଟ ଫାଇଲ
- ପ୍ରଯୁକ୍ତି ମାଧ୍ୟମରେ ଜନସାଧାରଣଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଲାଗି ପ୍ରଗତିଶୀଳ **ଡ୍ରୋନ ପଲିସି**, ଘରୋଇ କ୍ଷେତ୍ରର ସହଭାଗିତାକୁ ଅନୁମତି ଦେଇ **ମହାକାଶ କ୍ଷେତ୍ରର** ସୁଦୃଢ଼ୀକରଣ

cbc 22201/13/0115/2223

ବିଜ୍ଞାନ ଏବଂ ନବୋନ୍ମେଷ ଇକୋସିଷ୍ଟମକୁ ପ୍ରୋତ୍ସାହନ ଦେବା ସହିତ ପ୍ରଥମ ଥର ପାଇଁ '**କେନ୍ଦ୍ର-ରାଜ୍ୟ ବିଜ୍ଞାନ କନକ୍ଲେଭ**'କୁ ଉଦ୍‌ଘାଟନ କରିବେ **ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି**, ୧୦ ସେପ୍ଟେମ୍ବର, ସକାଳ: ୧୦.୩୦, (ଭିଡିଓ କନଫରେନ୍ସିଂ ଜରିଆରେ)

## ସଂକ୍ଷେପରେ

### ଆଜି କ'ଣ କେଉଁଠି

**ଧର୍ମଶାଳା**

- ଗୋକର୍ଣ୍ଣିକ ସାହିତ୍ୟ ସମାଜ ପକ୍ଷରୁ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୧୧୯ତମ ଜୟନ୍ତୀ ଓ ପୁରସ୍କାର ପ୍ରଦାନ ଉତ୍ସବ, ସ୍ଥାନ–ଜାରକାସ୍ଥିତ ସିଭିକ ସେଣ୍ଟର, ସମୟ–ପୂର୍ବାହ୍ନ ୧୦ଟା।

## ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

ରସୁଲପୁର,୯।୯(ଡି.ଏନ.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ଓଡ଼ିଶୋ ପଞ୍ଚାୟତର ମେଳକ ଦୁର୍ଗାପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଅମୂଲ୍ୟ କୁମାର ନନ୍ଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତବର୍ଷ ପୂଜାକୁ ଯାକଜମକର ସହ ପାଳନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ୨ବର୍ଷ ହେଲା କରୋନା ଯୋଗୁ ପୂଜା ନିରାଡମ୍ବର ସହ ପାଳନ କରାଯାଇଥିଲା। ଚଳିତଥର ପୂଜା ବିଧିକୁ କଡ଼ାକଡ଼ି ପାଳନ କରାଯିବା ସହ ନାନା ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଉକ୍ତ ବୈଠକରେ କମିଟି ପକ୍ଷରୁ ବିଦ୍ୟାଧର ଦତ୍ତ, ଭାଗୀରଥୀ ଦାସ, ମନମୋହନ ନନ୍ଦୀ, ଶ୍ରୀଧର ଦେ, ଶତ୍ରୁଘ୍ନ ନନ୍ଦୀ, ସଞ୍ଜୟ ଦତ୍ତ ଓ ସୁକଦେବ ଦତ୍ତ ପ୍ରମୁଖଙ୍କୁ ନେଇ ଏକ ପରିଚାଳନା କମିଟି ଗଠନ କରାଯାଇଛି। ଗ୍ରାମର ବେଣୁଧର ନନ୍ଦୀ, ସଦାନନ୍ଦ ନନ୍ଦୀ, ବଳରାମ ଦତ୍ତ, କୃଷ୍ଣଚନ୍ଦ୍ର ଦତ୍ତ, କେଶବ ଦତ୍ତ ପ୍ରମୁଖ ବୈଠକରେ ଉପସ୍ଥିତ ରହି ପୂଜା କାର୍ଯ୍ୟ ସମ୍ପର୍କରେ ନାନା ଉପାଦେୟ ମତ ରଖିଥିଲେ।

## ବରିଷ୍ଠ କଳାକାରଙ୍କ ବିୟୋଗ

ଛତିଆ,୯।୯(ଡି.ଏନ.ଏ.): ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ପଞ୍ଚାୟତ କମ୍ପାନୀ ବଜାର ଗ୍ରାମର ବରିଷ୍ଠ କଳାକାର ନିରଞ୍ଜନ ଷେଣ୍ଠ(୮୦)ଙ୍କ ଶୁକ୍ରବାର ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ତାଙ୍କ ବିୟୋଗରେ ସିନେ ଜଗତ ସମେତ ଛତିଆ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ନେତା, ଅଭିନେତା ଓ ବୁଦ୍ଧିଜୀବୀ ଶୋକ ପ୍ରକାଶ କରିଛନ୍ତି। ଗୁରୁବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋବାରୁ ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିରଞ୍ଜନ ୩୦ରୁ ଉର୍ଦ୍ଧ୍ୱ ଓଡ଼ିଆ ଚଳଚ୍ଚିତ୍ର ଓ ବିଭିନ୍ନ ସିରିଏଲ୍‌ରେ ଅଭିନୟ କରିଥିଲେ। ତାଙ୍କ ନିଖୁଣ ଅଭିନୟ ଦର୍ଶକଙ୍କ ହୃଦୟକୁ ବେଶ ଛୁଇଁଥିଲା।



# ଅଧାରେ ଅଟକିଛି ସମ୍ପ୍ରସାରଣ ପ୍ରକଳ୍ପ

**ଯାଜପୁର ଜିଲା ସଦର ଡାକ୍ତରଖାନା**

- ୧୩ ବର୍ଷ ହେଲା କାର୍ଯ୍ୟକାରୀ ହେଲାନି ଆଇସିୟୁ

ଯାଜପୁର ଅଫିସ,୯।୯



ଯାଜପୁର ସହରର ରାସ୍ତା ଚଉଡା ହେଉଛି ଓ କୁସୁମା ପୋଖରୀ ସୌନ୍ଦର୍ଯ୍ୟର ଗାଥା କୁହାଯାଉଛି। ଏହାବାଦ ବିଭିନ୍ନ ପୌରାଣିକ ଓ ଐତିହାସିକ ପର୍ଯ୍ୟଟନସ୍ଥଳୀର ବିକାଶ ଚାଲିଛି। ହେଲେ ଯାଜପୁର ଜିଲାରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି। ସହରରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଗ୍ରାମାଞ୍ଚଳର ସିଏଚ୍‌ସି ଓ ପିଏଚ୍‌ସିରେ ସମୁଦାୟ ୯୨ ଜଣ ଡାକ୍ତର ପଦବୀ ଖାଲି ପଡ଼ିଛି। ଏହାବାଦ୍ ଜିଲା ସଦର ଡାକ୍ତରଖାନା ସମେତ ବ୍ୟାସନଗର ପୌରାଞ୍ଚଳରେ ଏକାଧିକ ପ୍ରସ୍ତାବିତ ପ୍ରକଳ୍ପ ଯୋଜନାରେ ସୀମିତ ରହିଛି। ଆଶ୍ଚର୍ଯ୍ୟର କଥା ପ୍ରାୟ ୧୩ ବର୍ଷ ହେଲା ଆଇସିୟୁ କାର୍ଯ୍ୟକାରୀ ହୋଇ ପାରିନାହିଁ। ଏନେଇ ରାଜ୍ୟସ୍ତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗତ ଜାନୁୟାରୀରେ ହୋଇଥିବା ସମୀକ୍ଷା ବୈଠକର ନିଷ୍ପତ୍ତିର ଅଗ୍ରଗତି ମଧ୍ୟ ନୈରାଶ୍ୟଜନକ ହୋଇଥିବା ଜଣାପଡ଼ିଛି। ଏହି ମର୍ମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ସଚିବ ବି. ଦେହୁରୀ ନୂତନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ରିପୋର୍ଟ ମାଗିବା ସହ ତତ୍ପରତା ପ୍ରକାଶ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ଜିଲା ସଦର ଡାକ୍ତରଖାନା ସମେତ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟସେବାକୁ ଅବଲୋକନ କଲେ ଜିଲାର ବିକାଶ କେତେ ତାହା ସ୍ପଷ୍ଟ ମନେହେଉଛି। ଗତ ଜୁଲାଇରେ ଜିଲା ସଦର ଡାକ୍ତରଖାନାରେ ୮ ଜଣ ବିଶେଷଜ୍ଞ ଡାକ୍ତର ଯୋଗଦେଇଥିଲେ। ପରବର୍ତ୍ତୀ ସମୟରେ ଏଠାରୁ ୩ ଡାକ୍ତରଙ୍କୁ ଅନ୍ୟତ୍ର ବଦଳି ହୋଇଥିଲା। ଗତ ଅଗଷ୍ଟରେ ଜଣେ ବିଶେଷଜ୍ଞ ଡାକ୍ତର ଏଠାରେ ଯୋଗଦେଇଛନ୍ତି। ଜିଲା ସଦର ଡାକ୍ତରଖାନାରେ ମୋଟ ୭୨ ପଦବୀରୁ ୫୦ ଜଣ ଡାକ୍ତର ରହିଥିବାବେଳେ ୨୨ ଡାକ୍ତର ପଦବୀ ଖାଲି ପଡିଛି। ଅନ୍ୟପକ୍ଷେ ଜିଲା ସଦର ଡାକ୍ତରଖାନାରେ ୨୫୦ ବେଡ୍ ବିଶିଷ୍ଟ ଗୃହ ନିର୍ମାଣ କରିବାକୁ ୨୦୨୦ରେ ଡିଏମଏଫ୍(ଜିଲା ଖଣିଜ ପ୍ରତିଷ୍ଠାନ) ପାଣ୍ଠିରୁ ୩୮.୭୬ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏହି ପ୍ରକଳ୍ପ ୧୯।୮।୨୦୨୨ରେ ଶେଷ କରିବାକୁ ନିର୍ଦ୍ଧାରଣ ହୋଇଥିଲା। ପ୍ରଥମେ ଆର୍.କେ. ଇନ୍‌ଫ୍ରାଷ୍ଟ୍ରକ୍ଚର ଠିକାସଂସ୍ଥାକୁ ନିର୍ମାଣ ଦାୟିତ୍ୱ ମିଳିଥିବାବେଳେ ପରବର୍ତ୍ତୀ ସମୟରେ ଆଶୀର୍ବାଦ ଠିକାସଂସ୍ଥା ଏହାର ନିର୍ମାଣ କାର୍ଯ୍ୟ କରୁଛି। କିନ୍ତୁ ଏହି ପ୍ରକଳ୍ପ ନିର୍ଦ୍ଧାରିତ ସମୟରେ ଶେଷ ହୋଇ ପାରିନାହିଁ। ଏଥିରେ ଅତି ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର ହେଉଥିବା ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ଜିଲାପାଳଙ୍କ ତାଗିଦ ସତ୍ତ୍ୱେ ଏହି ପ୍ରକଳ୍ପ ପୁଣି ୩୧।୩।୨୦୨୩ରେ ଶେଷ କରିବାକୁ ନିର୍ଦ୍ଧାରଣ ହୋଇଛି। ହେଲେ ପ୍ରକଳ୍ପର ଅଗ୍ରଗତିକୁ ଦେଖିଲେ ଅବଧି ସୀମା ମଧ୍ୟରେ ଶେଷ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି।

ସେହିପରି ଜରୁରିକାଳୀନ ଚିକିତ୍ସା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ୨୦୦୯ରେ ଏଠାରେ ଆଇସିୟୁ ଖୋଲାଯାଇଥିଲା। ଆଇସିୟୁ ପାଇଁ ୨ ଡାକ୍ତର ପଦବୀ ସୃଷ୍ଟି କରାଯାଇଥିଲା। ବିପୁଳ ଟଙ୍କାର ଅତ୍ୟାଧୁନିକ ମେଶିନ ଲାଗି ସାରିଛି।ହେଲେ ୧୩ ବର୍ଷ ହେବ ଡାକ୍ତର ନିଯୁକ୍ତି ପାଇନାହାନ୍ତି କିମ୍ବା ଆଇସିୟୁ କାର୍ଯ୍ୟକାରୀ ହେଉନାହିଁ। ଫଳରେ ଅଧିକାଂଶ ସମୟରେ ଜରୁରିକାଳୀନ ରୋଗୀ କଟକ ନେବା ବାଟରେ ହିଁ ମୃତ୍ୟୁବରଣ କରୁଥିବା ନଜିର ରହିଛି। ଏହାବାଦ୍ ଗ୍ରାମାଞ୍ଚଳର ସିଏଚ୍‌ସି ଓ ପିଏଚ୍‌ସିଗୁଡ଼ିକରେ ମୋଟ ୧୯୬ ପଦବୀରୁ ୭୦ ଡାକ୍ତର ପଦବୀ ଖାଲି ପଡିଛି।

## ବରୀ ଅଞ୍ଚଳ ବୁଲିଲେ ସୁକିନ୍ଦା, ଦାନଗଦି ବ୍ଲକ ସରପଞ୍ଚ



ଧାରପୁର ସରକାରୀ ବାଳିକା ବିଦ୍ୟାଳୟରେ ୨ ବ୍ଲକ୍‌ର ସରପଞ୍ଚ ଓ ଅନ୍ୟମାନେ।

**ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଅବଗତ ହେଲେ**

ବରୀ,୯।୯(ଡି.ଏନ.ଏ.)

ସୁକିନ୍ଦା ଓ ଦାନଗଦି ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତର ସରପଞ୍ଚ ବରୀ ବ୍ଲକ୍ ଅଞ୍ଚଳ ଗସ୍ତ କରିଛନ୍ତି। ଏହି ସମୟରେ ସେମାନେ ଏଠାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ଆସିଥିବା ଅର୍ଥ କିଭଳି ଭାବେ ସଫଳ ରୂପାୟନ ହୋଇଛି ସେ ସମ୍ପର୍କରେ ଅବଗତ ହୋଇଛନ୍ତି। ପରବର୍ତ୍ତୀ ସମୟରେ ତାହାକୁ ଅନୁକରଣ କରି ନିଜନିଜ ପଞ୍ଚାୟତରେ କାର୍ଯ୍ୟକ୍ଷମ କରିବା ନେଇ ପ୍ରକାଶ କରିଛନ୍ତି। ସେମାନେ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ପହଞ୍ଚିବା ପରେ ମଣ୍ଡଳ ଉନ୍ନୟନ ଅଧିକାରୀ ଚିନ୍ମୟ ଦାସ, ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି, ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠୀ, ସହକାରୀ ଯନ୍ତ୍ରୀ ସନ୍ଦୀପ ଦାସ, ପ୍ରଗତି ସହାୟକ ଲକ୍ଷ୍ମୀକାନ୍ତ ମହାରଣା, କନିଷ୍ଠ ଯନ୍ତ୍ରୀ ବିପ୍ଳବ ପରିଜା, ତନୁଶ୍ରୀ ସାମଲ ଓ ସରୋଜ ପଣ୍ଡା ପ୍ରମୁଖ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

ପରେ ସେମାନେ ଧାରପୁର ପଞ୍ଚାୟତର ସରକାରୀ ବାଳିକା ବିଦ୍ୟାଳୟରେ ପହଞ୍ଚି ୫–ଟିରେ ରୂପାନ୍ତିକରଣ ହୋଇଥିବା ଉକ୍ତ ବିଦ୍ୟାଳୟ କାର୍ଯ୍ୟ ଦେଖିଥିଲେ। ପରେ ଇଶାଣପୁରଠାରେ ନିର୍ମାଣ ହୋଇଥିବା ଗ୍ରାମାଞ୍ଚଳ ପାର୍କ ଓ ସ୍ୱାଇଁଖଣ୍ଡ ପଞ୍ଚାୟତର ଖରିପଡ଼ିଆଠାରେ ହୋଇଥିବା କଲ୍ୟାଣ ମଣ୍ଡପ ଦେଖିଥିଲେ। ସେଠାରୁ ବୌଦ୍ଧପୀଠ ରତ୍ନଗିରି ପରିଦର୍ଶନ କରି ବ୍ଲକ୍ କାର୍ଯ୍ୟାଳୟକୁ ଫେରିଥିଲେ। ପରେ ଅନ୍ୟାସୀପୁର ପଞ୍ଚାୟତ କାର୍ଯ୍ୟାଳୟରେ ମିଶନ ଶକ୍ତି ମାଧ୍ୟମରେ ତିଆରି କରାଯାଇଥିବା ମହମର ବିଭିନ୍ନ ଉପକରଣ ଦେଖିବା ସହ ସେସବୁକୁ ପ୍ରଶଂସା କରିଥିଲେ। ସେଠାରୁ ବାଲିବିଲ ପଞ୍ଚାୟତଠାରେ ଥିବା ସାଇ ମନ୍ଦିର ପରିଦର୍ଶନ କରିଥିଲେ। ପରେ ଅଟିରା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଆୟୋଜିତ ବିଦାୟୀ ସଭାରେ ସେମାନେ ପରିଦର୍ଶନ ଅନୁଭୂତି ବର୍ଣ୍ଣନା କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ମାନସ ରଞ୍ଜନ ସାହାଣୀ, ଜିଲା ପରିମଳ ମିଶନ ପରାମର୍ଶଦାତା ଏହି ପରିଦର୍ଶନ ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ। ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ ପରିଦର୍ଶନ ସମୟରେ ଧାରପୁରଠାରେ ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ସରପଞ୍ଚ କୁନା ମଲିକ, ସମିତିସଭ୍ୟ ଶ୍ରୀଧର ସେଠୀ, ଜିଆର୍‌ଏସ୍ ଅଜୟ କୁମାର ଜେନା, ସଞ୍ଜୀବ ପୃଷ୍ଟି, ଉତ୍କଳ କେଶରୀ ନାୟକ, ସ୍ୱାଇଁଖଣ୍ଡ ସରପଞ୍ଚ ଶଙ୍କର୍ଷଣ ସ୍ୱାଇଁ, ପୂର୍ବତନ ସରପଞ୍ଚ ବିଜୟ କୁମାର ନାୟକ, ସାମାଜିକ କର୍ମୀ ଅରବିନ୍ଦ ମହାନ୍ତି, ଅଟିରା ସରପଞ୍ଚ କୈଳାସ ମଲ୍ଲିକ ଓ ସମିତିସଭ୍ୟ ପ୍ରୀତିରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ନିଟ୍ ପରୀକ୍ଷାରେ ଛାତ୍ରଙ୍କ ସଫଳତା

ଧର୍ମଶାଳା,୯।୯(ଡି.ଏନ.ଏ.)

ଏନ୍‌ଇଇଟି(ୟୁଜି)–୨୦୨୨ ପରୀକ୍ଷାରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ପତୁଣିଆ ଗ୍ରାମର ବିଜ୍ଞାନ ଶିକ୍ଷକ ରଶ୍ମିରଞ୍ଜନ ସାମଲ ଓ ଅଧ୍ୟାପିକା ପ୍ରଭାସିନୀ ପ୍ରଧାନଙ୍କ ପୁଅ ରିତିକ ରଞ୍ଜନ ସାମଲ ୭୨୦ ନମ୍ବରରୁ ୬୪୧ ନମ୍ବର ରଖି ସଫଳତା ହାସଲ କରିଛନ୍ତି। ଭବିଷ୍ୟତରେ ଜଣେ ଡାକ୍ତର ହୋଇ ସେବା କରିବାକୁ ସେ ଆଗ୍ରହ ପ୍ରକାଶ କରିଛନ୍ତି। ଏହି ସଫଳତାର ଶ୍ରେୟ ସେ ଭଗବାନ, ପିତାମାତା ଓ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଦେଇଛନ୍ତି। ରିତିକ ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିବା ସହ ୨୦୨୨–୨୩ ଶିକ୍ଷାବର୍ଷରେ ଜାତୀୟ ବିଜ୍ଞାନ ଗବେଷଣା ପ୍ରତିଷ୍ଠାନ ନାଇଜର ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରି ନାମ ଲେଖାଇଛନ୍ତି।



ରିତିକ ରଞ୍ଜନ ସାମଲ।

## ଲାୟନ୍ସ କ୍ଲବ୍ ପକ୍ଷରୁ ଚିକିତ୍ସା ଶିବିର



କଳିଙ୍ଗନଗର,୯।୯(ଡି.ଏନ.ଏ.)

ସାମ୍ପ୍ରତିକ ସ୍ଥିତିରେ ଆଣ୍ଠୁ ଏବଂ ଗଣ୍ଠି ଜନିତ ଯନ୍ତ୍ରଣା ଘରେଘରେ ବ୍ୟାପିବାରେ ଲାଗିଛି। ତେଣୁ ଏହାର ଉପଶମ ନିମନ୍ତେ ସହଜ ଏବଂ ଉଚିତ ଚିକିତ୍ସାର ଆବଶ୍ୟକତା ରହିଛି। ଏହାକୁ ଉପଲବ୍ଧି କରି ଯାଜପୁର ଜିଲା ଲାୟନ୍ସ କ୍ଲବ ତରଫରୁ ଏକ ମାଗଣା ଭୌତିକ ଚିକିତ୍ସା ଶିବିର ବ୍ୟାସନଗର ସହରର ଗୋପବନ୍ଧୁଛକ ନିକଟସ୍ଥ ନନ୍ଦରାମ ବାଟିକାରେ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହାକୁ ବାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ ଏବଂ ଡାକ୍ତର ବିଶ୍ୱଜିତ ନାୟକ ଉଦ୍‌ଘାଟନ କରିଛନ୍ତି। ଶିବିର ୯ରୁ୧୨ ତାରିଖ ପର୍ଯ୍ୟନ୍ତ ଚାଲୁରହିବ ବୋଲି କ୍ଲବ ପକ୍ଷରୁ ସୂଚନା ମିଳିଛି। ଶିବିରର ପ୍ରଥମ ଦିନରେ ୭୦ରୁ ଉର୍ଦ୍ଧ୍ୱ ଲୋକ ସେମାନଙ୍କ ଚିକିତ୍ସା କରାଇଛନ୍ତି। ଅଧିକ ଲୋକ ଶିବିରରେ ଯୋଗଦେଇ ଏହାର ଲାଭ ଉଠାଇବାକୁ କ୍ଲବ ପକ୍ଷରୁ ନିବେଦନ କରାଯାଇଛି। ରାଜସ୍ଥାନରୁ ଆସିଥିବା ୪ଜଣ ଅଭିଜ୍ଞ ଭୌତିକ ବିଜ୍ଞାନୀଙ୍କ ଦ୍ୱାରା ଲୋକଙ୍କ ଚିକିତ୍ସା କରାଯାଇଛି। ଶିବିରକୁ ଜିଲା ଲାୟନ୍ସ କ୍ଲବ ୩୨୨୧୫ର ପିଡିଜି ଲାୟନ ପ୍ରଫୁଲ୍ଲ କୁମାର ସାମଲ, ଭିଡିଜି ୧ ଶରତ ଚନ୍ଦ୍ର ପ୍ରଧାନ, ଭିଡିଜି ୨ ଲାୟନ ପ୍ରଲୁବ୍ଧ ଜେନା ପରିଚାଳନା କରିଥିଲେ। ଲାୟନ ବସନ୍ତ ପାତ୍ର, ହୃଦାନନ୍ଦ ସାମଲ, ବିଜୟ ପରିଡ଼ା, ଯଶୋବନ୍ତ ଜିନ୍ଦଲ, ପ୍ରଦ୍ୟୁମ୍ନ ନାୟକ, ପ୍ରିୟଦର୍ଶୀ ମହାରଣା, ଇତିଶ୍ରୀ ମହାରଣା, ଗଣେଶଚନ୍ଦ୍ର ଜେନା, ଜଳ୍ପନା ପଣ୍ଡା, ଲୋପାମୁଦ୍ରା ପାଣିଗ୍ରାହୀ, ନିବେଦିତା ମହାନ୍ତି ଏବଂ କ୍ଲବର ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

## ପ୍ରେସ୍ କ୍ଲବ, ରୋଟାରି କ୍ଲବ ପକ୍ଷରୁ ଚାରାରୋପଣ

ଧର୍ମଶାଳା,୯।୯(ଡି.ଏନ.ଏ.)

ଧର୍ମଶାଳା ପ୍ରେସ୍‌କ୍ଲବ ଓ ରୋଟାରି କ୍ଲବ ଜାରକା ମିଳିତ ଆନୁକୂଲ୍ୟରେ ପ୍ରେସ୍ କ୍ଲବ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରୋଟାରି କ୍ଲବ ସଭାପତି ପ୍ରମୋଦ କୁମାର ସାମଲ, ସମ୍ପାଦକ ସୁକାନ୍ତ ସ୍ୱାଇଁ, ଜୟନ୍ତ ସାହୁ, ଅଜାମ୍ବର ସାହୁ, କଳାକର ମହାନ୍ତି, ପ୍ରଶାନ୍ତ ପୃଷ୍ଟି, ରଶ୍ମିରଞ୍ଜନ ରାୟ ପ୍ରମୁଖ ସଭ୍ୟ ଓ ପ୍ରେସ୍‌କ୍ଲବ ଉପଦେଷ୍ଟା ଇନ୍ଦ୍ରମଣି ନାୟକ, ସଭାପତି ରମାକାନ୍ତ ଜେନା, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ସମ୍ପାଦକ ଅବିନେଶ୍ୱର ଶତପଥୀ, ସୀତାକାନ୍ତ ସାମଲ, ମାନସ ରଞ୍ଜନ ଜେନା, ଅଖିଳ କୁମାର ସ୍ୱାଇଁ, କିଶୋର ରାଉତ, ବିକ୍ରମ ମହାନ୍ତି, ସୁବ୍ରତ ଜେନା ଏବଂ ଗିରିଧାରୀ ବେହେରା ପ୍ରମୁଖ ସଦସ୍ୟ ଯୋଗଦେଇ ଚାରାରୋପଣ କରିଥିଲେ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଶିବିରରେ ୨ ଭିନ୍ନକ୍ଷମଙ୍କୁ ତିନି ଚକିଆ ସାଇକେଲ ପ୍ରଦାନ କରାଯାଉଛି।

ସୁକିନ୍ଦା,୯।୯(ଡି.ଏନ.ଏ.)

ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସମସ୍ତ ୨୫ ପଞ୍ଚାୟତରୁ ଭିନ୍ନକ୍ଷମମାନେ ଯୋଗଦେଇ ପ୍ରମାଣପତ୍ର ସହିତ ବିଭିନ୍ନ ସୁବିଧା ହାସଲ କରିଥିଲେ। ପ୍ରାରମ୍ଭରେ ସନ୍ଥ କବି ଭୀମ ଭୋଇଙ୍କ ଫଟୋରେ ମାଲ୍ୟାର୍ପଣ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିବ୍ୟାରଞ୍ଜନ ବରାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଲକ୍ଷ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ୩୭ ନମ୍ବର ଜିଲା ପରିଷଦ ସଦସ୍ୟା ଜେମା ଚାଖି, ୩୯ ନମ୍ବର ଜିଲା ପରିଷଦ ସଦସ୍ୟ ପ୍ରତାପ ପଟ୍ଟନାୟକ, ଏମ୍‌ପିଙ୍କ ପ୍ରତିନିଧି ବିବେକାନନ୍ଦ ବୋଷ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସତ୍ୟଭୁଷଣ ବିଶ୍ୱାଳ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ସ୍ମିତା ମାଝୀ, ସହକାରୀ ଯନ୍ତ୍ରୀ ଅନନ୍ତ ଚରଣ ସେଠୀ, ସୁକିନ୍ଦାଗଡ ସମିତି ସଭ୍ୟ ଦୁଃଶାସନ ମୁଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୫୩୩ ଭିନ୍ନକ୍ଷମ ପଞ୍ଜୀକରଣ କରାଇଥିବା ବେଳେ ୪୭୧ ନୂଆ ଏବଂ ପୁରୁଣା ଭିନ୍ନକ୍ଷମଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ୫୯ ଜଣ ଭିନ୍ନକ୍ଷମଙ୍କ ନିମନ୍ତେ ବିଭିନ୍ନ ସହାୟକ ଯନ୍ତ୍ର ପ୍ରଦାନ କରାଯିବା ନିମନ୍ତେ ଅନୁମୋଦନ କରାଯାଇଥିଲା। ସେଥିମଧ୍ୟରୁ ୨ଟି ତିନି ଚକିଆ ସାଇକେଲ ଏବଂ ଗୋଟିଏ ଚକଲଗା ଚେୟାର ଶିବିରରେ ପ୍ରଦାନ କରାଯାଇଥିଲା। ଭେଷଜ ବିଶେଷଜ୍ଞ ଡା. ଜୟଦେବ ନନ୍ଦ, ଅସ୍ତ୍ରୋପଚାର ବିଶେଷଜ୍ଞ ଡା. ଶ୍ରୀକାନ୍ତ ଜେନା, ଚକ୍ଷୁ ବିଭାଗ ବିଶେଷଜ୍ଞ ଡା. ସ୍ନେହାଶିଷ ଦୀକ୍ଷିତ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଅନୁପ କୁମାର ନାଥଶର୍ମା ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ପରୀକ୍ଷା କରିଥିଲେ।

## ମୁଖ୍ୟମନ୍ତ୍ରୀ ସଡ଼କ କାର୍ଯ୍ୟରେ ଅନିୟମିତତା

- ଜିଲାପାଳ, ଭିଜିଲାନ୍ସ ଓ ଲୋକାୟୁକ୍ତରେ ଅଭିଯୋଗ
- ଆକଳନ ଅନୁସାରେ କାର୍ଯ୍ୟ କରିବାକୁ ଦାବି

ରସୁଲପୁର,୯।୯(ଡି.ଏନ.ଏ.)



ରାସ୍ତା କାର୍ଯ୍ୟ ଜାରି ରହିଛି।

ରସୁଲପୁର ବ୍ଲକ ଅଧୀନ ୧୬ନଂ. ଜାତୀୟ ରାଜପଥର ମୂଳାପାଳ ଛକଠାରୁ ହରିପୁରଠାରେ ୨୦ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ହରିପୁର–କରଜଙ୍ଗା ମୁଖ୍ୟମନ୍ତ୍ରୀ ସଡ଼କ ନିର୍ମାଣ ଓ ମରାମତି କାର୍ଯ୍ୟ ଜାରି ରହିଛି। ମାତ୍ର ଏହି କାର୍ଯ୍ୟର ଗୁଣବତ୍ତାକୁ ନେଇ ସ୍ଥାନୀୟ ଅଞ୍ଚଳ ଜନସାଧାରଣଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଅଞ୍ଚଳର ଜନପ୍ରତିନିଧି ଓ ଜନସାଧାରଣ ଯାଜପୁର ଜିଲାପାଳ, ଗ୍ରାମ୍ୟ ଉନ୍ନୟନ ବିଭାଗ ଜାରକା–୨, ଲୋକାୟୁକ୍ତ ଏବଂ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରିଛନ୍ତି। ଉକ୍ତ କାର୍ଯ୍ୟର ମାନ ଯାଞ୍ଚ କରାଯିବା ସହ ଆକଳନ ଅନୁସାରେ କାର୍ଯ୍ୟ କରିବାକୁ ଦାବି ହୋଇଛି।

ବ୍ଲକର ପ୍ରଥମାଖଣ୍ଡି, ରାଜେନ୍ଦ୍ରପୁର, ଅତଳାପୁର, ସାମନ୍ତାରାପୁର, ଅର୍ଥଗାଁ ଆଦି ପଞ୍ଚାୟତର ୨୦ରୁ ଉର୍ଦ୍ଧ୍ୱ ରାଜସ୍ୱ ଗ୍ରାମର ପ୍ରାୟ ୫୦ହଜାର ଲୋକ ଯାଜପୁର ସଦର ମହକୁମାକୁ ଯାତାୟାତ କରିବାରେ ଉକ୍ତ ରାସ୍ତାକୁ ବ୍ୟବହାର କରିଥାନ୍ତି। ଏହି ୬.୫କି.ମି. ଲମ୍ବ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ, ପ୍ରଶସ୍ତୀକରଣ ଓ ମରାମତି କରାଯାଉଛି। ଏଥି ସକାଶେ ସରକାରଙ୍କ ପକ୍ଷରୁ ୬.୪୫କୋଟି ବ୍ୟୟବରାଦ କରାଯାଇଛି। ଠିକାଦାର କାର୍ଯ୍ୟର ମୂଳ ମୂଲ୍ୟଠାରୁ ୧୪.୯୯ କମ୍‌ରେ କାର୍ଯ୍ୟ ସାରିବେ ବୋଲି ବିଭାଗ ସହ ଚୁକ୍ତି କରିଛନ୍ତି। ଏହି କାର୍ଯ୍ୟ ବର୍ଷକ ମଧ୍ୟରେ ଅର୍ଥାତ ୨୫।୦୪।୨୨ରୁ ୨୪।୦୪।୨୩ରେ ଶେଷ କରିବାକୁ ଚୁକ୍ତି ନାମାରେ ଦର୍ଶାଯାଇଛି। ଅବଧି ଆରମ୍ଭ ହେବାର ୪ ମାସ ପରେ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ନିର୍ମାଣ କାର୍ଯ୍ୟରେ ବ୍ୟବହାର ହେଉଥିବା ସାମଗ୍ରୀ ଯଥା– ମେଟାଲ, ଚିପ୍ସ, ବାଲି, ସିମେଣ୍ଟ ଆଦି ନିମ୍ନମାନର। ଠିକାଦାର ନିର୍ମାଣ କାର୍ଯ୍ୟରେ ଏକ ଶସ୍ତା ସିମେଣ୍ଟ ବ୍ୟବହାର କରୁଛନ୍ତି। ନିର୍ମାଣରେ ଆକଳନ ଅନୁଯାୟୀ ଭାଗମାପକୁ ଅନୁପାଳନ କରାଯାଉ ନାହିଁ। ଅଧିକ ବାଲି ଓ ଚିପ୍ସ ବ୍ୟବହାର କରାଯାଇ କାର୍ଯ୍ୟ କରାଯାଉଛି। ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟକୁ ଠିକ୍‌ରେ କରାଯାଉ ନାହିଁ। ରାସ୍ତାର ଉଭୟ ପାର୍ଶ୍ୱରେ ମାଟି ବଦଳରେ ବାଲି ବ୍ୟବହାର କରାଯାଉଛି। ସାମାନ୍ୟ ବର୍ଷାରେ ବାଲି ଧୋଇ ହୋଇଯାଇ ରାସ୍ତା ପାର୍ଶ୍ୱରେ ନାଳ ସୃଷ୍ଟି ହେଉଛି।

ତେବେ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସୁ–ସମ୍ପର୍କ ରହିଥିବାରୁ ନିମ୍ନମାନ କାର୍ଯ୍ୟକୁ ଅଣଦେଖା କରାଯାଉଛି ବୋଲି ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ସାହୁ, ସୁଶାନ୍ତ କୁମାର ବେହେରା, ଅଭିମନ୍ୟୁ ମହାଳିକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଅଭିଯୋଗ କରିଛନ୍ତି। ତେଣୁ ଏଠାରେ ନିର୍ମାଣ ଓ ମରାମତି କାର୍ଯ୍ୟରେ ବ୍ୟବହାର ହେଉଥିବା ସାମଗ୍ରୀର ନମୁନା ସଂଗ୍ରହ କରାଯାଇ ରାଜ୍ୟ ପରୀକ୍ଷାଗାରକୁ ପଠାଯିବାକୁ ଅନୁରୂପ ଦାବି କରାଯାଇଛି। ଏ ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ମାଝି କହିଛନ୍ତି, ଅଭିଯୋଗ ପାଇ ନିର୍ମାଣ ସ୍ଥଳ ପରିଦର୍ଶନ କରିଥିଲେ। ଠିକାଦାର ନନ୍ ବ୍ରାଣ୍ଡ ସିମେଣ୍ଟ ବ୍ୟବହାର କରୁଥିବା ଜାଣିବାକୁ ପାଇଥିଲେ। ତେବେ ତାଙ୍କୁ ତାଗିଦ୍ କରିବାରୁ ଏବେ କାମ ଠିକ୍‌ଠାକ୍ ଚାଲିଛି। ମାତ୍ର ରାସ୍ତା ପାର୍ଶ୍ୱରେ ମାଟି ବଦଳରେ ବାଲି ବ୍ୟବହାର ହେଉଥିବା ସମ୍ପର୍କରେ ଯନ୍ତ୍ରୀ କୌଣସି ସନ୍ତୋଷଜନକ ଉତ୍ତର ଦେଇନାହାନ୍ତି।

## ସଂକ୍ଷେପରେ

### ଇଣ୍ଡିଆ ବୁକ୍ ଅଫ ରେକର୍ଡରେ କ୍ଷୁଦ୍ରତମ ତ୍ରିରଙ୍ଗା

ବ୍ରହ୍ମପୁର ଅଫିସ୍,୯।୯: ସ୍ୱାଧୀନତା ଦିବସ ଅବସରରେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ପ୍ରସ୍ତୁତ କରିଥିବା କ୍ଷୁଦ୍ରତମ ତ୍ରିରଙ୍ଗା ଇଣ୍ଡିଆ ବୁକ ଅଫ କେକର୍ଡରେ ସ୍ଥାନ ପାଇଛି। ୧ ମିଲି ମିଟର ଉଚ୍ଚତା ବିଶିଷ୍ଟ ଉକ୍ତ ତ୍ରିରଙ୍ଗା ତିଆରି କରିବାକୁ ସତ୍ୟଙ୍କୁ ୫ ମିନିଟ ସମୟ ଲାଗିଥିଲା। ଏହା ବିଶ୍ୱର କ୍ଷୁଦ୍ରତମ ତ୍ରିରଙ୍ଗା ବୋଲି ସେ ଦାବି କରିବା ସହ ଇଣ୍ଡିଆ ବୁକ ଅଫ ରେକର୍ଡ ନିମନ୍ତେ ଆବେଦନ କରିଥିଲେ। ଶୁକ୍ରବାର ଇଣ୍ଡିଆ ବୁକ ଅଫ ରେକର୍ଡ ପକ୍ଷରୁ ସତ୍ୟ ରେକର୍ଡ ହାସଲ କରିଥିବା ସୂଚନାପତ୍ର ମିଳିଛି।

### ଏନ୍ଇଇଟି: ମଥୁରାର ଶାନ୍ତନୁ ସଫଳ

ପୋଲସରା,୯।୯(ଡି.ଏନ.ଏ.) ଏନ୍ଇଇଟି(ୟୁଜି)ରେ ଗଞ୍ଜାମ ଜିଲା ପୋଲସରା ଅଞ୍ଚଳର ଜଣେ ଛାତ୍ର କୃତିତ୍ୱ ହାସଲ କରିଛନ୍ତି। ସେ ହେଲେ ମଥୁରା ଗ୍ରାମର ଘନଶ୍ୟାମ ଦଳାଇଙ୍କ ପୁଅ ଶାନ୍ତନୁ ଦଳାଇ। ଶାନ୍ତନୁ ସର୍ବଭାରତୀୟ ସ୍ତରରେ ୧୯୬୭୮



ର୍‍ୟାଙ୍କରେ ରହିଛନ୍ତି। ବ୍ରହ୍ମପୁର ଜ୍ଞାନ ବିକାଶରେ ଯୁକ୍ତ ୨ ବିଜ୍ଞାନ ପାଠ୍ୟକ୍ରମ ସାରିବା ପରେ ସେ ଆର୍ଯ୍ୟଭଟ୍ଟରେ ମେଡିକାଲ ପ୍ରବେଶିକା ପରୀକ୍ଷା ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିଥିଲେ। ୨୦୨୧ରେ ପ୍ରଥମ ଥର ପରୀକ୍ଷା ଦେଇଥିଲେ ମଧ ସଫଳ ହୋଇପାରି ନ ଥିଲେ। ଦୃଢ଼ ଇଚ୍ଛାଶକ୍ତି ବଳରେ ସେ ଅନଲାଇନ୍ ମାଧମରେ ପାଠପଢ଼ି ଦ୍ୱିତୀୟ ପ୍ରୟାସରେ ସଫଳ ହୋଇପାରିଛନ୍ତି। ଶାନ୍ତନୁ ବୁର୍ଲା ମେଡ଼ିକାଲ କଲେଜରେ ନାମ ଲେଖାଇ ଜଣେ ସଫଳ ଡାକ୍ତର ହେବାକୁ ଉଦ୍ୟମ କରିବେ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି। ଅନ୍ୟ ଶୁଭେଚ୍ଛୁମାନଙ୍କ ସହ ୪୦ନଂ. ଜୋନ ଜିଲା ପରିଷଦ ସଭ୍ୟ ବିକ୍ରମ କୁମାର ନାୟକ ତାଙ୍କ ଉତ୍ତମ ଭବିଷ୍ୟତ କାମନା କରିଛନ୍ତି।

### ଦଣ୍ଡକାଳି ମନ୍ଦିରରୁ ସୁନା ଟଙ୍କା ଚୋରି

ହିଞ୍ଜିଳିକାଟୁ,୯।୯(ଡି.ଏନ.ଏ.)- ହିଞ୍ଜିଳି ଥାନା ସମରଝୋଲ ଗାଁ ମା' ଦଣ୍ଡକାଳୀ ମନ୍ଦିର ଲୁହା ଗ୍ରୀଲ ତାଡି ଗୁରୁବାର ରାତ୍ରିରେ ଦୁର୍ବୃତ୍ତମାନେ ସୁନା ଅଳଙ୍କାର ଓ ଟଙ୍କା ଚୋରି କରିଥିବା ଅଭିଯୋଗ ହୋଇଛି। ଶୁକ୍ରବାର ପୂଜକ ମନ୍ଦିର ଗ୍ରୀଲ ଖୋଲାଯାଇଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ପହଞ୍ଚି ଦେବୀଙ୍କ ମୂର୍ତ୍ତିରୁ ୩୦ ଗ୍ରାମର ଦୁଇଟି ମଙ୍ଗଳସୂତ୍ର, ଆଲମିରାରୁ ବିଭିନ୍ନ ଗହଣା, ପିତ୍ତଳ ବାସନ ଆଦି ଚୋରି ହୋଇଥିବା ଦେଖିଥିଲେ। ଅଭିଯୋଗ ପରେ ହିଞ୍ଜିଳି ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

# ଭୟ ବଢ଼ାଉଛି ଲଘୁଚାପ ବର୍ଷା

ବ୍ରହ୍ମପୁର ଅଫିସ,୯।୯

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଗତ ଦୁଇଦିନ ହେଲା ବ୍ରହ୍ମପୁର ସହରରେ ବର୍ଷା ହେଉଛି। ଘଡ଼ିଘଡ଼ିକେ ବର୍ଷା ଲାଗି ରହିଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି। ଶନିବାର ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ପବନ ବହିବ ବୋଲି କୁହାଯାଇଛି। ଫଳରେ ଉପକୂଳ ଅଞ୍ଚଳର ସମୁଦ୍ର କୂଳିଆ ଗାଁଗୁଡିକରେ ଆତଙ୍କ ପ୍ରକାଶ ପାଇଛି। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଗଭୀର ସମୁଦ୍ରକୁ ମାଛ ଧରିବା ପାଇଁ ନ ଯିବା ନିମନ୍ତେ ମସ୍ୟଜୀବୀଙ୍କୁ ସତର୍କ କରି ଦିଆଯାଇଛି। ଏହା ସେମାନଙ୍କ ଜୀବୀକାକୁ ପ୍ରଭାବିତ କରିଛି। ଗୋପାଳପୁର ସମୁଦ୍ର ଆଖପାଖରେ ହଜାର ହଜାର ମସ୍ୟଜୀବୀ ଅଛନ୍ତି। ଗଣେଶ ପୂଜାଠାରୁ ପାର୍ବଣ ଋତୁ ଆରମ୍ଭ ହୋଇଛି। କରୋନା ମହାମାରୀ ଯୋଗୁ ଗତ ଦୁଇବର୍ଷ ଛୋଟ ବଡ଼ ବ୍ୟବସାୟୀ ବ୍ୟାପକ କ୍ଷତିଗ୍ରସ୍ତ ସହିଥିଲେ। କଟକଣା କୋହଳ ଯୋଗୁ ଚଳିତ ବର୍ଷ ଭଲ ବେପାର ହେବ ବୋଲି ଆଶା ରଖାଯାଇଥିବା ବେଳେ ଏବେ



ଲୋଚାପଡ଼ା ରାସ୍ତାରେ ବର୍ଷାପାଣି।

**ସମୁଦ୍ର ନ ଯିବାକୁ ମସ୍ୟଜୀବୀଙ୍କୁ ସତର୍କ**

ଲଘୁଚାପ ଆରମ୍ଭ ହୋଇଛି । ଆଗାମୀ ଦିନରେ ଏହା ଲାଗି ରହିବା ପୂର୍ବାନୁମାନ କରାଯାଇଛି। ବର୍ଷା ଯୋଗୁ ରେଶମ ସହରର ବଜାରଗୁଡ଼ିକ ଖାଁ ଖାଁ ହୋଇଛି। ଅପରପକ୍ଷରେ ମହାନଗରର ପ୍ରାୟ ସବୁ ରାସ୍ତା ଦୀର୍ଘମାସରୁ ଖାଲଖମାରେ ପରିଣତ ହୋଇଛି। ଖାଲଗୁଡ଼ିକରେ ବର୍ଷା ପାଣି ଜମି ରହିଥିବାରୁ ଯାନବାହାନ ଓ ଲୋକଙ୍କ ଚଳପ୍ରଚଳ ବିପଜ୍ଜନକ ହୋଇଯାଇଛି। ଅନେକ ରାସ୍ତା ପୁନଃ ନିର୍ମାଣ ଲାଗି ଟେଣ୍ଡର ସରିଥିବାରୁ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ବିଏମସି ପକ୍ଷରୁ କୁହାଯାଇଛି।

ଲଘୁଚାପ ଜନିତ ବର୍ଷା ଯାତ୍ରୀ ପରିବହନକୁ ମଧ ବିଶେଷ ପ୍ରଭାବିତ କରିଛି। ସହରାଞ୍ଚଳ ସିଟି ବସ ଓ ବିଭିନ୍ନ ସ୍ଥାନକୁ ଚଳାଚଳ କରୁଥିବା ଘରୋଇ ଓ ସରକାରୀ ବସଗୁଡ଼ିକରେ ଯାତ୍ରୀ ସଂଖ୍ୟା ଅତି କମ୍ ହେଉଥିବା ଲକ୍ଷ୍ୟ କରାଯାଇଛି। ଡିଜେଲର ମହଙ୍ଗା ମାଡ଼ରେ ଘାଣ୍ଟି ହେଉଥିବା ବେଳେ ବସଗୁଡ଼ିକ ଫାଙ୍କା ପଡୁଥିବାରୁ ଅଧିକ କ୍ଷତି ସହିବାକୁ ପଡୁଥିବା ଘରୋଇ ବସ ମାଲିକଙ୍କ ପକ୍ଷରୁ କୁହାଯାଇଛି। ଅଧିକାଂଶ ଲୋକ ପଦାକୁ ବାହାରୁ ନ ଥିବାରୁ ମହାନଗରରେ ଅଟୋଗୁଡ଼ିକ ମଧ ବିଶେଷ ଚଳାଚଳ କରୁ ନଥିବା ଲକ୍ଷ୍ୟ କରାଯାଇଛି। ରାସ୍ତା କଡ଼ କ୍ଷୁଦ୍ର ବ୍ୟବସାୟୀଙ୍କ ଜୀବନ ଜୀବୀକାକୁ ଲଘୁଚାପ ବର୍ଷା ଦାଉ ସାଧିଛି। ବୁଲା ବିକାଳିଙ୍କ ଅବସ୍ଥା ସାଂଘାତିକ ହୋଇଛି।

ଦୁଇ ତିନିଦିନର ଲଗାଣ ବର୍ଷାରେ ସହରତଳି ଓ ଖାଲୁଆ ଅଞ୍ଚଳ ଅବସ୍ଥା ଶୋଚନୀୟ ହୋଇଯାଇଛି। ବାହାନା ନାଳ ପୁନରୁଦ୍ଧାର କାର୍ଯ୍ୟ ଦରଖଣ୍ଡିଆ ଥିବାରୁ ଯଦି ପ୍ରବଳରୁ ଅତି ପ୍ରବଳ ବର୍ଷା ହୁଏ ତେବେ ସୋମନାଥ ନଗର, ଲୋଚାପଡ଼ା, ବ୍ୟାଙ୍କ କଲୋନୀ, ସିଦ୍ଧାର୍ଥ ନଗର, ଶରଧାବାଲି, ଅଳକାପୁରୀ ସମେତ ବିଭିନ୍ନ ଖାଲୁଆ ବସ୍ତିମାନଙ୍କରେ ପାଣି ପଶିବା ନିଶ୍ଚିତ ସମ୍ଭାବନା ରହିଛି। ତେଣୁ ଉପରୋକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ଛନକା ଦେଖାଦେଇଛି। ସୂଚନାଯୋଗ୍ୟ, ୨୦୦୩ ଅକ୍ଟୋବରରେ ଘଟିଥିବା ପ୍ରବଳ ବର୍ଷା ବିପ୍ରାତରେ ଗଜପତି ନଗର ସମେତ ସବୁ ଖାଲୁଆ ଅଞ୍ଚଳର ସମସ୍ତଙ୍କ ଘରେ ପାଣି ପଶିଥିଲା। ସପ୍ତାହ ବ୍ୟାପି ଖାଲୁଆ ଅଞ୍ଚଳ ଜଳାର୍ଣ୍ଣବ ହୋଇ ବାସିନ୍ଦାଙ୍କୁ ଜଳବନ୍ଦୀ କରି ଦେଇଥିଲା।

### କାଦୁଅ ପଡିବାରୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର ଅଫିସ,୯।୯

ଗାଡ଼ି ଚଳାଇବା ବେଳେ କାଦୁଅ ପଡିବାକୁ ନେଇ ବଚସା ଓ ପରେ ଆକ୍ରମଣ ଅଭିଯୋଗରେ ବଡ଼ବଜାର ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ହରିଡାଖଣ୍ଡି ନୂଆ ସାହିର କେ. ଶିବା ରେଡ୍ଡୀ। ମାମଲା ନଂ.୨୩୦/୨୨ ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ସାମିଲ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ପ୍ରକାଶ ଯେ, ଗତ ୪ ତାରିଖରେ ହରିଡାଖଣ୍ଡି ଧୋବା ସାହିର ଚନ୍ଦନ ସେଠୀ ଗାଁ ଛକ ଆଡକୁ ଚାଲିଚାଲି ଯାଉଥିବା ବେଳେ ଶିବାଙ୍କ ବେପରୁଆ ଗାଡି ଚାଳନା ଯୋଗୁ ତାଙ୍କ ଦେହରେ କାଦୁଅ ପଡିଥିଲା। ଏହାକୁ ନେଇ ଉଭୟଙ୍କ ମଧରେ ବଚସା ହୋଇଥିଲା। ଚନ୍ଦନଙ୍କୁ ଶିବା ଜାତିଆଣ ମନ୍ତବ୍ୟ ଦେଇ ଗାଳିଗୁଳଜ କରିଥିଲେ। ପରେ ୨/୩ ଜଣ ସାଙ୍ଗଙ୍କୁ ଡାକି ଚନ୍ଦନଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ଗୁରୁତର ହୋଇଥିବା ଚନ୍ଦନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥଲେ। ପରେ ଏ ନେଇ ଚନ୍ଦନଙ୍କ ପକ୍ଷରୁ ବଡ଼ବଜାର ଥାନାରେ ଅଭିଯୋଗ ହୋଇଥିଲା।

## ନକଲି ମଦ କାରଖାନା ଠାବ, ୨ ଗିରଫ

ବ୍ରହ୍ମପୁର ଅଫିସ,୯।୯

ବଡବଜାର ଥାନା ଅନ୍ତର୍ଗତ ଓମ୍ ନଗରରେ ଚାଲିଥିବା ଏକ ନକଲି ମଦ କାରଖାନାରେ ଶୁକ୍ରବାର ଅବକାରୀ ବିଭାଗର ଏକ ଟିମ ଚଢ଼ାଉ କରିଥିଲା। ୧୭ପେଟି ନକଲି ବିଦେଶୀ ମଦ ସହ ବିପୁଳ ପରିମାଣରେ କଞ୍ଚାମାଲ ଜବତ କରାଯାଇଛି।

ପାର୍ବଣ ପୂର୍ବରୁ ବ୍ରହ୍ମପୁର ସହରରେ ନକଲି ବିଦେଶୀ ମଦ ପ୍ରସ୍ତୁତ ହୋଇ ଜିଲାର ବିଭିନ୍ନ ଗ୍ରାମାଞ୍ଚଳକୁ ଚାଲାଣ ହେଉଥିବା ଅବକାରୀ ବିଭାଗକୁ ଖବର ମିଳିଥିଲା। ଅବକାରୀ ଗୋଇନ୍ଦା ବିଭାଗ ଡେପୁଟି କମିଶନର ଅଶୋକ ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ ୧୬ ନଂ. ଜତୀୟ ରାଜପଥର ପୁକୁଡିବନ୍ଧ ଛକରୁ ନକଲି ମଦ ଭର୍ତ୍ତି ଏକ ଅଟୋ ଜବତ କରିଥିଲା। ସେଥିରୁ ୮ପେଟି ନକଲି ବିଦେଶୀ ମଦ ଜବତ ହୋଇଥିଲା। ଅଟୋରେ ଥିବା ବଡବଜାର ଥାନା ଅନ୍ତର୍ଗତ ଶାର୍ଗୁଣାସାହିର ଆକାଶ ବେହେରା ଓ ପାଣିଗ୍ରାହୀପେଣ୍ଠର ମୁନା ସାବତଙ୍କୁ ଜେରା ବେଳେ ସେମାନେ ଓମ୍ ନଗରରୁ ମଦ ଆଣିଥିବା କହିଥିଲେ। ଏହି ମଦକୁ ସେମାନେ ଛତ୍ରପୁର ଚାଲାଣ କରୁଥିଲେ ବୋଲି ଟିମକୁ କହିଛନ୍ତି। ପରେ ଟିମ ଓମ୍ ନଗରକୁ ଯାଇ ଚଢ଼ାଉ କରିଥିଲା। ଚଢାଉ ବେଳେ କାରଖାନାରୁ ବିଭିନ୍ନ ବ୍ରାଣ୍ଡର ୧୭ ପେଟି ନକଲି ବିଦେଶୀ ମଦ, ୧୦୦୦



ଗିରଫ ଅଭିଯୁକ୍ତ ସହ ଜବତ ମଦ ଓ ପ୍ରସ୍ତୁତ ସାମଗ୍ରୀ।

**ଓମ୍ ନଗରରେ ପ୍ରସ୍ତୁତ ହେଉଥିଲା ନକଲି ଗୁଟ୍‌ଖା**

ଖାଲି ବୋତଲ, ୫୦୦୦ ଠିପି, ୫୦୦ ସିଟ ବିଭିନ୍ନ ବ୍ରାଣ୍ଡ କମ୍ପାନୀର ଲେବେଲେ, ୪୦ ଲିଟର (ଅର୍ଗାନିକ ଆଲବମ) ସ୍ପିରିଟ, ଅଧା କେଜି କଲର (ରଙ୍ଗ) ଜବତ କରାଯାଇଥିଲା। ବାହାର ରାଜ୍ୟରୁ ବୋତଲ, ଠିପି, ରଙ୍ଗ ଓ ସ୍ପିରିଟ ଆଣି ଏଠାରେ ନକଲି ମଦ ପ୍ରସ୍ତୁତ କରିବା ପରେ ସେଗୁଡ଼ିକ ଆକାଶ ଓ ମୁନା ସାବତ ଗଞ୍ଜାମ ଜିଲାର ବ୍ରହ୍ମପୁର ସମେତ ଆଖପାଖ ଅଞ୍ଚଳକୁ ବିକ୍ରି ପାଇଁ ପଠାଉଥିଲେ ବୋଲି ଜେରା ବେଳେ ଅବକାରୀ ଟିମ ଜାଣିବାକୁ ପାଇଥିଲେ। ଚଢ଼ାଉ ବେଳେ ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ କୁବେର ସେଠୀ, ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ, ଏସଆଇ ସୁଦର୍ଶନ ବିଷୋୟୀ, ଏଏସଆଇ ବ୍ରଜ ବିହାରୀ ନାୟକ, ଅନ୍ତର୍ଯ୍ୟାମୀ ସାହୁ ସମେତ ଅନ୍ୟ ଅଧିକାରୀମାନେ ସାମିଲ ଥିଲେ। ସେହିପରି ବଡବଜାର ଥାନା ପୋଲିସ ଓମ୍ ନଗର ପ୍ରଥମ ଲାଇନ ଓ ତୃତୀୟ ସାରଣୀରେ ପୃଥକ ଭାବେ ଚଢ଼ାଉ କରି ଏକ ନକଲି ମଦ ପ୍ରସ୍ତୁତ କାରଖାନା ଓ ଗୁଟ୍‌ଖା କାରଖାନା ଠାବ କରିଛି। ସେଠାରୁ ବିପୁଳ ପରିମାଣର ନକଲି ବିଦେଶୀ ମଦ ସହ ଗୁଟ୍‌ଖା ଜବତ କରିଛି। ଗୋଟିଏ ସ୍କୁଟି ଗୋଦାମ ଭିତରେ ବେଆଇନ ଭାବେ ନକଲି ମଦ ପ୍ରସ୍ତୁତ ହେଉଥିବା ଜଣାପଡିଛି। ସେଠାରେ କାମ କରୁଥିବା ବିହାର ଓ ଦିଲ୍ଲୀର ୨ ଯୁବକଙ୍କୁ ପୋଲିସ ଅଟକ ରଖିଛି।

### ସାମୁଦ୍ରିକ ବିଜ୍ଞାନ ବିଭାଗ ପକ୍ଷରୁ ବକ୍ତୃତା କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ,୯।୯

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗ ପକ୍ଷରୁ ଶୁକ୍ରବାର ସାମୁଦ୍ରିକ ପ୍ରଦୂଷଣ ଓ ଏହାର ନିରାକରଣ ସମ୍ପର୍କିତ ଏକ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟ ଅଧକ୍ଷା ପ୍ରଫେସର ଗୀତାଞ୍ଜଳି ଦାସ ଅଧକ୍ଷତା କରିଥିଲେ। ପିଜି କାଉନସିଲ ଅଧକ୍ଷ ତଥା ସାମୁଦ୍ରିକ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ପ୍ରତାପ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ୟୁକେର ସାମୁଦ୍ରିକ ବୈଜ୍ଞାନିକ ଡ଼.ଡ଼େନିଆ ହିନ ଆଡ଼ମସ ଓ ଡ଼େଭିଡ଼ ସିଭାୟର ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଜାତୀୟ କୋଷ୍ଟାଲ ରିସର୍ଚ୍ଚ ସେଣ୍ଟର ଅଫ ଚେନ୍ନାଇର ବୈଜ୍ଞାନିକ ଡ଼.ପ୍ରଭାକର ମିଶ୍ର, ସମ୍ମାନିତ ଅତିଥି ଭାବେ ବୈଜ୍ଞାନିକ ଡ଼.ଏସ.ଆର ମାରିଗୁଦାର ଉପସ୍ଥିତ ରହିଥିଲେ। ପ୍ଲାଷ୍ଟିକର ବହୁଳ ବ୍ୟବହାର ଯୋଗୁ ସୃଷ୍ଟି ହେଉଥିବା ସାମୁଦ୍ରିକ ପ୍ରଦୂଷଣ ସମ୍ପର୍କରେ ମୁଖ୍ୟ ଅତିଥି ଆଲୋକପାତ କରିଥିଲେ। ପ୍ରଫେସର ଡ଼.ନିବେଦିତା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଫେସର ଡ଼.ଶେଷଦେବ ପାତ୍ର ସହଯୋଗ କରିଥିଲେ। ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଗବେଷକ ଉପସ୍ଥିତ ଥିଲେ।

### ପୁଣି ୩ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ

ବ୍ରହ୍ମପୁର ଅଫିସ,୯।୯

ଗଞ୍ଜାମ ଜିଲାରେ ଶୁକ୍ରବାର ଗୋଟିଏ ଦିନରେ ପୁଣି ୩ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ରଙ୍ଗେଇଲୁଣ୍ଡା ବ୍ଲକ କେଲୁଆପଲି ଗ୍ରାମର ଜଣେ ଯୁବକ ଆନ୍ଧ୍ରପ୍ରଦେଶ ତାଙ୍କ ସମ୍ପର୍କୀୟ ଘରକୁ ଯାଇ ଜ୍ୱରରେ ପୀଡ଼ିତ ହେଲେ। ଜ୍ୱର ନ କରିବାରୁ ଗାଁକୁ ଫେରି ଗୁରୁବାର ଡେଙ୍ଗୁ ପରୀକ୍ଷା କରାଇଥିଲେ। ତାଙ୍କ ରିପୋର୍ଟ ପଜିଟିଭ ଆସିଛି। ସେହିପରି କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠୀ ଗ୍ରାମର ଜଣେ ୫୫ବର୍ଷୀୟା ମହିଳା ଓ ଚିକିଟି ବ୍ଲକ ଅନନ୍ତରାୟପୁରର ଜଣେ ୪୦ ବର୍ଷିୟା ମହିଳାଙ୍କର ଡେଙ୍ଗୁ ପରୀକ୍ଷା ରିପୋର୍ଟ ପଜିଟିଭ ଆସିଛି। ଏହି ୩ ଆକ୍ରାନ୍ତଙ୍କୁ ମିଶାଇଲେ ବର୍ତ୍ତମାନ ଜିଲାରେ ୪୧ ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

### କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ଭଞ୍ଜ ଜୟନ୍ତୀ



ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର ଅଫିସ,୯।୯

କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଭଞ୍ଜ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟ ସମାଜର ସଭାପତି ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ଅଧକ୍ଷତା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ପରାମର୍ଶଦାତା ଡ. ଗୋପବନ୍ଧୁ ଦାଶ ଯୋଗଦେଇ ସମାରୋହକୁ ଉଦଘାଟନ କରିଥିଲେ। ପ୍ରତ୍ୟେକ ଓଡ଼ିଆ ଜଣେ ଜଣେ କଳାକାର। ୪୧ ଲକ୍ଷ ଶବ୍ଦ ବ୍ୟବହାର କରି ଉପେନ୍ଦ୍ର ଭଞ୍ଜ ଲେଖିଥିବା କାବ୍ୟକୃତି ସମୂହ ଅନେକ ଲୋକଙ୍କୁ କର୍ମକ୍ଷମ କରାଇପାରିଛି। ସେ ଦିଗରେ ଅନୁଶୀଳନ କରାଯିବା ଆବଶ୍ୟକ ବୋଲି ଡ. ଦାଶ କହିଥିଲେ। ଭବିଷ୍ୟତରେ ମଣିଷ ୨ଟି ଶ୍ରେଣୀରେ ବିଭକ୍ତ ହେବ। ଦରକାରୀ ଶ୍ରେଣୀ ଓ ଅଦରକାରୀ ଶ୍ରେଣୀ। ପ୍ରଯୁକ୍ତିବିଦ୍ୟା ଦକ୍ଷତାସମ୍ପନ୍ନ ଲୋକେ ଦରକାରୀ ଓ ଏ ସବୁ ଜାଣି ନଥିବା ଲୋକେ ଅଦରକାରୀ ଶ୍ରେଣୀରେ ରହିବେ। ସାହିତ୍ୟିକମାନେ ଏହି ପ୍ରେକ୍ଷାପଟରେ ଚିନ୍ତା କରିବା ସହ ଏ ଦିଗରେ କଲମ ଚାଳନା କରିବା ଆବଶ୍ୟକ ବୋଲି ସେ କହିଥିଲେ। ମୁଖ୍ୟ ଅତିଥି ରୂପେ ନାଟ୍ୟକାର ମେଜର୍ ରମାରମଣ ପାଢ଼ୀ ଯୋଗଦେଇ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟକୃତି ଓ କାବ୍ୟ କୌଶଳ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ରୂପେ ବିଶିଷ୍ଟ ଆଧାତ୍ମିକ ପ୍ରବକ୍ତା ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ଭଞ୍ଜ ସାହିତ୍ୟ ପଢ଼ିବା ଓ ବୁଝିବା ପାଇଁ ଓଡ଼ିଆମାନେ ସାମର୍ଥ୍ୟ ଅର୍ଜନ କରିବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ୨୦୧୯ରୁ ୨୦୨୨ ମସିହା ନିମନ୍ତେ ନାଟ୍ୟକାର ପାଢ଼ୀ, ଆଧାତ୍ମିକ ପ୍ରବକ୍ତା ମିଶ୍ର, କବି ହରପ୍ରସାଦ ଦାସ ଓ କବୟିତ୍ରୀ ଅମିୟବାଳା ପଟ୍ଟନାୟକଙ୍କୁ ଭଞ୍ଜଭାରତୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଡ. ଲମ୍ବୋଦର ପାଣିଗ୍ରାହୀ, ଡ. କୃଷ୍ଣ ପ୍ରସାଦ ମହାପାତ୍ର, ଡ. କୁଳମଣି ଓଝା, ଅନୁପ କୁମାର ମିଶ୍ର, ଦୀନବନ୍ଧୁ ଶ୍ରୀପଲ୍ଲବ, ନଳିନୀକାନ୍ତ ଗୌଡ଼ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଏନ୍ଇଇଟି ପ୍ରବେଶିକା ପରୀକ୍ଷାରେ ଆର୍ଯ୍ୟଭଟ୍ଟର ସଫଳତା





କୃତିତ୍ୱ ହାସଲ କରିଥିବା ଆର୍ଯ୍ୟଭଟ୍ଟ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର।

ବ୍ରହ୍ମପୁର ଅଫିସ,୯।୯

ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍ଇଇଟି- ୨୦୨୨ ପରୀକ୍ଷା ଫଳାଫଳରେ ଆର୍ଯ୍ୟଭଟ୍ଟର ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି। ଶିକ୍ଷାନୁଷ୍ଠାନର ଅମ୍ଳାନ ଅଂଶୁମତ ସାହୁ ୭୨୦ ରୁ ୬୮୬ ରଖି ଦକ୍ଷିଣ ଓଡିଶାର ସର୍ବୋଚ୍ଚ ର୍‍ୟାଙ୍କ ରଖିଛନ୍ତି। ସେହିପରି ଅଂଶୁମାନ ଷଡଙ୍ଗୀ ୬୬୧ ମାର୍କ ଓ ଶୁଭମ୍ ପଟ୍ଟନାୟକ ୬୪୬ ମାର୍କ ରଖି ଅନୁଷ୍ଠାନର ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏଥିସହ ଶିକ୍ଷାନୁଷ୍ଠାନର ୧୧୦ ଜଣ ପରୀକ୍ଷା ଦେଇଥିବା ବେଳେ ଗତ ବର୍ଷର କଟ୍ ଅଫ ମାର୍କରୁ ୨୬ ଜଣ ଅଧିକ ମାର୍କ ରଖି ମେଡିକାଲ୍ କଲେଜରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। କୃତକାର୍ଯ୍ୟ ହୋଇଥିବା ଅଧିକାଂଶ ଛାତ୍ରୀଛାତ୍ର ଜେଇଇ ମେଇନ, ନେଷ୍ଟ, କେଭିପିୱାଇ ଓ ଯୁକ୍ତ ୨ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଆର୍ଯ୍ୟଭଟ୍ଟ ର ଶିକ୍ଷକ ବୃନ୍ଦ ଓ ଅନୁଷ୍ଠାନ ମୁଖ୍ୟଙ୍କ ନିରବିଚ୍ଛିନ୍ନ ଶିକ୍ଷାଦାନ ସହ ବ୍ୟକ୍ତିଗତ ପ୍ରୋତ୍ସାହନ ଓ ମାର୍ଗଦର୍ଶନ ତଥା ପରିଚାଳନା ଦାୟିତ୍ୱରେ ରହିଥିବା କର୍ମଚାରୀଙ୍କ ବନ୍ଧୁପୂର୍ଣ୍ଣ ସହାୟତା ଯୋଗୁଁ ଛାତ୍ରୀଛାତ୍ରମାନେ ସଫଳତା ପାଇପାରିଥିବା ଅମ୍ଳାନଙ୍କ ପିତା ଡ.ପିତବାସ ସାହୁ ଓ ଅଂଶୁମାନଙ୍କ ବାପା ଇଁ.ସୀମାଞ୍ଚଳ ପାଣିଗ୍ରାହୀ କହିଛନ୍ତି। ଉକ୍ତ ଅନୁଷ୍ଠାନର ମୁଖ୍ୟ ସୁଧୀର ରାଉତ ଶିକ୍ଷାନୁଷ୍ଠାନର ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀ ପକ୍ଷରୁ ଧର୍ମସଭା

ବ୍ରହ୍ମପୁର ଅଫିସ,୯।୯

ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀ ପକ୍ଷରୁ ଶୁକ୍ରବାର ଗୋସାଇଁ ନୂଆଗାଁ ଉତ୍ତରେଶ୍ୱର ଭବନଠାରେ ଧର୍ମସଭା ଆୟୋଜିତ ହୋଇଯାଇଛି। ଏଥିରେ କଞ୍ଚୁରୁ ଜଗନ୍ନାଥ ମଠ ମହନ୍ତ ହରିହର ଦାଶ ମହାଭାଗ ଅଧକ୍ଷତା କରିଥିଲେ। ପୁରୀ ଗୋବର୍ଦ୍ଧନ ପୀଠ ଅନ୍ତର୍ଜାତୀୟ ସଂଯୋଜକ ବ୍ରହ୍ମଚାରୀ ହୃଷିକେଶ ମହାଭାଗ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଭାରତକୁ ହିନ୍ଦୁ ରାଷ୍ଟ୍ର ଭାବେ ଘୋଷଣା ପାଇଁ ପୁରୀ ଗୋବର୍ଦ୍ଧନ ପୀଠର ଜଗଦଗୁରୁ ପୂଜ୍ୟ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜଙ୍କ ପ୍ରତିଜ୍ଞାକୁ ସଫଳ କରିବା ପାଇଁ ସବୁ ଭାରତୀୟଙ୍କ ସହଯୋଗ ଆବଶ୍ୟକ ବୋଲି ସେ କହିଥିଲେ। ଏହି ସଭାରେ ଦିବ୍ୟ ଜୀବନ ସଂଘ, ଚିନ୍ମୟ ମିଶନ, ଗାୟତ୍ରୀ ପରିବାର, ଧର୍ମଜାଗରଣ ମଞ୍ଚ, ବିଶ୍ୱହିନ୍ଦୁ ପରିଷଦ, ଜିଲା ମଠ ମହନ୍ତ ମହାସଂଘର ସାଧୁ ସନ୍ଥ ଓ ଆଧାତ୍ମିକ ସମିତିର ସଦସ୍ୟ ଉପସ୍ଥିତ ଥିଲେ। ସନାତନ ହିନ୍ଦୁଙ୍କୁ ଏକତ୍ରିତ କରାଇ ସୁଶିକ୍ଷିତ, ସୁରକ୍ଷିତ ଓ ସୁସଂସ୍କୃତ ଭାବେ ଗଢି ତୋଳିବା ପାଇଁ କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀ ପକ୍ଷରୁ କୁହାଯାଇଛି। ଅନ୍ୟମାନଙ୍କ ମଧରେ ସନ୍ତୋଷ କୁମାର ସାହୁ, କୋଷାଧକ୍ଷ ରାମ ପ୍ରସାଦ ପଣ୍ଡା, ଶିବ ଶଙ୍କର ମାଦଳା, ପରିମଳ କୁଣ୍ଡୁ, ଶାନ୍ତିଲତା ପାଢି, ସୁଷମା ପଣ୍ଡା, ସରସ୍ୱତୀ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଏନ୍ଇଇଟି ପ୍ରବେଶିକା ପରୀକ୍ଷାରେ ସଫଳତା

ବ୍ରହ୍ମପୁର ଅଫିସ,୯।୯

ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି ଦ୍ୱାରା କରାଯାଇଥିବା ଏନ୍ଇଇଟି-୨୦୨୨ ୟୁଜ୍ଞ ପ୍ରବେଶିକା ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ମେଡ଼ିକାଲ୍ କୋଚିଂ ନେଉଥିବା ସରସ୍ୱତୀ ବିଦ୍ୟା ମନ୍ଦିର ନୀଳକଣ୍ଠନଗରର ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ସଫଳତାର ସହ ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଆନୁପାତିକ ଭିତିରେ ଏହି ଅନୁଷ୍ଠାନର ସଫଳତା ହାର ପୁନର୍ବାର ଓଡ଼ିଶାରେ ସର୍ବୋତ୍ତମ ସ୍ଥାନ ଅଧିକାର କରିଛି। ଶିକ୍ଷାନୁଷ୍ଠାନର ୬୦୦ ମାର୍କରୁ ଉର୍ଦ୍ଧ୍ୱ ନମ୍ବର ରଖି ସାଧାରଣବର୍ଗ ୫୬, ୫୯୦ ମାର୍କରୁ ଉର୍ଦ୍ଧ୍ୱ ନମ୍ବର ରଖି ୧୧୫ ଛାତ୍ରୀଛାତ୍ର ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଏଥିମଧ୍ୟରୁ ତୁଷାର ରଞ୍ଜନ ପଣ୍ଡା ୬୮୦ ମାର୍କ, ନିମିଷ କ୍ରିଷ୍ଣା ଚନ୍ଦ୍ର ପାଢ଼ୀ ୬୭୭, ସୁମନ ବେହେରା ୬୭୫, ଅମୃତାଂଶୁ ତ୍ରିପାଠୀ ୬୭୨, ରାଫିକ୍ କୁମାର ପ୍ରଧାନ ୬୬୫, ଆଶୁତୋଷ ମିଶ୍ର ୬୬୫, ଅଶିମ କୁମାର ଷଡ଼ଙ୍ଗୀ ୬୬୫, ଜ୍ୟୋତିରଞ୍ଜନ ନାୟକ ୬୬୦, ସୌରଭ କୁମାର ବେହେରା ୬୫୮, ବିଦ୍ୟାଶ୍ରୀ ମହାରଣା ୬୫୭, ଓମ୍‌କାର ପ୍ରିୟଦର୍ଶୀ ସ୍ୱାଇଁ ୬୫୫, ମଦନ ମୋହନ ପ୍ରଧାନ ୬୫୧, ରାଜେଶ ପଣ୍ଡା ୬୪୮, ରଞ୍ଜନ କୁମାର ଦାଶ ୬୪୬, ନିଗମ କୁମାର ପଣ୍ଡା ୬୪୫, ଏ.ତୋଷରତ ପାତ୍ର ୬୪୨, ବିଶାଳ ନାୟକ ୬୪୦, ସ୍ନେହାଳି ପଣ୍ଡା ୬୪୦, ଶୁଭଶ୍ରୀ ତ୍ରିପାଠୀ ୬୩୬, ଅରବିନ୍ଦ ଖଟାଇ ୬୩୫, ନିହାର ରଞ୍ଜନ ବାରିକ ୬୩୫, ଶୁଭାଶିଷ କୁମାର ଦଳାଇ ୬୩୪, ଜ୍ୟୋର୍ତିମୟୀ ପଣ୍ଡା ୬୩୪, ବିଷ୍ଣୁ କୁମାର ବେହେରା ୬୩୩, ଆଶୁତୋଷ ପ୍ରଧାନ ୬୩୩, ଚନ୍ଦନ କୁମାର ବେହେରା ୬୩୨, ଶୈଳେନ୍ଦ୍ର କୁମାର ବାହିନିପତି ୬୩୨, ଜେ. ସାଇକ୍ରିଷ୍ଣା ପୃଷ୍ଟି ୬୩୧, ଯଜ୍ଞଦତ୍ତ ନାୟକ ୬୩୧, ସତ୍ୟବ୍ରତ ପାଢ଼ୀ ୬୩୦, ସହସ୍ରନାମ ପାଢ଼ୀ ୬୨୭, ଦିପ୍ତିସୂର୍ଯ୍ୟ ବେହେରା ୬୨୭, ବିପ୍ଳେସିନୀ ସାହୁ ୬୨୩, ସୋନାଲି ପାତ୍ର ୬୨୨, ମିନତୀ ମିଶ୍ର ୬୨୨, ଗୌତମ ରଣା ୬୨୧, ଅମିଶାରାଣୀ ଦାସ ୬୨୧, ଅନ୍ୱେଷ ପଟ୍ଟନାୟକ ୬୨୧, ସ୍ମୃତିରଞ୍ଜନ ସାହୁ ୬୨୧, ରୁଦ୍ରପ୍ରସାଦ ମହାପାତ୍ର ୬୧୬, ପ୍ରୀତିପଲ୍ଲବୀ ନାୟକ ୬୧୫, ସ୍ୱୟଂପ୍ରଭା ନାୟକ ୬୧୫, ଜ୍ୟୋତିମୟୀ ଦାଶ ୬୧୪, ହରିପ୍ରସାଦ ସାହୁ ୬୦୭, ହେମନ୍ତ ପ୍ରଧାନ ୬୦୭, ଦେବୀଦତ୍ତ ଦାଶ ୬୦୫, ଗିରିଶ କୁମାର ଗୌଡ଼ ୬୦୨, ଅଂଶୁମାନ ପାତ୍ର ୬୦୨, ଆଶୁତୋଷ ପଣ୍ଡା ୬୦୨, କୀର୍ତ୍ତୀଚନ୍ଦ୍ର ପ୍ରଧାନ ୬୦୧,



ସଫଳତା ହାସଲ କରିଥିବା ନୀଳକଣ୍ଠନଗର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ଛାତ୍ରୀଛାତ୍ର।

**ନୀଳକଣ୍ଠନଗରର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର**

ଆଦିତ୍ୟ ପଟ୍ଟନାୟକ ୬୦୧, ଶିବାନୀ ପାଣିଗ୍ରାହୀ ୬୦୦, ରାମଚନ୍ଦ୍ର ପଣ୍ଡା ୬୦୦, ଉତ୍କଳିକା ନାୟକ ୬୦୦, ବିମ୍ବାଧର ପାଢ଼ୀ ୬୦୦, ମନିଷା ପାତ୍ର ୬୦୦ ନମ୍ବର ରଖି ଅନୁଷ୍ଠାନ ପାଇଁ ସୁନାମ ଅର୍ଜନ କରିଛନ୍ତି। ଏହି ସଫଳତା ପାଇଁ କୋଚିଂ ଡିଭିଜନ୍‌ର ଅଭିଜ୍ଞ ଶିକ୍ଷକମାନଙ୍କର ପ୍ରଚେଷ୍ଟାକୁ ଶ୍ରେୟ ଦିଆଯାଇଛି। ଏହି ଅନୁଷ୍ଠାନର ଉନ୍ନତମାନର ଆଧୁନିକ ପରୀକ୍ଷା ପ୍ରଣାଳୀ ସଂଗଠିତ ବ୍ୟବସ୍ଥା, ଉଚ୍ଚକୋଟିର ପାଠ୍ୟ ଖସଡ଼ା, ଛାତ୍ରୀଛାତ୍ରଙ୍କର ଆତ୍ମବିଶ୍ୱାସ ଓ କଠୋର ପରିଶ୍ରମ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ଏହି ସଫଳତା ପାଇଁ ବହୁ ଅଭିଭାବକଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟ ସମସ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

## ଯାତ୍ରୀଙ୍କୁ ଲାପ୍‌ଟପ୍ ଫେରାଇଲା ଆର୍‌ପିଏଫ୍

ବ୍ରହ୍ମପୁର ଅଫିସ,୯।୯

ସରକାରୀ ରେଳବାଇ ପୋଲିସ (ଆର୍‌ପିଏଫ) ଜଗନ୍ନାଥପୁର ରେଳଷ୍ଟେଶନ ପ୍ଲାଟଫର୍ମର ଏକ ବେଞ୍ଚରେ କେହି ଯାତ୍ରୀ ଛାଡ଼ି ଦେଇଥିବା ଏକ ଲାପଟପ ଉଦ୍ଧାର କରିଥିଲା। ସେପଟେ ଲାପଟପ୍ ହଜିଥିବା ନେଇ ଯାତ୍ରୀ ସ୍ମୃତିରଞ୍ଜନ ପ୍ରଧାନ ଖୋର୍ଦ୍ଧା ରେଳଷ୍ଟେଶନରେ ଅଭିଯୋଗ କରିଥିଲେ। ଖବର ମିଳିବାପରେ ବ୍ରହ୍ମପୁର ଆର୍‌ପିଏଫ କନଷ୍ଟେବଲ ଡି. ମହନ୍ତ ଅଭିଯୋଗକାରୀଙ୍କ ସଙ୍ଗେ ଯୋଗାଯୋଗ କରିବା ସହ ଲାପଟପ୍ ଗ୍ରହଣ କରିବା ପାଇଁ ଉପଯୁକ୍ତ କାଗଜପତ୍ର ସହିତ ବ୍ରହ୍ମପୁର ଆରପିଏଫ୍ ଥାନାକୁ ଆସିବା ପାଇଁ କହିଥିଲେ। ପୁରୀ ଗୋପ ଥାନା ଅନ୍ତର୍ଗତ ମଠ ସାହିର ସ୍ମୃତି ରଞ୍ଜନ ଉପଯୁକ୍ତ କାଗଜପତ୍ର ଶୁକ୍ରବାର ଦାଖଲ ପରେ ଆରପିଏଫ ପୋଲିସ ଥାନା ପକ୍ଷରୁ ତାଙ୍କ ଲାପଟପକୁ ଫେରାଇ ଦିଆଯାଇଛି। ଏଭଳି କାର୍ଯ୍ୟ ପାଇଁ ସ୍ମୃତି ରଞ୍ଜନ ଆରପିଏଫକୁ ପ୍ରଶଂସା କରିଥିଲେ।

# ବିସ୍ଥାପନ ପୂର୍ବରୁ ଆଦିବାସୀଙ୍କୁ ଥଇଥାନ କରାଯାଉ: ମନ୍ତ୍ରୀ

## କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ଯାଜପୁରରେ ଭବ୍ୟ ସ୍ୱାଗତ

- ବିରଜା ଦର୍ଶନ କରି ପାରିଲେନି
- ପ୍ରଶାସନ ସହ କେନ୍ଦ୍ରୀୟ ଯୋଜନାର ସମୀକ୍ଷା
- ଦଳୀୟ ପଦାଧିକାରୀଙ୍କ ବୈଠକରେ ଯୋଗଦେଲେ

ଯାଜପୁର ଅଫିସ/ଯାଜପୁର ଟାଉନ/ଯାଜପୁର ସଦର, ୯।୯(ଡି.ଏନ.ଏ.)

କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଅର୍ଜୁନ ମୁଣ୍ଡା ଶୁକ୍ରବାର ଯାଜପୁର ଜିଲା ଗସ୍ତରେ ଆସି ଜିଲା ପ୍ରଶାସନ ସହିତ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଛନ୍ତି। ଏଥିସହିତ ଜିଲା ଭାଜପା ପକ୍ଷରୁ ଆୟୋଜିତ ପଦାଧିକାରୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦଳୀୟ କର୍ମୀ, କର୍ମକର୍ତ୍ତା ଓ ପଦାଧିକାରୀଙ୍କ ସହ ସାଙ୍ଗଠନିକ ଆଲୋଚନା କରିଛନ୍ତି। ମନ୍ତ୍ରୀଙ୍କୁ ବରୁଆଁଠାରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଓ ଆରକ୍ଷୀ ଅଧୀକ୍ଷକ ରାହୁଲ ପିଆର୍ ପ୍ରଶାସନ ପକ୍ଷରୁ ସ୍ୱାଗତ କରିଥିଲେ। ଦଳ ତରଫରୁ ଜିଲା ସଭାପତି ଗୌତମ ରାୟଙ୍କ ନେତୃତ୍ୱରେ ଜିଲା ମହିଳା ସଭାପତି ବବିତା ମଲ୍ଲିକ, ଜିଲା ଯୁବ ସଭାପତି ବାବୁନି ରାଜ, ସୁକିନ୍ଦା ନିର୍ବାଚନମଣ୍ଡଳୀ ନେତା ପ୍ରଦୀପ ବଳ ସାମନ୍ତ, ଧର୍ମଶାଳାର ସ୍ମୃତିରେଖା ପହି, କୋରେଇର ବିଶ୍ୱଜିତ ନାୟକ, ବଡ଼ଚଣାର ଅମର ନାୟକ, ବରୀର ଆଶୁତୋଷ ପରିଡ଼ା ଓ ସୁରଜଲାଲ ସାମଲ, ଜିଲା ଉପସଭାପତି ସଞ୍ଜୟ ନାୟକ, ବରିଷ୍ଠ ନେତା ରମେଶ ସାମଲ, ସୁବାସ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ରବିନାରାୟଣ ବେହେରା, ସୁରେଶ ରାଉତ, ମନ୍ମଥ ବରାଳ, ମହେନ୍ଦ୍ର ରାଉତ, ସୁଶାନ୍ତ ସାହୁ, ମୃତ୍ୟୁଞ୍ଜୟ ମିଶ୍ର ପ୍ରମୁଖ ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ପରେ ମୁଣ୍ଡା ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି କେନ୍ଦ୍ରୀୟ ଯୋଜନା ଏବଂ କେନ୍ଦ୍ରୀୟ ଅନୁଦାନରେ ନିର୍ମାଣାଧୀନ ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରିଥିଲେ। ବିଶେଷ କରି ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ପୋଷଣ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଶିକ୍ଷା, ଗମନାଗମନ, ଆଦିବାସୀ କଲ୍ୟାଣ, ଜଙ୍ଗଲ ଆଇନ ଆଦି ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ମନ୍ତ୍ରୀ ମୁଣ୍ଡା କୌଣସି ପ୍ରକଳ୍ପ ନିର୍ମାଣ ବା ଅନ୍ୟ କୌଣସି ବିଶେଷ ଆବଶ୍ୟକତା ପାଇଁ ଆଦିବାସୀଙ୍କୁ ବିସ୍ଥାପିତ କରିଯିବା ପୂର୍ବରୁ ପ୍ରଥମେ ସେମାନଙ୍କୁ ଥଇଥାନ କରିବାକୁ ଜିଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ। ପ୍ରଶାସନ ଏ କ୍ଷେତ୍ରରେ ଏପରି ଉଲ୍ଲେଖନୀୟ କାର୍ଯ୍ୟ କରୁ, ଯାହାକି ଅନ୍ୟ ଜିଲା ଏବଂ ରାଜ୍ୟ ପାଇଁ ତାହା ଉଦାହରଣ ସୃଷ୍ଟି ହେବ ବୋଲି ମୁଣ୍ଡା ଆଶାବ୍ୟକ୍ତ କରିଥିଲେ। ପ୍ରଥମେ ଜିଲାପାଳ ରାଠୋର ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ ଓ ବିଭିନ୍ନ ସୂଚନା ଦେଇଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ ପିପିଟି ମାଧ୍ୟମରେ ମନ୍ତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ବିଷୟବସ୍ତୁ ଉପରେ ବିସ୍ତୃତ ବିବରଣୀ ରଖିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ, ଉପଜିଲାପାଳ ଗୋପୀନାଥ କୁଅଁର, ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିରଞ୍ଚି ନାରାୟଣ ବାରିକଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

ବୈଠକ ପରେ କିଆନାଳିଠାରେ ଚାଲିଥିବା ମେଡିକାଲ କଲେଜ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ମୁଣ୍ଡା ଅନୁଧ୍ୟାନ କରିବା ସହିତ ଠିକା ସଂସ୍ଥାର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ଦେବୀ ମା' ବିରଜାଙ୍କୁ ଦର୍ଶନ କରିବା ନିମନ୍ତେ ମନ୍ତ୍ରୀ ଓ ଅନ୍ୟମାନେ ମନ୍ଦିର ନିକଟରେ ପହଞ୍ଚିଥିଲେ। ତେବେ ସେତେବେଳେ ଦେବୀଙ୍କ ନିକଟରେ ମଧ୍ୟାହ୍ନ ଧୂପ ଚାଲିଥିବା ଯୋଗୁ ମନ୍ତ୍ରୀ ମା'ଙ୍କୁ ଦର୍ଶନ କରି ନ ପାରି ସିଂହଦ୍ୱାରଠାରେ ପ୍ରାର୍ଥନା କରିଥିଲେ। ପରେ ନିକଟସ୍ଥ ବିରଜା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ପଦାଧିକାରୀଙ୍କ ବୈଠକରେ ଯୋଗ ଦେଇଥିଲେ। ଜିଲା ସଭାପତି ରାୟଙ୍କ ଅଧ୍ୟକ୍ଷତାରେ ପୂର୍ବତନ ବିଧାୟକ ଗୁରୁଚରଣ ଟିକାୟତ, ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି, ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ପୃଥ୍ୱିରାଜ ହରିଚନ୍ଦନ, ଜିଲା ପର୍ଯ୍ୟବେକ୍ଷକ ଶାରଦା ଶତପଥୀ ପ୍ରମୁଖ ଯୋଗଦେଇ ଉପସ୍ଥିତ କର୍ମକର୍ତ୍ତାଙ୍କୁ ଆଗାମୀ ସାଧାରଣ ନିର୍ବାଚନ ପାଇଁ ଏବେଠାରୁ ସାଂଗଠନିକ କାର୍ଯ୍ୟକ୍ରମକୁ ଜୋରଦାର କରିବାକୁ କହିଥିଲେ। କେନ୍ଦ୍ର ସରକାରଙ୍କ ଯୋଜନା ଗୁଡିକ ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରାଇବା ଉପରେ ପରାମର୍ଶ ଦେଇଥିଲେ। ଉପରୋକ୍ତ ସମସ୍ତ ନିର୍ବାଚନମଣ୍ଡଳୀ ନେତାଙ୍କ ସମେତ ରାଜ୍ୟ, ଜିଲା, ବ୍ଲକ, ମଣ୍ଡଳ ଓ ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



କେନ୍ଦ୍ରମନ୍ତ୍ରୀ ଓ ଅନ୍ୟମାନେ ମେଡିକାଲ କଲେଜ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିବାକୁ ଯାଉଛନ୍ତି।

## ସଂକ୍ଷେପରେ

### ଓଳେଇ ଚନ୍ଦନପୁର ହାଇସ୍କୁଲରେ ଶିକ୍ଷାଦାନ ବିପର୍ଯ୍ୟସ୍ତ

ସିଂହପୁର,୯।୯(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଓଳେଇ ଚନ୍ଦନପୁର ପଞ୍ଚାୟତର ଓଳେଇ ଚନ୍ଦନପୁର ସରକାରୀ ହାଇସ୍କୁଲରେ ଶିକ୍ଷକ ଅଭାବରୁ ପାଠପଢ଼ା ବିପର୍ଯ୍ୟସ୍ତ ହୋଇପଡିଛି। ଏହି ବିଦ୍ୟାଳୟଟି ୧୯୮୧ରେ ପ୍ରତିଷ୍ଠା ହୋଇଥିଲା। ସରକାରଙ୍କ ପକ୍ଷରୁ ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଏବେ ବିଦ୍ୟାଳୟ ରୂପାନ୍ତରିତ ହୋଇଛି। ତେବେ ବିଦ୍ୟାଳୟର ପାରିପାର୍ଶ୍ୱିକ ପରିବର୍ତ୍ତନ ହୋଇଥିଲେ ମଧ ଶିକ୍ଷକ ଅଭାବ ପୂରଣ ହୋଇନାହିଁ। ବିଦ୍ୟାଳୟର ବିଜ୍ଞାନ, ସାହିତ୍ୟ ଓ ହିନ୍ଦୀ ଶିକ୍ଷକ ପଦବୀ ଖାଲିପଡ଼ିଛି। ଗତ ମାସ ୩୧ ତାରିଖରେ ପ୍ରଧାନଶିକ୍ଷକଙ୍କ ଅବସର ହୋଇଥିବାରୁ ଏହି ପଦବୀ ମଧ ଖାଲି ରହିଛି। ତୁରନ୍ତ ଏହି ସମସ୍ତ ବିଷୟର ଶିକ୍ଷକ ଓ ପ୍ରଧାନଶିକ୍ଷକ ପଦବୀ ପୂରଣ କରିବାକୁ ଜିଲା ଶିକ୍ଷାଧିକାରୀ ଓ ଜିଲାପାଳଙ୍କ ନିକଟରେ ଛାତ୍ରୀଛାତ୍ର ଏବଂ ଅଭିଭାବକ ଦାବି କରିଛନ୍ତି।

### ୧୫.୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ: ୩ କୋର୍ଟ ଚାଲାଣ

**ବାଲିକୁଦା,୯।୯(ସ୍ୱ.ପ୍ର.):** ବାଲିକୁଦା ପୋଲିସ ପକ୍ଷରୁ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରଯାଇ ୧୫.୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଏହି ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ କାଳିଓ ପଞ୍ଚାୟତ ଅନ୍ତର୍ଗତ ଭୋଦା ଗାଁର ଦୀପକ ସ୍ୱାଇଁ (୨୭) ଓରଫ ଦିପୁ, ଇଚ୍ଛାପୁର ପଞ୍ଚାୟତର ସୋମନାଥ ସାହୁ (୩୩) ଓ ଅନନ୍ତପୁର ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣଡ଼ିହି ଗାଁର ସୁଶାନ୍ତ ସେଠ୍ (୩୩)। ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଆଳି ପିଙ୍ଗଳ ଉପକାରାଗାରକୁ ପଠାଇ ଦିଆଯାଇଛି। ଏ ନେଇ ଥାନାରେ ମାମଲା (ନଂ.୩୯୨/୨୨) ରୁଜୁ ହୋଇଛି।

### ଛାତରୁ ଖସି ନିର୍ମାଣ ଶ୍ରମିକଙ୍କ ମୃତ୍ୟୁ

**ମାହାଙ୍ଗା, ୯।୯(ସ୍ୱ.ପ୍ର.):** ଛାତ ଉପରୁ ଖସି ପଡ଼ିବାରୁ କଟକ ଜିଲା ମାହାଙ୍ଗା ଥାନା ମୂଳବସନ୍ତ ପଞ୍ଚାୟତ ଅନ୍ତର୍ଗତ ସିପୁରା ଗ୍ରାମର ଜଣେ ନିର୍ମାଣ ଶ୍ରମିକଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ହେଲେ ଧନେଶ୍ୱର ବେହେରା (୫୨)। ସେ ପଣସପୁର ପଞ୍ଚାୟତ ଅନ୍ତର୍ଗତ ଅକରପଡା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଛାତ ଉପରେ କାମ କରୁଥିଲେ। ଏହି ସମୟରେ ଗୋଡ଼ ଖସିଯିବାରୁ ସେ ତଳେ ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ନଡିଆସାହାସପୁର ସ୍ୱାସ୍ଥକେନ୍ଦ୍ର ପରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଧନେଶ୍ୱରଙ୍କ ମୃତ୍ୟୁ ଘଟିଛି।

### ଯୁବକଙ୍କ ମୃତଦେହ ଜବତ

ବାଲିକୁଦା,୯।୯ (ସ୍ୱ.ପ୍ର.): ବାଲିକୁଦା ଥାନା ଅନ୍ତର୍ଗତ ଅଳାବୋଳ ଗାଁର ଶୁଖିଲା କେନାଲରୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ଜିତେନ୍ଦ୍ର ବେହେରା(୪୦)। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଜିତେନ୍ଦ୍ର ଦୁଗ୍ଧ ବ୍ୟବସାୟ କରନ୍ତି। ସେ ସବୁଦିନ ପରି ଶୁକ୍ରବାର ସନ୍ଧ୍ୟାରେ ପଡ଼ୋଶୀ ପୁରଣ ଗାଁର ଏକ ଦୁଗ୍ଧ ସେବା ସମବାୟ ସମିତିକୁ ଦୁଗ୍ଧ ନେଇ ଗାଁ କେନାଲ ବନ୍ଧ ବାଟ ଦେଇ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି କେନାଲ ଭିତରୁ ଅଚେତ ଅବସ୍ଥାରେ ପାଇଥିଲେ। ସେଠାରେ ତାଙ୍କ ସାଇକେଲ୍ ଓ କ୍ଷୀର କେନ୍ ପଡ଼ିଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ତାଙ୍କୁ ଉଦ୍ଧାର କରି ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଜିତେନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ବାଲିକୁଦା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୨) ରୁଜୁକରି ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟ ପଠାଇଛି।

### ଅଭିଯୁକ୍ତଙ୍କୁ ୯ ମାସ ଜେଲ

ଜଗତ୍‌ସିଂହପୁର ଅଫିସ, ୯।୯: ବାଲିକୁଦା ଥାନା ଅନ୍ତର୍ଗତ ଶୋଭା ଗ୍ରାମରେ ଜମିଜମା ଭାଗବଣ୍ଟାକୁ ନେଇ ୨୦୨୧ରେ ଦୁଇ ଭାଇ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏନେଇ ଦୀଲିପ ବିଶ୍ୱାଳଙ୍କ ଅଭିଯୋଗ ଆଧାରରେ ମାମଲା (ନଂ.୪୫୦/୨୧) ରୁଜୁ ହୋଇଥିଲା। ଏହି ମାମଲାର ବିଚାର କରି ଜଗତ୍‌ସିଂହପୁର ସିଜେଏମ୍ ପ୍ରିୟରଞ୍ଜନ ମିଶ୍ର ଅଭିଯୁକ୍ତ ପ୍ରଦୀପ ବିଶ୍ୱାଳ (୩୫)ଙ୍କୁ ୯ ମାସ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏନେଇ ଏପିପି କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

# ପ୍ରଶିକ୍ଷାର୍ଥୀ ଶୃଙ୍ଖଳିତ ହେଲେ ସୁଶିକ୍ଷକ ହୋଇପାରିବେ



ମଞ୍ଚାସୀନ ଅତିଥିଙ୍କୁ ସ୍ୱାଗତ କରାଯାଉଛି।

## ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ବର୍ଣ୍ଣାଳୀ ଅନୁଷ୍ଠିତ

କୋରେଇ,୯।୯(ସ୍ୱ.ପ୍ର.)

କୋରେଇ ବ୍ଲକ୍ ଅଧୀନ ତଳଗଡ଼ ପଞ୍ଚାୟତ ନଗୁଆଁଠାରେ ଥିବା ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ 'ବର୍ଣ୍ଣାଳୀ' ଏହାର ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ନିବେଦିତା ଗୁରୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ମୁଖ୍ୟଅତିଥି ଭାବେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଶିବଚରଣ ମାଝି ଓ ସମ୍ମାନିତ ଅତିଥି ସୁବକ୍ତା ତଥା ଶିକ୍ଷକ ଶିକ୍ଷା ଏବଂ ରାଜ୍ୟ ଗବେଷଣା ପ୍ରଶିକ୍ଷଣ ପରିଷଦର ସହ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ରଥ ଯୋଗ ଦେଇଥିଲେ।

ପ୍ରଶିକ୍ଷାର୍ଥୀମାନେ ଶୃଙ୍ଖଳିତ ଓ ସଂଯମୀ ହେଲେ ଭବିଷ୍ୟତରେ ଜଣେ ସୁଶିକ୍ଷକ ହୋଇପାରିବେ। ଉକ୍ତ ଅନୁଷ୍ଠାନ ଏକ ଶିକ୍ଷକ ତିଆରି କାରଖାନା। ତେଣୁ ସମସ୍ତଙ୍କ ଆଚାର ବିଚାର ଉନ୍ନତ ହେବାର ଆବଶ୍ୟକତା ଥିବା ଅତିଥି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଗୀତାଞ୍ଜଳି ସେଠୀ, ପ୍ରତାପ ଚନ୍ଦ୍ର ଜେନା, ସୁଶାନ୍ତ କୁମାର ନାୟକ, ଡ. ସସ୍ମିତା ପରିମାଣିକ, ଡ. ସସ୍ମିତା ସାହୁ, ଲିଳିମା ସାହୁ, ଅନିତା ବେହେରା, ତପସ୍ୱିନୀ ନାୟକ, ବିଜୟ କୁମାର ଧଳ, ମାନସ ନାୟକ, ସୁଲୋଚନା ଦେହୁରି, ଇତିଶ୍ରୀ ବିଶ୍ୱାଳ, କ୍ରିଷ୍ଣା ଗୌତମୀ ନାଥ, ସୁଚିସ୍ମିତା ବଳ ଓ ନୀଳିମା ପ୍ରିୟଦର୍ଶିନୀ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ୭୪ ନାବାଳିକା, ଯୁବତୀ ଉଦ୍ଧାର

ଧର୍ମଶାଳା,୯।୯(ଡି.ଏନ.ଏ.)

ଗୃହ ବିଭାଗ ନିର୍ଦ୍ଦେଶକ୍ରମେ ଧର୍ମଶାଳା ବ୍ଲକର ଜେନାପୁର ଓ ଧର୍ମଶାଳା ଥାନା ପକ୍ଷରୁ ଗତ ୧ ତାରିଖରୁ ଶୁକ୍ରବାର ସୁଦ୍ଧା ୭୪ଜଣ ଅପହୃତା, ନିଖୋଜ ନାବାଳିକା ଓ ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ଧର୍ମଶାଳା ଥାନା ପକ୍ଷରୁ ଅପହୃତା ୧୨ ଯୁବତୀ ଓ ୪ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ଯୁବତୀଙ୍କ ମଧ୍ୟରୁ ୪ଜଣ ଯୁବତୀ ଓ ଜଣେ ନାବାଳିକକାଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ୮ଜଣ ଯୁବତୀ ଓ ୩ଜଣ ନାବାଳିକାଙ୍କୁ ସ୍ୱଧାର ଗୃହକୁ ପଠାଯାଇଛି ବୋଲି ଧର୍ମଶାଳା ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି। ସେହିପରି ଜେନାପୁର ଥାନା ପକ୍ଷରୁ ୫୮ଜଣ ଅପହୃତା ଯୁବତୀଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ବ୍ଲକ କାର୍ଯ୍ୟାଳୟରେ ନିଶାଦ୍ରବ୍ୟ ବ୍ୟବହାର ନିଷେଧ

- ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଅଫିସରେ ରହିବେ କର୍ମଚାରୀ
- ନିଶାଦ୍ରବ୍ୟ ବ୍ୟବହାର କଲେ ୧୦୦୦ ଟଙ୍କା ଯାଏ ଜରିମାନା

ରସୁଲପୁର,୯।୯(ଡି.ଏନ.ଏ.)

ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ନିଶାଦ୍ରବ୍ୟ ବ୍ୟବହାର ନିଷେଧ ହୋଇଛି। ଏଥିସହିତ କର୍ମଚାରୀଙ୍କ କାର୍ଯ୍ୟ କରିବାର ସମୟ ଧାର୍ଯ୍ୟ କରାଯାଇଛି। ଏନେଇ ବିଡିଓ ଅବନିକାନ୍ତ ସାହୁ ୨ଟି ନିର୍ଦ୍ଦେଶନାମା ଜାରି କରିଛନ୍ତି। ବିଡିଓ ସାହୁଙ୍କ ଏତାଦୃଶ ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

ବ୍ଲକ କାର୍ଯ୍ୟାଳୟ ପରିସରରକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ପାଇଁ ବିଡିଓଙ୍କ ପତ୍ର ସଂଖ୍ୟା–୩୪୭୪/ତା୦୫।୦୯।୨୦୨୨ରେ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣ ଓ କର୍ମଚାରୀ କାର୍ଯ୍ୟାଳୟ ପରିସରରେ ନିଶାଦ୍ରବ୍ୟ ସେବନ କରିପାରିବେ ନାହିଁ। ଏଦିଗରେ ତ୍ରୁଟିବିଚ୍ୟୁତି ପରିଲକ୍ଷିତ ହେଲେ ଆର୍ଥିକ ଜରିମାନା ଲାଗୁ କରାଯିବ। ପାନ ସେବନ ପାଇଁ ୫୦୦ଟଙ୍କା, ବିଡିଓ ସିଗାରେଟ–୨୦୦, ଗୁଟ୍‌ଖା–୫୦୦ ଓ ମାଦକ ଦ୍ରବ୍ୟ ପାଇଁ ୧୦୦୦ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। ସେହିଭଳି ବିଡିଓଙ୍କ ପକ୍ଷରୁ ଜାରି କରାଯାଇଥିବା ଆଉ ଏକ ପତ୍ର ସଂଖ୍ୟା–୩୫୧୯/ତା–୦୭।୦୯।୨୦୨୨ରେ ଉଲ୍ଲେଖ କରାଯାଇଛି ଯେ, ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସକାଳ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଅଫିସରେ ଉପସ୍ଥିତ ରହିବେ। ଯେଉଁ କର୍ମଚାରୀ ଛୁଟି ନେବେ ଅବା କାର୍ଯ୍ୟାଳୟ ବାହାରକୁ ଯିବେ ସେମାନେ ବିଡିଓଙ୍କ ଅନୁମତି ନେବେ। ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକମାନେ ପଞ୍ଚାୟତ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସରେ ଅନ୍ୟୁନ ୨ ଘଣ୍ଟା ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଲୋକଙ୍କ ସମସ୍ୟା ପଞ୍ଚାୟତସ୍ତରରେ ସମାଧାନ କରାଯିବା ନେଇ ଚେଷ୍ଟା କରାଯିବ। ଆବଶ୍ୟକ ସ୍ଥଳେ ବ୍ଲକର ସହାୟତା ନିଆଯିବ। ଲୋକେ ଅଯଥା ବ୍ଲକ କାର୍ଯ୍ୟାଳୟକୁ ଆସି ସମୟ ଅପଚୟ ନ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ଯୁବ ବିଜେଡି

ଧର୍ମଶାଳା,୯।୯(ଡି.ଏନ.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ ରାଜ୍ୟ ବନ୍ୟା ନିୟନ୍ତ୍ରଣ ବୋର୍ଡର ଟେକ୍ନିକାଲ(ଟିଏସି) ସଦସ୍ୟ ଭାବେ ମନୋନୀତ କରିଛନ୍ତି। ଏନେଇ ଧର୍ମଶାଳା ଯୁବ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଛି। ବ୍ଲକ ଯୁବ ବିଜେଡି ସଭାପତି କ୍ଷିତୀଶ କୁମାର ନାୟକଙ୍କ ନେତୃତ୍ୱରେ ଶୁକ୍ରବାର ଯୁବ ବିଜେଡି କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହିତ ଜାରକା ବଜାର ପରିକ୍ରମା କରିଥିଲେ। ପରେ ଧର୍ମଶାଳା ବିଧାୟକଙ୍କୁ ଅଭିନନ୍ଦନ ଜଣାଇଥିଲେ। କାର୍ଯ୍ୟକ୍ରମରେ ଧର୍ମଶାଳା ବିଜୁ ଯୁବ ଜନତା ଦଳର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଯାଜପୁର ଜିଲା ବନ୍ୟା ପ୍ଲାବିତ ଅଞ୍ଚଳ ହୋଇଥିବାରୁ ବନ୍ୟା ନିରାକରଣ ଦିଗରେ ବିଧାୟକ ସ୍ଥାୟୀ ପ୍ରତିକାର କରିବା ନେଇ ଜନସାଧାରଣ ଆଶାବ୍ୟକ୍ତ କରିଛନ୍ତି।




ଯୁବ ବିଜେଡି କର୍ମକର୍ତ୍ତାଙ୍କ ଶୋଭାଯାତ୍ରା ବଜାର ପରିକ୍ରମା କରୁଛି।

# ନିଯୁକ୍ତି ଦାବିରେ ବିକ୍ଷୋଭ



କଳିଙ୍ଗନଗର, ୯।୯ (ଡି.ଏନ୍.ଏ.)

ସ୍ଥାନୀୟ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେବା ଦାବିରେ ଶୁକ୍ରବାର କଳିଙ୍ଗନଗର ଶିଳ୍ପାଞ୍ଚଳର ଜିନ୍ଦଲ ଷ୍ଟେନଲେସ୍ କାରଖାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କଳିଙ୍ଗନଗର ମଜଦୁର ୟୁନିୟନ ଡାକରାରେ ପୂର୍ବାହ୍ନରେ ଯୁବକମାନଙ୍କ ଏକ ଶୋଭାଯାତ୍ରା ମାନପୁର ରେଳ ଓଭରବ୍ରିଜ ନିକଟରୁ ବାହାରି କାରଖାନା ମୁଖ୍ୟ ଫାଟକରେ ପହଞ୍ଚିଥିଲା। ଏହାପରେ ଯୁବକମାନେ ଧାରଣା ଦେଇଥିଲେ। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶୈଳେଶ ଟପୋ, ଯଖପୁରା ଥାନା ଅଧିକାରୀ ଜଗଦୀଶ କର ଓ ଜିନ୍ଦଲ କାରଖାନାର ବାହ୍ୟ ସମ୍ପର୍କ ବିଭାଗ ଅଧିକାରୀ ଆନ୍ଦୋଳନସ୍ଥଳରେ ପହଞ୍ଚି ଧାରଣାରତ ଯୁବକମାନଙ୍କୁ ବୁଝାଶୁଝା କରିଥିଲେ। ୮ ଦିନ ମଧ୍ୟରେ ପ୍ରଶାସନ ଉଦ୍ୟମରେ ସ୍ଥାନୀୟ ବିଧାୟକ ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇଙ୍କ ଉପସ୍ଥିତିରେ ଆନ୍ଦୋଳନକାରୀମାନଙ୍କ ଦାବି ନେଇ ଆଲୋଚନା କରାଯିବାକୁ ପ୍ରତିଶ୍ରୁତି ଦିଆଯିବା ପରେ ସନ୍ଧ୍ୟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। କଳିଙ୍ଗନଗର ମଜଦୁର ୟୁନିୟନର ସାଧାରଣ ସମ୍ପାଦକ ଅଜାର ଅହମ୍ମଦ ଖାନ୍ ଏବଂ ଚନ୍ଦନ କର, ସୁଜିତ ରାଉତ, ଜୟନ୍ତ ରାଉତ, ମନୋଜ ବେହେରା, ଡିଜେଲ ବେହେରା, ସୁଦାମ ପୋଇ, ଏସ୍. କେ. ମୁର୍ସଲିମ୍, ତାରିକ୍ ଅଜିଜ, ପ୍ରଦୀପ ବିଶ୍ୱାଳ, କୃଷ୍ଣା ପ୍ରଧାନ, କୃଷ୍ଣ ପାଳ, ବିଜୟ ଦଳାଇ, ଧର୍ମେନ୍ଦ୍ର ଜେନା, ମୃତ୍ୟୁଞ୍ଜୟ ଦେଓ, ସୁରେଶ ମହାନ୍ତ ଓ ରୁଦ୍ର ନାରାୟଣ ଦାସ ଏବଂ ନାରୀନେତ୍ରୀ ଅବନ୍ତୀ ସାମଲ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

## ୧୧ରେ ଅମୃତୋତ୍ସବ

**ଜଗତ୍‌ସିଂହପୁର ଅଫିସ, ୯।୯:** ଅମୃତା ଫାଉଣ୍ଡେଶନ୍ ବାର୍ଷିକୋତ୍ସବ ଅମୃତୋତ୍ସବ ୨୦୨୨ ସେପ୍ଟେମ୍ବର ୧୧ରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ପାଳିତ ହେବ। ଏଥିରେ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଚମ୍ପା ମଦର ଆୱାର୍ଡ ୨୦୨୨ ପ୍ରଦାନ କରାଯିବ। ଏଥିସହ ୧୬ ଜଣ ଛାତ୍ରୀଙ୍କୁ ଅମୃତ କନ୍ୟା ରୂପେ ଗ୍ରହଣ କରାଯିବ।

# ୨ ଗୋରୁ ବୋଝେଇ ଗାଡ଼ି ଜବତ

କୋରେଇ,୯।୯(ସ୍ୱ.ପ୍ର)

କୋରେଇ ଥାନା ଅନ୍ତର୍ଗତ ନୂଆଗଡ଼ ଗୋଲେଇ ଛକ ଦେଇ ଯାଉଥିବା ୨ ଗୋରୁ ବୋଝେଇ ଗାଡିକୁ ଅଟକାଇ ପୋଲିସ ଜିମା ଦେଇଛନ୍ତି ବଜରଙ୍ଗ ଦଳ କର୍ମୀ। ପୋଲିସ ପକ୍ଷରୁ ଗୋରୁଙ୍କୁ ବ୍ୟାସନଗରସ୍ଥିତ ଗୋଶାଳାରେ ରଖାଯାଇଛି। ପାଣିକୋଇଲି ଥାନା ପଥରପଦାରୁ ଠାକୁରମୁଣ୍ଡାକୁ ୨ଟି ପିକଅପ୍ ଗାଡ଼ିରେ ଅତି ଦୟନୀୟ ଭାବେ ୨୦ଟି ଗୋରୁଙ୍କୁ ନିଆଯାଉଥିଲା। ଖବର ପାଇ ବଜରଙ୍ଗ ଦଳର ସଦସ୍ୟ ଏବଂ ସ୍ଥାନୀୟ ବାସିନ୍ଦା ଗାଡି ୨ଟିକୁ ୨୦ ନମ୍ବର ଜାତୀୟ ରାଜପଥର ନୂଆଗଡ ଗୋଲେଇ ଛକ ନିକଟରେ ଅଟକାଇ କୋରେଇ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିକୁ ଜବତ କରିବା ସହ ୪ ଜଣ ଯୁବକଙ୍କୁ ନିଜ ହେପାଜତକୁ ନେଇଥିଲା। ତେବେ ଜିଲାରେ ବାରମ୍ବାର ବେଆଇନ ଭାବେ ଗୋଚାଲାଣ ହେଉଥିବାରୁ ସାଧାରଣରେ ଉତ୍ତେଜନା ପ୍ରକାଶ ପାଉଛି। କେନ୍ଦୁଝରଠାରୁ ଆରମ୍ଭ କରି ଢେଙ୍କାନାଳ ପର୍ଯ୍ୟନ୍ତ ପ୍ରତିଦିନ ଗୋଚାଲାଣକାରୀ ପଶ୍ଚିମବଙ୍ଗକୁ ଗୋଚାଲାଣ କରୁଛନ୍ତି। ହେଲେ ପୋଲିସ କି ଗୋଇନ୍ଦା ବିଭାଗ ଏକଥା ଜାଣିପାରୁନି। ତେବେ ଆଗାମୀ ଦିନରେ ଏହି ବେଆଇନ ଗୋ ଚାଲାଣକୁ ବନ୍ଦ କରା ନ ଗଲେ ବଡ଼ ଧରଣର ଆନ୍ଦୋଳନ ହେବବୋଲି ବଜରଙ୍ଗ ଦଳ ତରଫରୁ ଚେତାବନୀ ଦିଆଯାଇଛି।



# ୨ ବାଘ ଶିକାର ଘଟଣା ପଦାକୁ ଆସିଲା

- ଚାପିଦେବାକୁ ଉଦ୍ୟମ କରିଥିଲା ବନ ବିଭାଗ
- ହାଇକୋର୍ଟ ନିର୍ଦ୍ଦେଶ ପରେ ପୋଲିସର ଭାଙ୍ଗିଲା ନିଦ
- ପୂର୍ବତନ ଏସିଏଫ୍, ରେଞ୍ଜରଙ୍କ ସମେତ ୧୫ ଜଣଙ୍କ ନାମରେ ମାମଲା

ନୟାଗଡ଼ ଅଫିସ/ରଣପୁର,୯।୯(ସ୍ୱ.ପ୍ର.)

ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜ୍ ନୟାଗଡ଼ ଜିଲାର ଅସୁରକୁମାରୀ ଜଙ୍ଗଲରେ ୨୦୨୦ ଏପ୍ରିଲରେ ଘଟିଥିବା ୨ ବାଘ ଶିକାର ଘଟଣାର ଗୁମର ଖୋଲିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ରଣପୁର ଥାନା ପୋଲିସ ଖୋର୍ଦ୍ଧା ବନଖଣ୍ଡର ତତ୍କାଳୀନ ଏସିଏଫ୍ ରବୀନ୍ଦ୍ର ମହାପାତ୍ର, ଭାରପ୍ରାପ୍ତ ସହକାରୀ ରେଞ୍ଜର ଶରତ ଚନ୍ଦ୍ର ଶତପଥୀ, ଫରେଷ୍ଟ ଗାର୍ଡ ରୀତା ସାହୁ, ରଣପୁର ଫରେଷ୍ଟର କୈବଲ୍ୟ ବେହେରା, ମା'ଅସୁରକୁମାରୀ ବନ ସୁରକ୍ଷା ସମିତି ସଭାପତି ସଦାଶିବ ଇନ୍ଦ୍ରଜିତ ଓ ସମ୍ପାଦକ ବିଜୟ କୁମାର ପରିଡା, ବଜ୍ରକୋଟ ଗାଁ ସଭାପତି ସୁରେଶ ଚନ୍ଦ୍ର ପ୍ରଧାନଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ ଜଣଙ୍କ ନାମରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ବାଘ ଶିକାର ଓ ଜାଲ୍ ରିଜୋଲୁ୍ୟଶନ କରି କିପରି ଏହି ଘଟଣାକୁ ଚାପି ଦିଆଯାଇଥିଲା ସେନେଇ ଅଭିଯୋଗକାରୀ ରଣପୁର ଥାନାରେ ଅଭିଯୋଗ କରିଥିଲେ। ଏପରି କି ଏସ୍‌ପିଙ୍କୁ ମଧ୍ୟ ଅବଗତ କରାଇଥିଲେ। ହେଲେ ସେ ସମୟରେ ରଣପୁର ଥାନା ଆଇଆଇସି ଓ ନୟାଗଡ଼ ଏସ୍‌ପି ଘଟଣାକୁ ଅଣଦେଖା କରି ବନ ବିଭାଗକୁ ସୁରକ୍ଷା ଦେଇଥିବା ଅଭିଯୋଗ କରି କୋର୍ଟରେ ମାମଲା ରୁଜୁ ହୋଇଥିଲା।

ବଜ୍ରକୋଟ ଗାଁର ଲିଙ୍ଗରାଜ ସାମନ୍ତରାୟଙ୍କ ଅଭିଯୋଗ ଅନୁଯାୟୀ, ୨୦୨୦ ଏପ୍ରିଲରେ ଅସୁରକୁମାରୀ ସଂରକ୍ଷିତ ଜଙ୍ଗଲର ବଜ୍ରକୋଟ ଅଞ୍ଚଳରେ ଦୁଇଟି ବାଘକୁ ଶିକାର କରାଯାଇ ଥିଲା। ଶିକାରୀମାନେ ବନ୍ୟ ଜୀବଜନ୍ତୁଙ୍କ ଶିକାର ପାଇଁ କରିଥିବା ବିଦ୍ୟୁତ୍ ଫାଶରେ ପଡ଼ି ମା' ଓ ଛୁଆ କଲରାପତରିଆ ବାଘର ମୃତ୍ୟୁ ଘଟିଥିଲା। ଶିକାରୀମାନେ ବାଘର ହାଡ଼ ଓ ଚମଡ଼ା ନେଇଯାଇଥିଲେ ମଧ୍ୟ କିଛି ଅଂଶ ରାସ୍ତାରେ ପଡ଼ି ରହିଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବନ ବିଭାଗର ନିଦ ଉଡ଼ିଯାଇଥିଲା। ପରେ ବାଘ ଶିକାର ଘଟଣାର ତଦନ୍ତ ହୋଇଥିଲା। ରଣପୁର ବନ ବିଭାଗର କର୍ମଚାରୀ ଓ ଅଧିକାରୀ ବାଘ ଶିକାର ଘଟଣାର ଖୋଳତାଡ଼ କରିଥିଲେ। ପରେ ବିଭାଗ କର୍ମଚାରୀ କିଛି ଚମଡ଼ା, ହାଡ଼ ଜବତ କରିଥିଲେ। ତେବେ ବାଘ ଶିକାର କିଏ କଲା, କାହିଁକି କଲା ତା'ର ତଦନ୍ତ ନ ହୋଇ ଉକ୍ତ ଘଟଣାକୁ ଚାପିଦେବା ପାଇଁ ଉଦ୍ୟମ ହୋଇଥିଲା। ଅସୁରକୁମାରୀ ଜଙ୍ଗଲରେ ବାଘ ନାହାନ୍ତି ବୋଲି ରିପୋର୍ଟ ଦିଆଯାଇଥିଲା। ଏପରି କି କେହି ବାଘ ଚମଡ଼ା ଓ ହାଡ଼ ଆଣି ଅସୁରକୁମାରୀରେ ଫୋପାଡ଼ି ଦେଇଥିବା କୁହାଯାଇଥିଲା। ବନ ବିଭାଗକୁ ବଦନାମ୍ କରିବା ପାଇଁ ଷଡ଼ଯନ୍ତ୍ର କରାଯାଇଥିବା ରିପୋର୍ଟରେ ଦର୍ଶାଯାଇଥିଲା। ଏପରି କିଛି ଦର୍ଶାଯାଇ ବଜ୍ରକୋଟ ଗାଁର ଲୋକଙ୍କଠାରୁ ସ୍ୱାକ୍ଷର ନେବା ପାଇଁ ତତ୍କାଳୀନ ଭାରପ୍ରାପ୍ତ ରେଞ୍ଜର ଓ କର୍ମଚାରୀ ଗାଁକୁ ଆସି ଲୋକଙ୍କୁ ବୁଝାଶୁଝା କରିଥିଲେ। ହେଲେ କେତେଜଣ ଲୋକ ଯୁକ୍ତି ବାଢ଼ିଥିଲେ ଅସୁରକୁମାରୀ ଜଙ୍ଗଲରେ ବାଘ ଚଳପ୍ରଚଳ ହେଉଛନ୍ତି । ସ୍ଥାନୀୟ ଲୋକେ ବାଘଙ୍କୁ ବିଭିନ୍ନ ସମୟରେ ଦେଖିଛନ୍ତି। ଏପରି କି ବାଘ ଛେଳି ଖାଇଥିବା ଲୋକେ ବିଭାଗକୁ କହିଥିଲେ। ଏହାପରେ ବିଭାଗ କର୍ମଚାରୀ ଫେରିଯାଇ ଉକ୍ତ ଘଟଣାକୁ ଲୁଚାଇବା ପାଇଁ ଯୋଜନା କରିଥିଲେ। ଏନେଇ ଲିଙ୍ଗରାଜ ଆରଟିଆଇରେ ତଥ୍ୟ ମାଗିଥିଲେ ମଧ୍ୟ ତଦନ୍ତରେ ବ୍ୟାଘାତ ସୃଷ୍ଟି ହେବା ଦର୍ଶାଇ ଜନସୂଚନା ଅଧିକାରୀ ଖୋର୍ଦ୍ଧା ଡିଏଫ୍‌ଓଙ୍କ କାର୍ଯ୍ୟାଳୟ, ଜନସୂଚନା ଅଧିକାରୀ ଜଙ୍ଗଲ ଓ ପରିବେଶ ବିଭାଗ ଦେଇ ନ ଥିଲେ। ପରବର୍ତ୍ତୀ ସମୟରେ ପିସିଏଫ୍‌ଙ୍କୁ ସୂଚନା ଆଇନରେ ତଥ୍ୟ ମାଗିଥିଲେ। ସୂଚନା ଅଧିକାରରେ ମିଳିଥିବା ତଥ୍ୟରୁ ବାଘ ଶିକାର ଘଟଣାକୁ ଲୁଚାଯାଇଥିବା ଜଣାପଡ଼ିଥିଲା। ମା' ଅସୁରକୁମାରୀ ବନ ସୁରକ୍ଷା ସମିତି ବଜ୍ରକୋଟର ବୈଧତା ନ ଥିବାବେଳେ ଏହାର କାର୍ଯ୍ୟକାରୀ ସଭାପତି ସଦାଶିବ ଇନ୍ଦ୍ରଜିତ ଓ ସମ୍ପାଦକ ବିଜୟ କୁମାର ପରିଡ଼ା ଫେକ୍ ରିଜୋଲୁ୍ୟଶନ ତିଆରି କରି ଜଙ୍ଗଲରେ ବାଘ ନ ଥିବା ଦର୍ଶାଇଥିଲେ। ଏପରି କି କେହି ବାଘ ଶିକାର କରିବା ପରେ ଅସୁରକୁମାରୀ ଜଙ୍ଗଲରେ ଫୋପାଡ଼ି ଦେଇଛନ୍ତି । ସମ୍ପୃକ୍ତ ବ୍ୟକ୍ତି ରଣପୁର ବନ ବିଭାଗ, ବଜ୍ରକୋଟ ଗ୍ରାମବାସୀ ଓ ମା' ଅସୁରକୁମାରୀ ବନ ସୁରକ୍ଷା ସମିତିକୁ ବଦନାମ୍ କରିବାକୁ ଏପରି କରିଛନ୍ତି ବୋଲି ଦର୍ଶାଇଥିଲେ। ସେହିପରି ବାଘ ଶିକାର ନେଇ ଗାଁରେ ସଭା ନ କରି ଗାଁ ସଭାପତିଙ୍କ ଘରେ ଗୁପ୍ତ ବୈଠକ କରାଯାଇଥିଲା। ମାଛ ଭାଗବଣ୍ଟା ହେବା ବାହାନାରେ ଚଞ୍ଚକତା କରି କେତେଜଣ ଲୋକଙ୍କଠାରୁ ଦସ୍ତଖତ ନିଆଯାଇଥିଲା । ତାହାକୁ ବାଘ ଶିକାର ଫାଇଲରେ ଯୋଡ଼ି ଶୀତଳଭଣ୍ଡାରରେ ଫୋପାଡ଼ି ଦିଆଯାଇଥିଲା। ଏ ନେଇ ୨୦୨୧ ନଭେମ୍ବର ୮ରେ ରଣପୁର ଥାନା ଆଇଆଇସିଙ୍କ ନିକଟରେ ଅଭିଯୋଗ ହୋଇଥିଲା। ପରେ ୨୦୨୧ ନଭେମ୍ବର ୧୯ରେ ରେଜିଷ୍ଟ୍ରି ଡାକ ଯୋଗେ ଲିଙ୍ଗରାଜ ଏସ୍‌ପିଙ୍କୁ ମଧ୍ୟ ଅନୁରୂପ ଅଭିଯୋଗ କରିଥିଲେ। ହେଲେ ପୋଲିସ ଏତଲାକୁ ପଞ୍ଜୀକୃତ କରି ନ ଥିଲା। ନ୍ୟାୟ ନ ମିଳିବାରୁ ଅଭିଯୋଗକାରୀ ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ ।

ଏନେଇ ଲିଙ୍ଗରାଜ ସାମନ୍ତରାୟ କୁହନ୍ତି, ବିଳମ୍ବ ହେଲେ ବି ବାଘ ଶିକାର ଘଟଣା ପଦାକୁ ଆସିଛି। ବନ ବିଭାଗର ଗୁମର ଖୋଲିବ। ବାଘ ଶିକାର ଘଟଣାରେ ଅନେକ ନିର୍ଦ୍ଦୋଷ ଲୋକଙ୍କୁ ଫସାଇ ଦିଆଯାଇଛି ବୋଲି କହିଛନ୍ତି। ସେ ଘଟଣାର ସତ୍ୟ ଉନ୍ମୋଚନ ନ ହେବା ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିବେ ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ନୟାଗଡ଼ ମ୍ୟୁନିସିପାଲିଟିର ବୈଠକ

ନୟାଗଡ଼ ଅଫିସ,୯।୯: ନୟାଗଡ଼ ମ୍ୟୁନିସିପାଲିଟିର ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇଥିବାବେଳେ ଅଧକ୍ଷତା କରିଥିଲେ ଅଧକ୍ଷା ନିରୁପମା ଖଟେଇ । ପ୍ରତି ୱାର୍ଡକୁ ଦିଆଯାଇଥିବା ୫ ଲକ୍ଷ ଟଙ୍କା ଅନୁଦାନର ଟେଣ୍ଡର ଡାକି ତୁରନ୍ତ କାର୍ଯ୍ୟ ଆରମ୍ଭ କରାଯାଉ । ଶୌଚାଳୟ ଗୁଡିକୁ ସ୍ୱୟଂ ସହାୟିକା ଗୋଷ୍ଠୀକୁ ଦିଆଯାଇ ଏହାକୁ ସୁପରିଚାଳନା କରାଯାଉ । ସହରର ଆଲୋକୀକରଣ ବ୍ୟବସ୍ଥାକୁ ଅଣଦେଖା କରା ନ ଯାଉ । ଆଲୋକୀକରଣ କାର୍ଯ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କ ଦରମା ବନ୍ଦ କରାଯାଉ। ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉ ବୋଲି ଉକ୍ତ ବୈଠକରେ ମତ ପ୍ରକାଶ ପାଇଥିଲା । ନୟାଗଡ଼ ସହରରେ ଅନେକ ଘର ମାଲିକ ହୋଲଡିଂ ଟିକସ ଦେଉ ନାହାନ୍ତି । ସେମାନଙ୍କୁ ଚିହ୍ନଟ କରି ପଞ୍ଜିକୃତ କରାଯାଇ ପୁରଣା ହୋଲଡିଂ ଅନୁସାରେ ଦର ଧାର୍ଯ୍ୟ କରାଯାଉ । ଯେଉଁ ଦୋକାନୀମାନେ ଟ୍ରେଡ ଲାଇସେନ୍ସ କରି ନାହାନ୍ତି ସେମାନଙ୍କୁ ଲାଇସେନ୍ସ କରିବା ପାଇଁ ପରାମର୍ଶ ଦିଆଯାଉ ବୋଲି ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଉ । ମୁକ୍ତା ଯୋଜନାରେ କାମକୁ ତ୍ୱରାନ୍ୱିତ କରାଯାଉ ବୋଲି ମତ ପ୍ରକାଶ ପାଇଥିଲା । ଏଥିରେ ଉପାଧକ୍ଷ ଗୁରୁ ପ୍ରସାଦ ଜେନା ଓ ୧୫ କାଉନସିଲରଙ୍କ ସମେତ ନିର୍ବାହୀ ଅଧିକାରୀ ସ୍ୱାତି ମିଶ୍ର ଉପସ୍ଥିତ ଥିଲେ ।

### ଖବରଦାତା କିଶୋର ମହାପାତ୍ରଙ୍କ ପରଲୋକ



ନୟାଗଡ଼ ଅଫିସ,୯।୯:ନୟାଗଡ଼ ଜିଲା ଆୱାଜ ମିଡିଆର ଖବରଦାତା କିଶୋର ଚନ୍ଦ୍ର ମହାପାତ୍ରଙ୍କ ଶୁକ୍ରବାର ପରଲୋକ ହୋଇଛି' ସେ ୩ ଦିନ ତଳେ ବ୍ରେନ ଷ୍ଟ୍ରୋକରେ ଗୁରୁତର ହୋଇ ଥିଲେ । ତାଙ୍କୁ ପ୍ରଥମେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା । ସୂଚନାଯୋଗ୍ୟ, କିଶୋର ଜିଲା ଡିଜିଟାଲ ମିଡିଆ ସଂଘର ସମ୍ପାଦକ ଥିଲେ ।

### ପୋଖରୀରୁ ଯୁବକଙ୍କ ମୃତଦେହ ଠାବ

ଗୋପାଳପୁର,୯।୯(ଡି.ଏନ.ଏ.):ଗୋଳନ୍ଥରା ଥାନା ପୋଲିସ ଶୁକ୍ରବାର ଏକ ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ଠାବ କରିଛି। ସେ ହେଲେ କୁଠାରସିଂ ଗ୍ରାମର କିଶୋର ସେଠୀ (୨୨)। କିଶୋର ସେଠୀ ଗତ ୭ ତାରିଖରେ କୌଣସି କାମ ନେଇ ବାହାରକୁ ଯାଇଥିବା ବେଳେ ଘରକୁ ଆଉ ଫେରିନଥିଲେ। ଏ ନେଇ ପରିବାର ଲୋକେ ସମ୍ପର୍କୀୟ ଓ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ କିଶୋରଙ୍କ ଟେର୍ ପାଇପାରି ନ ଥିଲେ। ଶୁକ୍ରବାର ସକାଳେ ମାଣିକ୍ୟପୁର ଗ୍ରାମ ନିକଟ ପଣ୍ଡା ପୋଖରୀରେ କିଶୋରଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକ ଦେଖିଥିଲେ। ଏ ନେଇ ପରିବାର ଲୋକ ଜାଣିବା ପରେ ପୋଖରୀକୁ ଆସି ମୃତଦେହ ଚିହ୍ନଟ କରିଥିଲେ।

# ନୀଳମାଧବଙ୍କ ମନ୍ଦିରରେ ଅନନ୍ତ ବ୍ରତ

ଖଣ୍ଡପଡ଼ା,୯।୯(ସ୍ୱ.ପ୍ର.)

ଭାଦ୍ରବ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଶ୍ରୀ ଅନନ୍ତଦେବଙ୍କୁ ପୂଜା କଲେ ସର୍ବପାପ ନାଶ ହୁଏ ବୋଲି ବିଶ୍ୱାସ କରାଯାଏ । ଏହି ଅବସରରେ କଣ୍ଟିଲୋ ନୀଳମାଧବଙ୍କ ମନ୍ଦିର ଭୋଗ ମଣ୍ଡପରେ ଶତାଧିକ ମାନସିକଧାରୀ ମହିଳା,ପୁରୁଷ ଶୁକ୍ରବାର ଅନନ୍ତ ବ୍ରତ ପୂଜା କରିଥିଲେ । ଧାତୁ ଦ୍ରବ୍ୟରେ ଅନନ୍ତଙ୍କ ପ୍ରତିମୂର୍ତ୍ତି ନିର୍ମାଣ, ଶାଳଗ୍ରାମକୁ ପଦ୍ମ ଅଥବା ଭଦ୍ର ମଣ୍ଡଳରେ ସ୍ଥାପନ ପୂର୍ବକ ଏହି ପୂଜା କରିବା ନିୟମ ରହିଛି । ଶ୍ରୀଜୀଉଙ୍କ ଦ୍ୱିପ୍ରହର ଧୂପ ସମ୍ପନ୍ନ ନ ହୋଇ ଅନନ୍ତ ବାସୁଦେବଙ୍କୁ ଭୋଗ ମଣ୍ଡପକୁ ବିଜେ କରାଯାଇଥିଲା । ଏହାପରେ ଭକ୍ତମାନେ ଆଣିଥିବା ବିଭିନ୍ନ ଫୁଲ,ଫଳକୁ ଲାଗି କରାଯାଇଥିଲା । ଜଣେ ବ୍ୟକ୍ତି ୧୪ ବର୍ଷ ଏହି ବ୍ରତ ପାଳନ କରିଥାଆନ୍ତି । ଯଦି ଜଣେ ବ୍ୟକ୍ତି ପ୍ରଥମ ଥର ଏହି ବ୍ରତ ପାଳନ କରିବାକୁ ଇଚ୍ଛା କରନ୍ତି ସେ ଅନ୍ୟ ଜଣେ ବ୍ରତଧାରୀଙ୍କଠାରୁ ବ୍ରତଟିଏ ଆଣି ପୂଜା ଆରମ୍ଭ କରିଥାଆନ୍ତି । ଅନନ୍ତ ବାସୁଦେବଙ୍କୁ ସ୍ମରଣ କରି ହାତରେ ବନ୍ଧା ହୋଇଥିବା ପୁରୁଣା ବ୍ରତକୁ କଞ୍ଚା କ୍ଷୀରରେ ପକାଇବା ପରେ ୧୪ ଗଣ୍ଠି ପଡିଥିବା ନୂତନ ବ୍ରତକୁ ପୂଜା କରାଯାଏ । ପୂଜା ପରେ ମହିଳାମାନେ ବାମ ହାତ ବାହୁ ମୂଳରେ ଏବଂ ପୁରୁଷମାନେ ଡାହାଣ ହାତରେ ଏହି ବ୍ରତ ବାନ୍ଧି ଥାଆନ୍ତି । ଶତାଧିକ ବ୍ରତଧାରୀ ନୀଳମାଧବ ମନ୍ଦିରକୁ ଆସି ପୂଜାର୍ଚ୍ଚନା କରିଥିଲେ । ଅପରାହ୍ନ ପ୍ରାୟ ୫ଟାରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା । ପୂଜାରୀ ଭାବେ ସଞ୍ଜୀବ କୁମାର ମିଶ୍ର, ପତ୍ରୀ ଜ୍ୟୋତି ରଞ୍ଜନ ମିଶ୍ର ଓ ପୁରୋଧା ବାସୁଦେବ ମିଶ୍ର ପୂଜା କାର୍ଯ୍ୟ ପରିଚାଳାନା କରିଥିଲେ । ସେହିପରି ଖଣ୍ଡପଡ଼ା ଓ ସିଧାମୂଳା ଜଗନ୍ନାଥ ମନ୍ଦିରରେ ବି ଅନନ୍ତ ବ୍ରତ ପୂଜା ଅନୁଷ୍ଠିତ ହୋଇଥିଲା । ସକାଳୁ ବ୍ରତଧାରୀମାନେ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନ କରିଥିଲେ ।



ନୀଳମାଧବ ମନ୍ଦିର ଭୋଗ ମଣ୍ଡପରେ ଅନନ୍ତ ବ୍ରତ ପୂଜା ।

# ବିଜେଡିର ସାଂଗଠନିକ ବୈଠକ

ଭାପୁର,୯।୯(ଡି.ଏନ.ଏ.)

ଭାପୁର ବ୍ଲକ କେନ୍ଦୁପଲ୍ଲୀ ପଞ୍ଚାୟତ ବିଜେଡିର ସାଂଗଠନିକ ବୈଠକ ଓ ସମ୍ବର୍ଦ୍ଧନା ଉତ୍ସବ ଶୁକ୍ରବାର ମା'ବେଲେଇଶୁଣୀ ପୀଠରେ ଅନୁଷ୍ଠିତ ହୋଇଯାଇଛି । ବିଜେଡି ଯୁବ ସଂଗଠକ ସୁଦର୍ଶନ ବେହେରା ଓ କବିନ୍ଦ୍ର ଜେନାଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ,ସମ୍ମାନୀୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକଙ୍କ ପ୍ରତିନିଧି ଜିତେନ୍ଦ୍ର କୁମାର ରଣସିଂ, ଆମ୍ଭ କମିଟି ସଭାପତି ଭରତ କୁମାର ବେହେରା, ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ ଓ ଭାପୁର ବ୍ଲକର ସମସ୍ତ ନବ ନିର୍ବାଚିତ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ସମସ୍ତ ଅତିଥିଙ୍କୁ ଫୁଲମାଳ ସହିତ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହିତ କେନ୍ଦୁପଲ୍ଲୀ ପଞ୍ଚାୟତର ସଭାପତି,ସମସ୍ତ ୱାର୍ଡ ସଭ୍ୟା,ସଭ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କେନ୍ଦୁପଲ୍ଲୀ ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତ ଗଢି ତୋଳିବା ପାଇଁ ସମସ୍ତେ ମତବ୍ୟକ୍ତ କରିଥିଲେ । ଗରିବ,ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ଓ ରାଜ୍ୟ ସରକାରଙ୍କ ଆବାସ ତଥା ବିଭିନ୍ନ ଜନ କଲ୍ୟାଣ ଯୋଜନାରେ ସାମିଲ କରିବା ପାଇଁ ଜନପ୍ରତିନିଧି ଆଗେଇ ଆସିବା ଉଚିତ ବୋଲି ଉକ୍ତ ବୈଠକରେ ମତ ପ୍ରକାଶ ପାଇଥିଲା । ଏହି ଅବସରରେ ଖବରଦାତା ଭରତ କୁମାର ବେହେରା ,ସଂଗ୍ରାମ ପଟ୍ଟନାୟକ ,ପ୍ରଭାତ ବରାଡ ଓ ଯଦୁନାଥ ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ କଇଁଫୁଲିଆ ପଞ୍ଚାୟତ ସରପଞ୍ଚ ରମେଶ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।



ସାଂଗଠନିକ ବୈଠକରେ ବିଜେଡ଼ିର କର୍ମକର୍ତ୍ତା ଓ ଅନ୍ୟମାନେ ।

# ଭାପୁରରେ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର

ଭାପୁର,୯।୯(ଡି.ଏନ୍.ଏ.)

ନୟାଗଡ଼ ଜିଲା ଭାପୁର ବ୍ଲକ୍ ପରିସରରେ ଥିବା ସଭାଗୃହରେ ଶୁକ୍ରବାର ବ୍ଲକସ୍ତରୀୟ ନିଯୁକ୍ତିଭିତ୍ତିକ ଶିବିର ଅନୁଷ୍ଠିତ ହୋଇଯାଇଛି । ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନାରେ ଓର୍‌ମାସ ପକ୍ଷରୁ ବ୍ଲକ ଜୀବିକା ମିଶନ ଆନୁକୂଲ୍ୟରେ ଏହି ଶିବିର ଆୟୋଜନ କରାଯାଇଥିଲା । ଭାପୁର ବ୍ଲକର ୨୦ ପଞ୍ଚାୟତରୁ ୧୨୫ ଯୁବତୀ ଯୁବକ ନାମ ପଞ୍ଜୀକରଣ କରିଥିବା ବେଳେ ୪ ପ୍ରକଳ୍ପ ନିୟୋଜିତ ସଂସ୍ଥା ମିଶନ ପକ୍ଷରୁ ୭୫ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା । ଏହି ଶିବିରକୁ ଭାପୁର ପଞ୍ଚାୟତ ସମିତି ଉପାଧକ୍ଷ ବେଣୁଧର ପ୍ରଧାନ ଉଦ୍‌ଘାଟନ କରି ଉକ୍ତ ଶିବିର ଦ୍ୱାରା ବେକାର ଯୁବତୀ ଯୁବକଙ୍କୁ ଆତ୍ମନିର୍ଭରଶୀଳ କରାଇବା ରାଜ୍ୟ ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭାପୁର ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ନାୟକ, ଆମ୍ଭ କମିଟିର ସଭାପତି ଭରତ କୁମାର ବେହେରା, ଚକ୍ରଧରପ୍ରସାଦ ସରପଞ୍ଚ ବିଜୟ କୁମାର କର, ସିଡିପିଓ ରେଣୁବାଳା ନନ୍ଦ, ଓର୍‌ମାସ ଦକ୍ଷତା ବିକାଶ ସଂଯୋଜକ କେଳୁଚରଣ ସେଠୀ, ଭାପୁର ଜୀବିକା ମିଶନ ସଂଯୋଜିକା ରେଣୁବାଳା ସାହୁ, ମିଶନ ଶକ୍ତି ବ୍ଲକ ସଂଯୋଜିକା ଭାରତୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ବିଭିନ୍ନ ପଞ୍ଚାୟତର ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସିଆରପିଓ,ଏମ୍‌ବିକେ ମାନେ ସହଯୋଗ କରିଥିଲେ ।



ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ୩ ଶୌଚାଳୟ ଉଦ୍‌ଘାଟିତ

ନୟାଗଡ଼ ଅଫିସ,୯।୯

ନୟାଗଡ଼ ମ୍ୟୁନିସିପାଲିଟିର ବଲାଙ୍ଗୀବନ୍ଧ ପାର୍କଠାରେ ୨ଟି ଓ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଗୋଟିଏ ଏପରି ୩ ଶୌଚାଳୟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି । ଏହାକୁ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଉଦ୍‌ଘାଟନ କରିଥିଲେ । ଜିଲାପାଳ ପୋମା ଟୁଡୁ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ମ୍ୟୁନିସିପାଲିଟିର ଚେୟାରମ୍ୟାନ ନିରୁପମା ଖଟେଇ ଓ ଉପାଧକ୍ଷ ଗୁରୁ ପ୍ରସାଦ ଜେନା ଓ ସମସ୍ତ କାଉନସିଲର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳିତ

ଦଶପଲ୍ଲା,୯।୯(ଡି.ଏନ.ଏ.)

ଦଶପଲ୍ଲା କଚେରୀ ନିକଟସ୍ଥ ମୋହରିର ଖାନା ପରିସରରେ ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳିତ ହୋଇଯାଇଛି । ରୋଟାରୀ କ୍ଲବ ସଭାପତି ବିଜୟ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ସନ୍ତୋଷ କୁମାର ସାହୁ ଯୋଗଦେଇ ଶିକ୍ଷକ ହେଉଛନ୍ତି ଏ ଜାତିର ମେରୁଦଣ୍ଡ । ଶିଶୁଙ୍କୁ ଉଚିତ୍ ମାର୍ଗ ଦର୍ଶନ କରିବା ସହ ତାଙ୍କ ଦ୍ୱାରା ତିଆରି ହୋଇଥିବା ଛାତ୍ରଟି କିଭଳି ଦୁନିଆରେ ଜଣେ ପ୍ରତିଭାବାନ୍ ବ୍ୟକ୍ତି ହୋଇପାରିବ ତାହା କାମନା କରିଥାଆନ୍ତି। ମାତା ପିତାଙ୍କ ପରେ ଯଦି କେହି ଶିଶୁର ଉଜ୍ଜ୍ୱଳ ଭବିଷ୍ୟତ କାମନା କରେ ସେ ହେଉଛି ଶିକ୍ଷକ ବୋଲି କହିଥିଲେ।

ଏହି ଅବସରରେ ଏସ୍‌ଏନ୍‌ଏମ୍‌ଇ ପାଟଣା ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ପଦ୍ମନାଭ ମଲ୍ଲିକ, ତୁମାଣ୍ଡି ହାଇସ୍କୁଲର ପ୍ରଧାନଶିକ୍ଷକ ବିଷ୍ଣୁ ନାରାୟଣ ଷଡ଼ଙ୍ଗୀ, ଦଶପଲ୍ଲା ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ନିର୍ମଳା କୁମାରୀ ଦାଶ, ନେଳିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଅଜୟ କୁମାର ବେହେରା, ଦଶପଲ୍ଲା ବିଏସ୍ କଲେଜର ଅବସରପ୍ରାପ୍ତ ଅଧ୍ୟାପକ ସନ୍ତୋଷ କୁମାର ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ଅଧ୍ୟକ୍ଷା ସୁନନ୍ଦା ସାହୁ , ଏନ୍‌ଏସି ଅଧ୍ୟକ୍ଷା ଇଂ. ପୁନମ୍ ପ୍ରିୟଦର୍ଶିନୀ , ରୋଟାରିଆନ୍ ଶିବ କୁମାର ରାୟ, ଶିକ୍ଷକ ରଘୁନାଥ ସାହୁ ଉପସ୍ଥିତ ଥିଲେ ।




ସାକ୍ଷରତା ଦିବସ ସଭାରେ ମଞ୍ଚାସୀନ ଅତିଥି।

# ବ୍ୟବସାୟିକ ପ୍ରତିଷ୍ଠାନରେ ଘରୋଇ ଗ୍ୟାସ୍ ସିଲିଣ୍ଡର ବ୍ୟବହାର

**ତଦନ୍ତ ପାଇଁ ସାହସ ଜୁଟାଇ ପାରୁନାହିଁ ଯୋଗାଣ ବିଭାଗ**

ନୂଆଗାଁ,୯।୯(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଘରୋଇ ରନ୍ଧନ ଗ୍ୟାସ୍ ସିଲିଣ୍ଡରର କଳାବଜାର ଚାଲିଛି । ଏ ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ନୀରବ ଦ୍ରଷ୍ଟା ସାଜିଛନ୍ତି । ଘରୋଇ ଗ୍ୟାସ୍ ସିଲିଣ୍ଡରର କଳାବଜାର ବାବଦରେ ନୂଆଗାଁ ଯୋଗାଣ ନିରୀକ୍ଷକଙ୍କୁ ଅଭିଯୋଗ କରିବାରେ ସେ ସଂକ୍ରାନ୍ତରେ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି କହିଥିଲେ । କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା ବୋଲି ଉପଭୋକ୍ତାମାନେ କହିଛନ୍ତି। ଏବେ ଚା ଦୋକାନଠାରୁ ଆରମ୍ଭ କରି ବଡ ବଡ ବ୍ୟବସାୟିକ ପ୍ରତିଷ୍ଠାନ, ହୋଟେଲରେ ଘରୋଇ ଗ୍ୟାସ ସିଲିଣ୍ଡର ବ୍ୟବହାର ହେଉଛି । ଅଧିକ ଗ୍ୟାସ୍ ସିଲିଣ୍ଡର ବିକ୍ରି କରିବା ଉଦ୍ଦେଶ୍ୟରେ ଡିଲର ଦୋକାନୀମାନଙ୍କୁ ହାତ କରି ଘରୋଇ ଗ୍ୟାସ ସିଲିଣ୍ଡର ବିତରଣ କରୁଥିବା ଅଭିଯୋଗ ହେଉଛି । ବହୁ ବର୍ଷ ହେଲା ଘରୋଇ ଗ୍ୟାସ୍ ସିଲିଣ୍ଡର କଳାବଜାର ହେଉଥିଲେ ମଧ୍ୟ ଯୋଗାଣ ବିଭାଗ ସବୁ ଜାଣି ନ ଜାଣିବା ପରି ରହୁଥିବା ଉପଭୋକ୍ତାମାନେ କହିଛନ୍ତି । ଏ ସଂକ୍ରାନ୍ତରେ ନୂଆଗାଁ ବ୍ଲକ ଯୋଗାଣ ନିରୀକ୍ଷକ ବି.ଶ୍ରୀହର୍ଷଙ୍କୁ ପଚାରିବାରେ ସେ ନିଜର ଅକ୍ଷମତା ପ୍ରକାଶ କରି ଜିଲାସ୍ତରରେ ଯାହା କରିବେ ବୋଲି କହି କଥାକୁ ଏଡାଇ ଯାଇଥିଲେ ।



ଏକ ହୋଟେଲରେ ଘରୋଇ ଗ୍ୟାସ୍ ସିଲିଣ୍ଡର ବ୍ୟବହାର କରାଯାଉଛି ।